


ନେମାର ଯୁଗର ଅନ୍ତ
▶ପୃଷ୍ଠା ୧୨ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-36 •THURSDAY •30 JULY 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୪ •ସଂଖ୍ୟା-୩୬ •ଗୁରୁବାର •୩୦ ଜୁଲାଇ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ଓଃ! କି ବଢ଼ି



## ଗାଁରୁ ସହର ଜଳବନ୍ଦି; ଗଲାଣି ୪ ଜୀବନ

■ ଭୁବନେଶ୍ୱର, ୨୯।୭ (ସମିସ): ଉତ୍ତର ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଯୋଗୁଁ ୫ ଜିଲ୍ଲାର ୫ ଲକ୍ଷ ୨୬ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଏହାସହିତ ଏବେ ସୁଦ୍ଧା ବନ୍ୟାରେ ଜଣେ ଅଗ୍ନିଶମ ବାହିନୀ ଯବାନଙ୍କ ସହ ମୋଟ ୪ ଜଣ ଲୋକଙ୍କ ଜୀବନ ଯାଇଛି। ସମସ୍ତ ମୃତ୍ୟୁ ଘଟଣା କେନ୍ଦୁଝର ଜିଲ୍ଲାରେ ହିଁ ଘଟିଛି। ବନ୍ୟା ଜଳରେ ମା-ଝିଅ ଭାସିଯାଇ ପ୍ରାଣ ହରାଇଥିବା ବେଳେ ଅନ୍ୟ ଏକ ଘଟଣାରେ କାଣ୍ଟପଡ଼ି ଜଣେ ବୃଦ୍ଧ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଜଣେ ଅଗ୍ନିଶମ ଯବାନ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଛନ୍ତି । ବର୍ତ୍ତମାନ ସୁଦ୍ଧା ଉତ୍ତର ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲା ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ବେଳେ ୧୫୯୧ ଗାଁ ପ୍ରଭାବିତ ହୋଇଛି। ଏଥି ମଧ୍ୟରୁ ୩ ଜିଲ୍ଲାରେ ୧୦୬୭ ଘର ଭାଙ୍ଗିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ୩୭୫୪ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ଏହା ବ୍ୟତୀତ ବାଲେଶ୍ୱର ଜିଲ୍ଲାରେ ୯ଟି ଗୃହପାଳିତ ପ୍ରାଣୀଙ୍କର ମଧ୍ୟ ଜୀବନ ଯାଇଛି। ବନ୍ୟାରେ ଭଦ୍ରକରେ ସର୍ବାଧିକ ୩ ଲକ୍ଷ ୩୯ ହଜାର ୭୭୦ ଲୋକ ଓ ବାଲେଶ୍ୱରରେ ୧ ଲକ୍ଷ ୪୫ ହଜାର ୮୬୬ ଲୋକ ପ୍ରଭାବିତ ହୋଇଛନ୍ତି।

ବନ୍ୟା ପ୍ରଭାବିତ ଲୋକଙ୍କ ମଧ୍ୟରୁ ୮୮ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ଏହାସହିତ ସରକାରଙ୍କ ପକ୍ଷରୁ ରନ୍ଧାଖାଦ୍ୟ ସାଙ୍ଗକୁ ଶୁଖିଲା ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଉଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର ବନ୍ୟା ସ୍ଥିତି ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିବା ବେଳେ ଏଥିରେ ବନ୍ୟା ପରିସ୍ଥିତି, ଉଦ୍ଧାର ଓ ରିଲିଫ କାର୍ଯ୍ୟ, ସ୍ୱାସ୍ଥ୍ୟ ସେବାର ପ୍ରସ୍ତୁତି, ନଦୀଗୁଡ଼ିକର ଜଳସ୍ତର, ପାଣିପାଗ ପୂର୍ବାନୁମାନ ଏବଂ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ସମୟୋପଯୋଗୀ ପଦକ୍ଷେପ ନେବା ପାଇଁ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା ହୋଇଛି। ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରାଯାଇଛି ବୋଲି ▶ପୃଷ୍ଠା-୭



### ୫ ଜିଲ୍ଲାର ୫ ଲକ୍ଷ ପ୍ରଭାବିତ, ଭାଙ୍ଗିଲା ୧୦୬୭ ଘର

### କେବଳ ଭଦ୍ରକରେ ସର୍ବାଧିକ ୩.୫ ଲକ୍ଷ ଲୋକ ପ୍ରଭାବିତ

### ୧୦ ଜିଲ୍ଲାରେ ଶିକ୍ଷାନୁଷ୍ଠାନ ଛୁଟି

## ବୈତରଣୀ ବନ୍ୟାରେ ଭଦ୍ରକ, ଯାଜପୁର ଉବୁଟୁବୁ

### ଆଖୁଆ ପଦାରେ ଏବେ ବି ବିପଦ ସଙ୍କେତ ଉପରେ ବୈତରଣୀ

### ମହାନଦୀରେ ଆସୁଛି ବଡ଼ ବନ୍ୟା; ଆଜି ସନ୍ଧ୍ୟାରେ ମୁଣ୍ଡଳୀରେ ପହଞ୍ଚିବ ୯ ଲକ୍ଷ କ୍ୟୁସେକ ପାଣି

■ ଭୁବନେଶ୍ୱର, ୨୯।୭ (ସମିସ): ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ଜଟିଳ ହେବାରେ ଲାଗିଛି। ବୈତରଣୀରେ ଆସିଥିବା ଏହି ବଡ଼ ଧରଣର ବନ୍ୟା ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ବ୍ୟାପକ ଅଞ୍ଚଳକୁ ଜଳାର୍ଣ୍ଣବ କରିଥିବା ବେଳେ ବାଲେଶ୍ୱରରେ ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖାର ପାଣି ଓ ଜଳକାର ବନ୍ୟା ସ୍ଥିତି ଲୋକଙ୍କ ପାଇଁ ଚିନ୍ତା ବଢ଼ାଇଛି। ଅନ୍ୟପଟେ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ଏବେ ପିକ୍‌ରେ ରହିଥିବା ବେଳେ ଏପଟେ ମହାନଦୀର ଉଚ୍ଛୁଳା ପାଣି ଓ ବନ୍ୟା ସ୍ଥିତି କଟକ, ପୁରୀ, କେନ୍ଦ୍ରାପଡ଼ା, ଆଦି ଜିଲ୍ଲା ପାଇଁ ଡର ଆଣିଛି। ମହାନଦୀରେ ଏକ ମଧ୍ୟମ ଧରଣର ବନ୍ୟା ଆସିବା ଏକ ପ୍ରକାର ସ୍ପଷ୍ଟ ହୋଇସାରିଥିବା ବେଳେ ଛତିଶଗଡ଼ରେ ଭୀଷଣ ବର୍ଷା ଲାଗି ରହିଥିବାରୁ ବନ୍ୟା ବିପ୍ରାତ କେତେ ରହିବ ତାକୁ ନେଇ ଏବେ ଆଶଙ୍କା ସୃଷ୍ଟି ହୋଇଛି। ବୁଧବାର ସନ୍ଧ୍ୟା ୮ ଟା ସୁଦ୍ଧା ବୈତରଣୀ ନଦୀ ଯଦିଓ ଆନନ୍ଦପୁରଠାରେ ▶ପୃଷ୍ଠା-୭

## ପ୍ରତ୍ୟେକ ଜୀବନ ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ



### ସହାୟତା ତ୍ୱରାନ୍ୱିତ କରିବାକୁ ୩ ମନ୍ତ୍ରୀଙ୍କୁ ଦାୟିତ୍ୱ

■ ଭୁବନେଶ୍ୱର, ୨୯।୭ (ସମିସ): ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ଜୀବନ ଓ ସୁରକ୍ଷା ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଲଗାଣ ବର୍ଷା ଓ କେତେକ ନଦୀରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଉପରେ ସରକାର ନଜର ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ଏକ୍ସ ଯୋଗେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ବନ୍ୟା ପରିସ୍ଥିତି ଓ ଏହାର ମୁକାବିଲା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସହିତ ଆଲୋଚନା କରିଛି। ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ପାଇଁ ସମଗ୍ର ପ୍ରଶାସନକୁ ମୁଁ ନିର୍ଦ୍ଦେଶ ଦେଇଛି। ତେବେ ଏହି ସମୟରେ ଆଦୌ ବିଚଳିତ କିମ୍ବା ଭୟଭୀତ ନ ହେବାକୁ ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ନିବେଦନ କରିଛନ୍ତି। ସରକାର ପ୍ରତିଟି ▶ପୃଷ୍ଠା-୭

## ସରକାରୀ ବସ୍ ଡ୍ରାଇଭର ଘରୁ ମିଳିଲା ୨୦ କୋଟି ଟଙ୍କା ଓ ୧୫ କିଲୋ ସୁନା

■ କୋଲକାତା, ୨୯।୭ (ଏଜେନ୍ସି): ପଶ୍ଚିମବଙ୍ଗ ପୁଲିସ ଏକ ବଡ଼ ଧରଣର ଚଢ଼ାଉ କରି ଜଣେ ପୂର୍ବତନ ସରକାରୀ ବସ୍ ଡ୍ରାଇଭରଙ୍କ ବାସଭବନରୁ କୋଟି କୋଟି ଟଙ୍କାର ନଗଦ ଅର୍ଥ ଏବଂ ବିପୁଳ ପରିମାଣର ସୁନା ଜବତ କରିଛି। ପୂର୍ବରୁ ସରକାରୀ ବସ୍ ଚାଳକ ଭାବେ କାର୍ଯ୍ୟ କରୁଥିବା ଏହି ବ୍ୟକ୍ତିଜଣକ ପରବର୍ତ୍ତୀ ସମୟରେ ପଥର ବ୍ୟବସାୟରେ ନିୟୋଜିତ ହୋଇଥିଲେ। ପୁଲିସର ସୂଚନା ଅନୁଯାୟୀ, ଗୁପ୍ତ ଖବର ଆଧାରରେ ଅଭିଯୁକ୍ତ ବ୍ୟବସାୟୀଙ୍କ ସମ୍ପତ୍ତି ଓ ବାସଭବନରେ ଚଢ଼ାଉ କରାଯାଇଥିଲା। ପ୍ରାଥମିକ ତଦନ୍ତ ସମୟରେ ବିଭିନ୍ନ ବ୍ୟାଗ୍ ମଧ୍ୟରେ ଭର୍ତ୍ତି ହୋଇ ରହିଥିବା ପ୍ରାୟ ୨୦ କୋଟିରୁ ଅଧିକ ଟଙ୍କାର ନଗଦ ଅର୍ଥ ଏବଂ ୧୫ କିଲୋଗ୍ରାମ ଓଜନର ସୁନା ଜବତ କରାଯାଇଛି। ଖବର ଲେଖାଯିବା ସୁଦ୍ଧା ଟଙ୍କା ଗଣତି ପ୍ରକ୍ରିୟା ଜାରି ରହିଥିଲା। ଜଣେ ସାଧାରଣ ସରକାରୀ ବସ୍ ଚାଳକ ଭାବେ କାର୍ଯ୍ୟାରମ୍ଭ କରିଥିବା ଏହି ବ୍ୟକ୍ତି କିପରି ଏତେ ଶୀଘ୍ର ପଥର ବ୍ୟବସାୟ ମାଧ୍ୟମରେ ବିପୁଳ ସମ୍ପତ୍ତିର ମାଲିକ ହେଲେ, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏହି ବିପୁଳ ପରିମାଣର ଅର୍ଥରାଶି ଓ ସୁନାର ସେ କେଉଁଠାରୁ ▶ପୃଷ୍ଠା-୭



## ଛାତ୍ରଛାତ୍ରୀଙ୍କୁ ପୁଲିସ୍‌ର ଗୁଳି

# ଗୃହ ତତାଇଲେ ରାହୁଲ



### ଅମିତ ଶାହ ଦେଇଥିଲେ ଗୁଳି ନିର୍ଦ୍ଦେଶ: ରାହୁଲ

### ମିଛ କହୁଛନ୍ତି ରାହୁଲ, କ୍ଷମା ମାଗନ୍ତୁ: ସରକାର

■ ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ଗତ ୨୦ ତାରିଖରେ କକ୍ରୋଚ୍ ଜନତା ପାର୍ଟିର ସଂସଦ ଚଲୋ ଅଭିଯାନ ବେଳେ ଆନ୍ଦୋଳନକାରୀଙ୍କ ଉପରେ ଦିଲ୍ଲୀ ପୁଲିସର କାର୍ଯ୍ୟାନୁଷ୍ଠାନ ନେଇ ସଂସଦରେ ଉତ୍ତେଜନା ଥମିନାହିଁ। ଆନ୍ଦୋଳନକାରୀଙ୍କୁ ଗୁଳି କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନିର୍ଦ୍ଦେଶ ଦେଇଥିଲେ ବୋଲି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ଅଭିଯୋଗକୁ ନେଇ ଲୋକସଭାରେ ଆଜି ପ୍ରବଳ ହଙ୍ଗାମା ହୋଇଛି। ସରକାର ରାହୁଲଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏବଂ କୌଣସି ଗୁଳିମାଡ଼ ହୋଇନାହିଁ ବୋଲି କହିଛନ୍ତି। ବିନା ତଥ୍ୟ ପ୍ରମାଣରେ ରାହୁଲ ଏଭଳି ଅଭିଯୋଗ ଆଣିଥିବାରୁ ଏହାକୁ ନେଇ ଶାସକ ଦଳ ଭୀଷଣ ପାଟିତୁଣ୍ଡ କରିଥିଲେ। ଏଭଳି ମନ୍ତବ୍ୟ ପାଇଁ ରାହୁଲ ▶ପୃଷ୍ଠା-୭

## ହଙ୍ଗାମା ମଧ୍ୟରେ ଲୋକସଭାରେ ପାରିତ ହେଲା ପ୍ରଶ୍ନପତ୍ର ଲିକ୍ ସଂଶୋଧନ ବିଲ୍

### ରାଜ୍ୟସଭାରେ 'ବନ୍ଦେ ମାତରମ୍' ବିଲ୍ ପାସ୍

■ ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ବିରୋଧୀ ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ଅମୁନୁଷିକ ଓ ବର୍ବର କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ଦଳର ପ୍ରବଳ ହଙ୍ଗାମା ମଧ୍ୟରେ ଲୋକସଭାରେ ଆଜି ପାରିତ ହୋଇଚି ପ୍ରଶ୍ନପତ୍ର ଲିକ୍ ସଂଶୋଧନ ବିଲ୍। 'ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ୍, ୨୦୨୬' ନାମକ ଏହି ବିଲ୍ ବାଚନିକ ଭୋଟରେ ଅନୁମୋଦନ ଲାଭ କରିଛି। ଦେଶବ୍ୟାପୀ ଚାଲିଥିବା ଛାତ୍ର ଆନ୍ଦୋଳନ ପରିପ୍ରେକ୍ଷୀରେ ପ୍ରଶ୍ନପତ୍ର ଲିକ୍ ପାଇଁ ଦଣ୍ଡକୁ ଆହୁରି କଠୋର କରିବାକୁ ଯାଇ ସରକାର ଏହି ବିଲ୍ ଆଗତ କରିଥିଲେ। ଏହି ବିଲକୁ ଏବେ ବିଚାର ପାଇଁ ରାଜ୍ୟସଭାକୁ ପଠାଯାଇଛି।

ଏହି ନୂତନ ଆଇନ ଅନୁଯାୟୀ ପ୍ରଶ୍ନପତ୍ର ବିଭ୍ରାଟ ସହ ଜଡ଼ିତ ମାମଲାର ତ୍ୱରିତ ବିଚାର ପାଇଁ ପ୍ରତ୍ୟେକ ରାଜ୍ୟରେ ସ୍ୱତନ୍ତ୍ର ଅଦାଲତ (ଫାଷ୍ଟ ଟ୍ରାକ) ପ୍ରତିଷ୍ଠା କରାଯିବ। ଦୁଇ ମାସ ମଧ୍ୟରେ ସମସ୍ତ ତଦନ୍ତ ପ୍ରକ୍ରିୟା ଶେଷ କରିବା ବାଧ୍ୟତାମୂଳକ କରାଯାଇଛି। ଦୋଷୀ ପ୍ରମାଣିତ ହେଲେ ଅଭିଯୁକ୍ତଙ୍କୁ ଦଶ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ପଚାଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରାଯିବାର ମଧ୍ୟ ପ୍ରାବଧାନ ରହିଛି। ସେହିପରି ସଂଗଠିତ ଚୋରା କାରବାର ସଂସ୍ଥାଗୁଡ଼ିକ ପାଇଁ ଦଶ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ନିର୍ଦ୍ଧାରଣ କରାଯାଇଛି।

ଜାତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା 'ନିଟ୍' ବିଭ୍ରାଟକୁ ନେଇ କକ୍ରୋଚ୍ ଜନତା ପାର୍ଟି ପକ୍ଷରୁ ଦିଲ୍ଲୀ ▶ପୃଷ୍ଠା-୭

## ଅତାବିରା କୋଇଲା ବ୍ଲକ ଆବଣ୍ଟନ ମାମଲା

# ମନମୋହନଙ୍କୁ କ୍ଲିନ୍‌ଚିଟ୍



### ମାମଲା ବନ୍ଦକଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ଅତାବିରା କୋଇଲା ବ୍ଲକ ଆବଣ୍ଟନ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ମନମୋହନ ସିଂହଙ୍କ ବିରୋଧରେ ଚାଲିଥିବା ଆପରାଧିକ ମାମଲାକୁ ସୁପ୍ରିମ୍ କୋର୍ଟ ଆଜି ଆନୁଷ୍ଠାନିକ ଭାବେ ବନ୍ଦ କରିଛନ୍ତି। ୨୦୧୫ ମସିହାରେ ସିବିଆଇର ବନ୍ଦ ରିପୋର୍ଟ (କ୍ଲୋଜର ରିପୋର୍ଟ)କୁ ଖାରଜ କରି ବିଶେଷ ସିବିଆଇ ଅଦାଲତ ମନମୋହନ ସିଂହଙ୍କୁ ସମନ୍ ଜାରି କରିଥିଲେ। ସେତେବେଳେ ସୁପ୍ରିମକୋର୍ଟ ଏହା ଉପରେ ରୋକ୍ ଲଗାଇଥିବା ବେଳେ ଆଜି ଏହି ମାମଲା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ସିବିଆଇର ଦୁଇଟିଯାକ କ୍ଲୋଜର ରିପୋର୍ଟକୁ ନିମ୍ନ ଅଦାଲତ ଅଗ୍ରାହ୍ୟ କରିବାର କୌଣସି ବଳିଷ୍ଠ କାରଣ ନ ଥିଲା ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୨୪ ଡିସେମ୍ବରରେ ୯୨ ବର୍ଷ ବୟସରେ ମନମୋହନ ସିଂହଙ୍କ ଦେହାନ୍ତ ହୋଇସାରିଛି। ତଥାପି, ନିମ୍ନ ଆଦାଲତ ତାଙ୍କ ବିରୋଧରେ କେତେକ ପ୍ରତିକୂଳ ଟିପ୍ପଣୀ ଦେଇଥିବାରୁ ତାଙ୍କର ସମ୍ମାନ ରକ୍ଷା ପାଇଁ ସୁପ୍ରିମ୍ କୋର୍ଟ ଏହି ଆବେଦନର ଶୁଣାଣି କରି ନିଷ୍ପତ୍ତି ଶୁଣାଇଛନ୍ତି। ଏହି ରାୟ ପରେ, ଅତାବିରା-୨ କୋଇଲା ବ୍ଲକ ଆବଣ୍ଟନ ସମ୍ପର୍କିତ ଏହି ଚର୍ଚ୍ଚିତ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଉପରୁ ସମସ୍ତ ଅଭିଯୋଗ ଆନୁଷ୍ଠାନିକ ଭାବେ ହଟାଇ ▶ପୃଷ୍ଠା-୭

## ପ୍ରେମ ପାଇଁ ହାଇଡ୍ରାମା; ପ୍ରେମିକ ଅଟକ

### ମନ୍ଦିର ଚୂଡ଼ାକୁ ଚଢ଼ି ପ୍ରେମିକାକୁ ଆତ୍ମହତ୍ୟା ଧମକ

■ କେନ୍ଦୁଝର, ୨୯।୭ (ସମିସ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନାଞ୍ଚଳର ଜଣେ ଯୁବକ ନିଜ ପ୍ରେମିକାଙ୍କୁ ପାଇବା ପାଇଁ ଶୋଲେ ଫିଲ୍ମର ଏକ ଦୃଶ୍ୟର ବାସ୍ତବ ଅବତାରଣା କରିଛନ୍ତି। ଏକ ହାଇଭୋଲ୍ଟେଜ ଡ୍ରାମା କରିବା ପରେ ଥାନାକୁ ଯିବା ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ବୁଧବାର ପ୍ରେମିକ ଜଣଙ୍କ ଏକ ମନ୍ଦିର ଚୂଳକୁ ଚଢ଼ିଯାଇ ସେଠାରେ ବସି ପ୍ରେମିକାଙ୍କୁ ଫୋନ୍ କଲ୍ କରିଥିଲେ। ଯୁବକ ଜଣଙ୍କ ହେଲେ ହରିଚନ୍ଦନପୁର ଥାନା କାଳିଆଦୁମା ଗ୍ରାମର ସୋନୁ ମହାନ୍ତ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ଦୁଇ ଦିନ ପୂର୍ବରୁ ସୋନୁ ପ୍ରେମିକାଙ୍କ ସହ ଘରୁ ଅନ୍ୟତ୍ର ଚାଲିଯାଇଥିଲେ। ଖବର ପାଇ ଝିଅଙ୍କ ପରିବାର ଲୋକେ ଝିଅକୁ ଯୁବକଙ୍କ ପାଖରୁ ଛଡ଼ାଇ ନେଇଯାଇଛନ୍ତି। ଏଥିରେ ଯୁବକ ଜଣଙ୍କ ମ୍ରିୟମାଣ ହୋଇ ଏଭଳି କାଣ୍ଡ କରିଛନ୍ତି।



ପ୍ରେମିକାଙ୍କ ଉପରେ ଚାପ ସୃଷ୍ଟି କରିବା ଏବଂ ଯୋଗାଯୋଗ କରିବା ଉଦ୍ଦେଶ୍ୟରେ ଯୁବକ ଜଣକ ସେ ଅଞ୍ଚଳର ଏକ ମନ୍ଦିରର ଚୂଳ ଉପରକୁ ଚଢ଼ିଯାଇଥିଲେ। ଶୋଲେ ଫିଲ୍ମ ଦୃଶ୍ୟ ଭଳି ସେଠାରେ ବସି ତାଙ୍କ ପ୍ରେମିକାଙ୍କୁ ଆତ୍ମହତ୍ୟା କରିବାର ଧମକ ଦେଇଥିଲେ। ଦେଖଣାହାରୀ ଲୋକେ ଯେତେ କହିଲେ ମଧ୍ୟ ସେ କାହାରି କଥା ଶୁଣି ନଥିଲେ କିମ୍ବା ମନ୍ଦିର ଚୂଳରୁ ଓହ୍ଲାଇ ନଥିଲେ। ଏ ବାବଦରେ ଖବର ପାଇ ଘଟଣାସ୍ଥଳରେ ହରିଚନ୍ଦନପୁର ପୁଲିସ୍ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପ୍ରେମିକ ଜଣଙ୍କୁ ବୁଝାସୁଝା କରି ସୁରକ୍ଷିତ ଭାବରେ ଉଦ୍ଧାର କରି ହରିଚନ୍ଦନପୁର ଥାନାରେ ଅଟକ ରଖିଥିବା ଜଣାପଡ଼ିଛି।

# ନଥିରେ ଯୋଜନା; ପାଣ୍ଠି ଶୂନ

## ପିଏମ୍ ଜନମନ ଯୋଜନାରେ ୨ ବର୍ଷ ହେଲା ଓଡ଼ିଶାକୁ ମିଳିନାହିଁ ଟଙ୍କାଏ ଅନୁଦାନ

■ ଭୁବନେଶ୍ୱର, ୨୯।୭ (ସମିସ): ଆଦିମ ଜନଜାତି ବା ପିଭିଟିଜି ସମ୍ପ୍ରଦାୟର ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ପ୍ରୋତ୍ସାହନ ଦେବା ନିମନ୍ତେ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ୍-ଜେଏଏନ୍‌ଏମ୍‌ଏମଏଏନ୍ ବା ପିଏମ୍-ଜନମନ ଯୋଜନା। ଏହି ଯୋଜନାରେ ସାରା ଦେଶର ୧୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବସବାସ କରୁଥିବା ୭୫ ପିଭିଟିଜି ବର୍ଗର ଛାତ୍ରଛାତ୍ରୀଙ୍କ ଆବାସିକ ଶିକ୍ଷା ପାଇଁ ଛାତ୍ରାବାସ ମଞ୍ଜୁର କରାଯାଇଛି ଏବଂ ଏଥିରୁ ଓଡ଼ିଶା ଭାଗରେ ପଡ଼ିଛି ୭୬ । ଗତ ଦୁଇ ବର୍ଷ ତଳେ ଏହି ଯୋଜନା ପ୍ରଣୟନ ହୋଇଥିଲା ଏବଂ ୭୬ଟି ଛାତ୍ରାବାସ ନିର୍ମାଣ ପାଇଁ ୨୦୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା।

### ରାଜ୍ୟର ପିଭିଟିଜି ଛାତ୍ରଛାତ୍ରୀଙ୍କ ପାଇଁ ଅନୁମୋଦନ ହୋଇଛି ୭୬ ଛାତ୍ରାବାସ

### ଅନୁଦାନ ଅଭାବରୁ ୨ ବର୍ଷରେ ନିର୍ମାଣ ହୋଇ ନାହିଁ ଗୋଟିଏ ବି ଛାତ୍ରାବାସ

### ଛାତ୍ରାବାସ ବାବଦ ଅର୍ଥ ଅଧା ଅଧା ବହନ କରିବେ ରାଜ୍ୟ ଓ କେନ୍ଦ୍ର ସରକାର

୬୦:୪୦ ଅନୁପାତରେ କେନ୍ଦ୍ର ସରକାର ଏହି ଅର୍ଥର ୧୨୨.୪୩ କୋଟି ଟଙ୍କା ଅନୁଦାନ ଦେଇଥାଆନ୍ତେ ଓ ରାଜ୍ୟ ସରକାର ଅବଶିଷ୍ଟ ଅର୍ଥ ବହନ କରିବାର ବ୍ୟବସ୍ଥା ଥିଲା। ମାତ୍ର ୨ ବର୍ଷ ପରେ ମଧ୍ୟ ରାଜ୍ୟରେ ଗୋଟିଏ ବି ଛାତ୍ରାବାସ ନିର୍ମାଣ ହୋଇପାରି ନାହିଁ । ଲୋକସଭାରେ ଖୋଦ୍ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ ଏହାକୁ ସ୍ୱୀକାର କରିଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ସୂଚନା ଅନୁସାରେ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାକୁ ଏହି ଯୋଜନାରେ କୌଣସି ଅନୁଦାନ ପ୍ରଦାନ କରାଯାଇ ନାହିଁ। ତେଣୁ ଯୋଜନାକୁ ଅନୁମୋଦନ ମିଳିଥିଲେ ମଧ୍ୟ ଛାତ୍ରାବାସ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ଘଟିନାହିଁ ଓ ୭୬ଟି ଛାତ୍ରାବାସ ମଧ୍ୟରୁ ଗୋଟିଏ ବି ନିର୍ମାଣ ଶେଷ ହୋଇନାହିଁ।

ବିଡ଼ମ୍ବନା ହେଉଛି ଓଡ଼ିଶାରେ ୧୪ଟି ପିଭିଟିଜି ବର୍ଗ ବସବାସ କରୁଛନ୍ତି । ଅବହେଳିତ ଏହି ବର୍ଗର ପିଲାମାନେ ଶିକ୍ଷା କ୍ଷେତ୍ରରେ ପଛୁଆ ରହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ମୁଖ୍ୟ ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି ଓ ନିଜେ ମଧ୍ୟ ଆଦିବାସୀ ବର୍ଗର ▶ପୃଷ୍ଠା-୭

## ପଞ୍ଜାବ ବିଶ୍ୱବିଦ୍ୟାଳୟରେ ବିଦ୍ୟୁତ୍ ଆଘାତରେ ପିଏଚଡି ଛାତ୍ରୀଙ୍କ ମୃତ୍ୟୁ

ଚଣ୍ଡୀଗଡ଼, ୨୯ ।୭ (ଏଜେନ୍ସି): ପଞ୍ଜାବ ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଯାଇଛି । ବିଦ୍ୟୁତ୍ ଆଘାତ'ର ଶିକାର ହୋଇ ୨୮ ବର୍ଷୀୟା ପିଏଚଡି ଗବେଷିକା ଜ୍ୟୋତିଙ୍କର ମୃତ୍ୟୁ ଘଟିଛି । ଏହି ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନେ ପ୍ରବଳ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ହରିୟାଣାର ରେୱାଡ଼ି ନିବାସୀ ଜ୍ୟୋତି ମାଇକ୍ରୋବାୟୋଲୋଜି ବିଭାଗରେ ପିଏଚ୍‌ଡି କରୁଥିଲେ । ବର୍ଷା ଯୋଗୁଁ ରାସ୍ତାରେ ପାଣି ଜମିଥିବାରୁ ସେ କ୍ରୋସିଂ ବାଟ ଦେଇ ହୋଷ୍ଟେଲରୁ ବିଭାଗକୁ ଯାଉଥିବା ସମୟରେ, ନିକଟସ୍ଥ ଏକ ବିଦ୍ୟୁତ୍ ଜଙ୍କସନ୍ ବାକ୍ସରୁ ମାଡ଼ିଆସିଥିବା କରେଣ୍ଟ ସଂସ୍ପର୍ଶରେ ଆସି ଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଦୁର୍ଘଟଣା ପରେ ଶତାଧିକ ଛାତ୍ରଛାତ୍ରୀ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ଦାବି କରିଥିଲେ । ଉତ୍ତେଜନାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମୃତକଙ୍କ ପରିବାର ପାଇଁ ୧୬ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଏବଂ ତାଙ୍କ ଭାଇଙ୍କୁ ବିଶ୍ୱବିଦ୍ୟାଳୟରେ ଇଲେକ୍ଟ୍ରିସିଆନ୍ ଭାବେ ଚାକିରି ଦେବାକୁ ଘୋଷଣା କରିଛନ୍ତି । ପୋଲିସ ଏହି ମାମଲାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ମଧ୍ୟପ୍ରଦେଶରେ କଂଗ୍ରେସ ନେତାଙ୍କୁ ଛୁରାମାଡ଼ କରି ହତ୍ୟା

ରେୱା, ୨୯ ।୭ (ଏଜେନ୍ସି): ମଧ୍ୟପ୍ରଦେଶର ରେୱା ଜିଲ୍ଲାରେ କଂଗ୍ରେସର ଜଣେ ସ୍ଥାନୀୟ ନେତାଙ୍କୁ ଛୁରାମାଡ଼ କରି ହତ୍ୟା କରାଯାଇଛି । ନିହତ ନେତା ଅମିତ କୋଲ୍ କଂଗ୍ରେସର ଅନୁସୂଚିତ ଜନଜାତି ମୋର୍ଚ୍ଚାର ରେୱା ଜିଲ୍ଲା ସଭାପତି ଥିଲେ । ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ପୁଲିସ ସୂଚନା ଅନୁସାରେ, ପରିବହନ ନଗର ସ୍ଥିତ ଶାନ୍ତି ବିହାର କଲୋନୀର ଏକ ପେଟ୍ରୋଲ ପମ୍ପ ନିକଟରେ ଅମିତ କୋଲ୍ କିଛି ସାଙ୍ଗଙ୍କ ସହ କଥାବାର୍ତ୍ତା କରୁଥିଲେ । ଏହି ସମୟରେ ଦୁଇରୁ ତିନୋଟି ଗାଡ଼ିରେ ଆସିଥିବା କିଛି ଦୁର୍ବୃତ୍ତ ତାଙ୍କୁ ଘେରି ଯାଇ ବାରମ୍ବାର ଛୁରିରେ ଆକ୍ରମଣ କରିଥିଲେ । ଗୁରୁତର ଆହତ ଅବସ୍ଥାରେ ଅମିତ କୋଲଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତରମାନେ ତାଙ୍କୁ ବଞ୍ଚାଇ ପାରିନଥିଲେ । ଘଟଣା ପରେ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ । ରେୱା ଜିଲ୍ଲା ପୁଲିସ ଅଧୀକ୍ଷକ ଗୁରୁକରଣ ସିଂହ କହିଛନ୍ତି, ଘଟଣାସ୍ଥଳର ଚାରିପାଖରେ ଲାଗିଥିବା ନିରୀକ୍ଷଣ କ୍ୟାମେରାର ଦୃଶ୍ୟ ଯାଞ୍ଚ କରାଯାଉଛି । ଘଟଣାସ୍ଥଳରୁ ଦୁଇଟି ମୋଟରସାଇକେଲ ଜବତ କରାଯାଇଥିଲା ।

## ଦୁର୍ଦ୍ଦାନ୍ତ ମାଓବାଦୀ ବେସରା ଗିରଫ




ରାଞ୍ଚି, ୨୯ ।୭ (ଏଜେନ୍ସି): ଝାଡ଼ଖଣ୍ଡରେ ମାଓବାଦ ବିରୋଧୀ ଅଭିଯାନକୁ ବଡ଼ ସଫଳତା ମିଳିଛି । ନିଷିଦ୍ଧ ମାଓବାଦୀ ସଂଗଠନର ରାଜନୈତିକ ସର୍ବୋଚ୍ଚ କମିଟିର ସଦସ୍ୟ ତଥା ଏକ କୋଟି ଟଙ୍କା ପୁରସ୍କାର ଘୋଷିତ ମିସିର ବେସରାଙ୍କୁ ଧାନବାଦ ଜିଲ୍ଲାରୁ ଗିରଫ କରିଛି ଝାଡ଼ଖଣ୍ଡ ପୁଲିସ । ତାଙ୍କ ନାମରେ ୧୪୧ ଆପରାଧିକ ମାମଲା ରହିଥିବା ପୁଲିସ ସୂଚନା ଦେଇଛି । ପୁଲିସ ଅନୁସାରେ, ୬୫ ବର୍ଷୀୟ ମିସିର ବେସରାଙ୍କୁ ଧାନବାଦ ଜିଲ୍ଲାର ବରୱାଡ୍ଡା ଥାନା ଅନ୍ତର୍ଗତ ମଣିଆଡିହ ଅଞ୍ଚଳରୁ ଗତ ମଙ୍ଗଳବାର ସନ୍ଧ୍ୟାରେ ଗିରଫ କରାଯାଇଥିଲା । ସେ 'ସାଗର ଦା' ଏବଂ 'ଭାସ୍କର ଦା' ନାମରେ ମଧ୍ୟ ପରିଚିତ ଥିଲେ । ଏହି ଅଭିଯାନରେ ୧୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଜଣେ ମାଓବାଦୀଙ୍କ ସମେତ ଆଉ ଦୁଇଜଣଙ୍କୁ ମଧ୍ୟ ଗିରଫ କରାଯାଇଛି । ମିସିର ବେସରା ୧୯୮୦ରୁ ନିଷିଦ୍ଧ ସଂଗଠନ ସହ ଜଡ଼ିତ ଥିଲେ ଏବଂ ଦୁଇହଜାର ତିନି ମସିହାରେ କେନ୍ଦ୍ରୀୟ କମିଟିର ସଦସ୍ୟ ହୋଇଥିଲେ ।

## 'କୃତ୍ରିମ ସୂର୍ଯ୍ୟ' ତିଆରି କରୁଛି ଚୀନ୍

### ତିଆରି କଲା ୫୮୨ ଟନ୍‌ର ବିଶାଳ ସୁପରକଣ୍ଡକ୍ଟିଂ ମ୍ୟାଗ୍ନେଟ୍

ହେଫେଇ, ୨୯ ।୭ (ଏଜେନ୍ସି): ନ୍ୟୁକ୍ଲିୟର ଫ୍ୟୁଜନ୍ ମାଧ୍ୟମରେ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଚୀନ୍ ଏକ ବଡ଼ ମାଇଲଖୁଣ୍ଟ ହାସଲ କରିଛି । ଚୀନ୍‌ର 'ବର୍ନିଂ ପ୍ଲାଜ୍ମା ଏକ୍ସପେରିମେଣ୍ଟାଲ ସୁପରକଣ୍ଡକ୍ଟିଂ ଟୋକାମାକ୍' (ବିଏସ୍‌ଟି) ପ୍ରକଳ୍ପ ପାଇଁ ଏକ ୫୮୨ ଟନ୍ ଓଜନର ବିଶାଳ ସୁପରକଣ୍ଡକ୍ଟିଂ ମ୍ୟାଗ୍ନେଟ୍ (ଚୁମ୍ବକ) ନିର୍ମାଣ ଓ ପରୀକ୍ଷଣ ଶେଷ ହୋଇଛି । ୨୧ ମିଟର ଲମ୍ବ ବିଶିଷ୍ଟ ଏହି ମ୍ୟାଗ୍ନେଟ୍‌ଟି ୧୦୦ ନିୟୁତ (୧୦ କୋଟି) ଡିଗ୍ରୀ ସେଲସିୟସରୁ ଅଧିକ ଉତ୍ତପ୍ତ ପ୍ଲାଜ୍ମାକୁ ନିୟନ୍ତ୍ରଣ କରି ରଖିବାରେ ସାହାଯ୍ୟ କରିବ, ଯାହା ସୂର୍ଯ୍ୟର କେନ୍ଦ୍ରଭାଗର ତାପମାତ୍ରା ଠାରୁ ପ୍ରାୟ ୬ ଗୁଣ ଅଧିକ । ଏତେ ଅଧିକ ତାପମାତ୍ରାରେ କୌଣସି ଭୌତିକ ବସ୍ତୁ ଟିକ୍ପି ପାରିବ ନାହିଁ, ତେଣୁ ଏହି ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ପ୍ଲାଜ୍ମାକୁ ରିଆକ୍ଟରର କାନ୍ଥକୁ ସ୍ପର୍ଶ କରିବାକୁ ନଦେଇ ମହାକାଶରେ ଭାସମାନ ଅବସ୍ଥାରେ ରଖିବ । ଏହି ସୁପରକଣ୍ଡକ୍ଟିଂ ମ୍ୟାଗ୍ନେଟ୍‌ଟି ଫ୍ରାନ୍ସର ପ୍ରସିଦ୍ଧ 'ଆଇଟିଇଆର' ପ୍ରକଳ୍ପର ମ୍ୟାଗ୍ନେଟ୍ ଠାରୁ ୧.୩ ଗୁଣ ବଡ଼ ଏବଂ ୩ ଗୁଣ ଅଧିକ ଚୁମ୍ବକୀୟ ଶକ୍ତି ସଂରକ୍ଷଣ କରିପାରିବ ।




ଚୀନ୍‌ର 'ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସେସ୍' (ଏଏସ୍‌ଆଇପିପି) ଦ୍ୱାରା ନିର୍ମିତ ଏହି ଟେକ୍ନୋଲୋଜି ସାହାଯ୍ୟରେ ୨୦୨୭ ସୁଦ୍ଧା ରିଆକ୍ଟର ନିର୍ମାଣ ଶେଷ କରି ୨୦୩୦ ମସିହା ସୁଦ୍ଧା ପରମାଣୁ ସଂଲୟନରୁ ବାଣିଜ୍ୟିକ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି ।

### ଦିଲ୍ଲୀରେ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ

## ଗୁଳି ନୁହେଁ, କେବଳ ଲୁହବୁହା ଗ୍ୟାସ୍: ମନ୍ତ୍ରୀ



ନୂଆଦିଲ୍ଲୀ, ୨୯ ।୭ (ଏଜେନ୍ସି): ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ଅଭିଯୋଗକୁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି । ଗତ ଦିନରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଛାତ୍ର ଆନ୍ଦୋଳନ ସମୟରେ ପୁଲିସ କୌଣସି ଗୁଳିଚାଳନା କରିନାହିଁ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏପରି କୌଣସି ନିର୍ଦ୍ଦେଶ ଦେଇନଥିଲେ ବୋଲି କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଲୋକସଭାରେ ସ୍ପଷ୍ଟ କରିଛନ୍ତି । ଲୋକସଭାରେ ପରୀକ୍ଷା ପ୍ରଶ୍ନପତ୍ର ବେଆଇନ ନିରୋଧୀ ସଂଶୋଧନ ବିଲ୍-୨୦୨୬ ଉପରେ ଚାଲିଥିବା

### ଛାତ୍ରଙ୍କ ଉପରେ ଗୁଳିମାଡ଼ ଅଭିଯୋଗକୁ ସରକାରଙ୍କ ଖଣ୍ଡନ

ଆଲୋଚନାରେ ଭାଗ ନେଇ କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଥିଲେ ଯେ ରାହୁଲ ଗାନ୍ଧୀଙ୍କ ଅଭିଯୋଗ ତଥ୍ୟଗତ ଭାବେ ସମ୍ପୂର୍ଣ୍ଣ ଭୁଲ । ପୁଲିସ କାର୍ଯ୍ୟାନୁଷ୍ଠାନ ସମୟରେ କେବଳ ଲୁହବୁହା ଗ୍ୟାସ ବ୍ୟବହାର କରାଯାଇଥିଲା । ସେ ଆହୁରି ମଧ୍ୟ ସ୍ପଷ୍ଟ କରିଥିଲେ ଯେ ଗୁଳିଚାଳନା ନିର୍ଦ୍ଦେଶ ଦେବାର ଅଧିକାର କେବଳ ମାଜିଷ୍ଟ୍ରେଟଙ୍କର ରହିଛି, ପୁଲିସ କିମ୍ବା ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କର ନୁହେଁ । ଏହାସହ ଅମିତ ଶାହ ୩୦ଟି ଗାଡ଼ି ସହ ଗସ୍ତ କରୁଥିବା ଅଭିଯୋଗକୁ ମଧ୍ୟ ସେ ଅସତ୍ୟ ବୋଲି କହିଥିଲେ । କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ବକ୍ତବ୍ୟକୁ ମଧ୍ୟ କେନ୍ଦ୍ର ମନ୍ତ୍ରୀ କଡ଼ା ସମାଲୋଚନା କରିଥିଲେ । ପ୍ରିୟଙ୍କା ଗାନ୍ଧୀ ଦେଶରେ ୧୫୨ ଥର ପ୍ରଶ୍ନପତ୍ର ପ୍ରକାଶନ ବେଆଇନ ଘଟଣା ଘଟିଥିବା ଏବଂ ଏହାଦ୍ୱାରା ସାତ ଶହ ପଚାଶ କୋଟି ଶିଶୁ ପ୍ରଭାବିତ ହୋଇଥିବା କହିଥିଲେ । ଏହି ତଥ୍ୟକୁ ହାସ୍ୟାସ୍ପଦ ଦର୍ଶାଇ ମନ୍ତ୍ରୀ କହିଥିଲେ ଯେ ସମଗ୍ର ବିଶ୍ୱର ଜନସଂଖ୍ୟା ପ୍ରାୟ ଆଠ ଶହ କୋଟି ହୋଇଥିବା ବେଳେ ଏହି ସଂଖ୍ୟା ସମ୍ପୂର୍ଣ୍ଣ ଭିତ୍ତିହୀନ । ଏଥିସହ ୨୦୨୪ ଆଇନ କାର୍ଯ୍ୟକାରୀ ହେବା ପରଠାରୁ ଦୁଇ ବର୍ଷ ମଧ୍ୟରେ ବାବନଟି ପ୍ରଥମ ସୂଚନା ପତ୍ର ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ ଗୃହକୁ ଜଣାଇଥିଲେ । ରାହୁଲ ଗାନ୍ଧୀଙ୍କ ଗସ୍ତ ଓ ପ୍ରତିବାଦ ପ୍ରଦର୍ଶନକୁ ନେଇ ମଧ୍ୟ ଡକ୍ଟର ଜିତେନ୍ଦ୍ର ସିଂହ ତୀବ୍ର ସମାଲୋଚନା କରିଥିଲେ । ଜୁଲାଇ ୨୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଆବାସ ବାହାରେ ରାହୁଲ ଧାରଣା ଦେବା ଘଟଣାକୁ ସେ ତାଙ୍କର ନିରାଶା ଏବଂ ପ୍ରଧାନମନ୍ତ୍ରୀ ହେବାର ଅପୂରଣୀୟ ଅଭିଳାଷର ପରିଣାମ ବୋଲି କହିଥିଲେ । ଆନ୍ଦୋଳନ ତୀବ୍ର ହେବା ପରେ ହିଁ ରାହୁଲ ଏଥିରେ ସାମିଲ ହୋଇଥିବାରୁ ସେ ତାଙ୍କୁ ସମାଲୋଚନା କରିଥିଲେ ।

## କାର୍ଯ୍ୟାନୁଷ୍ଠାନ ସପକ୍ଷରେ ନଡ୍ଡାଙ୍କ ଯୁକ୍ତି




ନୂଆଦିଲ୍ଲୀ, ୨୯ ।୭ (ଏଜେନ୍ସି): ଛାତ୍ର ଆନ୍ଦୋଳନରେ ସକ୍ରିୟ ଥିବା ବ୍ୟକ୍ତିଙ୍କୁ ପୁଲିସ ଅଟକ ରଖିବା ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି କହିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ରାଜ୍ୟସଭାର ସଦନନେତା ଜେପି ନଡ୍ଡା । ଛାତ୍ର ଆନ୍ଦୋଳନକାରୀଙ୍କ ବିରୋଧରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ଦଳର ଆକ୍ରମଣ ମଧ୍ୟରେ ସେ ଏହି ମନ୍ତବ୍ୟ ରଖିଛନ୍ତି । ରାଜ୍ୟସଭାରେ ବିରୋଧୀ ଦଳନେତା ମଲ୍ଲିକାର୍ଜୁନ ଖଡ଼ଗେ କେନ୍ଦ୍ର ସରକାର ଉପରେ ଗଣତନ୍ତ୍ରକୁ ଅସୁରକ୍ଷିତ କରିବା ଏବଂ ଛାତ୍ରଙ୍କ ବିରୋଧରେ ପୁଲିସର ଅତ୍ୟଧିକ ବଳପ୍ରୟୋଗ ପ୍ରତି ନୀରବ ରହିବାର ଅଭିଯୋଗ ଆଣିଥିଲେ । ଏହାର ଜବାବରେ ନଡ୍ଡା କହିଥିଲେ, ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ଆବଶ୍ୟକ ପଦକ୍ଷେପ ନେବା ସ୍ୱାଭାବିକ । ନଡ୍ଡା ନିଜ ଛାତ୍ରଜୀବନର ଅନୁଭୂତି ଉଲ୍ଲେଖ କରି କହିଥିଲେ ଯେ ଜରୁରୀକାଳ ସମୟରେ ସେ ଜଣେ ଛାତ୍ର ଆନ୍ଦୋଳନକାରୀ ଭାବେ ଦୁଇଥର ଶ୍ରେଣୀଗୃହରୁ ଗିରଫ ହୋଇଥିଲେ । ତେଣୁ ଆନ୍ଦୋଳନରେ ସାମିଲ ହେଲେ ପୁଲିସ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ସେ କହିଥିଲେ । ଅନ୍ୟପଟେ, ବିରୋଧୀ ଦଳ ପକ୍ଷରୁ ଜୁଲାଇ ୨୦ରେ ଦିଲ୍ଲୀରେ ଛାତ୍ର ଆନ୍ଦୋଳନ ସମୟରେ ପୁଲିସର ବଳପ୍ରୟୋଗକୁ ନେଇ କେନ୍ଦ୍ର ସରକାର ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ଜବାବ ଦାବି କରାଯାଇଛି । ପ୍ରଧାନମନ୍ତ୍ରୀଙ୍କଠାରୁ କ୍ଷମାପ୍ରାର୍ଥନା ଦାବି ମଧ୍ୟ ବିରୋଧୀ ଉଠାଇଛନ୍ତି । ରାଜ୍ୟସଭା ସଦସ୍ୟ ଜନ୍ ବ୍ରିଟାସ ଅଭିଯୋଗ କରିଥିଲେ ଯେ ଛାତ୍ରନେତ୍ରୀ ଐଶୀ ଘୋଷଙ୍କୁ ଗିରଫ କରିବା ପାଇଁ ପୁଲିସ ଏକ ଜାତୀୟ ରାଜନୈତିକ ଦଳର କାର୍ଯ୍ୟାଳୟରେ ପ୍ରବେଶ କରିଥିଲା । ଏହାକୁ ସେ ଗଣତାନ୍ତ୍ରିକ ଅଧିକାର ଉପରେ ଆଘାତ ବୋଲି ବର୍ଣ୍ଣନା କରିଥିଲେ । ଏହି ପ୍ରସଙ୍ଗକୁ ନେଇ ସଂସଦର ଉଭୟ ସଦନରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ତୀବ୍ର ବାକ୍‌ଯୁଦ୍ଧ ଦେଖିବାକୁ ମିଳିଛି । ଛାତ୍ର ଆନନ୍ଦୋଳନ, ପୁଲିସର ଭୂମିକା ଏବଂ ଗଣତାନ୍ତ୍ରିକ ଅଧିକାରକୁ ନେଇ ରାଜନୈତିକ ବିବାଦ ଆହୁରି ତୀବ୍ର ହେବାର ସଙ୍କେତ ମିଳୁଛି ।

## ମୋଦୀଙ୍କ ବିରୋଧରେ ପୋଷ୍ଟ ହଟାଇବାକୁ 'ଏକ୍ସ'କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୯ ।୭ (ଏଜେନ୍ସି): ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଏକ୍ସ' (ପୂର୍ବରୁ ଟ୍ୱିଟର)ରେ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଅପମାନଜନକ ଏବଂ ଆପତ୍ତିଜନକ ପୋଷ୍ଟ ଶେୟାର କରାଯାଉଥିବା ନେଇ ଦିଲ୍ଲୀ ପୁଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ଏହିପରି ସମସ୍ତ ବିବାଦୀୟ ପୋଷ୍ଟ ଓ ଭିଡିଓଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ଦିଲ୍ଲୀ ପୋଲିସ ଏକ୍ସ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛି । ଏହାସହିତ, ସମ୍ପୃକ୍ତ ଆକାଉଣ୍ଟଧାରୀଙ୍କ ପୂର୍ଣ୍ଣ ନାମ, ଠିକଣା, ଫୋନ ନମ୍ବର, ଇମେଲ ଆଇଡି ଏବଂ ଲଗଇନ୍-ଲଗଆଉଟ୍ ସମ୍ପର୍କିତ ସମସ୍ତ ତଥ୍ୟ ଯୋଗାଇଦେବାକୁ ପୋଲିସ ଦାବି କରିଛି । ଭାରତୀୟ ସାକ୍ଷ୍ୟ ଅଧିନିୟମର ଧାରା ୬୩(୪) ଅଧୀନରେ ପ୍ରମାଣପତ୍ର ସହ ଏହି ସମସ୍ତ ତଥ୍ୟକୁ ପରବର୍ତ୍ତୀ ତଦନ୍ତ ପାଇଁ ସୁରକ୍ଷିତ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୨୦ରେ ଯନ୍ତର ମନ୍ତରଠାରେ ଆୟୋଜିତ 'ସଂସଦ ଚାଲୋ' ନାମକ ଛାତ୍ର ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ କେତେକ ଅଶାଳୀନ ଓ ଆପତ୍ତିଜନକ ପୋଷ୍ଟ ସାମାଜିକ ଗଣମାଧ୍ୟମରେ ଅପଲୋଡ୍ ହୋଇଥିଲା । ଏହାପୂର୍ବରୁ ଜୁଲାଇ ୨୭ରେ ମଧ୍ୟ ପୋଲିସ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମଗୁଡ଼ିକୁ ଏପରି ପୋଷ୍ଟ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲା । ଦିଲ୍ଲୀ ପୋଲିସର ଏହି ପଦକ୍ଷେପ ସାମାଜିକ ଗଣମାଧ୍ୟମରେ ଭ୍ରାମକ ଏବଂ ଅପମାନଜନକ ତଥ୍ୟ ପ୍ରସାରଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଆହୁରି କଡ଼ାକଡ଼ି କରିଛି ।

## ଯୁଦ୍ଧକୁ ଓହ୍ଲାଇଲା ସାଉଦିଆରବ



- ଇରାକ୍‌ରେ ଆମେରିକା ସହ ସାଉଦି ବିମାନ ଆକ୍ରମଣ
- ୨୦ ମିଲିସିଆ କ୍ୟାଡରଙ୍କ ମୃତ୍ୟୁ

ବାଗଦାଦ, ୨୯ ।୭ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଆହୁରି ଭୟାନକ ରୂପ ନେବାକୁ ଯାଉଛି । ଏବେ ଏହି ଯୁଦ୍ଧରେ ସାଉଦି ଆରବ ପ୍ରତ୍ୟେକ୍ଷ ଭାବେ ଓହ୍ଲାଇଛି । ଇରାକ୍‌ରେ ଥିବା ଇରାନ-ସମର୍ଥିତ ସଶସ୍ତ୍ର ଗୋଷ୍ଠୀ (ମିଲିସିଆ)ର ବିଭିନ୍ନ ଠିକଣା ଉପରେ ଆମେରିକା ଏବଂ ସାଉଦି ଆରବ ଆରବ ମିଳିତ ଭାବେ ଶକ୍ତିଶାଳୀ ବିମାନ ଆକ୍ରମଣ ଅର୍ଥାତ ଏୟାରଷ୍ଟ୍ରାଇକ୍ କରିଛନ୍ତି । ଏହି କାର୍ଯ୍ୟାନୁଷ୍ଠାନରେ ଅତିକମରେ ୨୦ ଜଣ ମିଲିସିଆ କ୍ୟାଡର ମୃତ୍ୟୁବରଣ କରିଥିବା ବେଳେ ୩୨ ଜଣ ଗୁରୁତର ଆହତ ହୋଇଛନ୍ତି । ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଏବଂ ସାଉଦି ଆରବ ଆରବ ପ୍ରତିରକ୍ଷା ମନ୍ତ୍ରାଳୟ ଅନୁଯାୟୀ, ଗତ ୭୨ ଘଣ୍ଟା ମଧ୍ୟରେ ଇରାନର 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର' (ଆଇଆରଜିସି) ଦ୍ୱାରା ନିୟନ୍ତ୍ରିତ ସଂଗଠନଗୁଡ଼ିକ ଆମେରିକୀୟ ସେନା ଏବଂ ସାଉଦି ଆରବ ଆରବର ତୈଳ ପ୍ରତିଷ୍ଠାନଗୁଡ଼ିକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ । ଏହାର କଡ଼ା ଜବାବ ଦେଇ ଦକ୍ଷିଣ ଓ ପୂର୍ବ ଇରାକ୍‌ର ବାଗଦାଦ, ବସ୍‌ରା, ନିନେଭେ ଏବଂ ଦିୟାଲା ଭଳି ସ୍ଥାନରେ ଥିବା ଆତଙ୍କବାଦୀ କ୍ୟାମ୍ପଗୁଡ଼ିକୁ ବିମାନ ଆକ୍ରମଣ କରି ଧ୍ୱଂସ କରାଯାଇଛି । ଏହି ଏୟାରଷ୍ଟ୍ରାଇକ୍ ପୂର୍ବରୁ ଇରାନ ଜୋର୍ଡାନରେ ଥିବା ଆମେରିକାର ସାମରିକ ଘାଟି ଉପରକୁ କ୍ଷେପଣାସ୍ତ୍ର ମାଡ଼ କରିଥିଲା, ଯାହାକୁ ଆମେରିକା ଆକାଶମାର୍ଗରେ ହିଁ ନଷ୍ଟ କରିଦେଇଥିବା ଦାବି କରିଛି । ଏହାସହ ହୋରମୁଜ୍ ପ୍ରଣାଳୀରେ ଇରାନ ତିନୋଟି ତୈଳବାହୀ ଜାହାଜକୁ ଆକ୍ରମଣ କରିଥିବା ସୂଚନା ମିଳିଛି । ଇରାକ୍ ସରକାରୀ ସେନାର ଅଂଶବିଶେଷ 'ପପୁଲାର ମୋବିଲାଇଜେସନ ଫୋର୍ସ' (ପିଏମ୍‌ଏଫ୍) ଏହି ଆକ୍ରମଣକୁ ନିନ୍ଦା କରିବା ସହ ଏହା ଇରାକ୍‌ର ସାର୍ବଭୌମତ୍ୱ ଉପରେ କଠୋର ଆଘାତ ବୋଲି କହିଛି । ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇବା ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ପ୍ରାୟ ୪.୩ ପ୍ରତିଶତ ବୃଦ୍ଧି ଘଟିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ୱାସିଂଟନ୍‌ରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚାଲିଥିବା ସମୟରେ ଏହି ପ୍ରତିଶୋଧମୂଳକ ଆକ୍ରମଣ ମଧ୍ୟପ୍ରାଚ୍ୟର ପରିସ୍ଥିତିକୁ ଆହୁରି ସଙ୍କଟଜନକ କରିଦେଇଛି ।

### ଅହମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା

## ଇନ୍ଧନ ସ୍ୱିଚ୍‌ରେ ତ୍ରୁଟି ନାହିଁ: କେନ୍ଦ୍ର



ନୂଆଦିଲ୍ଲୀ, ୨୯ ।୭ (ଏଜେନ୍ସି): ଅହମଦାବାଦ୍‌ରେ ଗତବର୍ଷ ଘଟିଥିବା ଏଆଇ-୧୭୧ ବିମାନ ଦୁର୍ଘଟଣାର ତଦନ୍ତ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହି ବିମାନ ଦୁର୍ଘଟଣାରେ ୬୦ ଜଣ ଲୋକ ପ୍ରାଣ ହରାଇଥିଲେ । ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍‌ର ଲକିଂ ବ୍ୟବସ୍ଥାରେ କୌଣସି ତ୍ରୁଟି ମିଳିନଥିବା ବୋଲି ବୁଧବାର ସଂସଦରେ କେନ୍ଦ୍ର ସରକାର ସୂଚନା ଦେଇଛନ୍ତି । ରାଜ୍ୟସଭାରେ ପ୍ରଶ୍ନର ଉତ୍ତର ଦେଇ ବେସାମରିକ ବିମାନ ଚଳାଚଳ ରାଜ୍ୟମନ୍ତ୍ରୀ ମୁରଲୀଧର ମହୋଲ କହିଛନ୍ତି, ମୂଳ ଉପକରଣ ନିର୍ମାତା ସଂସ୍ଥା ପକ୍ଷରୁ କରାଯାଇଥିବା ଉନ୍ନତ ପରୀକ୍ଷଣରେ ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍ ଏବଂ ଏହାର ସୁରକ୍ଷା ବ୍ୟବସ୍ଥାରେ କୌଣସି ଅସ୍ୱାଭାବିକତା ଚିହ୍ନଟ ହୋଇନାହିଁ । ସେ କହିଛନ୍ତି, ସମ୍ପୂର୍ଣ୍ଣ ଥ୍ରଷ୍ଟ ନିୟନ୍ତ୍ରଣ ମଡ୍ୟୁଲର ପରୀକ୍ଷଣ ଆମେରିକାର ସିଆଟଲ୍‌ସ୍ଥିତ ନିର୍ମାତା ସଂସ୍ଥାର କାରଖାନାରେ ଏପର୍ଯ୍ୟନ୍ତ ଜାରି ରହିଛି । ଏହି ପରୀକ୍ଷଣର ଅନ୍ତିମ ରିପୋର୍ଟ ଆସିବା ପରେ ତଦନ୍ତର ସମସ୍ତ ଦିଗ ସ୍ପଷ୍ଟ ହେବ । କେନ୍ଦ୍ର ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋର ଅନ୍ତିମ ରିପୋର୍ଟ ପ୍ରକାଶରେ କୌଣସି ବିଳମ୍ବ ହୋଇନାହିଁ । ବଡ଼ ବିମାନ ଦୁର୍ଘଟଣାର ତଦନ୍ତରେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନଥାଏ ଏବଂ ସମ୍ଭାବ୍ୟ ସମସ୍ତ କାରଣ ଓ ସହାୟକ ପରିସ୍ଥିତିର ଗଭୀର ଯାଞ୍ଚ କରାଯାଉଛି । ସରକାରଙ୍କ କହିବା ଅନୁଯାୟୀ, ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ଅନ୍ତିମ ରିପୋର୍ଟ ସାର୍ବଜନୀନ କରାଯିବ ଏବଂ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋର ୱେବସାଇଟ୍‌ରେ ପ୍ରକାଶ କରାଯିବ । ଏଆଇ-୧୭୧ ବିମାନ ଦୁର୍ଘଟଣାର ତଦନ୍ତ ଅନ୍ତିମ ପର୍ଯ୍ୟାୟରେ ଥିବାବେଳେ ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍‌ରେ କୌଣସି ଯାନ୍ତ୍ରିକ ତ୍ରୁଟି ନ ମିଳିବା ତଦନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ତେବେ ଦୁର୍ଘଟଣାର ପ୍ରକୃତ କାରଣ ଅନ୍ତିମ ତଦନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ହିଁ ସ୍ପଷ୍ଟ ହେବ ।

## ଥାଇଲାଣ୍ଡରେ ୩ ଭାରତୀୟ ପର୍ଯ୍ୟଟକଙ୍କୁ ଅପହରଣ

- କାଳ ହେଲା ଶସ୍ତା ଭ୍ରମଣର ଲୋଭ
- ୫ ଭାରତୀୟ, ଅପହର୍ତ୍ତା ଗିରଫ



ବ୍ୟାଙ୍କକ, ୨୯ ।୭ (ଏଜେନ୍ସି): ଶସ୍ତା ମୂଲ୍ୟରେ ଥାଇଲ୍ୟାଣ୍ଡ ଭ୍ରମଣ କରାଇବାର ପ୍ରଲୋଭନ ଦେଇ ତିନି ଭାରତୀୟ ଯୁବକଙ୍କୁ ଅପହରଣ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି । ଥାଇ ପୁଲିସ ଅଭିଯୁକ୍ତମାନଙ୍କ କବଳରୁ ତିନିଜଣଙ୍କୁ ଉଦ୍ଧାର କରିଥିବାବେଳେ ଏହି ମାମଲାରେ ପାଞ୍ଚ ଭାରତୀୟଙ୍କୁ ଗିରଫ କରିଛି । ଏହି ଅପରାଧରେ କିଛି ପାକିସ୍ତାନୀ ନାଗରିକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ମଧ୍ୟ ରହିଛି । ପୁଲିସ ସୂଚନା ଅନୁସାରେ, ତିନିଜଣ ଭାରତୀୟ ଯୁବକଙ୍କୁ ସାତ ଦିନିଆ ଶସ୍ତା ଭ୍ରମଣ ପ୍ୟାକେଜ୍‌ର ପ୍ରଲୋଭନ ଦେଇ ଥାଇଲ୍ୟାଣ୍ଡକୁ ଡକାଯାଇଥିଲା । ଜୁଲାଇ ୨୧ରେ ସେମାନେ ବ୍ୟାଙ୍କକରେ ପହଞ୍ଚିବା ପରେ ପଟାୟାକୁ ନିଆଯାଇଥିଲେ । ସେଠାରେ ଏକ ଭଡ଼ା ଘରକୁ ନେଇ ସେମାନଙ୍କୁ ବନ୍ଦୀ କରାଯାଇଥିଲା । ଅପହରଣକାରୀମାନେ ବନ୍ଦୀମାନଙ୍କୁ ପ୍ରତିଦିନ ନିର୍ଯାତନା ଦେବା ସହ ସେମାନଙ୍କ ପରିବାର ଲୋକଙ୍କଠାରୁ ମୁକ୍ତି ବଦଳରେ ପ୍ରାୟ ସତର ଲକ୍ଷ ଟଙ୍କା ଦାବି କରିଥିଲେ । ପରିବାର ସଦସ୍ୟଙ୍କ ସହ କଥା ହେବାକୁ ବାଧ କରାଯାଇ ଟଙ୍କା ପଠାଇବା ପାଇଁ ଚାପ ସୃଷ୍ଟି କରାଯାଉଥିଲା । ନିର୍ଯାତନାର ଦୃଶ୍ୟକୁ ଅଧିକ ଭୟଙ୍କର ଦେଖାଇବା ପାଇଁ ଜଣେ ପୀଡ଼ିତଙ୍କ ଶରୀରରେ ଲାଲ ରଙ୍ଗ ଲଗାଇ ଭିଡିଓ କଲ୍ କରାଯାଇଥିବା ତଦନ୍ତରେ ଜଣାପଡ଼ିଛି । ଭାରତରେ ଥିବା ପରିବାର ସଦସ୍ୟମାନେ ଥାଇ ପୁଲିସର ସହାୟତା ଲୋଡ଼ିବା ପରେ ତଦନ୍ତ ଆରମ୍ଭ ହୋଇଥିଲା । ଜୁଲାଇ ୨୭ରେ ପଟାୟାର ଏକ ଦୁଇମହଲା ଘର ଉପରେ ଚଢ଼ାଉ କରି ପୁଲିସ ତିନିଜଣଙ୍କୁ ଉଦ୍ଧାର କରିଥିଲା । ତେବେ ପୁଲିସ ପହଞ୍ଚିବା ପୂର୍ବରୁ କିଛି ଅଭିଯୁକ୍ତ ମୋଟରସାଇକେଲରେ ଫେରାର ହୋଇଯାଇଥିଲେ । ପରବର୍ତ୍ତୀ ଅଭିଯାନରେ ବ୍ୟାଙ୍କକର ଏକ ହୋଟେଲରୁ ପାଞ୍ଚ ଭାରତୀୟଙ୍କୁ ଗିରଫ କରାଯାଇଛି । ପୁଲିସ କହିଛି, ଦୁବାଇରୁ କାର୍ଯ୍ୟ କରୁଥିବା ଜଣେ ପାକିସ୍ତାନୀ ବ୍ୟକ୍ତିଙ୍କ ନିର୍ଦ୍ଦେଶରେ ଏହି ଅପହରଣ ଯୋଜନା କରାଯାଇଥିଲା । ମୁକ୍ତିପଣର ଟଙ୍କା ଡିଜିଟାଲ୍ ମୁଦ୍ରା ମାଧ୍ୟମରେ ନେବାର ଯୋଜନା ଥିବା ମଧ୍ୟ ତଦନ୍ତରେ ସାମ୍ନାକୁ ଆସିଛି । ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ସନ୍ଧାନ ଜାରି ରହିଛି ।

## ଯୌନ ଶୋଷଣ ପରେ ଗର୍ଭପାତ ପାଇଁ ବାଧ୍ୟ କରି ଥାନା ଅଧିକାରୀ ନିଲମ୍ବିତ



ହାଇଦରାବାଦ, ୨୯ ।୭ (ଏଜେନ୍ସି): ଜଣେ ମହିଳାଙ୍କୁ ଯୌନ ଶୋଷଣ, ଗର୍ଭପାତ କରିବାକୁ ବାଧ କରିବା ଏବଂ ବ୍ଲାକମେଲ କରିବା ଅଭିଯୋଗରେ ହାଇଦରାବାଦର ଜୁବିଲି ହିଲ୍ସ ଥାନାର ଥାନା ଅଧିକାରୀ ଉ. ଶ୍ରୀନିବାସୁଲୁ ରେଡ୍ଡୀଙ୍କୁ ନିଲମ୍ବିତ କରାଯାଇଛି । ପ୍ରାଥମିକ ତଦନ୍ତ ପରେ ହାଇଦ୍ରାବାଦ ପୁଲିସ କମିଶନର ଏହି ପଦକ୍ଷେପ ନେଇଛନ୍ତି । ସଙ୍ଗାରେଡ୍ଡି ଜିଲ୍ଲାର ଜଣେ ଏକତିରିଶ ବର୍ଷୀୟା ମହିଳା ପୁଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ, ଶ୍ରୀନିବାସୁଲୁ ରେଡ୍ଡୀ ତାଙ୍କୁ ଯୌନ ନିର୍ଯାତନା ଦେବା ସହ ଗର୍ଭବତୀ ହେବା ପରେ ଗର୍ଭପାତ କରାଇବାକୁ ବାଧ କରିଥିଲେ । ଏହାଛଡ଼ା ତାଙ୍କୁ ମାଡ଼ ମାରିବା ଓ ଧମକ ଦେଇଥିବା ଅଭିଯୋଗ ମଧ୍ୟ ସେ କରିଛନ୍ତି । ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଘଟଣାର ଆରମ୍ଭ ୨୦୨୧ରେ ହୋଇଥିଲା । ପାରିବାରିକ ବିବାଦ ନେଇ ସେ ଆମିନପୁର ଥାନାକୁ ଯାଇଥିବାବେଳେ ସେତେବେଳେ ସେଠାରେ କାର୍ଯ୍ୟରତ ଥିବା ଶ୍ରୀନିବାସୁଲୁ ରେଡ୍ଡୀ ତାଙ୍କ ସହ ସମ୍ପର୍କ ସ୍ଥାପନ କରି ଧୀରେ ଧୀରେ ଯୌନ ସମ୍ପର୍କ ପାଇଁ ଚାପ ପକାଇଥିଲେ । ପରେ ନିଜ ଘରକୁ ଡାକି ସେଠାରେ ଯୌନ ନିର୍ଯାତନା କରିଥିବା ଅଭିଯୋଗ ହୋଇଛି । ଅଭିଯୋଗରେ ଆହୁରି କୁହାଯାଇଛି ଯେ, ଅଭିଯୁକ୍ତ ଅଧିକାରୀ ବ୍ୟକ୍ତିଗତ ଭିଡିଓ ସାମାଜିକ ମାଧ୍ୟମରେ ପ୍ରକାଶ କରିଦେବାର ଧମକ ଦେଇ ଦୁଇ କୋଟି ଟଙ୍କା ଦାବି କରିଥିଲେ । ଭୟଭୀତ ହୋଇ ସେ ବିଭିନ୍ନ ସମୟରେ ତାଙ୍କୁ ହଜାର ହଜାର ଟଙ୍କା ଦେଇଥିବା ମଧ୍ୟ ମହିଳା ଦାବି କରିଛନ୍ତି । ସେହିପରି ଜୁବିଲି ହିଲ୍ସ ଥାନାରେ ପୋଷ୍ଟିଂ ପାଇଁ ପାଇଁ ପଚିଶ ଲକ୍ଷ ଟଙ୍କା ଦିଆଯାଇଥିବା ଅଭିଯୋଗ ମଧ୍ୟ ସେ ଆଣିଛନ୍ତି ।

**ଭଦ୍ରକ ଜିଲ୍ଲାରେ ବନ୍ୟା ସ୍ଥିତି ଗମ୍ଭୀର; ସହର ଅବସ୍ଥା ବେହାଲ**

# ବଢୁଛି ବୈତରଣୀ, ସାଳନ୍ଦୀ; ୩୨୨ ଗାଁରେ ପଶିଲା ପାଣି



ଭଦ୍ରକ,୨୯।୭(ସମିସ): ଲଗାଣ ବର୍ଷା ଓ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ଯୋଗୁଁ ଭଦ୍ରକ ଜିଲ୍ଲାରେ ବନ୍ୟା ପରିସ୍ଥିତି ଜାରି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସନ୍ଧ୍ୟା ୫ଟା ସୁଦ୍ଧା ମିଳିଥିବା

**୫୪ ହଜାରରୁ ଅଧିକ ବିପନ୍ନଙ୍କୁ ସ୍ଥାନାନ୍ତର**

**୩ ଲକ୍ଷ ୩୯ ହଜାର ୭୭୦ ଲୋକ ପ୍ରଭାବିତ**

ଦୈନିକ ସ୍ଥିତି ରିପୋର୍ଟ ଅନୁଯାୟୀ, ଜିଲ୍ଲାର ତିହିଡ଼ି, ବାସୁଦେବପୁର, ଧାମନଗର, ଭଦ୍ରକ ଓ ଭଣ୍ଡାରିପୋଖରୀ ସମେତ ୫ଟି ବ୍ଲକ୍‌ର ୭୨ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୩୨୨ଟି ଗ୍ରାମ ବନ୍ୟାରେ ପ୍ରଭାବିତ ହୋଇଛି। ଏହା ସହ ଧାମନଗର ଏନ୍‌ଏସି, ଭଦ୍ରକ ପୌରପାଳିକା ଓ ଧୂଷୁରୀ ଏନ୍‌ଏସିର ୧୩ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ଜିଲ୍ଲାରେ ମୋଟ୍ ୩ ଲକ୍ଷ ୩୯ ହଜାର ୭୭୦ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଥିବାବେଳେ ୫୪ ହଜାର ୧୮୪ ଜଣଙ୍କୁ ସୁରକ୍ଷିତ ସ୍ଥାନ ଓ ଆଶ୍ରୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ଲୋକଙ୍କ ପାଇଁ ୧୯୫ଟି ମାଗଣା ରୋଷେଇ କେନ୍ଦ୍ର ଓ ରିଲିଫ୍ କେନ୍ଦ୍ର ଖୋଲାଯାଇଛି ଏବଂ ସମସ୍ତ ହିତାଧିକାରୀଙ୍କୁ ଖାଦ୍ୟ ସହାୟତା ପ୍ରଦାନ କରାଯାଉଛି।

ସୂଚନାନୁଯାୟୀ, ଏ ପର୍ଯ୍ୟନ୍ତ କୌଣସି ମାନବ ମୃତାହତ ଘଟଣା ଘଟିନାହିଁ। ପଶୁସମ୍ପଦ କ୍ଷେତ୍ରରେ ୧୮୫ଟି ବଡ଼ ପଶୁ ଓ ୨୨୬ଟି ଛୋଟ ପଶୁ ପ୍ରଭାବିତ ହୋଇଥିବାବେଳେ କୌଣସି ପଶୁ ମୃତ୍ୟୁର ବି ସୂଚନା ମିଳିନାହିଁ। ଫସଲ କ୍ଷୟକ୍ଷତିର ଆକଳନ ଚାଲିଥିବାବେଳେ ଘରବାରି କିମ୍ବା ଭିତ୍ତିଭୂମି କ୍ଷୟକ୍ଷତିର କୌଣସି ରିପୋର୍ଟ ମିଳିନାହିଁ। ରିଲିଫ୍ ସାମଗ୍ରୀ ଭାବେ ବୁଧବାର ୧୬୬.୩୩ କ୍ୱିଣ୍ଟାଲ ଚୁଡ଼ା ଓ ୧୭.୭୮ କ୍ୱିଣ୍ଟାଲ ଗୁଡ଼, ଚିନି ବଣ୍ଟନ କରାଯାଇଛି। ଜିଲ୍ଲାରେ ୧୪ଟି ମେଡିକାଲ ଟିମ୍ ଓ ୫ଟି ପଶୁ ଚିକିତ୍ସା ଟିମ୍ ନିୟୋଜିତ ରହିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୩ଟି ଏନ୍‌ଡିଆର୍‌ଏଫ୍ ଓ ୪ଟି ଓଡ୍ରାଫ୍ ଦଳ ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ମୁତୟନ ହୋଇ ରହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ କ୍ରମାଗତ ନଜର ରଖାଯାଇଥିବା ବେଳେ ଉଦ୍ଧାର, ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି ବୋଲି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସୂଚନା ଦେବା ସହ ବନ୍ୟାଞ୍ଚଳ ଲୋକମାନେ ଭୟଭୀତ ନ ହୋଇ ସତର୍କତା ଅବଲମ୍ବନ କରି ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଅନ୍ୟପକ୍ଷରେ ଲଗାଣ ବର୍ଷା ପରେ ଭଦ୍ରକ ସହର ସ୍ଥିତି ମଧ୍ୟ ବେହାଲ ହୋଇପଡ଼ିଛି। ଭଦ୍ରକ ପୌରାଞ୍ଚଳର ଅଧିକାଂଶ ୱାର୍ଡ ଜଳବନ୍ଦୀ ହୋଇପଡ଼ିଛି। ବିଶେଷକରି ୫, ୧୫, ୧୬, ୧୯, ୨୧, ୨୫, ୨୭, ୨୮, ୨୯ ନମ୍ବର ୱାର୍ଡ ଜଳବନ୍ଦୀ ହୋଇପଡ଼ିଛି। ବହୁ ଲୋକଙ୍କ ଘରେ ପାଣି ପଶିଥିବାବେଳେ ଅନେକ ରାସ୍ତାରେ ପାଣିର ସୁଅ ଛୁଟିଛି। ସେହିଭଳି ସହର ଉପକଣ୍ଠ ସାଳନ୍ଦୀ ନଦୀ ବାଉଦପୁର ବ୍ରିଜ୍ ଉପରେ ବନ୍ୟାପାଣିର ସୁଅ ଛୁଟିଛି। ଫଳରେ ପ୍ରଶାସନ ପକ୍ଷରୁ ଏହି ବ୍ରିଜ୍‌କୁ ବାଉଁଶ ଦେଇ ବନ୍ଦ କରାଯାଇଛି। ସେହିଭଳି ସହରାଞ୍ଚଳର ତଳିଆ ଅଞ୍ଚଳ ଓ ନଦୀକୂଳିଆ ଅଞ୍ଚଳବାସୀଙ୍କୁ ପୌରପାଳିକା ପକ୍ଷରୁ ମାଇକ୍ ଯୋଗେ ସତର୍କ ରହିବାକୁ ସୂଚନା ଦିଆଯାଇଛି।

**ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା; ଆନନ୍ଦପୁର ରିଙ୍ଗବନ୍ଧରେ ୫୦ ଫୁଟ୍‌ର ଘାଇ**

# ଭାସିଗଲା କାର୍ ସହ ଭ୍ୟାନ୍; ପୁଅ ନିଖୋଜ, ବାପା ଗୁରୁତର





ଆନନ୍ଦପୁର, ୨୯।୭ (ସମିସ): ଆନନ୍ଦପୁର ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା ପାଇଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ରକ୍ଷଣାବେକ୍ଷଣ ଅଭାବରୁ ରିଙ୍ଗ ବନ୍ଧଠାରେ ଥିବା ଦୁର୍ବଳ ସ୍ଲୁଇସ ଭାଙ୍ଗିଯିବାରୁ ପ୍ରାୟ ୫୦ ଫୁଟ୍‌ର ଘାଇ ସୃଷ୍ଟି ହୋଇଛି। ଘାଇରେ ପଡି ଏକ ପିକଅପ ଭ୍ୟାନ ଓ ଅନ୍ୟ ଏକ କାର ଭାସି ଯାଇଥିଲା। ଗାଡିରେ ଥିବା ଫକୀରପୁର ଗ୍ରାମର ପ୍ରଦୀପ ମହାନ୍ତି ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର ହୋଇଥିବା ବେଳେ ପୁଅ ସଦାଶିବ ମହାନ୍ତି ନିଖୋଜ ଥିବା ସୂଚନା ମିଳିଛି। ଗତ ମଙ୍ଗଳବାର ରାତି ପ୍ରାୟ ୩ଟା ସମୟରେ ହଠାତ୍ ବନ୍ଧ ଭାଙ୍ଗି ଏହି ଘାଇ ସୃଷ୍ଟି ହେବାରୁ ବନ୍ଧ ନିଟରେ ରହୁଥିବା ତଳ ମୁଖୀସାହି, ଉପର ମୁଖୀସାହି ଓ ୫ନମ୍ବର ୱାର୍ଡର କେତେକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଗୁହାଳରେ ଥିବା ଅନେକ ଗୃହପାଳିତ ପଶୁଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ଆନନ୍ଦପୁର ଅଗ୍ନିଶମ କର୍ମଚାରୀ ବନ୍ୟାଜଳରୁ ୩୭ ଜଣଙ୍କୁ ଉଦ୍ଧାର କରିଥିବା ଜଣାଯାଇଛି। ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ଅତିରିକ୍ତ ଜିଲ୍ଲପାଳ ରବିନ୍ଦ୍ର ନାରାୟଣ ପ୍ରଧାନ ଆନନ୍ଦପୁରଠାରେ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଆନନ୍ଦପୁର ପୌରପାଳିକା ପକ୍ଷରୁ ୪୦ ପରିବାରକୁ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ବନ୍ୟାପାଣି ପଶିଯିବାରୁ ୧୦ରୁ ଊର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇଛନ୍ତି। ଏପଟେ ଫାପୁଡ଼ିଆ ନାଳରେ ପ୍ରବଳ ପାଣି ପଶିଆସିବାରୁ ଆନନ୍ଦପୁରରେ ୫୦ରୁ ଊର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇଛନ୍ତି। ଆନନ୍ଦପୁର ପୌରାଞ୍ଚଳ ୧୩ନମ୍ବର ୱାର୍ଡ ଖପରାଖାଇ ସାଉଁତିସାହିରେ ବନ୍ୟାଜଳ ପ୍ରବେଶ କରିବାରୁ ଅନେକ ପରିବାରର ଘର କାନ୍ଥ ପଡ଼ିଯାଇଛି। ଅନେକ ଘରର ଆସବାବପତ୍ର ନଦୀରେ ଭାସିଯାଇଛି। ସେହିପରି ସୁଡୁମୁଡ଼ିଆ ଦେହୁରୀସାହିଓ ଆନନ୍ଦପୁର ବ୍ଲକର ଖଡ଼ିବିଲ (ବାଲିପଶି) ନିକଟରେ ପୋଲ ଭାଙ୍ଗିଯାଇଛି। ଘସିପୁରା ବ୍ଲକ୍‌କୁ ଯୋଗଯୋଗ ବିଚ୍ଛିନ୍ନ ହୋଇଛି। ସରେଇଁ, ଭଗାନଇ, ମଦନପୁର ଗ୍ରାମକୁ ଯାଉଥିବା ଲୋକେ ହସନପୁର ଓ ବଳରାମପୁର ଦେଇ ଯାଉଛନ୍ତି। ଆନନ୍ଦପୁର ବ୍ଲକ୍ ଟୁକୁଣାର କୁଣ୍ଡେଶ୍ୱର ମନ୍ଦିରରେ ବନ୍ୟାପାଣି ପଶିଛି। ପଞ୍ଚୁପଲ୍ଲୀ ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ବନ୍ୟାଜଳ ପଶିବା ଯୋଗୁଁ ପରିବା ଓ ଧାନଚାଷ କ୍ଷତିଗ୍ରସ୍ତ ହୋଇଛି। ପଞ୍ଚୁପଲ୍ଲୀ ପଞ୍ଚାୟତ ବେଉସାହିରେ ପାଣି ପଶିଯାଇଥିବାରୁ ୨୦ ପରିବାର ପାଣି ଘେରରେ ରହିଛନ୍ତି।


# ବାସୁଦେବପୁରର ବିଭିନ୍ନ ଅଞ୍ଚଳ ଜଳମଗ୍ନ

ବାସୁଦେବପୁର,୨୯।୭(ସମିସ): ଲଗାଣ ବର୍ଷା ଯୋଗୁଁ ବାସୁଦେବପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଓ ପୌରପାଳିକାର କେତୋଟି ୱାର୍ଡ ଜଳମଗ୍ନ ହୋଇପଡ଼ିଛି। ଦୁଇ ଦୁଇ ଥର ବନ୍ୟା ଲୋକମାନଙ୍କର ଚାଷ ଜମିର ତଳି ଓ ବୁଣା ଧାନକୁ ନଷ୍ଟ କରିଦେଇଛି। ଉପର ମୁଣ୍ଡର ବର୍ଷା ପାଣି ତଳକୁ ଗଡୁଛି। ସୁସୁ ହୋଇ ମାଡ଼ି ଆସୁଛି ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ, ବରଣ୍ଡୁଆ, ଦୀକ୍ଷିତବିନ୍ଧା ଗ୍ରାମରେ ବନ୍ୟା ଜଳ। କିଛି ଲୋକଙ୍କ ଘରେ ପାଣି ପଶିଛି। ଯେଉଁ ପରିମାଣରେ ବନ୍ୟା ପାଣି ପଶୁଛି ବୁଧବାର ରାତି ସୁଦ୍ଧା ଅନେକ ଘର ବୁଡ଼ିଯିବାର ଆଶଙ୍କା ସୃଷ୍ଟି ହୋଇଛି। ସୁଦର୍ଶନପୁର ପଞ୍ଚାୟତର ସୁଦର୍ଶନପୁର (ଅଫୁଲା ଓ ମିରିଗା), ସୁଆଁ ଓ ଜଗନ୍ନାଥୀର ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ନରସିଂହପୁର ପଞ୍ଚାୟତର ବଡ଼ଚନ୍ଦ୍ରଭାନୁପୁର ଓ କାଳିଦାସପୁର ଗ୍ରାମ ଜଳମଗ୍ନ ହୋଇ ପଡ଼ିଛି। ବଡ଼ଚନ୍ଦ୍ରଭାନୁପୁର ଗାଁ ଦାଣ୍ଡରେ ୩ ଫୁଟ୍ ଉଚ୍ଚରେ ବନ୍ୟା ପାଣି ଜମିରହିଛି। ଚୂଡ଼ାମଣୀ ପଞ୍ଚାୟତର ତଳସାହି ଓ ଅଡୁଆଁ ପଞ୍ଚାୟତର ନନ୍ଦପୁର ଗ୍ରାମର ଚାଷ ଜମିରେ ବନ୍ୟା ପାଣି ପ୍ରବାହିତ ହେଉଛି। ପୌରପାଳିକାର ବିଭିନ୍ନ ୱାର୍ଡରେ ହଜାର ହଜାର ଏକର ଚାଷ ଜମିରେ ବର୍ଷା ଜଳ ଜମି ରହିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଉପର ମୁଣ୍ଡରୁ ବର୍ଷା ପାଣି ଖସୁଥିବାବେଳେ ତଳ ମୁଣ୍ଡର ବନ୍ୟା ସୃଷ୍ଟି ହୋଇଛି। ଚାଷ ଜମିରେ ୮/୧୦ ଫୁଟ୍ ଉଚ୍ଚତାର ପାଣି ଲହଡ଼ି ଭାଙ୍ଗୁଛି। ବରଣ୍ଡୁଆ ଓ ସୁଦର୍ଶନପୁର ରାସ୍ତାରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। କିଛି ଘର ଜଳବନ୍ଦୀ ମଧ୍ୟରେ ରହିଛି। ଭୈରବପୁର ପୋଲ ନିକଟରେ ଗୋଟିଏ ପରିବାର ୪ ଦିନ ଧରି ଜଳ ବନ୍ଦୀରେ ଫସି ରହିଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉଦ୍ଧାର କରି ବାତ୍ୟା ଆଶ୍ରୟସ୍ଥଳୀରେ ଥଇଥାନ କରିଛନ୍ତି।

## ବର୍ଷାଜଳ ନିଷ୍କାସନ ବେଳେ ଲାଗିଲା ବିଦ୍ୟୁତ୍ କରେଣ୍ଟ

# ଅଗ୍ନିଶମ ଯବାନଙ୍କ ମୃତ୍ୟୁ

କେନ୍ଦୁଝର, ୨୯।୭(ସମିସ): ଲୋକଙ୍କ ଘର ଏବଂ ସେମାନଙ୍କ ଅଗଣାରେ ଜମି ରହିଥିବା ଜଳ ନିଷ୍କାସନ ବେଳେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବିଦ୍ୟୁତ ଆଘାତରେ ଜଣେ ଅଗ୍ନିଶମ ବାହିନୀ ଯବାନଙ୍କର ଦୁଃଖଦ ମୃତ୍ୟୁ ହୋଇଛି। ଉକ୍ତ ଯବାନ ହେଉଛନ୍ତି ଚନ୍ଦନ ପଟ୍ଟନାୟକ। ତାଙ୍କ ମୂଳ ଘର ଅନୁଗୋଳ ଜିଲ୍ଲାରେ ବୋଲି ଜଣାପଡ଼ିଥିଲା ବେଳେ କେନ୍ଦୁଝର ଟାଉନ ପୁଲିସ ଘଟଣାସ୍ଥଳରେ ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲାରେ ଶବ ବ୍ୟବଚ୍ଛେଦ କରାଇଛି। ଘଟଣାଟି ସାରା କେନ୍ଦୁଝରରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତଦେହକୁ ତାଙ୍କ ପୈତୃକ ବାସଗୃହକୁ ପଠାଇବାର ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ, ସମ୍ପୃକ୍ତ ଘର ମାଲିକ ବିଦ୍ୟୁତ ବିଭାଗର ବିନାନୁମତିରେ ନିଜ ଘରୁ ଖୋଲାମେଲା ତାରରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ବିଦ୍ୟୁତ ସଂଯୋଗ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଟାଟା ପାୱାର କମ୍ପାନୀ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହେଉଛି।



ସୂଚନା ଅନୁସାରେ, ଦୁଇ ଦିନ ଧରି ଲଗାଣ ବର୍ଷାରେ କେନ୍ଦୁଝର ସହରର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ରାସ୍ତାଘାଟ ଘରଦ୍ୱାର ସବୁଆଡେ ପାଣି ଭରି ଯାଇଥିଲା। ମଙ୍ଗଳବାରଠାରୁ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ କରିବା ପାଇଁ କେନ୍ଦୁଝରଗଡ ପୌରପାଳିକା ଓ ଅଗ୍ନିଶମବାହିନୀର ୧୦ଟି ଟିମ୍ ଦିନରାତ୍ରି କାମରେ ଲାଗିଥିଲେ। ବୁଧବାର ସକାଳେ ପାଳି ଥିଲା ଟାଉନ ଥାନା ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ ପୁଲିସ କ୍ଲବ୍ ଏବଂ ପାଖରେ ଥିବା ବିଭିନ୍ନ ଘର। ଦୁଇଟି ଟିମ୍ ମଧ୍ୟରୁ ଗୋଟିଏ ଟିମ୍ ପୁଲିସ କ୍ଲବରେ ଜଳ ନିଷ୍କାସନ କରୁଥିବା ବେଳେ ଅନ୍ୟ ଟିମଟି ନିକଟସ୍ଥ ବିଜୟ ଦାଶଙ୍କ ଘର ଓ ଅଗଣାରୁ ପାଣି ନିଷ୍କାସନ କରୁଥିଲେ। ସେହି ଟିମରେ ସାମିଲ୍ ଥିଲେ ଚନ୍ଦନ। ଆଣ୍ଠୁଏ ପାଣିରେ ପଶି ଘର ଭିତରେ ପାଇପ୍ ପକାଇବା ସହ ଜଳ ନିଷ୍କାସନ କାର୍ଯ୍ୟ ଆରମ୍ଭ କରିଥିଲେ। ଲୁଗା ଶୁଖାଇବା ପାଇଁ ଏକ ଜିଆଇ ତାର ଘର ଅଗଣାରୁ ଅନ୍ୟ ଅଗଣାକୁ ବନ୍ଧା ହୋଇଥିଲା। ଉକ୍ତ ତାରରେ ଓଦା ଲୁଗା ମଧ୍ୟ ଶୁଖା ଯାଇଥିଲା। କୌଣସି କାରଣରୁ ସେହି ତାରଟିରେ ବିଜୁଳି କରେଣ୍ଟ ସଂଯୋଗ ହୋଇଯାଇଥିଲା। ସେହି ସମୟରେ ପାଣି ଭିତରେ ଥାଇ ଉକ୍ତ ଜିଆଇ ତାର ଉପରେ ଚନ୍ଦନଙ୍କ ହାତ ବାଜିଯାଇଥିଲା। ଫଳରେ ଶକ୍ତ କରେଣ୍ଟ ଖାଇ ସେ ତଳେ ପଡ଼ି ଯାଇଥିଲେ। ସହକର୍ମୀ ଅଗ୍ନିଶମ ଯବାନମାନେ ସଙ୍ଗେ ସଙ୍ଗେ ନିକଟରେ ଥିବା ଏକ ପ୍ଲାଷ୍ଟିକ ପାଇପ୍ ଯୋଗେ ଜିଆଇ ତାରଟିକୁ ଟାଣି ଛିଣ୍ଡାଇ ଯବାନ ଜଣଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଅଳ୍ପମାସ ହେବ କେନ୍ଦୁଝର ଅଗ୍ନିଶମ କାର୍ଯ୍ୟାଳୟରେ ନିୟୋଜିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏଥିରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।


**ମୁଖ୍ୟମନ୍ତ୍ରୀଙ୍କ ଶୋକ**

# ନାଳର ପ୍ରଖର ସ୍ରୋତରେ ଭାସିଯାଇ ମହିଳା ସହ ଶିଶୁ ମୃତ

ତେଲକୋଇ, ୨୯।୭(ସମିସ): ବନ୍ୟା ଜଳରେ ଭାସିଯାଇ ଦୁଇ ଜଣଙ୍କ ପ୍ରାଣହାନି ଘଟିଛି। ଦୁଇ ମୃତକ ମଧ୍ୟରୁ ଜଣେ ମହିଳା ହୋଇଥିବା ବେଳେ ଅନ୍ୟ ଜଣେ ଶିଶୁ। ମୃତ ମହିଳା ହେଲେ କନ୍ତଲେଇ ଡାଡିଆ ସାହିର ଆଖରି ଦେହୁରୀ(୫୮)। ମୃତକ ଶିଶୁକନ୍ୟା ହେଲା କାଳିଆହତା ଗ୍ରାମ ଘାସିଡ଼ାହି ସାହିର ସିଡୁମ୍ ମୁଣ୍ଡାଙ୍କ ବର୍ଷକର ଝିଅ ଏଲିନା ମୁଣ୍ଡା। ପୃଥକ ସ୍ଥାନରେ ବନ୍ୟାଜଳରେ ଭାସିଯାଇ ସେମାନଙ୍କ ମୃତ୍ୟୁ ହୋଇଛି। କନ୍ତଲେଇ ଦାଡିଆ ସାହିର ଅଖାରୀ ଦେହୁରୀ ୨୮ ତାରିଖ ଦିନ ସ୍ୱାମୀ ରଙ୍ଗାଧର ଦେହୁରୀଙ୍କ ସହିତ ଗାଇ ଚରାଇବାକୁ ଯାଇଥିଲେ। ଅପରାହ୍ନରେ ଘରକୁ ଫେରିବା ବେଳେ ଦାଡିଆ ସାହିକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ପାର୍ଶ୍ୱରୁ ଅଖାରି ବନ୍ୟା ଜଳରେ ଭାସି ଯାଇଥିଲେ। ସନ୍ଧ୍ୟା ସମୟରେ ଗ୍ରାମବାସୀ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ସନ୍ଧାନ ପାଇ ନଥିଲେ। ବୁଧବାର ସକାଳେ ଅଗ୍ନିଶମ ବିଭାଗ ଖୋଜାଖୋଜି ପରେ କିଛି ଦୂରରେ ଥିବା ଏକ ତାଳ ଗଛ ବୁଦାରେ ମୃତଦେହ ଠାବ କରିଥିଲେ। ସେହିପରି କାଳିଆହତା ଗ୍ରାମବାସୀ ଡାହିସାହିର ଶିଶୁ ଏଲିନା ମୁଣ୍ଡା ବୁଧବାର ପିଲାଙ୍କ ସହିତ ଘର ପାଖ ନାଳକୁ ଯାଇଥିବା ବେଳେ ସେଠାରେ ଭାସି ଯାଇଥିଲା। ଅଗ୍ନିଶମ ବାହିନୀ ଦୀର୍ଘ ୧ କିମି ତଳେ ଶିଶୁର ମୃତଦେହ ଠାବ କରିଥିଲେ। ଉଭୟ ମୃତଦେହକୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ପଠାଯାଇଛି। ଘଟଣାକୁ ନେଇ ତେଲକୋଇ ଥାନା ପକ୍ଷରୁ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



# ବୁଢ଼ାବଳଙ୍ଗ ନଦୀରେ ବନ୍ୟା: ୬୪ ଗାଁ ଜଳବନ୍ଦୀ



ବାଲେଶ୍ୱର,୨୯।୭(ସମିସ): ଲଘୁଚାପଜନିତ ବର୍ଷା ପରେ ଏବେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଦେଖାଦେଇଛି। ଚଳିତ ବର୍ଷରେ ଏହି ନଦୀରେ ପ୍ରଥମ ବନ୍ୟା ଆସିଛି। ଏଥିରେ ସଦର ବ୍ଲକର ୧୨ଟି ପଞ୍ଚାୟତର ୬୪ଟି ଗାଁ ଏବେ ଜଳବନ୍ଦୀ। ବହୁ ଗାଁ ଏବେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ସେମାନଙ୍କ ନିକଟରେ ରିଲିଫ ସାମଗ୍ରୀ ପହଁଚିପାରି ନାହିଁ। ବାଲେଶ୍ୱର ସହରକୁ ଆସିବା ପାଇଁ ଦହପଡା ଠାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଥିବା ବେଳେ ବାଲିଘାଟ ପୋଲ ନିକଟସ୍ଥ ଘୋଡାପଦା ସିନ୍ଧିଆ ଠାରୁ ସମସ୍ତ ତଳି ଅଞ୍ଚଳକୁ ଏବେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ହଜାର ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି।

ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ପାଇଥିବାରୁ ସଦର ବ୍ଲକର ୧୨ଟି ପଂଚାୟତ ଏବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିବା ବେଳେ ବୋଟ ଯୋଗେ ଲୋକମାନଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳିରେ ରଖାଯାଉଛି। ବିଶେଷ କରି ଆଜି ଅପରାହ୍ନ ୨ଟା ସୁଦ୍ଧା ବୁଢ଼ାବଳଙ୍ଗ ନଦୀର ଜଳସ୍ତର ୮.୬୬ମିଟରରେ ସ୍ଥିର ରହିଛି। ଆଜି ପୂର୍ଣ୍ଣମୀ ଥିବାରୁ ସମୁଦ୍ର ପାଣି ଟାଣୁ ନଥିବା ବେଳେ ତାହା ଗାଁଗୁଡିକୁ ମାଡି ଯାଇଛି। ବୁଢ଼ାବଳଙ୍ଗ ନଦୀ କୂଳିଆ ଅଂଚଳ ଗୁଡିକରେ ବସବାସ କରୁଥିବା ଲୋକମାନେ ଜଳବନ୍ଦୀରେ ରହି ଯାଇଛନ୍ତି। ବିଶେଷକରି ଫୁଲାଡି ନିକଟସ୍ଥ ନଦୀକୂଳିଆ ଅଞ୍ଚଳରେ ବସବାସ କରୁଥିବା ୧୧ଟି ପରିବାର ଏବେ ପାଣିଘେରରେ ରହିଛନ୍ତି। ସଦର ବ୍ଲକର ବଇଁଚା, ବୁଆଁଳି, ଚାନ୍ଦିପୁର, ଗୋପୀନାଥପୁର, କୁରାଡ଼ିଆ, ନଗ୍ରମ, ଓଲନ୍ଦା ସାରଗାଁ, ଓଡ଼ଙ୍ଗୀ, ପରୀକ୍ଷୀ, ପାତ୍ରପଡା, ସିନ୍ଧିଆ ଓ ଶ୍ରୀକୋଣା ପଂଚାୟତର ସହ ବିଭିନ୍ନ ପଂଚାୟତ ସମେତ ତୋଟାପାଳ, ପାଖରାବାଡ, ରଘୁନାଥପୁର, ବଳରାମଗଡି, ମୀର୍ଜାପୁର,ଚାନ୍ଦିପୁର, ନଳକୂଳୀ, ମାଣିକୁଲା, କାଠପାଳ, ପରମାନନ୍ଦପୁର, ଫୁଲୱାରକସବା, କଂଟାବଣିଆ ଆଦି ୬୪ଟି ଗାଁ ପାଣିଘେରରେ ରହିଛି। ବଇଁଚା ପଂଚାୟତର ମୁଖ୍ୟ ରାସ୍ତାରେ ୫ଫୁଟରୁ ଅଧିକ ଉଚ୍ଚତାର ପାଣି ଚାଲୁଥିବା ବେଳେ ସୁଅ ପ୍ରଖର ରହିଛି। ପାଖାପାଖି ଅଞ୍ଚଳର ଲୋକେ ଖାଦ୍ୟ ଆଣିବା ପାଇଁ ବାହାରକୁ ଯିବା ଆସିବା କରିପାରୁ ନାହାନ୍ତି। ସେଠାକାର ସ୍ଥାନୀୟ ଲୋକଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଗୃହ ପାଳିତ ପାଶୁମାନଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରାଯାଇଛି। ସଦର ବିଡ଼ିଓ ଉତ୍ତମ କୁମାର ଜେନା କହିଛନ୍ତି ଯେ, ବୁଢ଼ାବଳଙ୍ଗ ନଦୀରେ ଭୟଙ୍କର ବନ୍ୟା ଆସିବା ଫଳରେ ବହୁ ଗାଁ ଏବେ ଜଳବନ୍ଦୀରେ ରହିଛନ୍ତି। ଗତକାଲି ଠାରୁ ଆଜି ପର୍ଯ୍ୟନ୍ତ ୭ହଜାରରୁ ଅଧିକ ଲୋକ ଜଳବନ୍ଦୀରେ ରହିଛନ୍ତି। ସେଥିମଧ୍ୟରୁ ପୁରୁଷ ହେଉଛନ୍ତି ୩୫୪୦,ମହିଳା ହେଉଛନ୍ତି ୩୧୫୮ ଏବଂ ଛୋଟ ପିଲା ହେଉଛନ୍ତି ୮୦୨। ସେଥିମଧ୍ୟରୁ ଏବେ ସୁଦ୍ଧା ୭୯୦ଜଣ ପୁରୁଷ,୬୨୦ଜଣ ମହିଳା ଏବଂ ୧୨୦ଜଣ ଛୋଟ ପିଲାମାନଙ୍କୁ ଉଦ୍ଧାର କରାଯାଇଛି। ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହାବ୍ୟତିତ ଉଦ୍ଧାର ହୋଇଥିବା ଲୋକଙ୍କୁ ୧୭ଟି ସେଣ୍ଟରରେ ରଖା ଯାଇ ସେମାନଙ୍କୁ ରନ୍ଧାଖାଦ୍ୟ ମଧ୍ୟ ପ୍ରଦାନ କରାଯାଉଛି। ଏହାଛଡା ୧୨ଟି ମାଟି ଘର ଭାଙ୍ଗିଯାଇଥିବା ସେ କହିଛନ୍ତି।

# +୩ ନାମଲେଖା ପାଇଁ ତୃତୀୟ ରାଉଣ୍ଡ ମେଧା ତାଲିକା

ଭୁବନେଶ୍ୱର, ୨୯।୭(ସମିସ): +୩ ନାମଲେଖା ପାଇଁ ତୃତୀୟ ରାଉଣ୍ଡ ମେଧା ତାଲିକା ଆଜି ପ୍ରକାଶ ପାଇଛି। ଏହି ରାଉଣ୍ଡରେ ୫୩,୬୫୬ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨୧,୮୭୯ ଜଣ ଛାତ୍ର, ୩୧,୭୭୩ ଜଣ ଛାତ୍ରୀ ମହିଳା ଓ ୪ ଜଣ ତୃତୀୟ-ଲିଙ୍ଗୀ ରହିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟର କଟ୍‌ଅଫ୍ ମାର୍କ ସର୍ବାଧିକ ରହିଛି। କଳାରେ ଇଂରାଜୀ ବିଷୟ ପାଇଁ ୯୪.୮୦% ରହିଥିବା ବେଳେ ବିଜ୍ଞାନରେ ପଦାର୍ଥ ବିଜ୍ଞାନ ପାଇଁ ୯୫.୬୭% ମାର୍କ ରହିଛି। ସେହିପରି ଜୀବ ବିଜ୍ଞାନରେ ୯୩.୫୦%, ବାଣିଜ୍ୟରେ ୯୧.୮୩%, ଶାସ୍ତ୍ରୀରେ ୫୮.୨୯%, ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ କମ୍ପ୍ୟୁଟର ସାଇନ୍ସର ୯୨% କଟଅଫ୍ ରହିଛି। ଆଇନ ପାଠ୍ୟକ୍ରମରେ ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ପାଇଁ ୮୬.୫୦% କଟଅଫ୍ ଯାଇଛି। ନାମଲେଖା ପାଇଁ ଚୟନ ହୋଇଥିବା ପିଲାମାନେ ଅଗଷ୍ଟ ୧ ତାରିଖ ସୁଦ୍ଧା ନାମଲେଖା ସାରିବେ। ଚଳିତ ବର୍ଷ ସ୍ନାତକରେ ନାମଲେଖା ପାଇଁ ମୋଟ ୨,୮୭,୫୧୯ଟି ସିଟ୍ ରହିଛି। ପ୍ରଥମ ରାଉଣ୍ଡରେ ୮୮,୪୮୦ ଏବଂ ଦ୍ୱିତୀୟ ରାଉଣ୍ଡରେ ୩୦,୧୫୦ ଛାତ୍ରଛାତ୍ରୀ ନାମଲେଖାଇଛନ୍ତି।

**ବୈତରଣୀ ଓ କାଣୀ ବନ୍ୟାରେ ଉବୁଟୁବୁ ଦଶରଥପୁର**

# ଡୋଭାବିଲ ପଟଣାସାହିରେ ୩ ଶହ ଫୁଟର ଘାଇ



ଯାଜପୁର/ଦଶରଥପୁର/କୟାଁଗୋଲା, ୨୯।୭ (ସମିସ): ବୈତରଣୀ ଓ ଏହାର ଶାଖା କାଣୀ ନଦୀରେ ବଡ଼ ବନ୍ୟା ଆସିବା ଯୋଗୁ ଅଧା ଦଶରଥପୁର ବ୍ଲକର ହଜାର ହଜାର ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ତରପଦା ପଞ୍ଚାୟତ ଡୋଭାବିଲ ଗ୍ରାମ ପଟଣାସାହି ନିକଟରେ କାଣୀ ନଦୀର ଡାହାଣ ପାଶ୍ୱର୍ ବନ୍ଧରେ ପାଖାପାଖି ୩ ଶହ ଫୁଟ ଆକାରର ଘାଇ ସୃଷ୍ଟି ହୋଇଛି। ଘାଇ ଯୋଗୁ ଦଶରଥପୁର ବ୍ଲକର ତରପଦା, ଛଞ୍ଚିଣା, ମଲ୍ଲିକାପୁର, କସପା, ଦଶରଥପୁର, ଦୁଦୁରାଅନ୍ତା, କନିକାପଡା, ଶୁଶୁଆ, ନିଜାମପୁର, ଖାନନଗର, କମାରଢିହି, କୟାଁ, ବିରିପଟା, ଜାଫରପୁର, ପାଲଟପୁର, ମଙ୍ଗଳପୁର ଆଦି ପଞ୍ଚାୟତର ୪୦ହଜାରରୁ ଅଧିକ ଲୋକ ପ୍ରଭାବିତ ହେବାର ଆଶଙ୍କା ବୃଦ୍ଧିପାଇଛି। ସେହିପରି ବୈତରଣୀ ନଦୀରେ ବଡ଼ ବନ୍ୟା ଯୋଗୁ ବ୍ଲକର କଟିକଟା, ଜୟନ୍ତରା, ଦଉପୁର, ଖାନନଗର, ନିଜାମପୁର, କମାରଢିହି ଓ କୟାଁ ପଞ୍ଚାୟତରେ ସ୍ଥିତି ସଙ୍ଗୀନ ହୋଇପଡିଛି। କଟିକଟା ମାଝୀ ସାହି ଓ ତରାଇ ସାହି ନିକଟ ବୈତରଣୀ ନଦୀ ବନ୍ଧ ଉପରେ ୫ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେବା ସହିତ ଉଭୟ ସାହିରେ ବନ୍ୟା ଜଳ ପ୍ରବେଶ କରିବାରୁ ଏନ୍‌ଡିଆରଏଫ୍ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରିଛନ୍ତି। ଜୟନ୍ତରା ପଞ୍ଚାୟତ ମହାପାତ୍ର ସାହି ଘେରିବନ୍ଧ ଅତିକ୍ରମ କରି ସୋମବାର ରାତିରୁ ବନ୍ୟା ଜଳ ଜନବସତିରେ ପ୍ରବେଶ କରିବାରୁ ଜୟନ୍ତରା ଗ୍ରାମର ମହାପାତ୍ର ସାହି ଓ ବ୍ରାହ୍ମଣ ସାହିରେ ମଙ୍ଗଳବାର ସକାଳୁ ପ୍ରଶାସନ ପକ୍ଷରୁ ଏନ୍‌ଡିଆରଏଫ ଟିମ୍ ଉଭୟ ସାହିରେ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ଥଇଥାନ କରିଥିବା ପରିଲକ୍ଷିତ ହୋଇଛି। ସେହିପରି କାଣୀ ନଦୀର ଜଙ୍ଗଲିସାହି, ବ୍ରହ୍ମଚାରୀପାଟଣା, ପଛପଡା ସମେତ ମଲ୍ଲିକାପୁର, ଦୁଦୁରାଅନ୍ତା ପଞ୍ଚାୟତ କଣ୍ଟପଡାକୁ ସଂଯୋଗ କରୁଥିବା ନଦୀ ବନ୍ଧ ବନ୍ୟା ପାଣିରେ ଉବୁଟୁବୁ ହେଉଥିବା ଦେଖିବାକୁ ମିଳିଛି। ବ୍ଲକ ବନ୍ୟା ନିୟନ୍ତ୍ରଣ ବିଭାଗ ଦାୟିତ୍ୱରେ ଥିବା ଜରୁରୀକାଳୀନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କ ସୂଚନା ଅନୁଯାୟୀ ସୋମବାର ଅପରାହ୍ନ ସୁଦ୍ଧା ବ୍ଲକର କଟିକଟା, ଜୟନ୍ତରା, ଦଉପୁର, କସପା, କୟାଁ ଆଦି ପଞ୍ଚାୟତର ୧୦ଟି ଆଶ୍ରୟସ୍ଥଳରେ ୧୭୨୨ଜଣ ବନ୍ୟା ପ୍ରଭାବିତଙ୍କୁ ଉଦ୍ଧାର କରାଯାଇ ଥଇଥାନ କରାଯିବା ସହିତ ସେମାନଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ମଧ୍ୟାହ୍ନରେ କାଣୀ ଜଙ୍ଗଲିସାହି ନିକଟ ନଦୀ ବନ୍ଧ ଉପରେ ହଠାତ ୮ ଫୁଟ ଆକାରର ଏକ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ତୁରନ୍ତ ଉକ୍ତ ଗର୍ତ୍ତକୁ ବାଲିବସ୍ତା ମାଧ୍ୟମରେ ମରାମତି କରାଯିବାରୁ ସେଠାରେ ଆଉ ଗୋଟିଏ ଘାଇ ସୃଷ୍ଟି ହେବାର ବିପଦ ଟଳିଥିଲା।

# ବନ୍ୟା ପାଣିରେ ବୁଡ଼ିଲା ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟ ସଡ଼କ

ବେତାଳିଗାଁ,୨୯।୭(ସମିସ): ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ଭଦ୍ରକରୁ ଆଖଣ୍ଡଳମଣିକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କର ମଙ୍ଗଳପୁର, ଉଚପଦା, ଅସୁରାଳି, କୋଠାର, ସୂର୍ଯ୍ୟପୁର, ପାୟାସାହି ଏବଂ ପନ୍ଦରବାଟିଆ ସମେତ ବିଭିନ୍ନ ସ୍ଥାନରେ ବନ୍ୟା ପାଣି ରାସ୍ତା ଉପରେ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ହଜାର ହଜାର ଲୋକ ଯାତାୟାତରେ ଚରମ ଦୁର୍ଦ୍ଦଶା ଭୋଗୁଥିବାବେଳେ ଜରୁରୀ ସେବା ମଧ୍ୟ ପ୍ରଭାବିତ ହୋଇଛି। ବନ୍ୟା ପରିସ୍ଥିତି ଯୋଗୁଁ ସାଧାରଣ ଲୋକଙ୍କ ସହ ଗାଇଗୋରୁ ଓ ଅନ୍ୟାନ୍ୟ ଗୃହପାଳିତ ପଶୁଙ୍କ ସୁରକ୍ଷା ନେଇ ମଧ୍ୟ ଚିନ୍ତା ବଢ଼ିଛି। ଅନେକ ସ୍ଥାନରେ ପଶୁଖାଦ୍ୟର ଅଭାବ ଦେଖାଦେଇଥିବା ବେଳେ ବନ୍ୟା ପାଣି ଚାଷଜମିରେ ପ୍ରବେଶ କରି ବ୍ୟାପକ ଫସଲ କ୍ଷତି ଘଟାଇଛି। ଏଥିରେ ଚାଷୀମାନେ ଆର୍ଥିକ କ୍ଷତିକୁ ନେଇ ଗଭୀର ଚିନ୍ତାରେ ପଡ଼ିଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପ୍ରତିବର୍ଷ ବର୍ଷା ଋତୁ ଆସିଲେ ଏହି ସଡ଼କରେ ସମାନ ପରିସ୍ଥିତି ସୃଷ୍ଟି ହେଉଛି। ସ୍ଥାୟୀ ପଦକ୍ଷେପର ଅଭାବରୁ ବର୍ଷକୁ ବର୍ଷ ଲୋକେ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟବାସିନ୍ଦାମାନେ ରାସ୍ତାର ଉଚ୍ଚତା ବୃଦ୍ଧି, ଆବଶ୍ୟକ ସ୍ଥାନରେ ଅଧିକ କଲଭର୍ଟ କିମ୍ବା ସେତୁ ନିର୍ମାଣ, ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର ଏବଂ ଦୀର୍ଘମିଆଦି ବନ୍ୟା ନିୟନ୍ତ୍ରଣ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି।

## ବର୍ଷା ଓ ବନ୍ୟା କ୍ଷୟକ୍ଷତି ଆକଳନ ପାଇଁ ପ୍ରଶାସନ ସକ୍ରିୟ

# ୩୭,୫୩୪ ଲୋକ ପ୍ରଭାବିତ; ୫ ହଜାର ଲୋକ ସ୍ଥାନାନ୍ତର

କେନ୍ଦୁଝର/ତେଲକୋଇ, ୨୯।୭ (ସମିସ)

ଜିଲ୍ଲାରେ କ୍ରମାଗତ ବର୍ଷା ଯୋଗୁଁ ପ୍ରଭାବିତ ହୋଇଥିବା ଲୋକଙ୍କ ଜୀବନ ରକ୍ଷା ଏବଂ ପ୍ରଭାବଶାଳୀ ବନ୍ୟା ପରିଚାଳନା ନିଶ୍ଚିତ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍ଧାର, ସ୍ଥାନାନ୍ତର, ସହାୟତା ବଣ୍ଟନ ଏବଂ ପୁନର୍ବାସ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ବନ୍ୟା ଜଳ ବିଭିନ୍ନ ବ୍ଲକ ଏବଂ ସହରାଞ୍ଚଳ ସଂସ୍ଥାର ୯୩ଟି ଗ୍ରାମ ଏବଂ ପଡ଼ାର ୪୯ଟି ଗ୍ରାମ ପଞ୍ଚାୟତ/ୱାର୍ଡକୁ ପ୍ରଭାବିତ କରିଛି, ଯାହା ଦ୍ୱାରା ୩୭,୫୩୪ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ବିପଦପୂର୍ଣ୍ଣ ଅଞ୍ଚଳରୁ ୫,୪୧୮ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ତୁରନ୍ତ ସହାୟତା ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ୧୭ଟି ମାଗଣା ରୋଷେଇ ଶାଳ କାର୍ଯ୍ୟକ୍ଷମ କରାଯାଇଛି, ଯେଉଁଥିରେ ୩,୮୫୯ ଜଣ ବୟସ୍କ ଏବଂ ୭୬୭ ଜଣ ଶିଶୁଙ୍କ ସମେତ ସମୁଦାୟ ୪,୬୨୬ ଜଣ ଲୋକ ଉପକୃତ ହେଉଛନ୍ତି। ପ୍ରଭାବିତ ପରିବାରଗୁଡ଼ିକୁ ନିୟମିତ ଭାବେ ଖାଦ୍ୟ ପ୍ୟାକେଟ୍, ରନ୍ଧା ଖାଦ୍ୟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଉଛି। ଜିଲ୍ଲା ପ୍ରଶାସନ ପ୍ରଭାବିତ ଅଞ୍ଚଳରେ ୧୩୧ଟି ପଲିଥିନ ସିଟ୍ ସହିତ ଚାଉଳ, ଚୁଡ଼ା, ଚିନି, ବିସ୍କୁଟ ଏବଂ ପିଇବା ପାଣି ବୋତଲ ସମେତ ରିଲିଫ୍ ସାମଗ୍ରୀର ସମୟୋଚିତ ବଣ୍ଟନ ମଧ୍ୟ ନିଶ୍ଚିତ କରିଛି। ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଯେପରି ସହାୟତା ପହଞ୍ଚିପାରିବ ସେଥିପାଇଁ ରିଲିଫ୍ ବଣ୍ଟନର କ୍ରମାଗତ ଅନୁଧ୍ୟାନ କରାଯାଉଛି।





### ସ୍ୱାଭାବିକ ହେଉଛି ତେଲକୋଇ ବ୍ଲକ୍ ଅଞ୍ଚଳ

ସବୁଠାରୁ ଅଧିକ ପ୍ରଭାବିତ ଅଞ୍ଚଳ ମଧ୍ୟରେ ହାଟଡିହି ବ୍ଲକରେ ସର୍ବାଧିକ ୩୧,୭୮୦ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ଆନନ୍ଦପୁର ବ୍ଲକ, ତେଲକୋଇ ବ୍ଲକ ଏବଂ ଆନନ୍ଦପୁର ପୌରପାଳିକାରେ ମଧ୍ୟ ବ୍ୟାପକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି, ଯାହାଫଳରେ ବୃହତ ମାତ୍ରାରେ ସ୍ଥାନାନ୍ତର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି, ଯେଉଁଥିରେ ତେଲକୋଇରେ ୨୨୧ ମିଲିମିଟର, କେନ୍ଦୁଝର ସଦରରେ ୧୨୫.୨ ମିଲିମିଟର ଏବଂ ଆନନ୍ଦପୁର ପୌରପାଳିକାରେ ୮୯.୬ ମିଲିମିଟର ବର୍ଷା ହୋଇଛି।

ଆକଳନ ଅନୁଯାୟୀ, ୯ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଘର, ୧୯୨ଟି ଆଂଶିକ କ୍ଷତିଗ୍ରସ୍ତ ଘର ଏବଂ ୪ଟି ଗୋଶାଳା ନଷ୍ଟ ହୋଇଛି, ଯାହା ପାଇଁ ସରକାରୀ ନିୟମ ଅନୁଯାୟୀ କ୍ଷୟକ୍ଷତି ଆକଳନ ଏବଂ ସହାୟତା ପ୍ରଦାନ କାର୍ଯ୍ୟ କରାଯାଉଛି। ସମସ୍ତ ସମ୍ପୃକ୍ତ ବିଭାଗର ଅଧିକାରୀ, ଅଗ୍ନିଶମ ସେବା, ଓଡ୍ରାଫ୍, ସ୍ଥାନୀୟ ପ୍ରଶାସନ ଏବଂ ଜରୁରୀକାଳୀନ ମୁକାବିଲା ଦଳ ହାଇ ଆଲର୍ଟରେ ଅଛନ୍ତି। ନଦୀର ଜଳସ୍ତର, ଦୁର୍ବଳ ନଦୀବନ୍ଧ ଏବଂ ବନ୍ୟା ପ୍ରବଣ ଅଞ୍ଚଳର କ୍ରମାଗତ ଅନୁଧ୍ୟାନ କରାଯାଉଛି, ଅପରପକ୍ଷେ କ୍ଷେତ୍ର ଅଧିକାରୀମାନଙ୍କୁ ନିରବଚ୍ଛିନ୍ନ ରିଲିଫ୍, ଯୋଗାଯୋଗର ପୁନରୁଦ୍ଧାର ଏବଂ ଯେକୌଣସି ଜରୁରୀ ପରିସ୍ଥିତିର ତୁରନ୍ତ ମୁକାବିଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପଟେ, ତେଲକୋଇ ବ୍ଲକ୍ ଅଞ୍ଚଳରେ ୩୮ଟି ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି। ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ କ୍ଷତିଗ୍ରସ୍ତଙ୍କୁ ପାଲ ବଣ୍ଟନ କରାଯାଇଥିବା ବେଳେ କ୍ଷୟକ୍ଷତିର ଆକଳନ କରାଯାଇଛି। ସୂଚନାଯୋଗ୍ୟ, ଗତକାଲି ବନ୍ୟା ପାଣି ଘେରରେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ମୁଖ୍ୟାଳୟ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ପଡ଼ିଥିଲା।



ତୁରୁମୁଙ୍ଗା: ସାହାରପଡା ବ୍ଲକ କପୁଣ୍ଡି ଗ୍ରାମ ରୁଗୁଡ଼ିଭାଡ଼ି ସାହି ନିକଟସ୍ଥ ବୈତରଣୀ କୂଳରୁ ଏକ ଟେକା ଜାଲରେ ଫସିଲା ୨୫ କିଲିଆ ଭାକୁଡ଼ ମାଛ

## ବନ୍ୟାଞ୍ଚଳ ସ୍ଥିତି ଅନୁଧ୍ୟାନ କଲେ ବିଧାୟକ



ହାଟଡ଼ିହୀ,୨୯।୭ (ସମିସ): ହାଟଡ଼ିହୀ ଅଞ୍ଚଳର ମୁଗୁପୁର, ତରଭା, ବରେଶ୍ୱର, ଯଶୋବନ୍ତପୁର, ଆମ୍ବୋ, ସମଣା, ହାବଳେଶ୍ୱର, ଆଇତିପୁର, ଗେଡ଼ମା ଆଦି ତଳ ଅଞ୍ଚଳରେ ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି ଆନନ୍ଦପୁର ବିଧାୟକ। ଅପରାହ୍ନରେ ବିଧାୟକ ଅଭିମନ୍ୟୁ ସେଠୀ ଉପଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବିଡ଼ିଓ, ତହସିଲଦାର ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିଥିଲେ। ବାତ୍ୟା ପୀଡ଼ିତଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ କହିଛନ୍ତି। ନଦୀକୂଳିଆ ଗାଁ ମଧ୍ୟରେ ପ୍ରାୟ ୧୪ରୁ ଊର୍ଦ୍ଧ୍ୱ ଗ୍ରାମ ଏବେବି ଜଳବନ୍ଦୀ ଥିବାବେଳେ ବିଧାୟକ ଶ୍ରୀ ସେଠୀ ଉକ୍ତ ଅଞ୍ଚଳରେ ସ୍ଥିତି ଅନୁଧ୍ୟାନ କରିଥିବା ଦେଖାଯାଇଛି। ଏହି ସମୟରେ ଛାତ୍ର ବିଜେଡ଼ି ସଭାପତି ଅମରେନ୍ଦ୍ର ଧଳ, ଜିଲ୍ଲା ଯୁବ ବିଜେଡ଼ି ସଭାପତି ଦୀପ୍ତିରଞ୍ଜନ ଦାସ, ଯୁବ ସମାଜସେବୀ ବୁଲୁ ରାଉତ, ଟୁନା ପଟ୍ଟନାୟକ, ମନୋରଞ୍ଜନ ପଣ୍ଡା, ଶଙ୍କର୍ଷଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପାଟଣା-ସାହାରପଡ଼ା ଅଞ୍ଚଳରେ ଭାଙ୍ଗିଲା ୧୦୯ ଘର

ତୁରୁମୁଙ୍ଗା, ୨୯।୭ (ସମିସ): ଲଗାଣ ବର୍ଷା ପ୍ରଭାବରେ ପାଟଣା ଓ ସାହାରପଡା ତହସିଲ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅବିଶ୍ରାନ୍ତ ବର୍ଷା ଯୋଗୁଁ ଅନେକ କଚ୍ଚା ଘର ଓ ଗୁହାଳ ଭୁଶୁଡ଼ି ପଡ଼ିଥିବାରୁ ପ୍ରଭାବିତ ପରିବାର ଲୋକେ ଦୁଃଖ ଦୁର୍ଦ୍ଦଶାରେ ଦିନ କାଟିବା ସହ ପର ଘରେ ଆଶ୍ରୟ ନେଇଛନ୍ତି। ପ୍ରଶାସନ ପକ୍ଷରୁ ମିଳିଥିବା ପ୍ରାଥମିକ ସୂଚନା ଅନୁସାରେ, ପାଟଣା ଓ ସାହାରପଡା ତହସିଲ ଅଞ୍ଚଳରେ ମୋଟ ୧୦୯ଟି ଘର କ୍ଷତିଗ୍ରସ୍ତ ହୋଇଛି। ସେଥିମଧ୍ୟରୁ ପାଟଣା ତହସିଲରେ ମୋଟ ୮୪ଟି କଚ୍ଚା ଘର ଏବଂ ୧୨ଟି ଗୁହାଳ ଘର ଭାଙ୍ଗିଯାଇଛି। ସାହାରପଡା ତହସିଲ ଅଞ୍ଚଳରେ ୧୩ଟି ଘର କ୍ଷତିଗ୍ରସ୍ତ ହୋଇଛି। ଅନେକ ପରିବାର ଖୋଲା ଆକାଶ ତଳେ ଏବଂ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି। ବର୍ଷା ଛାଡିବା ପରେ ସ୍ଥାନୀୟ ପ୍ରଶାସନ ଓ ରାଜସ୍ୱ ବିଭାଗର କର୍ମଚାରୀମାନେ ପ୍ରଭାବିତ ଅଞ୍ଚଳକୁ ଯାଇ କ୍ଷୟକ୍ଷତିର ଆକଳନ କରିଛନ୍ତି। ଯୋଗ୍ୟ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ନିୟମ ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ଅପରପକ୍ଷରେ, ପାଟଣା ଅଞ୍ଚଳରେ ରାସ୍ତା ଘାଟ ଧୋଇଯିବା ଫଳରେ ଗମନାଗମନ ବ୍ୟାହତ ହୋଇଥିଲା। ମଙ୍ଗଳପୁର ଭୀମକୁଣ୍ଡ ପୂର୍ତ୍ତ ବିଭାଗ





### ମଙ୍ଗଳପୁର ଭୀମକୁଣ୍ଡ ରାସ୍ତା ସ୍ୱାଭାବିକ

ରାସ୍ତାର ବେଗନାଖମଣ ନିକଟରେ ଥିବା କଲଭର୍ଟ ପୋଲ ଧୋଇଯିବା ସହ ରାସ୍ତାରେ ବିରାଟ ଘାଇ ସୃଷ୍ଟି ହୋଇଥିଲା। ଫଳରେ ମଙ୍ଗଳବାର ଅପରାହ୍ନଠାରୁ ଉକ୍ତ ରାସ୍ତାରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ପ୍ରଶାସନ ପକ୍ଷରୁ ପାଟଣା ବିଡ଼ିଓ ମାନସ ଦଣ୍ଡପାଟଙ୍କ ସହ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ସୋମନାଥ ପ୍ରଧାନ, ମହେଶ୍ୱର ପାସା ଘଟଣାସ୍ଥଳରେ ସ୍ଥିତି ପରଖିଲା ପରେ ଉକ୍ତ ରାସ୍ତାରେ ଯାତାୟାତ ପାଇଁ ବାରଣ କରାଯାଇଥିଲା। ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରାଯାଇଥିଲା। ବୁଧବାର ସକାଳୁ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇ ଅପରାହ୍ନରେ ଶେଷ ହୋଇ ଗାଡ଼ି ଚଳାଚଳ ପ୍ରକ୍ରିୟା ସ୍ୱାଭାବିକ ହୋଇଥିଲା।

## ମୃତ ଅଗ୍ନିଶମ ଯବାନଙ୍କ ପରିବାରକୁ ୨୫ ଲକ୍ଷ ସହାୟତା ରାଶି ଦାବି

କେନ୍ଦୁଝର, ୨୯।୭ (ସମିସ): ଜଳ ଘେରରେ ରହିଥିବା ସ୍ଥାନୀୟ ବାସିନ୍ଦାଙ୍କୁ ଉଦ୍ଧାର କରିବାକୁ ଯାଇ ଟେଲିକମ ଭବନ ନିକଟରେ ଅଗ୍ନିଶମ ବାହିନୀ ଯବାନ ଚନ୍ଦନ ପଟ୍ଟନାୟକ ଜଳ ନିଷ୍କାସନ କରୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ନିଜ ଜୀବନକୁ ବଳି ଦେଇଛନ୍ତି। ଏହି ଘଟଣା ପାଇଁ ତାଙ୍କ ପରିବାରକୁ ଅନୁକମ୍ପାମୂଳକ ୨୫ ଲକ୍ଷ ଟଙ୍କା ରାଶି ସହିତ ଶୋକସନ୍ତପ୍ତ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ ଦିଆଯାଉ ବୋଲି ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟରେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହିତ ବନ୍ୟାର ମୁକାବିଲା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ମଧ୍ୟ ସେ ଦାବି କରିଛନ୍ତି। ସେହିପରି କେନ୍ଦୁଝର ଜିଲ୍ଲାର ବନ୍ୟାଞ୍ଚଳ ପ୍ରତି ସ୍ୱତନ୍ତ୍ର ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତି ଆକଳନ କରି ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରନ୍ତୁ ବୋଲି ଦାବି ଦୋହରାଇଛନ୍ତି।

## ସ୍କୁଲକୁ ପଶିଲା ବନ୍ୟାଜଳ

ତେଲକୋଇ, ୨୯।୭ (ସମିସ): ତେଲକୋଇ ତଳସାହିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭିତରେ ବନ୍ୟା ଜଳ ପଶିଯିବାରୁ ପ୍ରାୟ ୩୨ ଜଣ ଅନ୍ତେବାସୀଙ୍କ ସହ ଶିକ୍ଷୟିତ୍ରୀ ଫସି ରହିଥିଲେ। ସମାକୋଇ ନଦୀ କୂଳରେ ଥିବା ଏହି ସର୍ବପୁରାତନ ବିଦ୍ୟାଳୟରେ ବନ୍ୟାଜଳ ପଶିବା ପରେ ସ୍ଥିତି ଗମ୍ଭୀର ହୋଇ ପଡ଼ିଛି। ଅନ୍ୟପଟେ ତଳ ସାହିର ନାୟକ ସାହିବସ୍ତି ଓ ପାତ୍ରସାହି ମଧ୍ୟରେ ବନ୍ୟାଜଳ ପ୍ରବାହିତ ହେଉଛି। ତେବେ ବିଦ୍ୟାଳୟ ଭିତରେ ଅପରାହ୍ନ ସମୟରୁ ବନ୍ୟାଜଳ ପଶିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଶ୍ରେଣୀଗୃହ ଓ ହଷ୍ଟେଲ ଗୃହ ଭିତରେ ଆଣ୍ଠୁଏରୁ ଅଧିକ ପାଣି ଥିବା ଜଣାପଡିଛି। ହଷ୍ଟେଲର ରୋଷେଇ ଘର ଓ ଷ୍ଟକ୍ ରୁମ୍‌ରେ ମଧ୍ୟ ଆଣ୍ଠୁଏ ପାଣି ପଶିଛି। ବିଦ୍ୟାଳୟ କାର୍ଯ୍ୟାଳୟ ଗୃହରେ ମଧ୍ୟ ବନ୍ୟାଜଳ ପଶିଥିବା ଜଣାପଡ଼ିଛି। ପଞ୍ଚମ ଶ୍ରେଣୀ ଗୃହର ବାରଣ୍ଡାରେ ବନ୍ୟାଜଳ ଲାଗିଥିବା ବେଳେ



ଉକ୍ତ କକ୍ଷ ଭିତରେ ପାଣି ପଶି ନଥିବାରୁ ଅନ୍ତେବାସୀ ସେଠାରେ ଅତି ଦୟନୀୟ ଅବସ୍ଥାରେ ରହିଛନ୍ତି। ବିଦ୍ୟୁତ୍ ନଥିବାରୁ ବିଭିନ୍ନ ପ୍ରକାର ଭୟ ସୃଷ୍ଟି ହୋଇଛି।

## ବିପନ୍ନଙ୍କୁ ଯଜ୍ଞପ୍ରସାଦଙ୍କ ଶୁଖିଲା ଖାଦ୍ୟ

ଆନନ୍ଦପୁର, ୨୯।୭ (ସମିସ): ଲଗାଣ ବର୍ଷା ଯୋଗୁ ଆନନ୍ଦପୁର ଉପଖଣ୍ଡ ବେହାଲ ହୋଇପଡ଼ିଛି। ବର୍ଷା ପ୍ରଭାବରେ ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଯୁବ ବିଜେପି ନେତା ଯଜ୍ଞପ୍ରସାଦ ସାହୁ ଆଜି ବିଭିନ୍ନ ଅଞ୍ଚଳ ଗସ୍ତ କରି ବିପନ୍ନଙ୍କୁ ସହାୟତା କରିଛନ୍ତି। ଆନନ୍ଦପୁର ପୌରାଞ୍ଚଳର ୪, ୧୧, ୧୩ ଓ ୧୪ ନମ୍ବର ୱାର୍ଡରେ ବିଭିନ୍ନ ଅଞ୍ଚଳ ଜଳବନ୍ଦୀ ଭାବେ ରହିଛି। ଶ୍ରୀ ସାହୁ ଆଜି ସକାଳୁ ୧୪ ନମ୍ବର ୱାର୍ଡ ଘଷିପୁରା ବସଷ୍ଟାଣ୍ଡ ନାଳ ସାହି, ୪ ନମ୍ବର ୱାର୍ଡ ମୁଖୀ ସାହି, ୧୧ ନମ୍ବର ୱାର୍ଡର ବାଲିପଡ଼ା, ୧୩ ନମ୍ବର ୱାର୍ଡର ସାଉଁଟି ସାହି ଓ ସୁଡୁସୁଡ଼ିଆ ପ୍ରମୁଖ ଗସ୍ତ କରି ବିପନ୍ନଙ୍କୁ ଚୁଡ଼ା, ଚିନି, କଦଳୀ ଓ ବିସ୍କୁଟ ଆଦି ପ୍ରଦାନ କରିଛନ୍ତି। ସେହିପରି ଘଷିପୁରା ବ୍ଲକର ସାଳଦେଇ, ବାତୋ ପଞ୍ଚାୟତ ଗସ୍ତ କରି ସମସ୍ୟାରେ ଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ସହଯୋଗ କରିଛନ୍ତି। ବିଭିନ୍ନ ଅଞ୍ଚଳର ରାଜସ୍ୱ ନିରୀକ୍ଷକଙ୍କ ସହ ଯଜ୍ଞ ପ୍ରସାଦ ସାହୁ ଆଲୋଚନା କରି ତୁରନ୍ତ ବିପନ୍ନ ପରିବାରଙ୍କୁ ପଲିଥିନ୍ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଶ୍ରୀ ସାହୁଙ୍କ ସହ ଛାତ୍ରନେତା ପ୍ରସନ୍ନଜିତ୍ ସାହୁ, ସୌମ୍ୟରଞ୍ଜନ ସାହୁ, ପରିବେଶବିତ୍ ତ୍ରିଲୋଚନ ସାହୁ, ଯୁବ ବିଜେପି ନେତା ସଚିନ ମଲିକ୍, ଭରତ ମିଶ୍ର, ଦୈତାରୀ ମହାକୁଡ଼, ସରୋଜ ସାହୁ, ପ୍ରଶାନ୍ତ ସାହୁ, ରୁଦ୍ର ଜେନା ପ୍ରମୁଖ ବିଭିନ୍ନ ଜଳବନ୍ଦୀ ଓ ବିପନ୍ନ ପରିବାରଙ୍କୁ ଭେଟିଥିଲେ। ସେହିପରି ପାରିଷଦ କୃଷ୍ଣଚନ୍ଦ୍ର ରଣା ଓ ସମ୍ବିତ୍ ଦାସ ପ୍ରମୁଖ ନିଜ ଅଞ୍ଚଳରେ ଶ୍ରୀ ସାହୁଙ୍କ ସହ ଉପସ୍ଥିତ ଥିଲେ।




## କଂଗେସର ବିଏଲ୍ଏ ପ୍ରଶିକ୍ଷଣ

ଆନନ୍ଦପୁର, ୨୯।୭ (ସମିସ): ଘସିପୁରା ନିର୍ବାଚନମଣ୍ଡଳୀର ପ୍ରତି ପଞ୍ଚାୟତର ବୁଥ ସଭାପତି ଏବଂ କାର୍ଯ୍ୟକର୍ତ୍ତାଙ୍କୁ ନେଇ କଂଗେସ ପକ୍ଷରୁ ଖଲଣାଠାରେ ବ୍ଲକ କଂଗ୍ରେସ ସଭାପତି ତ୍ରିଲୋଚନ ପରିଡାଙ୍କ ସଭାପତିତ୍ୱରେ ବିଏଲ୍ଏ-୨ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ କଂଗ୍ରେସ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ନେତା ସୁବ୍ରତ କୁମାର ଚକ୍ର, ପର୍ଯ୍ୟବେକ୍ଷକ ମନୋଜ ରାଉତ ଆସନ୍ତା ୩ତାରିଖ ପର୍ଯ୍ୟନ୍ତ ପ୍ରତି ବୁଥରେ ଭୋଟରଙ୍କ ତାଲିକା ସଂଶୋଧନ ପ୍ରକ୍ରିୟାରେ ସକ୍ରିୟ ରହିବାକୁ ମାର୍ଗଦର୍ଶନ କରିଥିଲେ। ଶିବିରରେ ଶତାଧିକ ଛାମୁଆ ନେତା ଯୋଗ ଦେଇଥିଲେ।

## କାଦୁଅରେ ଫସି ହନ୍ତସନ୍ତ ଦନ୍ତା; ସାଥୀ ହାତୀ ଉଦ୍ଧାର କଲେ

ତୁରୁମୁଙ୍ଗା, ୨୯।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳରେ ଏକ ୨୫ ଟିକିଆ ହାତୀପଲ ବୁଧବାର ଚଳାଚଳ କରୁଥିବା ସମୟରେ ଏକ ବୁଢ଼ାଦନ୍ତା ହାତୀଟି ବାଉଁଶୁଳି ଜଙ୍ଗଲ ଭିତରେ ବନ ବିଭାଗ ପକ୍ଷରୁ ଖୋଳା ଯାଇଥିବା ଟ୍ରେଞ୍ଚ କାଦୁଅରେ ଫସି ହନ୍ତସନ୍ତ ହୋଇଥିଲା। ବାରମ୍ବାର ଉଠିବାକୁ ହାତୀଟି ଚେଷ୍ଟା କରୁଥିବା ବେଳେ ପଛ ଗୋଡ଼ ଦୁଇଟି କାଦୁଅରେ ଫସି ଯିବାରୁ ଉଠି ପାରି ନଥିଲା। ହାତୀଟି ଗର୍ଜନ କରିବା ପରେ ଆଉ ଏକ ସାଥୀ ଦନ୍ତା ହାତୀ ଆସି ଶୁଣ୍ଢରେ ଟାଣି ଉଦ୍ଧାର କରିଥିଲେ। ଉଦ୍ଧାର ପରେ ଦନ୍ତାହାତୀଟି ବାଉଁଶୁଳି ନିକଟରେ ୪୯ ନମ୍ବର ଜାତୀୟ ରାଜପଥ ଉପରେ ଛିଡା ହୋଇ ରହିଥିଲା। ଫଳରେ ଉକ୍ତ ରାସ୍ତାରେ ଗାଡିଚାଳଚଳ ବ୍ୟାହତ ହୋଇଥିଲା। ରାଜପଥ ଉପରେ



ହାତୀଟି ଛିଡା ହୋଇଥିବାରୁ ବନ ବିଭାଗ କର୍ମଚାରୀ ହାତୀଟିକୁ ଜଗି ରହିଥିଲେ। କିଛି ସମୟ ପରେ ହାତୀଟି ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲା।

## ଜଳବନ୍ଦୀରେ ଭଦ୍ରାସାହି ପଞ୍ଚାୟତବାସୀ; ନାଳ ଜାମ୍

ଯୋଡ଼ା, ୨୯।୭ (ସମିସ): ଯୋଡ଼ା ବ୍ଲକ ଅନ୍ତର୍ଗତ ଭଦ୍ରାସାହି ପଞ୍ଚାୟତର ଝାଡ଼ାଗାଁ, ଟୋଂଟୋ, କାଶିଆ ସମେତ ଆଖପାଖର ଅନେକ ଗ୍ରାମ ଜଳବନ୍ଦୀ ପରିସ୍ଥିତିରେ ରହିଥିଲା। ଅନେକ ପରିବାର ଘରୁ ବାହାରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଚାଷଜମି ଓ ଘରୋଇ ସାମଗ୍ରୀ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଯୋଡ଼ା ବିଡିଓ ମଙ୍ଗଳବାର ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ଅନୁଧ୍ୟାନ କରିଥିଲେ। ସେ ସମସ୍ୟାର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଜାତୀୟ ରାଜପଥ ପାର୍ଶ୍ୱରେ କେତେକ ଶିଳ୍ପ ସଂସ୍ଥା ପକ୍ଷରୁ ବେଆଇନ ଭାବେ ପ୍ଲାଣ୍ଟରୁ ନିର୍ଗତ କଳାଗୁଣ୍ଡ, ବର୍ଜ୍ୟବସ୍ତୁ ଓ ଅନ୍ୟାନ୍ୟ ଶିଳ୍ପ ଆବର୍ଜନା ପକାଯାଉଥିବାରୁ ପ୍ରାକୃତିକ ଜଳନିଷ୍କାସନ ପଥ ସମ୍ପୂର୍ଣ୍ଣ ଅବରୋଧ ହୋଇଯାଇଛି। ବର୍ଷ ବର୍ଷ ଧରି ପ୍ରବାହିତ ହୋଇଆସୁଥିବା ନାଳଗୁଡ଼ିକ ମଧ୍ୟ ଜାମ ହୋଇପଡ଼ିଛି। ପ୍ରତିବର୍ଷ ବର୍ଷା ଋତୁରେ ସମାନ ପରିସ୍ଥିତି ଉପୁଜିଥିଲେ ମଧ୍ୟ ସ୍ଥାୟୀ ସମାଧାନ ପାଇଁ କୌଣସି ଫଳପ୍ରଦ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଡ୍ରେନେଜ ବ୍ୟବସ୍ଥାର ପୁନରୁଦ୍ଧାର କିମ୍ବା ନାଳଗୁଡ଼ିକର ସଫେଇ ହୋଇ ନଥିବାରୁ ସମସ୍ୟା ଦିନକୁ ଦିନ ଗୁରୁତର ହେଉଛି। ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ଯିବା, ଦୈନନ୍ଦିନ କାର୍ଯ୍ୟ, ଜରୁରୀ ସ୍ୱାସ୍ଥ୍ୟସେବା ଓ ପାନୀୟଜଳ ଯୋଗାଣ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଜାତୀୟ ରାଜପଥ ପାର୍ଶ୍ୱରେ ବେଆଇନ ଭାବେ ଶିଳ୍ପ ଆବର୍ଜନା ପକାଇବାକୁ ତୁରନ୍ତ ବନ୍ଦ କରିବା, ନାଳ ଓ ଡ୍ରେନେଜ ବ୍ୟବସ୍ଥାର ତୁରନ୍ତ ସଫେଇ, ସ୍ଥାୟୀ ଜଳନିଷ୍କାସନ ବ୍ୟବସ୍ଥା ନିର୍ମାଣ ଏବଂ ପରିବେଶକୁ କ୍ଷତି ପହଞ୍ଚାଇଥିବା ଦୋଷୀ ସଂସ୍ଥା ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



### ଚାଷଜମି ବାଲିଚର, ୩୪ ପରିବାର ପ୍ରଭାବିତ

## ବିଚ୍ଛିନ୍ନ ପଞ୍ଚୁସାହି: ଅଣ୍ଟାଏ ପାଣିରେ ନାଳ ପାରି

ଚମ୍ପୁଆ, ୨୯।୭ (ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଉଚ୍ଚବାଲି ପଞ୍ଚାୟତର ରେଙ୍ଗାଳଗୋଡ଼ା ଗ୍ରାମରେ ନିର୍ମାଣାଧୀନ କାନପୁର କେନାଲରେ ଘାଇ ସୃଷ୍ଟି ହେବାରୁ ୮ ଜଣ ଚାଷୀଙ୍କ ଚାଷଜମିରେ ବାଲି ଓ ପଙ୍କ ପୋତି ହୋଇ ବ୍ୟାପକ କ୍ଷତି ଘଟାଇଛି। ଗତ ୨୭ ଓ ୨୮ ତାରିଖର ଲଗାଣ ବର୍ଷା ପରେ ନିର୍ମାଣାଧୀନ କେନାଲର ଏକ ଅଂଶରେ ଘାଇ ସୃଷ୍ଟି ହୋଇଥିଲା। ଏହାଫଳରେ ପାଣି ସହ ବହୁ ପରିମାଣର ବାଲି ଓ ମାଟି ନିକଟସ୍ଥ ଧାନ ଜମିକୁ ମାଡ଼ି ଯାଇଥିଲା। ଚାଷୀ ଅଭିମନ୍ୟୁ ମହାନ୍ତ, ଗୋକୁଳ ମହାନ୍ତ, ହରେକୃଷ୍ଣ ମହାନ୍ତ, ସନ୍ତୋଷ ମହାନ୍ତ, କିଶୋରଚନ୍ଦ୍ର ମହାନ୍ତ, ନବକିଶୋର ମହାନ୍ତ, ଯୋଗେନ୍ଦ୍ର ମହାନ୍ତ ଓ ଲିଟୁ ମହାନ୍ତଙ୍କ ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଗ୍ରାମବାସୀ ଓ କ୍ଷତିଗ୍ରସ୍ତ ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, କେନାଲର ନିର୍ମାଣ କାମ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନଥିବା ସତ୍ତ୍ୱେ ବର୍ଷାରେ ଘାଇ ସୃଷ୍ଟି ହେବା କାର୍ଯ୍ୟର ନିମ୍ନମାନକୁ ସୂଚାଉଛି। ଅନ୍ୟପକ୍ଷରେ ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା କହିଛନ୍ତି, ବର୍ଷାପାଣି ଯୋଗୁଁ ପ୍ରାୟ ଜମି ଉପରେ ବାଲି ମାଡିଛି। ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଉଛି।

ଅନ୍ୟପକ୍ଷରେ, ଚମ୍ପୁଆ ତହସିଲ ଅଞ୍ଚଳରେ ୩୪ଟି ଘର ଆଂଶିକ ଓ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ଅନେକ ପରିବାର ଖୋଲା ଆକାଶ ତଳେ ଜୀବନ ବିତାଇବାକୁ ବାଧ୍ୟ ହୋଇଛନ୍ତି। ତହସିଲଦାର ସତ୍ୟବ୍ରତ ସାହୁ କହିଛନ୍ତି, ପ୍ରତ୍ୟେକ କ୍ଷତିଗ୍ରସ୍ତ ଘରର ତଦନ୍ତ ପାଇଁ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ତୁରନ୍ତ ରିଲିଫ୍ ଓ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।





ଅନ୍ୟପଟେ, ଚନ୍ଦ୍ରଶେଖରପୁର ପଞ୍ଚାୟତ ପଞ୍ଚୁସାହି ଗ୍ରାମବାସୀଙ୍କ ପାଇଁ ଭାଲୁକା ନାଳ ବର୍ଷା ଋତୁରେ ଅଭିଶାପ ପାଲଟିଛି। ପ୍ରତିଦିନ କାମକୁ ଯିବା, ପିଲାମାନଙ୍କ ସ୍କୁଲ୍ ଯିବା କିମ୍ବା ଜରୁରୀ କାମରେ ବାହାରିବା ପାଇଁ ଗ୍ରାମବାସୀଙ୍କୁ ଜୀବନକୁ ବାଜି ଲଗାଇ ଅଣ୍ଟାଏ ପାଣି ଭିତରେ ନାଳ ପାରି ହେବାକୁ ପଡୁଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ସମସ୍ୟା ବହୁ ବର୍ଷ ଧରି ଲାଗି ରହିଛି। ବାରମ୍ବାର ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସ୍ଥାୟୀ ସେତୁ ନିର୍ମାଣ କିମ୍ବା ଅନ୍ୟ କୌଣସି ଭିତ୍ତିଭୂମି ବ୍ୟବସ୍ଥା କରାଯାଇନାହିଁ। ଏନେଇ ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ କହିଛନ୍ତି ଯେ ସମସ୍ୟା ସମ୍ପର୍କରେ ଅବଗତ ଅଛନ୍ତି ଏବଂ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ।

**ବାଲେଶ୍ୱରରେ ବନ୍ୟା ବିଭୀଷିକା**

# ଜିଲ୍ଲାର ୧.୪୬ ଲକ୍ଷ ଲୋକ ପ୍ରଭାବିତ

ବାଲେଶ୍ୱର, ୨୯ ।୭ (ସମିସ)

ଲଗାଣ ବର୍ଷା ଏବଂ ଜଳକା, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ସମେତ ବିଭିନ୍ନ ନଦୀର ବଢ଼ୁଥିବା ଜଳସ୍ତର ବାଲେଶ୍ୱର ଜିଲ୍ଲାକୁ ଭୟଙ୍କର ବନ୍ୟା ବିପର୍ଯ୍ୟୟ ମଧ୍ୟରେ ଠେଲି ଦେଇଛି । ସହରଠାରୁ ଗାଁ ପର୍ଯ୍ୟନ୍ତ ସବୁଠି ଜଳମଗ୍ନ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ହଜାର ହଜାର ପରିବାର ଘର ଛାଡ଼ି ଆଶ୍ରୟ କେନ୍ଦ୍ରରେ ରହିବାକୁ ବାଧ ହୋଇଛନ୍ତି । ଜିଲ୍ଲା ପ୍ରଶାସନର ରିପୋର୍ଟ ଅନୁସାରେ, ବାଲେଶ୍ୱରର ୧୨ଟି ବ୍ଲକର ୧୪୧ଟି ଗ୍ରାମପଞ୍ଚାୟତ, ୪୪୯ଟି ଗ୍ରାମ ଏବଂ ୫ଟି ସହରାଞ୍ଚଳର ୧୩୫ଟି ୱାର୍ଡ ବନ୍ୟାରେ ପ୍ରଭାବିତ ହୋଇଛି । ମୋଟ ୧, ୪୬,



୫୦୪ ଜଣ ଲୋକ ବନ୍ୟା କବଳରେ ରହିଥିବାବେଳେ ୨୮, ୨୩୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଏବେ ସୁଦ୍ଧା ୧୭ଟି ଗାଁ ଜଳବନ୍ଦୀ ଥିବାବେଳେ ୬୫୪ଟି ଘର କ୍ଷତିଗ୍ରସ୍ତ ହୋଇଛି । ପ୍ରଭାବିତ ଲୋକଙ୍କ ପାଇଁ ୧୩୮ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି ଏବଂ ୨୮, ୮୬୫ ଜଣଙ୍କୁ ମାଗଣା ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି । ଆଶ୍ୱସ୍ତିର କଥା ହେଉଛି ଏପର୍ଯ୍ୟନ୍ତ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟି ନ ଥିବା ବେଳେ ୯ଟି ଗୃହପାଳିତ ପଶୁଙ୍କର ମୃତ୍ୟୁ ଘଟିଛି । ବ୍ଲକ ଭିତ୍ତିକ ତଥ୍ୟକୁ ଦେଖିଲେ ନୀଳଗିରି ବ୍ଲକ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ଏଠାର ୨୫ଟି

- ୨୮ ହଜାରରୁ ଅଧିକ ଲୋକ ସ୍ଥାନାନ୍ତର
- ୬୫୪ ଘର ଭାଙ୍ଗିଲା
- ୧୭ ଗାଁ ଏବେ ବି ଜଳବନ୍ଦୀ



ଗ୍ରାମପଞ୍ଚାୟତର ୮୬ଟି ଗାଁ ବନ୍ୟାରେ ବୁଡ଼ିଥିବାବେଳେ ୫୭, ୯୨୦ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ୬, ୫୨୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଥିବାବେଳେ ୩ଟି ଗାଁ ଜଳବନ୍ଦୀ ରହିଛି । ଏଠାରେ ୧୫୯ଟି ଘର କ୍ଷତିଗ୍ରସ୍ତ, ୩୭ଟି ରିଲିଫ୍ କ୍ୟାମ୍ପ ଏବଂ ୬, ୫୨୦ ଜଣଙ୍କୁ ରନ୍ଧାଖାଦ୍ୟ ଯୋଗାଯାଉଛି । ବସ୍ତା ବ୍ଲକର ୧୩ଟି ଗ୍ରାମପଞ୍ଚାୟତର ୩୬ଟି ଗାଁ ପ୍ରଭାବିତ ହୋଇ ୧୧, ୫୩୧ ଜଣ ଲୋକ ବନ୍ୟା କବଳରେ ରହିଥିବାବେଳେ ୩୮୭ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି । ଜଳେଶ୍ୱର ବ୍ଲକରେ କେବଳ ଗୋଟିଏ ଗ୍ରାମପଞ୍ଚାୟତ ଓ ଗୋଟିଏ ଗାଁ ପ୍ରଭାବିତ ହୋଇଥିବାବେଳେ ୫୪୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି ଏବଂ ସମସ୍ତଙ୍କୁ ସ୍ଥାନାନ୍ତର କରାଯାଇଛି । ଭୋଗରାଇ ଓ ବାଲିଆପାଳ ବ୍ଲକ ତୁଳନାମୂଳକ ଭାବେ କମ୍ ପ୍ରଭାବିତ ଥିବାବେଳେ ବାଲିଆପାଳରୁ ୩, ୪୯୨ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ବାଲେଶ୍ୱର ସଦର ବ୍ଲକର ୧୮ଟି ଗ୍ରାମପଞ୍ଚାୟତର ୩୪ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇ ୧୫, ୬୯୩ ଜଣ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ଏଠାରୁ ୮, ୩୭୧ ଜଣଙ୍କୁ ସ୍ଥାନାନ୍ତର, ୫ଟି ଗାଁ ଜଳବନ୍ଦୀ, ୧୦୧ଟି ଘରକ୍ଷତିଗ୍ରସ୍ତ ଏବଂ ୩୪ଟି ରିଲିଫ୍ କ୍ୟାମ୍ପରେ ୧୨, ୫୫୭ ଜଣଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି । ରେମୁଣା ବ୍ଲକର ୩୨ଟି ଗ୍ରାମପଞ୍ଚାୟତର ୮୫ଟି ଗ୍ରାମ ବନ୍ୟାରେ ବୁଡ଼ିଯାଇ ୨୧, ୫୬୯ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ସୋର ବ୍ଲକର ୯ଟି ଗ୍ରାମପଞ୍ଚାୟତର ୨୮ଟି ଗ୍ରାମ ପ୍ରଭାବିତ ହୋଇ ୩, ୬୮୫ ଜଣ ଲୋକ ବନ୍ୟା କବଳରେ ରହିଛନ୍ତି । ବାହାନଗା ବ୍ଲକର ୨୨ଟି ଗ୍ରାମପଞ୍ଚାୟତର ୫୯ଟି ଗ୍ରାମ ବନ୍ୟାରେ ପ୍ରଭାବିତ ହୋଇ ୧୨, ୩୬୯ ଜଣ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ଏଠାରୁ ୪, ୭୯୫ ଜଣଙ୍କୁ ସ୍ଥାନାନ୍ତର, ୨ଟି ଗାଁ ଏବେ ବି ଜଳବନ୍ଦୀ ଏବଂ ୧୪ଟି ରିଲିଫ୍ କ୍ୟାମ୍ପ ଚାଲିଛି । ସିମୁଳିଆ ବ୍ଲକର ୮ଟି ଗ୍ରାମପଞ୍ଚାୟତର ୩୬ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇ ୭, ୫୨୩ ଜଣ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ଖଇରା ବ୍ଲକର ୫ଟି ଗ୍ରାମପଞ୍ଚାୟତର ୭ଟି ଗ୍ରାମ ପ୍ରଭାବିତ ହୋଇ ୧, ୨୩୯ ଜଣ ଲୋକ ବନ୍ୟା କବଳରେ ରହିଥିବାବେଳେ ୪ଟି ଗାଁ ଜଳବନ୍ଦୀ ଓ ୩୮୭ଟି ଘର କ୍ଷତିଗ୍ରସ୍ତ ହୋଇଛି । ଔପଦା ବ୍ଲକର ୮ଟି ଗ୍ରାମପଞ୍ଚାୟତର ୭୭ଟି ଗ୍ରାମ ବନ୍ୟାରେ ପ୍ରଭାବିତ ହୋଇ ୧୪, ୪୩୩ ଜଣ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ଏଠାରୁ ୧, ୯୧୦ ଜଣଙ୍କୁ ସ୍ଥାନାନ୍ତର, ୪ଟି ଗାଁ ଏବେ ବି ଜଳବନ୍ଦୀ, ୩୮୭ଟି ଘର କ୍ଷତିଗ୍ରସ୍ତ ଏବଂ ୧୫ଟି ରିଲିଫ୍ କ୍ୟାମ୍ପରେ ୨, ୫୦୦ ଜଣଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି । ଜିଲ୍ଲାର ପ୍ରାୟ ପ୍ରତ୍ୟେକ ପ୍ରଭାବିତ ଅଞ୍ଚଳରେ ରାସ୍ତାଘାଟ, ଚାଷଜମି, ଘରବାଡ଼ି ଓ ଜନଜୀବନ ଭୟଙ୍କର ଭାବେ ପ୍ରଭାବିତ ହୋଇଛି । ଉଦ୍ଧାରକାରୀ ଦଳ, ଓଡ୍ରାଫ୍, ଏନଡିଆରଏଫ୍, ଅଗ୍ନିଶମ ବାହିନୀ ଓ ଜିଲ୍ଲା ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଚଳାଇଥିଲେ ମଧ୍ୟ, ବାଲେଶ୍ୱରର ବନ୍ୟା ପରିସ୍ଥିତି ଏବେ ବି ଗମ୍ଭୀର ରହିଛି ଏବଂ ଜଳସ୍ତର ସମ୍ପୂର୍ଣ୍ଣ କମି ନ ଥିବାରୁ ବିପଦ ଏପର୍ଯ୍ୟନ୍ତ ଟଳିନାହିଁ ।

## ଭୋଗରାଇରେ ବନ୍ୟା ପରିସ୍ଥିତି

ବାଲେଶ୍ୱର(ଉତ୍ତର) ୨୯।୭ (ସମିସ): ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଇଛି । ଗତ ୩ଦିନ ଧରି ଲଗାତାର ବର୍ଷା ହେବା ଫଳରେ ଜଳ ନିଷ୍କାସନ ହୋଇ ନ ପରିବା ତଥା ନଦୀର ଜଳସ୍ତର ବୃଦ୍ଧି ଫଳରେ ଏହି ବ୍ଲକର ୫ଟି ପଞ୍ଚାୟତର ଅନେକ ଗ୍ରାମ ବର୍ତ୍ତମାନ ଜଳବନ୍ଦୀ ଅବସ୍ଥାରେ ରହିଛି । ପାଣି ଘେରରେ ଫସି ରହିଥିବା ଲୋକମାନେ ନିତ୍ୟ ବ୍ୟବହାର ସାମଗ୍ରୀ, ଖାଦ୍ୟ, ପିଇବା ପାଣି ଓ ଯାତାୟାତ ଭଳି ମୌଳିକ ସୁବିଧା ପାଇବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ନହରା ପଞ୍ଚାୟତ ର ମୁଣ୍ଡମାରୀ, ମଶାଣବାଡ଼ିଆ, ବଡମନ୍ଦାରୁଣୀ, କୁଶୁଡା, ଗବଗାଁ, ଜଳଧା, ନାଚିନ୍ଦା ସମେତ ବହୁ ଗ୍ରାମରେ ବର୍ଷା ପାଣି ପ୍ରବେଶ କରିଥିବାରୁ ଜନଜୀବନ ସମ୍ପୂର୍ଣ୍ଣ ଭାବେ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଅନେକ ସ୍ଥାନରେ ଗାଁ ରାସ୍ତା ଉପରେ ପାଣି ଚାଲୁଥିବାରୁ ଯାତାୟାତ ବନ୍ଦ ହୋଇଯାଇଛି । ଫଳରେ ଏହି ଗାଁ ଗୁଡିକ ଏକ ପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି ।



କେବଳ ରାସ୍ତାଘାଟ ନୁହେଁ, ଲୋକଙ୍କ ଦାଣ୍ଡ ଦୁଆରରେ ମଧ୍ୟ ପାଣି ଲହଡ଼ି ଭାଙ୍ଗୁଛି । ଘର ବାହାରେ ପାଣି ଖେଳୁଥିବାରୁ ଲୋକେ ଦୁର୍ଦ୍ଦଶା ରେ ଦିନ କାଟୁଛନ୍ତି । ବିଶେଷ କରି ଶିଶୁ, ବୃଦ୍ଧ ଓ ରୋଗୀମାନଙ୍କ ପାଇଁ ପରିସ୍ଥିତି ଅଧିକ କଷ୍ଟଦାୟକ ହୋଇପଡ଼ିଛି । ଅନ୍ୟପଟେ ହେକ୍ଟର ହେକ୍ଟର ଚାଷଜମି ବନ୍ୟା ପାଣିରେ ଜଳମଗ୍ନ ହୋଇଯାଇଛି । ଧାନ ସମେତ ବିଭିନ୍ନ ଫସଲ ପାଣି ତଳେ ରହିଥିବାରୁ ଚାଷୀମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି । ବହୁ ପରିଶ୍ରମ ଓ ଖର୍ଚ୍ଚ କରି କରାଯାଇଥିବା ଚାଷ ନଷ୍ଟ ହେବା ଆଶଙ୍କାରେ ସେମାନେ ଗଭୀର ଚିନ୍ତାରେ ରହିଛନ୍ତି । ମୁଣ୍ଡମାରୀ ଗ୍ରାମର ସରୋଜ ପାଳ, ଅନାଦୀ ମିତ, ଅନନ୍ତ ରାଉଳ, ସୁବଳ ଚରଣ ଦାସ, ରାମହରି ସେଠୀ, ଜଗନ୍ନାଥ ଦାସ, ପ୍ରକାଶ ରାଉଳ, ରବୀନ୍ଦ୍ର ମିତ, ଶିବ ଶଙ୍କର ପାଳ, ଗଦାଧର ପାଳ, ପୁର୍ଣ୍ଣ ସେଠି, ସୁଶାନ୍ତ ଘୋଷ, ମଧୁସୂଦନ ପରିଆଡି, ମଣ୍ଟୁ ସିଟ ପ୍ରଭୃତି ଗାଁ ଲୋକମାନେ ପ୍ରଶାସନ ପକ୍ଷରୁ ତୁରନ୍ତ ରିଲିଫ ସାମଗ୍ରୀ, ସୁରକ୍ଷିତ ପିଇବା ପାଣି, ଆବଶ୍ୟକ ଔଷଧ ଓ ଉଦ୍ଧାର ସହାୟତା ଯୋଗାଇବା ସହ ଜଳବନ୍ଦୀ ଅଞ୍ଚଳଗୁଡ଼ିକରେ ଶୀଘ୍ର ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

## ବନ୍ୟା ବିପନ୍ନଙ୍କୁ କଂଗ୍ରେସର ସହାୟତା

ବାଲେଶ୍ୱର, ୨୯।୭(ସମିସ): ଲଘୁଚାପ ଜନିତ ବର୍ଷା ଏବଂ ପରେ ବୁଢା ବଳଙ୍ଗ ନଦୀରେ ପ୍ରବଳ ବନ୍ୟା ଦେଖାଦେଇଛି । ବିଶେଷ କରି ସଦର ବ୍ଲକ ଅନ୍ତର୍ଗତ ବହୁ ପଞ୍ଚାୟତ ଜଳ ମଗ୍ନ ରହିଛି । ବଇଁଚା, ସିନ୍ଧିଆ, ନଗ୍ରମ, ବୁଆଁଳ, ଉଲନ୍ଦା ସାରେଗାଁ ଏପରି କି ୨୫ନମ୍ବର ଜୋନ ସମ୍ପୂର୍ଣ୍ଣ ଜଳ ଘେରରେ ରହିଛି । ଏଥିରେ ଶତାଧିକ ଲୋକେ ପାଣି ଘେରରେ ଥିବା ବେଳେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛନ୍ତି । ଏହି ଭୟାବହ ବନ୍ୟାରେ ସଦର କଂଗ୍ରେସ ପକ୍ଷରୁ ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି । ଜିଲ୍ଲା କଂଗ୍ରେସର ଉପସଭାପତି ସରୋଜ କୁମାର ଲେଙ୍କାଙ୍କ ତତ୍ୱାବଧାନରେ ବଇଁଚା ଏବଂ ସିନ୍ଧିଆ ପଞ୍ଚାୟତର ବିଭିନ୍ନ ଗ୍ରାମ କୁ ଯାଇ ଶୁଖିଲା ଖାଦ୍ୟ ସହିତ ଜଳ ବଣ୍ଟନ କରିଛନ୍ତି । ତତ ସହିତ ଗୃହପାଳିତ ପଶୁ ଆଠ ଦିନ ହେଲା ଗୁହାଳ ରୁ ବାହାରି ନାହାନ୍ତି ତେଣୁ ଗୋଖାଦ୍ୟ ପାଇଁ ବିଡିଓ ଙ୍କ ସହ ଆଲୋଚନା କରିଛନ୍ତି ।

## ବନ୍ୟା ବିପନ୍ନଙ୍କୁ କ୍ଷତିପୂରଣ ଦାବି

ନୀଳଗିରି, ୨୯।୭ (ସମିସ): ଗତ ଦୁଇ ଦିନ ଧରି ଲଘୁଚାପ ଜନିତ ବର୍ଷା ଫଳରେ ନୀଳଗିରି ଉପଖଣ୍ଡରେ ବହୁ କ୍ଷୟକ୍ଷତି ହୋଇଛି । ପରିବା ଚାଷ ସହିତ ଧାନ ଫସଲ ନଷ୍ଟ ହୋଇଛି ।୩୧୫ ମିଲି ମିଟରରୁ ଅଧିକ ବର୍ଷା ପାଇଁ ଅତ୍ୟଧିକ ପାଣି ହେତୁ ଲୋକଙ୍କ ଘରେ ପାଣି ପଶି ଯାଇଛି । ପାଣି ନିଷ୍କାସନ ପାଇଁ ବହୁ ସ୍ଥାନ ରେ ରାସ୍ତା କାଟି ଦିଆଯାଇଛି । ଫଳରେ ଗମନାଗମନ ପାଇଁ ଅସୁବିଧା ହେଉଛି । ମାଟି ଘରେ ପାଣି ପଶିବା ଦ୍ୱାରା ଅନେକ ଘର ଭାଙ୍ଗିଛିଓ କିଛି ଭାଙ୍ଗିବାର ସମ୍ଭାବନା ରହିଛି । ଏହାକୁ ଗୁରୁତ୍ୱର ସହ ନେଇ ଭାରତର କମ୍ୟୁନିଷ୍ଟ ପାର୍ଟୀ ମାର୍କ୍ସବାଦୀ ନୀଳଗିରି ଆଞ୍ଚଳିକ କମିଟି ତରଫରୁ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ସମୟରେ ଅମରେନ୍ଦ୍ର ନାୟକ, ହେମେନ୍ଦ୍ର ସେଠୀ, କାଳିଆ ପାତ୍ର, ଉମାକାନ୍ତ ଷଡଙ୍ଗୀ, ପ୍ରଦୀପ କୁମାର ମିଶ୍ର, ଉମାକାନ୍ତ ଷଡଙ୍ଗୀ, ବିଷ୍ଣୁମୋହନ ପ୍ରାମାଣିକଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ ।

## ନବୋଦୟ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର

ସୋର, ୨୯।୭(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ନବୋଦୟ ବିଦ୍ୟାଳୟର ପ୍ରାର୍ଥନା କକ୍ଷରେ ଏକ ବୃହତ୍ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବିଦ୍ୟାଳୟର ଅଧକ୍ଷ ବିଦ୍ୟାଧର ସାହୁ ଉଦ୍‌ଘାଟନ କରିଥିଲେ । ଏଥିରେ ସହଯୋଗ କରିଥିଲେ ପୁରାତନ ଛାତ୍ର ପରିଷଦର ଅଧକ୍ଷ ଡ. ଅରୁଣ କୁମାର ମଲ୍ଲିକ, ପରିଷଦର ସାଧାରଣ ସମ୍ପାଦକ ସୁଶାନ୍ତ ମଣ୍ଡଳ, ଉପାଧ୍ୟକ୍ଷ ଦୀପକ କୁମାର ଗିରି, ସହ ସମ୍ପାଦକ ତପନ କୁମାର ଜେନା ଓ ସ୍ୱାସ୍ଥ୍ୟ ସେବକ ରଞ୍ଜନ ମହନ୍ତ । ଏହି ଶିବିରରେ ପାଞ୍ଚ ଶହରୁ ଅଧିକ ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କର ନିଃସ୍ୱଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସ୍ୱାସ୍ଥ୍ୟ ସେବିକା ନୀଳିମା ବନସୁଦ ପରିଚାଳନା କରିଥିଲେ । ଶିବିରରେ କାର୍ଯ୍ୟାଳୟ ମୁଖ୍ୟ କରଣ ଟୁଡୁ, ଅଧାପକ ଧର୍ମପଦ ବିଶ୍ୱାଳ, ପରାମର୍ଶଦାତ୍ରୀ ଶୁଭଶ୍ରୀ ହୋତା ସହାୟତା କରିଥିଲେ ।

**● ବାଲେଶ୍ୱର ଗସ୍ତରେ ବରିଷ୍ଠ ଆଇଏଏସ ଅଧିକାରୀ**

## ରିଲିଫ୍ ଶିବିରରେ ପୀଡ଼ିତଙ୍କ ସହ ଆଲୋଚନା

ବାଲେଶ୍ୱର, ୨୯।୭(ସମିସ): ବନ୍ୟାର ଭୟାବହ ପ୍ରଭାବ ପରେ ବାଲେଶ୍ୱର ଜିଲ୍ଲାରେ ପ୍ରଶାସନିକ ତତ୍ପରତା ବଢ଼ିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଷ୍ଟେଟ୍ ସିଭିଲ୍ ସପ୍ଲାଇଜ୍ କର୍ପୋରେସନ୍ ଲିମିଟେଡରେ ପରିଚାଳନା ନିର୍ଦ୍ଦେଶକ ତଥା ବରିଷ୍ଠ ଆଇଏସ ଅଧିକାରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବନ୍ୟା ପ୍ରଭାବିତ ବାଲେଶ୍ୱର ଜିଲ୍ଲା ଗସ୍ତ କରି ସ୍ଥିତିର ସିଧାସଳଖ ସମୀକ୍ଷା କରିଛନ୍ତି । ସେ ରେମୁଣା ବ୍ଲକ, ବାଲେଶ୍ୱର ବ୍ଲକ ଓ ବାଲେଶ୍ୱର ପୌରାଞ୍ଚଳର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିବା ସହ ରିଲିଫ୍ ଶିବିରରେ ଥିବା ବନ୍ୟା ପୀଡ଼ିତଙ୍କ ସହ ଆଲୋଚନା କରିଥିଲେ । କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ଠାରୁ ବନ୍ୟା କ୍ଷୟକ୍ଷତି, ଉଦ୍ଧାର କାର୍ଯ୍ୟ, ରିଲିଫ୍ ବଣ୍ଟନ ଓ ପୁନରୁଦ୍ଧାର ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ତଥ୍ୟ ନେଇଥିଲେ । ପରବର୍ତ୍ତୀ ସମୟରେ ଜିଲ୍ଲାର ବରିଷ୍ଠ ଅଧିକାରୀମାନଙ୍କ ସହ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ସେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ ସାଧାରଣ ଲୋକଙ୍କୁ କୌଣସି ପ୍ରକାର ଅସୁବିଧା ନ ହେବାକୁ



କଡ଼ା ନିର୍ଦ୍ଦେଶ ଦେଇଥିଲେ । ବିପଦସଙ୍କୁଳ ଅଞ୍ଚଳର ଲୋକଙ୍କୁ ତୁରନ୍ତ ସ୍ଥାନାନ୍ତର, ରିଲିଫ୍ ଶିବିରରେ ଗୁଣାତ୍ମକ ଶୁଖିଲା ଖାଦ୍ୟ ବଣ୍ଟନ, ପାନୀୟ ଜଳ ଉତ୍ସର କ୍ଲୋରିନେସନ୍, ପର୍ଯ୍ୟାପ୍ତ ଔଷଧ, ଆଣ୍ଟି ସ୍ନେକ୍ ଭେନମ୍ ଓ ହସ୍ପିଟାଲ ବେଡ୍ ଆଦି ସୁନିଶ୍ଚିତ କରିବାକୁ ସେ ଗୁରୁତ୍ୱ ଦେଇଥିଲେ । ବନ୍ୟା ପାଣି ହ୍ରାସ ପାଇବା ପରେ ସହର ଓ ଗ୍ରାମାଞ୍ଚଳରେ ବ୍ୟାପକ ସଫେଇ ଅଭିଯାନ, ରାସ୍ତା ଓ ପୋଲର କ୍ଷୟକ୍ଷତିର ତୁରନ୍ତ ଆକଳନ ଏବଂ ଶୀଘ୍ର ଯୋଗାଯୋଗ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଆରଡବ୍ଲ୍ୟୁଏସ୍ଏସ୍ ଟିମ୍ ପକ୍ଷରୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପୁନଃସ୍ଥାପନ ଓ କ୍ଲୋରିନେସନ୍ କାର୍ଯ୍ୟ ଜୋରଦାର କରାଯାଇଛି । ଅନ୍ୟପଟେ ପଶୁ ଚିକିତ୍ସା ବିଭାଗ ପକ୍ଷରୁ ସୁରକ୍ଷିତ ଆଶ୍ରୟସ୍ଥଳରେ ରଖାଯାଇଥିବା ଗୃହପାଳିତ ପଶୁଙ୍କୁ ପଶୁଖାଦ୍ୟ ବଣ୍ଟନ ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି, ଯାହାଦ୍ୱାରା ବନ୍ୟା ପରବର୍ତ୍ତୀ ସମୟରେ ଜଳବାହିତ ରୋଗର ଆଶଙ୍କାକୁ ରୋକାଯାଇପାରିବ । ବନ୍ୟା ପ୍ରଭାବିତ ସମସ୍ତ ବ୍ଲକରେ ପୁନରୁଦ୍ଧାର କାର୍ଯ୍ୟ ଜୋରଦାର ଭାବେ ଚାଲିଛି ଏବଂ ସାଧାରଣ ଜନଜୀବନକୁ ଯଥାଶୀଘ୍ର ସ୍ୱାଭାବିକ କରିବା ପାଇଁ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଥିବା ନେଇ ଜିଲ୍ଲା ପ୍ରଶାସନ ସୂଚନା ଦେଇଛି ।

## ବନ୍ୟାରେ ବୁଡ଼ିଛି ବାଲେଶ୍ୱର, ଯାତ୍ରାରେ ମସଗୁଲ ପ୍ରଶାସନ !

ବାଲେଶ୍ୱର, ୨୯।୭(ସମିସ) : ଲଗାଣ ବର୍ଷାରେ ବାଲେଶ୍ୱର ଜିଲ୍ଲା ଏବେ ବନ୍ୟାର କବଳରେ । ଜଳକା ସମେତ ବିଭିନ୍ନ ନଦୀର ଜଳସ୍ତର



ବିପଦ ସଂକେତ ଉପରେ ପହଞ୍ଚିଥିବା ବେଳେ ବସ୍ତା, ବାଲିଆପାଳ, ଭୋଗରାଇ, ବାହାନଗା, ବାଲେଶ୍ୱର ସଦର ଓ ଅନ୍ୟାନ୍ୟ ଅଞ୍ଚଳର ଅନେକ ଗ୍ରାମ ଜଳଘେରରେ ରହିଛି । ହଜାର ହଜାର ଲୋକ ବନ୍ୟା ଜଳ ଭିତରେ ଦିନ କାଟୁଥିବା ବେଳେ ସେମାନଙ୍କ ମୁଖ୍ୟ ଚିନ୍ତା ପାଲଟିଛି ଜୀବନ ଓ ଜୀବିକା ବଞ୍ଚାଇବା । କିନ୍ତୁ ଏଭଳି ଗୁରୁତର ସ୍ଥିତିରେ ବସ୍ତାରେ ଏକ ଯାତ୍ରା ପାର୍ଟିର ୨ ଦିନ ଧରି ଯାତ୍ରା ପରିବେଷଣ ଜାରି ରହିବା ଓ ବଡ଼ ଜନସମାଗମକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି । ବନ୍ୟା ସମୟରେ ପ୍ରଶାସନର ପ୍ରଥମ ଦାୟିତ୍ୱ ହେଉଛି ଉଦ୍ଧାର, ସ୍ଥାନାନ୍ତରଣ, ରିଲିଫ୍ ବଣ୍ଟନ ଓ ବିପଦପୂର୍ଣ୍ଣ ଅଞ୍ଚଳରେ ସତର୍କତା ଜାରି କରିବା । ତେବେ ଏଭଳି ସମୟରେ ହଜାର ହଜାର ଲୋକଙ୍କୁ ଏକ ସ୍ଥାନରେ ସମବେତ କରୁଥିବା ଯାତ୍ରା କାର୍ଯ୍ୟକ୍ରମକୁ ଅନୁମତି କିପରି ଦିଆଗଲା, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି ।

ତେଣୁ ବର୍ତ୍ତମାନର ବନ୍ୟା ପରିସ୍ଥିତିରେ ବସ୍ତାରେ ଯାତ୍ରା ଆୟୋଜନକୁ ଅନୁମତି ଦେବାର କାରଣ, ସୁରକ୍ଷା ବ୍ୟବସ୍ଥା ଓ ପ୍ରଶାସନିକ ପ୍ରାଥମିକତା ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

## ୫.୫୫ ଲକ୍ଷରେ ଚନ୍ଦନେଶ୍ୱରଙ୍କ କାଉଡ଼ିଆ ଟିକଟ୍ ନିଲାମ

ଚନ୍ଦନେଶ୍ୱର, ୨୯।୭ (ସମିସ): ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱରଙ୍କ ମନ୍ଦିରରେ ପବିତ୍ର ଶ୍ରାବଣ ମାସର ସୋମବାର ଓ ଶ୍ରାବଣ ପୂର୍ଣ୍ଣିମାରେ କାଉଡ଼ିଆ ଭକ୍ତମାନଙ୍କ ଜଳାଭିଷେକ ପାଇଁ ଟିକଟ୍ ନିଲାମ ପ୍ରକ୍ରିୟା ବୁଧବାର ସଫଳତାର ସହ ଶେଷ ହୋଇଛି । ଦେଉଳା ପଞ୍ଚାୟତ ଅନ୍ତର୍ଗତ ହରିଦାସପୁର ଗ୍ରାମର ବନମାଳୀ ଦାସ ସର୍ବାଧିକ ୫ ଲକ୍ଷ ୫୫ ହଜାର ଟଙ୍କାରେ ଏହି ନିଲାମ ହାସଲ କରିଛନ୍ତି । ଏହି ସୂଚନା ମନ୍ଦିର ଟ୍ରଷ୍ଟ ବୋର୍ଡର ନିର୍ବାହୀ ଅଧିକାରୀ ତଥା ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ପ୍ରକାଶ କରିଛନ୍ତି । ପ୍ରତିବର୍ଷ ଶ୍ରାବଣ ମାସର ସୋମବାର ଏବଂ ପୂର୍ଣ୍ଣିମାରେ ଲକ୍ଷାଧିକ କାଉଡ଼ିଆ ଭକ୍ତ ବାବା ଚନ୍ଦନେଶ୍ୱରଙ୍କ ପୀଠରେ ପହଞ୍ଚି ଜଳାଭିଷେକ କରିଥାନ୍ତି । ଏହି ଅବସରରେ ପ୍ରତ୍ୟେକ କାଉଡ଼ିଆଙ୍କଠାରୁ ୧୦ ଟଙ୍କା ଲେଖାଏଁ ଟିକେଟ୍ ବାବଦରେ ଆଦାୟ କରାଯାଏ । ଏହି ଆଦାୟର ଅଧିକାର ପାଇଁ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ନିଲାମ ପ୍ରକ୍ରିୟା ଆୟୋଜନ କରାଯାଇଥିଲା । ମନ୍ଦିର ପରିସରସ୍ଥିତ ଧର୍ମଶାଳାରେ ଆୟୋଜିତ ନିଲାମରେ ଜଳେଶ୍ୱରପୁରର ମନୋଜ ଦାସ ଓ ହରିଦାସପୁରର ବନମାଳୀ ଦାସଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା । ୫ ଲକ୍ଷ ୫୦ ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ଡାକ ଶେଷରେ ୫ ଲକ୍ଷ ୫୫ ହଜାର ଟଙ୍କାରେ ପହଞ୍ଚିଥିଲା ଏବଂ ବନମାଳୀ ଦାସ ନିଲାମ ହାସଲ କରିଥିଲେ । ନିଲାମ ଅନୁଯାୟୀ ସେ ଅଗଷ୍ଟ ୩, ୧୦, ୧୭ ଓ ୨୪ ତାରିଖର ସୋମବାର ସହ ଶ୍ରାବଣ ପୂର୍ଣ୍ଣିମା ଅବସରରେ ଅଗଷ୍ଟ ୨୭ ଓ ୨୮ ତାରିଖରେ କାଉଡ଼ିଆ ଭକ୍ତମାନଙ୍କଠାରୁ ଟିକଟ୍ ବାବଦରେ ଅର୍ଥ ଆଦାୟ କରିବେ । ଜଳାଭିଷେକ ସମୟରେ ଶାନ୍ତି ଓ ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ, ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତମାନେ ମିଳିତ ଭାବେ ଦାୟିତ୍ୱ ତୁଲାଇବେ । ନିଲାମ ପ୍ରକ୍ରିୟା ବେଳେ ଟ୍ରଷ୍ଟ ବୋର୍ଡର ମୌରସୀ ତଥା ମୁଖ୍ୟ ସେବାୟତ ତପନ କୁମାର ପଣ୍ଡା, ଉପ-ମୌରସୀ ବୁଦ୍ଧଦେବ ପଣ୍ଡା, ସୁପରଭାଇଜର ପ୍ରଦୀପ କୁମାର ଭଞ୍ଜ, ସମିତି ସଦସ୍ୟ ଗୋବିନ୍ଦ ଦାସଙ୍କ ସମେତ ବହୁ ସେବାୟତ ଉପସ୍ଥିତ ଥିଲେ ।

## ବନ୍ୟାବିପନ୍ନଙ୍କୁ ଖାଦ୍ୟ ବଣ୍ଟନ

ସୋର, ୨୯।୭ (ସମିସ): ଭାରତୀୟ ଜନତା ଯୁବ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ ସୋର ବିଜେପି ଯୁବମୋର୍ଚ୍ଚା ତରଫରୁ ସୋର ବ୍ଲକ ତଳନଗର ଓ ସବିରା ପଞ୍ଚାୟତର ବନ୍ୟା ବିପନ୍ନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି । ବନ୍ୟାକାରଣରୁ ଲୋକେ ଖାଦ୍ୟାପାଇଁ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହେଉଥିବା ବେଳେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ପାଖାପାଖି ୭ଶହରୁ ଅଧିକ ଲୋକଙ୍କୁ ଏହି ଖାଦ୍ୟ ବଣ୍ଟନ କରାଯାଇଥିଲା । ଏଥି ସହିତ ଲୋକମାନଙ୍କ ନିକଟରେ ପହଞ୍ଚି ବନ୍ୟା ସ୍ଥିତି ପରଖିବା ସହିତ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଶ୍ରୀ ମିଶ୍ର କହିଛନ୍ତି । ଏହି ସମୟରେ ଯୁବ ମୋର୍ଚ୍ଚା ମଣ୍ଡଳ ସଭାପତି ସୁଶାନ୍ତ ଦାସ, ବିଶ୍ୱଜିତ୍ ବେହେରା, ଧର୍ମେନ୍ଦ୍ର ଜେନା, ସଂଗ୍ରାମ ମହାନ୍ତି, ଦୀପକ ବେହେରା, ସର୍ବେଶ୍ୱର ପଣ୍ଡା, ସନ୍ତୋଷ ବିଶ୍ୱାଳ, ଶ୍ରୀକାନ୍ତ ବେହେରା, ଧୀରେନ୍ଦ୍ର ବେହେରା, ଗୌରାଙ୍ଗ ବେହେରା, ଅନନ୍ତ ଦାସ, ଉତ୍ତମ ଦାସ, ପ୍ରଫୁଲ୍ଲ ଦାସ, ଭାରତ ମାଝୀ, ସୁରେନ୍ଦ୍ର ଜେନା ଓ ଅରୁଣ କୁମାର ବିନ୍ଧାଣୀଙ୍କ ସମତେ ଗ୍ରାମର କିଛି ସକ୍ରିୟ ଯୁବକ ସାମିଲ ଥିଲେ ।

## ନାବାଳକ ଉଦ୍ଧାର

ନୀଳଗିରି, ୨୯।୭ (ସମିସ): ୧୦ବର୍ଷର ଏକ ନାବାଳକ କୌଣସି କାରଣରୁ ଘରୁ ପଳାଇ ଆସିଥିବା ବେଳେ ନୀଳଗିରି ପୁଲିସ ଉଦ୍ଧାରକରି ଘରେ ଛାଡ଼ିଥିବା ଜଣାଯାଇଛି । ଔପଦା ବ୍ଲକ ବାଗୁଡ଼ି ବନ୍ଧସାହି ଗ୍ରାମର ଟୁକୁନା ସିଂର ୧୦ବର୍ଷର ପୁଅ ଶିବ ସିଂ ଦୀର୍ଘ ୩୨କି. ମି ଚାଲିଚାଲି ଆସି ମାନଗଡ଼ ପେଟ୍ରୋଲ ପମ୍ପ ନିକଟରେ ଛିଡ଼ାହୋଇଥିବା ବେଳେ ସ୍ଥାନୀୟଲୋକ ପିଲାଟିର ଆବଭାବକୁ ଜାଣି ୧୧୨କୁ ଫୋନ୍ କରି ଅବଗତ କରିଥିଲେ । ନୀଳଗିରି ପୁଲିସ ମଙ୍ଗଳବାର ରାତ୍ରିରେ ଘଟଣାସ୍ଥଳରେ ପହଞ୍ଚି ନାବାଳକ ପିଲାଟିକୁ ଉଦ୍ଧାରକରି ନୀଳଗିରି ଥାନାକୁ ଆଣି ପଚରାଉଚୁରା ପରେ ପିଲାଟି ସୋର ବାଗୁଡ଼ି ଅଞ୍ଚଳର କହିବାପରେ ବୁଧବାର ଏଏସଆଇ ଶ୍ରୀନିବାସ ରାଉତ ପିଲାଟିକୁ ନେଇ ତାଙ୍କ ଘରେ ଛାଡ଼ିଥିବା ଜଣାଯାଇଛି ।

# ପାଣି ଘେରରେ ଧାନ ତଳି, ଚାଷୀ ମୁଣ୍ଡରେ ଚଡ଼କ

ଚନ୍ଦନେଶ୍ୱର, ୨୯।୭ (ସମିସ)

ଲଘୁଚାପ ଜନିତ ଲଗାଣ ବର୍ଷା ଭୋଗରାଇ ବ୍ଲକର ଚାଷୀଙ୍କ ପାଇଁ ଘୋର ବିପର୍ଯ୍ୟୟ ଆଣିଛି । ଅବିରତ ବର୍ଷା ସହ ପାଣି ନିଷ୍କାସନ ବ୍ୟବସ୍ଥା ଠପ୍ ହୋଇଯିବାରୁ ବିଭିନ୍ନ ପଞ୍ଚାୟତରେ ଶହ ଶହ ଏକର ଧାନ ତଳି ଦୀର୍ଘଦିନ ଧରି ପାଣି ଘେରରେ ରହି ପଚି ନଷ୍ଟ ହୋଇଯାଇଛି । ବର୍ଷସାରା ପରିବାରର ଜୀବିକା ପାଇଁ ଧାନ ଚାଷ ଉପରେ ନିର୍ଭରଶୀଳ କରୁଥିବା ଚାଷୀମାନେ ଏବେ ନିରାଶା ଓ ଅନିଶ୍ଚିତତା ମଧ୍ୟରେ ଦିନ କାଟୁଛନ୍ତି । ବିଶେଷକରି ଭୋଗରାଇ ବ୍ଲକ ଅନ୍ତର୍ଗତ ଶ୍ରଦ୍ଧାପୁର ପଞ୍ଚାୟତର କନ୍ୟାନଗରୀ ଗ୍ରାମରେ ପରିସ୍ଥିତି ସବୁଠାରୁ ସଙ୍କଟଜନକ ହୋଇପଡ଼ିଛି । ଶହ ଶହ ଚାଷୀଙ୍କ ଧାନ ତଳିରେ ପାଣି ଜମି ରହିବାରୁ ଗଛର ମୂଳ ପଚିଯାଇଛି ଏବଂ ଅଧିକାଂଶ ତଳି ସମ୍ପୂର୍ଣ୍ଣ



ନଷ୍ଟ ହୋଇପଡ଼ିଛି । ଆଗାମୀ ଚାଷ ମୌସୁମ ପାଇଁ ପ୍ରସ୍ତୁତ କରାଯାଇଥିବା ଏହି ତଳି ନଷ୍ଟ ହୋଇଯିବାରୁ ଚାଷୀମାନଙ୍କ ସମସ୍ତ ଆଶା ଧୂଳିସାତ୍ ହୋଇଯାଇଛି । ଚାଷୀମାନଙ୍କ କହିବା ଅନୁଯାୟୀ, ଧାନ ବିହନ କିଲୋପ୍ରତି ପ୍ରାୟ ୧୦୦ ଟଙ୍କା ଦେଇ କିଣାଯାଇଥିଲା । ଅନେକେ ଧାରକରଜ କରି ବିହନ କିଣିବା ସହ ଜମି ପ୍ରସ୍ତୁତି, ସାର ଓ ଅନ୍ୟାନ୍ୟ ଚାଷ କାମରେ ବହୁ ଅର୍ଥ ବ୍ୟୟ କରିଥିଲେ । ମାତ୍ର କିଛି ଦିନର ଲଗାଣ ବର୍ଷା ସେମାନଙ୍କ ମାସ ମାସର ପରିଶ୍ରମକୁ ପାଣିରେ ଭସାଇ ଦେଇଛି । ତଳି ନଷ୍ଟ ହୋଇଯିବା ପରେ ଏବେ ପୁଣିଥରେ ବିହନ ସଂଗ୍ରହ କରିବା ଓ ଚାଷ ଆରମ୍ଭ କରିବା ସେମାନଙ୍କ ପକ୍ଷରେ ପ୍ରାୟ ଅସମ୍ଭବ ହୋଇପଡ଼ିଛି । ଏପରି ପରିସ୍ଥିତି ପାଇଁ କୃଷ୍ଣନଗର ଗ୍ରାମ ନିକଟସ୍ଥ ଟୁପି ନାଳ ଉପରେ ଚାଲିଥିବା ପୋଲ ନିର୍ମାଣ କାର୍ଯ୍ୟକୁ ମଧ୍ୟ ଚାଷୀମାନେ ଦାୟୀ କରିଛନ୍ତି । ସେମାନଙ୍କ ଅଭିଯୋଗ ଯେ, ପୋଲ ନିର୍ମାଣ ପାଇଁ ନାଳକୁ ବନ୍ଦ କରି ଦିଆଯାଇଥିବାରୁ ବର୍ଷାଜଳ ସ୍ୱାଭାବିକ ଭାବେ ନିଷ୍କାସିତ ହୋଇପାରିନାହିଁ । ଫଳରେ ବିସ୍ତୀର୍ଣ୍ଣ ଚାଷଜମି ଜଳମଗ୍ନ ହୋଇ ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସମୟୋପଯୋଗୀ ପାଣି ନିଷ୍କାସନ ବ୍ୟବସ୍ଥା କରାଯାଇଥାନ୍ତା, ଏତେ ବଡ଼ କ୍ଷତିକୁ ଏଡ଼ା ଯାଇ ପାରିଥାନ୍ତା ବୋଲି ଚାଷୀମାନେ କହିଛନ୍ତି । ଧାନ ତଳି ନଷ୍ଟ ହେବା ପରେ ଅନେକ ଚାଷୀ ନିଜ ଭବିଷ୍ୟତକୁ ନେଇ ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି । ପରିବାର ଚଳାଇବେ କିପରି, ଧାରକରଜ କେମିତି ସୁଝିବେ ଓ ପୁଣିଥରେ ଚାଷ ପାଇଁ ଅର୍ଥ କେଉଁଠାରୁ ଆଣିବେଏହି ପ୍ରଶ୍ନ ସେମାନଙ୍କୁ ଘାରିଛି । ଅନେକ ଚାଷୀ ନଷ୍ଟ ହୋଇଥିବା ତଳି ପାଖରେ ଠିଆ ହୋଇ ଅସହାୟ ଭାବେ ନିଜ ପରିଶ୍ରମର ପରିଣତିକୁ ଦେଖୁଥିବା ଦୃଶ୍ୟ ସମସ୍ତଙ୍କୁ ମର୍ମାହତ କରିଛି । ଏଭଳି ଦୁର୍ଦ୍ଦିନରେ ସରକାର ତୁରନ୍ତ କ୍ଷୟକ୍ଷତିର ସର୍ଭେ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା, କ୍ଷତିପୂରଣ ଯୋଗାଇ ଦେବା ସହ ପାଣି ନିଷ୍କାସନ ବ୍ୟବସ୍ଥାକୁ ତୁରନ୍ତ ସ୍ୱାଭାବିକ କରିବାକୁ ଚାଷୀ ଚନ୍ଦନ ନାୟକ, ଚୈତନ୍ୟ ପାଳ, ହରେକୃଷ୍ଣ ମଣ୍ଡଳ, ରବୀନ୍ଦ୍ର ମଣ୍ଡଳ, ପଞ୍ଚାନନ କୁଣ୍ଡ, ରବୀନ୍ଦ୍ର ପ୍ରଧାନ, ଦେବେନ୍ଦ୍ର କର ପ୍ରମୁଖ ଦାବି କରିଛନ୍ତି । ଚାଷୀମାନଙ୍କ ଆଶା ଏବେ ସରକାରୀ ସହାୟତା ଉପରେ ନିର୍ଭର କରୁଛି । ଯଦି ଶୀଘ୍ର ସହାୟତା ମିଳିନାହିଁ, ତେବେ ଏହି ଅଞ୍ଚଳରେ ଚଳିତ ବର୍ଷ ଧାନ ଚାଷ ଗୁରୁତର ଭାବେ ପ୍ରଭାବିତ ହେବା ସହ ହଜାର ହଜାର କୃଷକ ପରିବାର ଆର୍ଥିକ ସଙ୍କଟରେ ପଡ଼ିବାର ଆଶଙ୍କା ପ୍ରକାଶ ପାଇଛି ।

## ନାହିଁ ଗାର୍ଡୱାଲ, ଧସିଲା ମାଟି

ନୀଳଗିରି, ୨୯।୭ (ସମିସ): ଗତ ଦୁଇ ଦିନ ଧରି ଲଘୁଚାପ ଜନିତ ବର୍ଷା ଫଳରେ ବାଲେଶ୍ୱର ଜିଲ୍ଲାରୁ ମୟୁରଭଞ୍ଜକୁ ସଂଯୋଗ କରୁଥିବା ୧୯ ନଂ ରାଜ୍ୟ ରାଜପଥ ସଂଲଗ୍ନ ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତ ଦେଇ ଯାଉଥିବା ଘାଗରା ନଦୀ ବନ୍ୟା ଜଳ ଯୋଗୁଁ ନୂତନ କରି ନିର୍ମିତ ହୋଇଥିବା ଘାଗରା ପୋଲର ଉତ୍ତର ପାର୍ଶ୍ୱରେ ସୋମନାଥ ନାୟକ, କାଶୀନାଥ ନାୟକ, ବିଶ୍ୱନାଥ ନାୟକ ଓ ଅନ୍ୟ ଦୁଇ ଜଣଙ୍କ ବାଡ଼ିରୁ ମାଟି ଅତଡା ଖସି ପୈତୃକ ଘର ପ୍ରତି ବିପଦ ସୃଷ୍ଟି କରିବା



ଆରମ୍ଭ କରିଛି । ପୂର୍ବରୁ ଏହି ଅସମାପ୍ତ ଘାଗରା ପୋଲର ସାଇଟ ଗାର୍ଡୱାଲ ପେକିଙ୍ଗ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ବାଲେଶ୍ୱର ଏକଜିକ୍ୟୁଟିଭ ଇଞ୍ଜିନିୟର (ଡ୍ରେନେଜ୍), ଜିଲ୍ଲାପାଳ ବାଲେଶ୍ୱର, ମାନ୍ୟବର ସାଂସଦ ବାଲେଶ୍ୱର ଓ ବିଧାୟକ ନୀଳଗିରିଙ୍କୁ ବାରମ୍ବାର ସାକ୍ଷାତ ଓ ଲିଖିତ ଭାବେ ଜଣାଇବା ପରେ କାର୍ଯ୍ୟ ହେବ ବୋଲି ସୂଚନା ମିଳିଥିଲା । ମାତ୍ର ଗୋଟିଏ ଥର ବନ୍ୟା ରେ ଯେଉଁ ପରିମାଣରେ କ୍ଷୟକ୍ଷତି ଘଟିଛି, ତୁରନ୍ତ ବାଲିବସ୍ତା ପକାଇ ରକ୍ଷଣାବେକ୍ଷଣ ବ୍ୟବସ୍ଥା ନକଲେ ରହିବା ଘର ପ୍ରତି ବିପଦ ସୃଷ୍ଟି କରିବା ସହିତ ନଦୀର ବାଙ୍କ ସ୍ଥାନ ପର୍ଯ୍ୟନ୍ତ ଗାର୍ଡୱାଲ ବ୍ୟବସ୍ଥା କରିବାକୁ ଗ୍ରାମବାସୀଙ୍କ ତରଫରୁ ଦୃଢ ଦାବି ପ୍ରକାଶ ପାଇଛି ।



ଜୈବିକ ଚାଷୀମାନେ ଆଜିର ସର୍ବଶ୍ରେଷ୍ଠ ଶାନ୍ତି ଅଗ୍ରଦୂତ

-ବନ୍ଦନା ଶିବା

ସକାଳ
THE SAKALA

# ପ୍ରଦୂଷିତ ଭାରତ

ପରିବେଶ ସୁରକ୍ଷା ମାନଦଣ୍ଡରେ ଭାରତ ପୁଣି ଏକ ଅଲୋଡ଼ା ରେକର୍ଡ ହାସଲ କରିଛି। କଲମ୍ବିଆ ବିଶ୍ୱବିଦ୍ୟାଳୟ ଓ ୟେଲେ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ପ୍ରକାଶିତ ୨୦୨୬ର ପରିବେଶ ପ୍ରଦର୍ଶନ ସୂଚକାଙ୍କରେ ୧୭୭ଟି ଦେଶ ମଧ୍ୟରୁ ଭାରତ ତଳଆଡୁ ଦ୍ୱିତୀୟ ଅର୍ଥାତ୍ ୧୭୬ ନଂରେ ରହିଛି। ଜଳବାୟୁ ପରିବର୍ତ୍ତନ, ପ୍ରମୁଖ ଦୀର୍ଘସ୍ଥାୟିତ୍ୱ ଆହ୍ୱାନ, ପରିବେଶର ଜନସ୍ୱାସ୍ଥ୍ୟ ଉପରେ ପ୍ରଭାବ, ବାୟୁ ଓ ପାନୀୟ ଜଳର ମାନ, ଜୈବବିବିଧତା, ଜଙ୍ଗଲର ସ୍ଥାୟିତ୍ୱ, ସବୁଜ ବାଷ୍ପ ହ୍ରାସ ଆଦି ୧୨ଟି ମୁଖ୍ୟ ପ୍ରସଙ୍ଗରେ ପ୍ରଦର୍ଶନକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ ହୋଇଛି। ଜାତିସଂଘ ଦ୍ୱାରା ଧାର୍ଯ୍ୟ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ଜଳବାୟୁ ସମ୍ପର୍କିତ ପ୍ୟାରିସ୍ ଚୁକ୍ତିନାମାର ସଂକଳ୍ପ ହାସଲ ଦିଗରେ ଅଗ୍ରଗତିର ଆତ୍ମସମୀକ୍ଷା ପାଇଁ ଉପରୋକ୍ତ ପରିବେଶ ପ୍ରଦର୍ଶନ ସୂଚକାଙ୍କ ବା ଇପିଆଇ ଏକ ମାନଦଣ୍ଡ ରୂପେ ପରିଗଣିତ ହୋଇଆସୁଛି। ଏହି ଆଧାରରେ ଇଷ୍ଟୋନିଆ ୭୪.୭୯ ନମ୍ବର ପାଇ ତାଲିକାର ଶୀର୍ଷ ସ୍ଥାନରେ ରହିଥିବା ବେଳେ ମୋଟ ୨୨.୪୬ ନମ୍ବର ପାଇ ଭାରତ ୧୭୬ତମ ସ୍ଥାନରେ ରହିଛି। ପ୍ରଥମ ଦଶଟି ଦେଶ ତାଲିକାରେ ୟୁରୋପୀୟ ଦେଶଗୁଡ଼ିକ ଆଧିପତ୍ୟ ବିସ୍ତାର କରିଛନ୍ତି।

ମୂଳ କଥା ହେଉଛି ଭାରତର ନୀତି ନିର୍ଦ୍ଧାରକମାନେ କୌଣସି ପରିସଂଖ୍ୟାନ କିମ୍ବା ସୂଚକାଙ୍କକୁ ଗୁରୁତ୍ୱର ସହ ଗ୍ରହଣ କରିବା ବଦଳରେ ଭାରତ ପ୍ରତି ବିଦେଶୀ ତତ୍ତ୍ୱର ଏକ ଷଡ଼ଯନ୍ତ୍ର ଭାବେ ବ୍ୟାଖ୍ୟାନ ସୃଷ୍ଟି କରିବାରେ ଅଧିକ ସମୟ ନଷ୍ଟ କରୁଛନ୍ତି। ତେଣୁ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ବିଗିଡ଼ି ଯାଉଛି। ୨୦୨୨ରେ ଏହି ତାଲିକାରେ ଭାରତ ସର୍ବଶେଷରେ ସ୍ଥାନିତ ହେବା ପରେ ଭାରତର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତାଲିକା ପ୍ରସ୍ତୁତିର ମାନଦଣ୍ଡ ଓ ପ୍ରକ୍ରିୟାକୁ ଅବାନ୍ତର ବୋଲି ଅଭିହିତ କରି ତାଲିକାକୁ ଅସ୍ୱୀକାର କରିଥିଲା। ଫଳସ୍ୱରୂପ ଚାରିବର୍ଷ ପରେ ମଧ୍ୟ ମାତ୍ର ଗୋଟିଏ ପାହାଚ ଉପରକୁ ଉଠିବାରେ ଭାରତ ସକ୍ଷମ ହୋଇପାରିଛି। ଭାରତର ବେରୋଜଗାରୀ ହାର ୪୫ ବର୍ଷ ପଛକୁ ଚାଲିଯାଇଥିବା ଖୋଦ୍ କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ବିଭାଗ ପ୍ରକାଶ କରିଥିଲେ ମଧ୍ୟ ତାହାକୁ ସରକାର ଗ୍ରହଣ କରି ନଥିଲେ। ବାସ୍ତବ ସ୍ଥିତି କ'ଣ ତାହା ଆମ ଭିତରୁ ଅଧିକାଂଶ ଊଣାଅଧିକେ ଜ୍ଞାତ। ତେଣୁ ପରିସଂଖ୍ୟାନକୁ ଏଡ଼ାଇ ଗଲେ ବାସ୍ତବ ଚିତ୍ର ବଦଳିଯିବ ନାହିଁ।

୨୦୨୪ରେ ସ୍ୱିଜରଲାଣ୍ଡ ଟେକ୍ନୋଲୋଜି କମ୍ପାନୀ 'ଆଏକ୍ୟୁଏୟାର' ଦ୍ୱାରା ପ୍ରକାଶିତ ବିଶ୍ୱ ପ୍ରଦୂଷଣ ରିପୋର୍ଟ ଅନୁସାରେ ବିଶ୍ୱର କୋଡ଼ିଏଟି ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଭାରତର ୧୩ଟି ସହର ରହିଥିଲେ, ଯେଉଁଥିରେ ଆଜି ମଧ୍ୟ ସେଭଳି ଆଖିଦୃଶିଆ ସୁଧାର ଆସିନାହିଁ। ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ବିଶ୍ୱର ସର୍ବାଧିକ ପ୍ରଦୂଷିତ ରାଜଧାନୀ ଭାବରେ ଦିଲ୍ଲୀ କ୍ରମାଗତ ତାଲିକାର ପ୍ରଥମ ସ୍ଥାନରେ ରହି ଅଲୋଡ଼ା ରେକର୍ଡ ସୃଷ୍ଟି କରିଚାଲିଛି। ସର୍ବାଧିକ ପ୍ରଦୂଷିତ ଦେଶ ତାଲିକାରେ ମଧ୍ୟ ଭାରତର ସ୍ଥାନ ପଞ୍ଚମରେ ରହୁଛି। ଆସାମ୍-ମେଘାଳୟ ସୀମାନ୍ତ ସହର ବିର୍‌ନିହାଟ୍ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହରର କୁଖ୍ୟାତି ଅର୍ଜନ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାର୍ଗଦର୍ଶିକା ଅନୁଯାୟୀ ବାୟୁମଣ୍ଡଳରେ ଏହି ଉପାଦାନର ଉପସ୍ଥିତି ସର୍ବାଧିକ ୫ରେ ରହିବା ଆବଶ୍ୟକ। ଯେଉଁ ପିଏମ୍୨.୫ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ସେହି ଆଧାରରେ ବର୍‌ନିହାଟ୍‌ର ବାୟୁମଣ୍ଡଳରେ ଏହାର ଉପସ୍ଥିତି ରହିଛି ୧୨୮.୨। ଦିଲ୍ଲୀ ବାୟୁ ପ୍ରଦୂଷଣର ପ୍ରତ୍ୟକ୍ଷ ଦୃଶ୍ୟ, ପ୍ରଭାବକୁ କ'ଣ ଅଣଦେଖା କରାଯାଇପାରେ?

ବିଡ଼ମ୍ବନା ହେଉଛି ଘଟଣା ଘଟି ସାରିବା ପରେ, ଏପରିକି ସାଂଘାତିକ ହେବା ପରେ ହିଁ ଆମ ଦେଶର ନୀତି ନିର୍ଦ୍ଧାରକମାନଙ୍କର ମୁଣ୍ଡରେ ଚେତା ପଶେ। ଦିଲ୍ଲୀ ବାୟୁ ପ୍ରଦୂଷଣ ଘଟଣା ଆକସ୍ମିକ ନୁହେଁ। ପ୍ରଦୂଷଣର କାରଣମାନ ମଧ୍ୟ ସମସ୍ତଙ୍କୁ ଜଣାଅଛି। ପ୍ରାୟ ପ୍ରତିବର୍ଷ ଏଭଳି ସ୍ଥିତି ସୃଷ୍ଟି ହେବା ପରେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଏ ଏବଂ ଶୀତ ଦିନ ଯିବା ପରେ ସମସ୍ତେ ପରିସ୍ଥିତିକୁ ଭୁଲି ଯାଆନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦୀର୍ଘକାଳୀନ ଯୋଜନା ନ କରି କେବଳ ତାଳିପକା ବ୍ୟବସ୍ଥା କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏକଦା ଚୀନ୍‌ର ବେଜିଂ ସହର ମଧ୍ୟ ବାୟୁ ପ୍ରଦୂଷଣରେ ସାରା ବିଶ୍ୱରେ କୁଖ୍ୟାତି ଅର୍ଜନ କରିଥିଲା। କିନ୍ତୁ ଦୃଢ଼ ମନୋବଳ, କଡ଼ା ସରକାରୀ କଟକଣା ଓ ନିୟମ ଖିଲାପକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କଠୋର କାର୍ଯ୍ୟାନୁଷ୍ଠାନର ନିରନ୍ତର ପ୍ରଭାବରେ ସେହି ସହର ଏବେ କେବଳ ସେହି ଅପଖ୍ୟାତିକୁ ଦୂରେଇଦେଇ ନାହିଁ, ବରଂ ଉତ୍ତମ ପ୍ରଦୂଷଣ ପରିଚାଳନାରେ ପ୍ରଶଂସା ସାଉଁଟିଛି। କିନ୍ତୁ ଭାରତରେ ଏଭଳି ରାଜନୈତିକ କିମ୍ବା ପ୍ରଶାସନିକ ତତ୍ପରତା ଦେଖାଯାଏ ନାହିଁ। ଅନେକ ଆଖିଦୃଶିଆ ଓ ଶ୍ରୁତିମଧୁର ଯୋଜନା ଘୋଷଣା ହେଉଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ଏହାର ରୂପାୟନରେ ଆନ୍ତରିକତା ପ୍ରକାଶ ନ ପାଉଥିବାରୁ ଯୋଜନାର ଅସଲ ଉଦ୍ଦେଶ୍ୟ ସଫଳ ହୋଇପାରୁନାହିଁ।

କେବଳ ବାୟୁ ପ୍ରଦୂଷଣ ହିଁ ଭାରତର ଏକମାତ୍ର ସମସ୍ୟା ନୁହେଁ। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡର ସଦ୍ୟତମ ରିପୋର୍ଟ ଅନୁଯାୟୀ ଦେଶର ୨୭୧ଟି ପ୍ରମୁଖ ନଦୀର ଜଳ ଅତ୍ୟଧିକ ପ୍ରଦୂଷିତ। ଓଡ଼ିଶାର ନଦୀଜଳ କେତେ ପ୍ରଦୂଷିତ ତାହା ଆମେ ଜାଣିଛେ। ସେହିଭଳି ରାସ୍ତାଘାଟ, ଗଳିକନ୍ଦିରେ କୁଢ଼ କୁଢ଼ ଅଳିଆ ଭାରତୀୟ ସହରରେ ଏକ ସ୍ୱାଭାବିକ ଘଟଣା। କଠିନ ବର୍ଜ୍ୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ସାମଗ୍ରୀ ସିଂହଭାଗ ଯୋଗଦାନ ରହୁଥିବା ବେଳେ ଏହାର ନିରାକରଣ କେବଳ ଭାଷଣବାଜି ଓ ନୀତି ଘୋଷଣାରେ ସୀମିତ ରହିଛି। ଅଧିକନ୍ତୁ ବିଶ୍ୱ ଶୀର୍ଷ ସମ୍ମିଳନୀରେ ବିକଶିତ ଦେଶମାନେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ହ୍ରାସ ପାଇଁ ସଂକଳ୍ପ ନେଇଥିବା ବେଳେ ଭାରତ ଅର୍ଥନୈତିକ କ୍ଷତି ଆଳ ଦେଖାଇ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି। ତେଣୁ ଆଜି ଯଦି ଭାରତ ପରିବେଶ ସ୍ୱଚ୍ଛତା ତାଲିକାରେ ସର୍ବଶେଷରେ ରହିଲା ତେବେ ଆଶ୍ଚର୍ଯ୍ୟ ହେବାର ନାହିଁ। ଦେବଭୂମି ଓ ମର୍ତ୍ତ୍ୟର ସ୍ୱର୍ଗ ଭାରତ ନର୍କକୁଣ୍ଡରେ ପରିଣତ ହେବା ପୂର୍ବରୁ ନୀତି ନିର୍ଦ୍ଧାରକମାନେ ଏ ବିଷୟରେ ଗୁରୁତ୍ୱର ସହ ଚିନ୍ତା କରନ୍ତୁ। ●

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ଶିଳ୍ପାୟନରେ ଓଡ଼ିଶା ପଛୁଆ କାହିଁକି

ଶଶାଙ୍କ ପଟ୍ଟନାୟକ



ପ୍ରାକୃତିକ ସମ୍ପଦରେ ସମୃଦ୍ଧ ହୋଇଥିଲେ ମଧ୍ୟ ଓଡ଼ିଶା ଆଜି ଯାଏଁ ଦେଶର ଅଗ୍ରଣୀ ଶିଳ୍ପାୟତ ରାଜ୍ୟମାନଙ୍କ ସହ ସମକକ୍ଷ ହୋଇପାରି ନାହିଁ। ଗତ ଦୁଇଦଶନ୍ଧି ମଧ୍ୟରେ ରାଜ୍ୟର ଅନେକ ବୃହତ ଶିଳ୍ପ ପ୍ରକଳ୍ପ ପାଇଁ ନିବେଶ ଘୋଷଣା ହୋଇଥିଲେ ମଧ୍ୟ ଜମି ଅଧିଗ୍ରହଣ, ପରିବେଶ ଅନୁମୋଦନ, ପ୍ରଶାସନିକ ବିଳମ୍ବ ଓ ନୀତିଗତ ଅନିଶ୍ଚିତତା ଭଳି ବିଭିନ୍ନ ବିବାଦ କାରଣରୁ ଅନେକ ପ୍ରକଳ୍ପ ବର୍ଷ ବର୍ଷ ଧରି ଅଟକି ରହିଛି। ଆଉ କିଛି ସମ୍ପୂର୍ଣ୍ଣ ବାତିଲ ହୋଇଯାଇଛି। ଫଳସ୍ୱରୂପ ଓଡ଼ିଶା କେବଳ ବିନିଯୋଗ ନୁହେଁ ବରଂ ଲକ୍ଷାଧିକ ରୋଜଗାର ଶିଳ୍ପ ଭିତ୍ତିଭୂମି, ଆନୁଷଙ୍ଗିକ ଶିଳ୍ପ, କର ଆଦାୟ ଏବଂ ଯୁବ ପିଢ଼ିଙ୍କ ପାଇଁ ସୃଷ୍ଟି ହେବାକୁ ଥିବା ସୁଯୋଗ ମଧ୍ୟ ହରାଇଛି।

ବାସ୍ତବତା ହେଉଛି, ଶିଳ୍ପ ପ୍ରକଳ୍ପରେ ବିଳମ୍ବ କେବଳ ଅଟକି ରହିଥିବା ପୁଞ୍ଜିନିବେଶର ପ୍ରଶ୍ନ ନୁହେଁ। ଏହା ସହ ଜଡ଼ିତ ରହିଛି ହଜାର ହଜାର ସମ୍ଭାବ୍ୟ ରୋଜଗାର ସୃଷ୍ଟି, ଆନୁଷଙ୍ଗିକ ଶିଳ୍ପର ବିକାଶ, ସ୍ଥାନୀୟ ଶିଳ୍ପ ପରିବେଶର ବିସ୍ତାର, ସରକାରୀ କର, ରାଜସ୍ୱ ବୃଦ୍ଧି, ବୈଷୟିକ ଦକ୍ଷତାର ଉନ୍ନତି ଏବଂ ଆଗାମୀ ପିଢ଼ି ପାଇଁ ସୃଷ୍ଟି ହୋଇପାରୁ ନ ଥିବା ଅସଂଖ୍ୟ ଆର୍ଥିକ ସୁଯୋଗ। ଅର୍ଥାତ୍, ପ୍ରତ୍ୟେକ ବିଳମ୍ବିତ ପ୍ରକଳ୍ପ ସହ ଓଡ଼ିଶା କେବଳ ପୁଞ୍ଜିନିବେଶ ନୁହେଁ, ବରଂ ବିକାଶ, ରୋଜଗାର ଏବଂ ଆର୍ଥିକ ସଶକ୍ତିକରଣର ଅନେକ ସମ୍ଭାବନାକୁ ମଧ୍ୟ ହରାଉଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଦକ୍ଷିଣ କୋରିଆର 'ପୋସ୍କୋ' ଇସ୍ପାତ ପ୍ରକଳ୍ପ, ଯାହା ବିଭିନ୍ନ ସ୍ୱାର୍ଥଗତ ବିବାଦରେ ଛନ୍ଦି ହୋଇ ଶେଷରେ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ୨୦୦୫ ମସିହାରେ ଘୋଷିତ ୧୨ ବିଲିୟନ ଆମେରିକୀୟ ଡଲାରର ପୁଞ୍ଜିନିବେଶ ବିଶିଷ୍ଟ ଏହି ପ୍ରକଳ୍ପ ସେତେବେଳେ ଭାରତର ସବୁଠାରୁ ବଡ଼ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ଥିଲା। ଏହି ବହୁଚର୍ଚ୍ଚିତ ପ୍ରକଳ୍ପରେ ୧୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ସମନ୍ୱିତ ଇସ୍ପାତ କାରଖାନା, ନିଜସ୍ୱ ବନ୍ଦର ଏବଂ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣର ପ୍ରତିଶ୍ରୁତି ଥିଲା। ଏହାଦ୍ୱାରା ପ୍ରାୟ ୪୮,୦୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବା ସହ ଆନୁଷଙ୍ଗିକ ଇସ୍ପାତ ଶିଳ୍ପର ବିକାଶ ଆଶା କରାଯାଉଥିଲା। ମାତ୍ର ଜମି ଅଧିଗ୍ରହଣ, ପରିବେଶଗତ ମଞ୍ଜୁରୀ ଏବଂ ସ୍ଥାନୀୟ ବିରୋଧକୁ ନେଇ ପ୍ରାୟ ଗୋଟିଏ ଦଶନ୍ଧି ଧରି ବିବାଦ ଚାଲିବା ପରେ ୨୦୧୭ ମସିହାରେ ପୋସ୍କୋ ଏହି ପ୍ରକଳ୍ପରୁ ଓହରି ଯାଇଥିଲା।

ବୃହତ ସମନ୍ୱିତ ଇସ୍ପାତ ପ୍ରକଳ୍ପ ଖଣି ଖନନ, ଯୋଗାଣ ଶୃଙ୍ଖଳା, ବୈଷୟିକ ସେବା, ଉତ୍ପାଦନ, ପରିବହନ, ଗୃହ ନିର୍ମାଣ, ହୋଟେଲ ବ୍ୟବସାୟ ଓ କ୍ଷୁଦ୍ର ଉଦ୍ୟୋଗ ପରି ଅନେକ କ୍ଷେତ୍ରକୁ ସମାନ୍ତରାଳ ଭାବେ ସମୃଦ୍ଧ କରିଥାଏ। ପ୍ରକଳ୍ପରେ ପ୍ରତିବର୍ଷର ବିଳମ୍ବ ସହିତ ଏକ ସମ୍ଭାବ୍ୟ ଶିଳ୍ପ ପରିସଂସ୍ଥାର ବିକାଶ ମଧ୍ୟ ପଛକୁ ଚାଲିଯାଏ, ଯାହା ଉପକୂଳ ଓଡ଼ିଶାକୁ ପୂର୍ବ ଭାରତର ଗୋଟିଏ ପ୍ରମୁଖ ଉତ୍ପାଦନ କେନ୍ଦ୍ର ଭାବେ ଗଢ଼ିତୋଳିବା ପାଇଁ ସକ୍ଷମ। ପରବର୍ତ୍ତୀ ସମୟରେ ପୋସ୍କୋ ପାଇଁ ପ୍ରସ୍ତାବିତ ଜମିକୁ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲକୁ ଆବଣ୍ଟନ କରାଯିବା ପ୍ରମାଣ କରୁଛି ଯେ ସ୍ଥାନଟିର ଶିଳ୍ପ ସମ୍ଭାବନା ଆଜିର ସମୟରେ ମଧ୍ୟ ରହିଛି। ସେହିପରି ଟାଟା ଷ୍ଟିଲ କଳିଙ୍ଗନଗର ପ୍ରକଳ୍ପ ମଧ୍ୟ ୨୦୦୬ର ହିଂସାତ୍ମକ ଘଟଣା ପରେ ବର୍ଷେକାଳ ବିଳମ୍ବିତ ହୋଇଥିଲା। ଯଦିଓ ପରବର୍ତ୍ତୀ ସମୟରେ ପ୍ରକଳ୍ପ ସଫଳ ହୋଇଛି, ତଥାପି ବିଳମ୍ବ କାରଣରୁ ରାଜ୍ୟର ରାଜସ୍ୱ ନିଯୁକ୍ତି ଏବଂ ଆନୁଷଙ୍ଗିକ ଶିଳ୍ପରେ ବିକାଶ ବହୁ ପଛକୁ ଚାଲିଯାଇଥିଲା।

ଶିଳ୍ପ ପ୍ରକଳ୍ପରେ ସମୟର ମୂଲ୍ୟ ଅତ୍ୟନ୍ତ ଅଧିକ। ପ୍ରତ୍ୟେକ ବିଳମ୍ବର ଅର୍ଥ ହେଉଛି ଜିଏସଟି ଆଦାୟ, ବିଦ୍ୟୁତ ଚାହିଦା, ଲଜିଷ୍ଟିକ କାର୍ଯ୍ୟକଳାପ, ପରିବହନ, ରପ୍ତାନି ଓ ସ୍ଥାନୀୟ କ୍ରୟରେ ବିଳମ୍ବ। ଏହି ପରିପ୍ରେକ୍ଷୀରେ ସମୟ ନିଜେ ଏକ ଅର୍ଥନୈତିକ ଖର୍ଚ୍ଚର ରୂପ ନେଇଥାଏ। ଜଗତସିଂହପୁରରେ ଜେଏସ୍‌ଡବ୍ଲୁର ପ୍ରସ୍ତାବିତ ପ୍ରକଳ୍ପ ଓ କର୍ଣ୍ଣାଟକର ବିଜୟନଗର କାରଖାନାକୁ ତୁଳନା କଲେ ଏହା ଆହୁରି ସ୍ପଷ୍ଟ ହୁଏ। ଓଡ଼ିଶାରେ ଜମି, ଅନୁମୋଦନ ଏବଂ ପ୍ରକଳ୍ପ କାର୍ଯ୍ୟକାରୀକୁ ନେଇ ଦୀର୍ଘ ଦିନର ଅନିଶ୍ଚିତତା ଥିବା ବେଳେ ବିଜୟନଗର କ୍ରମାଗତ ଭାବେ ବିସ୍ତାର ହୋଇ ଦେଶର ସର୍ବବୃହତ ସମନ୍ୱିତ ଇସ୍ପାତ କାରଖାନାରେ ପରିଣତ ହୋଇଛି। ୧୭.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟ ହଜାର ହଜାର ପ୍ରତ୍ୟକ୍ଷ ନିଯୁକ୍ତି, ଦଶ ହଜାର ପରୋକ୍ଷ ଜୀବିକା, ଏମ୍‌ଏସ୍‌ଏମ୍‌ଇ, ଶିଳ୍ପ, ଇଞ୍ଜିନିୟରିଙ୍ଗ ସେବା ଏବଂ ସହରୀକରଣ ବିକାଶରେ ବଡ଼ ଭୂମିକା ନେଇଛି। ଏହି ତୁଳନା ଦର୍ଶାଏ ଯେ କେବଳ ନିବେଶ ଘୋଷଣା ନୁହେଁ, ତାହାର ଦ୍ରୁତ କାର୍ଯ୍ୟ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ନିବେଶକମାନେ ସ୍ଥିରତା ଓ ନିଶ୍ଚିତତାକୁ ଗୁରୁତ୍ୱ ଦିଅନ୍ତି। ପ୍ରକଳ୍ପ ଶୀଘ୍ର ଆଗକୁ ବଢ଼ିଲେ ନୂଆ ନିବେଶର ବିଶ୍ୱାସ ବଢ଼େ, ବିଳମ୍ବ ହେଲେ ନିବେଶ ଅନ୍ୟ ରାଜ୍ୟକୁ ଚାଲିଯାଏ।

ଶିଳ୍ପ କ୍ଷେତ୍ର ବାହାରେ ସବୁଠାରୁ ବଡ଼ କ୍ଷତି ଥିଲା ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟ। ପୁରୀ ନିକଟରେ ବିଶ୍ୱସ୍ତରୀୟ ବହୁବିଷୟକ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ପ୍ରାୟ ୧୫ ହଜାର କୋଟି ଟଙ୍କାର ପ୍ରାରମ୍ଭିକ ନିବେଶ ଯୋଜନା ଥିଲା। ଏହା ସହ ଗବେଷଣା ପାର୍କ, ନବସୃଜନ କେନ୍ଦ୍ର, ସ୍ୱାସ୍ଥ୍ୟସେବା ଓ ଜ୍ଞାନଭିତ୍ତିକ ଅର୍ଥନୀତିର ବିକାଶର ଲକ୍ଷ୍ୟ ରହିଥିଲା। କିନ୍ତୁ ଦୀର୍ଘ ଆଇନଗତ ବିବାଦ, ନୀତିଗତ ଅନିଶ୍ଚିତତା ଓ ଜମି ସମସ୍ୟା ଯୋଗୁଁ ପ୍ରକଳ୍ପଟି ପରିତ୍ୟକ୍ତ ହୋଇଯାଇଥିଲା। କାରଖାନା ତୁଳନାରେ ବିଶ୍ୱବିଦ୍ୟାଳୟ ପିଢ଼ି ପିଢ଼ି ପାଇଁ ଜ୍ଞାନ, ନବସୃଜନ, ଉଦ୍ୟୋଗ ଓ ଦକ୍ଷ ମାନବ ସମ୍ପଦ ସୃଷ୍ଟି କରିଥାଏ। ତେଣୁ ଏହାର ଅନୁପସ୍ଥିତି ଓଡ଼ିଶା ପାଇଁ ଅଦୃଶ୍ୟ, ଅଥଚ ଗଭୀର ଆର୍ଥିକ କ୍ଷତି।

ନିତି ଆୟୋଗ ମଧ୍ୟ ତାହାର ବିଭିନ୍ନ ରିପୋର୍ଟରେ କହିଛି ଯେ ଦେଶରେ ଗୁଣାତ୍ମକ ଅଣ-କୃଷି ରୋଜଗାର ସୃଷ୍ଟି ପାଇଁ ଶିଳ୍ପାୟନ ଅପରିହାର୍ଯ୍ୟ। ରାଜ୍ୟଗୁଡ଼ିକ ମଧ୍ୟରେ ଶିଳ୍ପ ବିକାଶର ଆସମାନତା ଯୋଗୁଁ ରୋଜଗାର ଓ ଶ୍ରମିକ ସ୍ଥାନାନ୍ତରଣରେ ବୈଷମ୍ୟ ସୃଷ୍ଟି ହେଉଛି। ସ୍ଥାନୀୟ ରୋଜଗାର ବଢ଼ିଲେ ବାଧ୍ୟତାମୂଳକ ପ୍ରବାସ କମିପାରିବ ବୋଲି ନିତି ଆୟୋଗ ଉଲ୍ଲେଖ କରିଛି। ଆଜି ମଧ୍ୟ ଓଡ଼ିଶାରୁ ବହୁସଂଖ୍ୟକ ଶ୍ରମିକ ଗୁଜରାଟ, କର୍ଣ୍ଣାଟକ, ତେଲେଙ୍ଗାନା, ତାମିଲନାଡୁ ଓ କେରଳକୁ କାମ ପାଇଁ ଯାଉଛନ୍ତି। ପ୍ରବାସ ସ୍ୱାଭାବିକ ହୋଇଥିଲେ ମଧ୍ୟ ସ୍ଥାନୀୟ ରୋଜଗାରର ଅଭାବ ଯୋଗୁଁ ହେଉଥିବା ପ୍ରବାସ ଏକ ବିକାଶଗତ ଆହ୍ୱାନ। ବୃହତ ଶିଳ୍ପ ଓ ଜ୍ଞାନଭିତ୍ତିକ ପ୍ରକଳ୍ପଗୁଡ଼ିକ ଯଥା ସମୟରେ କାର୍ଯ୍ୟକାରୀ ହୋଇଥିଲେ ଅନେକ ଯୁବକ ନିଜ ରାଜ୍ୟରେ ହିଁ କାମ ପାଇପାରିଥା'ନ୍ତେ।

ନିତି ଆୟୋଗର 'ମାକ୍ରୋ ଆଣ୍ଡ ଫିସ୍କାଲ୍ ଲ୍ୟାଣ୍ଡସ୍କେପ୍ ଅଫ୍ ଦ ଷ୍ଟେଟ୍ ଅଫ୍ ଓଡ଼ିଶା' ରିପୋର୍ଟରେ ମଧ୍ୟ ବେସରକାରୀ ନିବେଶ, ଶିଳ୍ପ ବିବିଧକରଣ ଓ ଉତ୍ପାଦନଭିତ୍ତିକ ରୋଜଗାର ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାର ଅର୍ଥ ନୁହେଁ ଯେ ପରିବେଶ କିମ୍ବା ସାମାଜିକ ସ୍ୱାର୍ଥକୁ ଅବହେଳା କରି ସବୁ ପ୍ରକଳ୍ପକୁ ଆଗକୁ ବଢ଼ାଇବା ଉଚିତ୍। ଗଣତାନ୍ତ୍ରିକ ବ୍ୟବସ୍ଥାରେ ପରିବେଶ ସୁରକ୍ଷା, ଯଥୋଚିତ ପୁନର୍ବାସ ଓ ସ୍ଥାନୀୟ ଲୋକଙ୍କ ସହଭାଗିତା ସମାନ ଭାବେ ଜରୁରୀ। କିନ୍ତୁ ଏହି ସମସ୍ୟାଗୁଡ଼ିକର ସମାଧାନ ସ୍ୱଚ୍ଛ ଓ ସମୟବଦ୍ଧ ପ୍ରକ୍ରିୟାରେ ହେବା ଉଚିତ୍, ଯାହା ଦ୍ୱାରା ପ୍ରକଳ୍ପଗୁଡ଼ିକ ବର୍ଷ ବର୍ଷ ଧରି ଅଟକି ରହିବ ନାହିଁ। ଏବେ ପ୍ରଶ୍ନ ହେଉଛି ଓଡ଼ିଶାର ଶିଳ୍ପାୟନ ଆବଶ୍ୟକ କି ନୁହେଁ ତାହା ନୁହେଁ, ବରଂ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ସୁରକ୍ଷିତ ରଖି ପ୍ରକଳ୍ପଗୁଡ଼ିକୁ କିପରି ଶୀଘ୍ର ଓ କାର୍ଯ୍ୟକ୍ଷମ ଭାବେ ସମ୍ପନ୍ନ କରାଯିବ। କର୍ଣ୍ଣାଟକ, ଗୁଜରାଟ ଓ ତାମିଲନାଡୁ ଭଳି ରାଜ୍ୟ ଏହାର ଉଦାହରଣ ସୃଷ୍ଟି କରିଛନ୍ତି।

ଓଡ଼ିଶା ପାଖରେ ପ୍ରଚୁର ଖଣିଜ ସମ୍ପଦ, ଦୀର୍ଘ ଉପକୂଳ, ପ୍ରମୁଖ ବନ୍ଦର, ପର୍ଯ୍ୟାପ୍ତ ବିଦ୍ୟୁତ ଓ ଉନ୍ନତ ଭିତ୍ତିଭୂମି ରହିଛି। କିନ୍ତୁ ଏହି ସମ୍ଭାବନା ସେତେବେଳେ ହିଁ ପ୍ରକୃତ ସମୃଦ୍ଧିରେ ପରିଣତ ହେବ, ଯେତେବେଳେ ନିବେଶଗୁଡ଼ିକ ସମୟବଦ୍ଧ ଭାବେ କାରଖାନା, ବିଶ୍ୱବିଦ୍ୟାଳୟ ଗବେଷଣା କେନ୍ଦ୍ର ଓ ଶିଳ୍ପ ପରିବେଶରେ ପରିଣତ ହେବ। ଇତିହାସକୁ ବଦଳାଯାଇପାରିବ ନାହିଁ। ପୋସ୍କୋ ଆଉ ଫେରିବନାହିଁ। ବେଦାନ୍ତ ବିଶ୍ୱବିଦ୍ୟାଳୟ ଏବେ ଅତୀତର ଅଧ୍ୟାୟ। କିନ୍ତୁ ଭବିଷ୍ୟତରେ ଅତୀତର ପୁନରାବୃତ୍ତି ନହେବା ଉଚିତ୍। ଓଡ଼ିଶା ନୂଆ ଶିଳ୍ପାୟନ ଯୁଗରେ ପ୍ରବେଶ କରୁଥିବା ବେଳେ ଏହି ବିଳମ୍ବିତ ଓ ପରିତ୍ୟକ୍ତ ପ୍ରକଳ୍ପଗୁଡ଼ିକ ଆମକୁ ଗୋଟିଏ ସ୍ପଷ୍ଟ ଶିକ୍ଷା ଦେଉଛି ଯେ - ଆର୍ଥିକ ସୁଯୋଗର ମଧ୍ୟ ଏକ ସମୟସୀମା ଥାଏ। ନିଷ୍ପତ୍ତି ବର୍ଷ ବର୍ଷ ଧରି ବିଳମ୍ବିତ ହେଲେ କ୍ଷତି କେବଳ ନିବେଶର ନୁହେଁ, ବରଂ ସେହି ରୋଜଗାର, ସମୃଦ୍ଧି, ଆଶା ଓ ଆକାଂକ୍ଷାର, ଯାହା ଏକ ସମ୍ପୂର୍ଣ୍ଣ ପିଢ଼ିର ଭବିଷ୍ୟତକୁ ବଦଳାଇ ପାରିଥା'ନ୍ତା। ●

ଭୁବନେଶ୍ୱର, ମୋ: ୯୮୬୧୪୪୩୦୧

# ବିପନ୍ନ ଜୈବ ସ୍ୱରାଜ

ବିନୋଦ ମହାରଣା

ପ୍ରତି ଜୀବ ବା ଉଦ୍ଭିଦର ବଂଶଗତ ଗୁଣାବଳୀ ପରିବାହକ ବା ଜିନ୍ ରହିଥା'ନ୍ତି। ଏହା ଲକ୍ଷ ଲକ୍ଷ ବର୍ଷ ତଳୁ ଉତ୍ତରାଧିକାର ସୂତ୍ରରେ ଚାଲିଆସିଛି। ମାତ୍ର ଆଧୁନିକ ବିଜ୍ଞାନ ଜରିଆରେ ମୂଳ ଜିନ୍‌ର ପରିବର୍ତ୍ତନ ଘଟାଯାଇଥାଏ ଯାହାକୁ ଜେନେଟିକ ମଡିଫାଏଡ ଟେକ୍ନୋଲୋଜି କୁହାଯାଏ। ଏହାଦ୍ୱାରା ମୂଳ ଶସ୍ୟର ଗୁଣ, ରୂପ, ଆକାର ଆଦି ପରିବର୍ତ୍ତିତ ହୋଇଯାଇଥାଏ। ମାଟିରେ ରହୁଥିବା ଏକପ୍ରକାର ବ୍ୟାକ୍ଟେରିଅମ (ବିଟି)ର ଏକ ସ୍ୱତନ୍ତ୍ର ଜିନ୍‌କୁ ବାହାର କରି କପା ଓ ବାଇଗଣ ଆଦିର ମଞ୍ଜିରେ ଡିଏନଏ ପ୍ରଯୁକ୍ତି ଜରିଆରେ ପ୍ରୟୋଗ କରାଯାଏ। ଏହି ଜିନ୍ ପରିବର୍ତ୍ତିତ ଶସ୍ୟ କୀଟ ପ୍ରତିରୋଧକ ହୋଇଥିବାରୁ ଚାଷରେ କ୍ଷତି ଘଟେ ନାହିଁ ବୋଲି ବୈଜ୍ଞାନିକ କହନ୍ତି। ମାତ୍ର ଏହା ଯୋଗୁଁ ମୂଳ ଶସ୍ୟର ଗୁଣବତ୍ତା ନଷ୍ଟ ହୋଇଯାଏ ଏବଂ ଯେଉଁ ଜମିରେ ଏହି ବିହନ ଚାଷ କରାଯାଏ ସେହି ଜମିରେ ଆଉ କୌଣସି ଫସଲ ହୋଇପାରି ନ ଥାଏ। ବିଟି ବିହନ ଜରିଆରେ ଗଛ ବୃଦ୍ଧି ହେଉଥିବା ବେଳେ ସାଧାରଣତଃ ଜେନେଟିକ ସଂକ୍ରମଣ ହୋଇଥାଏ ଏବଂ ପତଙ୍ଗ, ମହୁମାଛି ବା ବାୟୁ ଜରିଆରେ ଏହାର ପ୍ରଭାବ ଅନ୍ୟାନ୍ୟ ସ୍ଥାନକୁ ବିସ୍ତାରିତ ହୋଇଥାଏ, ଯାହା କି ମୂଳବିହନ ବା ଶସ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।

ଭାରତ ପରି ଏକ କୃଷିପ୍ରଧାନ ଦେଶରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଜେନେଟିକ ମଡିଫାଏଡ ଶସ୍ୟ ବିପଦ। କମ୍ ସମୟରେ ଅଧିକ ଉତ୍ପାଦନ ଆଭିମୁଖ୍ୟ ରଖି ବିଟି ଶସ୍ୟକୁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ଏହା କୃଷି ଓ କୃଷକଙ୍କ ଲାଗି ବିପଦ ସୃଷ୍ଟି କରିବାରେ ଲାଗିଛି। ବିଟି ଶସ୍ୟ ଯୋଗୁଁ ଭାରତର ହଜାର ହଜାର ବର୍ଷର ମୂଳ ଶସ୍ୟର ବିଲୋପ ଘଟୁଥିବା ବେଳେ ଦିନକୁ ଦିନ ଭାରତର ଜୈବ ବିବିଧତା, ଶସ୍ୟ ସ୍ୱରାଜ, କୃଷକଙ୍କ ଆର୍ଥିକ ସାର୍ବଭୌମତ୍ୱ କ୍ଷୁଣ୍ଣ ହେବାରେ ଲାଗିଛି। ଭେନେଜୁଏଲା, ଆଲଜେରିଆ, ପେରୁ, ଭୁଟାନ ସମେତ ୬୦ରୁ ଅଧିକ ରାଷ୍ଟ୍ରରେ ଜିଏମ ବିହନକୁ ନିଷିଦ୍ଧ କରାଯାଇଥିବା ବେଳେ ଭାରତରେ ଏହାର ଯଥେଷ୍ଟ ବ୍ୟବହାର ହେଉଥିବା ପରିଲକ୍ଷିତ ହୋଇଛି।

ପ୍ରଥମ ଥର ଲାଗି ୧୯୮୩ରେ ତମାଖୁ କ୍ଷେତ୍ରରେ ଜେନେଟିକ ଇଜିନିୟରିଂ ପଦ୍ଧତି ଆପଣାଯାଇଥିଲା। ଆଗ୍ରୋବାକ୍ଟେରିଅମର ଏକ ଜିନ୍‌କୁ ତମାଖୁ କ୍ଷେତ୍ରରେ ପ୍ରୟୋଗ କରାଯାଇଥିଲା। ପ୍ରଥମେ ଆମେରିକା ଓ ଫ୍ରାନ୍ସ ଏବଂ ପରେ ଚୀନ ଜେନେଟିକ ମଡିଫାଏଡ ବିହନକୁ ବ୍ୟବସାୟୀକରଣ କରିଥିଲେ। ପରେ ବିଶ୍ୱର ବହୁ ରାଷ୍ଟ୍ରକୁ ଏହା ବ୍ୟାପିଥିଲା। ୨୦୨୪ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ କଦଳୀ କ୍ଷେତ୍ରରେ ଏହି ପ୍ରଯୁକ୍ତି ବ୍ୟବହାର କରାଯାଇଥିଲା। ଭାରତରେ ୨୦୦୨ରେ ବିଟି କଟନକୁ ଅନୁମତି ଦିଆଯାଇଥିବା ବେଳେ ୨୦୨୨ରେ ସୋରିଷ କ୍ଷେତ୍ରରେ ଏହାକୁ ଅନୁମତି ଦିଆଯାଇଥିଲା। ମାତ୍ର ଆଇନଗତ ବିବାଦ କାରଣରୁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ସେହିପରି ୨୦୦୯ରେ ବିଟି ବାଇଗଣକୁ ଅନୁମତି ଦିଆଯାଇଥିଲା। ମାତ୍ର ପ୍ରବଳ ବିରୋଧ ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ଏହା ସତ୍ତ୍ୱେ ବହୁ ରାଜ୍ୟରେ ବେଆଇନ ଭାବେ ଏହି ବିହନ ଚାଷ ହେଉଥିବା ଜଣାଯାଏ।

ବିଟି ବିହନ ସାଧାରଣତଃ ଜୈବ ବିବିଧତା ଉପରେ କ୍ଷତି ପହଞ୍ଚାଇବା ସହ ଅନେକ ପ୍ରକାର ଉପକାରୀ କୀଟ, ମହୁମାଛି ପରି କୀଟ, ମାଟିରେ ରହୁଥିବା ଉପକାରୀ ବ୍ୟାକ୍ଟେରିଆଙ୍କୁ ଧ୍ୱଂସ କରିଦେଇଥାଏ। ଏହି କାରଣରୁ ଆଜିକାଲି ପ୍ରଜାପତି, ଫିଙ୍ଗି ଓ ଅନେକ ପ୍ରକାର କୀଟ ଦେଖାଯାଉ ନାହାନ୍ତି। ଜିଏମ ବିହନରୁ ଜାତ ଖାଦ୍ୟଶସ୍ୟ ମଣିଷ ଓ ଅନ୍ୟ ଜୀବଙ୍କ ଶରୀରରେ ରହିଥିବା ଆଣ୍ଟିବାୟୋଟିକ ପ୍ରତିରୋଧକ ଶକ୍ତିକୁ ନିଷ୍କ୍ରିୟ କରିଥାଏ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଥିଲା। ସେହିପରି ଖାଦ୍ୟ ଶୃଙ୍ଖଳର ନିୟନ୍ତ୍ରଣ ବହୁରାଷ୍ଟ୍ରୀୟ କମ୍ପାନୀ ହାତକୁ ଚାଲିଯିବ ବୋଲି ଅନେକ ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯୋଗୁଁ ପ୍ରଥମତଃ ଭାରତୀୟ କୃଷି ବଜାରରେ ଆମେରିକୀୟ ଆଧିପତ୍ୟ ବୃଦ୍ଧି ପାଇବ। ଦ୍ୱିତୀୟରେ ଜିଏମ ବିହନଜାତ ଶସ୍ୟ ଭାରତରେ ବ୍ୟାପକ ପ୍ରସାର ହେବ। ସେହି ଶସ୍ୟଗୁଡ଼ିକ ହେଲା ଜୋଆର, ସୋୟାବିନରୁ ପ୍ରସ୍ତୁତ ତେଲ, ଅନେକ ପ୍ରକାର ଫଳ, ପ୍ରାଣୀମାନଙ୍କ ଖାଦ୍ୟ ଆଦି।

ଆମେରିକା ବର୍ତ୍ତମାନ ବିଶ୍ୱର ସବୁଠାରୁ ବୃହତ ଜିଏମ ଶସ୍ୟ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇଛି। ଭାରତକୁ ଆମେରିକା ପ୍ରମୁଖ ବଜାର ଭାବେ ଦେଖୁଛି। ଚୁକ୍ତି ଯୋଗୁଁ ଭାରତରେ କେବଳ ଆମେରିକୀୟ ଜିଏମ ଶସ୍ୟ ଉପଲବ୍ଧ ହେବ ନାହିଁ ବରଂ ଜିଏମ ଶସ୍ୟରୁ ପ୍ରସ୍ତୁତ ଶିଶୁଖାଦ୍ୟଠାରୁ ଆରମ୍ଭ କରି ଅନେକ ପ୍ରକାର ପ୍ୟାକେଜଯୁକ୍ତ ଖାଦ୍ୟପଦାର୍ଥ ଉପଲବ୍ଧ ହେବାରେ ଲାଗିଛି। ଆଶ୍ଚର୍ଯ୍ୟର କଥା ଆମେରିକାରୁ ଆମଦାନୀ ହେଉଥିବା ଶସ୍ୟ ଓ ସୋୟାବିନ ତେଲକୁ କରମୁକ୍ତ କରାଯାଇଛି। ଏହି ଦୃଷ୍ଟିରୁ ଏହି ଚୁକ୍ତିକୁ ବିଭିନ୍ନ ସଂଗଠନ ବିରୋଧ କରିଆସୁଛନ୍ତି। ଭାରତ ପ୍ରତିବର୍ଷ ବିଲିୟନ ବିଲିୟନ ଡଲାରର ଖାଦ୍ୟଶସ୍ୟ, କୃଷି ସାମଗ୍ରୀ ଆମେରିକାଠାରୁ ଆମଦାନୀ କରୁଛି। ପ୍ରତିବଦଳରେ ସମପରିମାଣର ସାମୁଦ୍ରିକ ଖାଦ୍ୟ ଆମେରିକାକୁ ରପ୍ତାନି କରୁଛି। ଭାରତ ହିଁ ପ୍ରକୃତରେ ବିଶେଷ କ୍ଷତିଗ୍ରସ୍ତ ହେଉଛି ଏବଂ ଭାରତୀୟ କୃଷି ଅର୍ଥନୀତିକୁ ଧ୍ୱଂସ ଆଡ଼କୁ ନେଇଯାଉଛି।

ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭିରୋନମେଣ୍ଟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଭାରତରେ ୨୦ରୁ ଅଧିକ ପ୍ରକାରର ଜେନେଟିକାଲି ମଡିଫାଏଡ ଖାଦ୍ୟ ସାମଗ୍ରୀ ଖୋଲା ବଜାରରେ ବିକ୍ରି କରାଯାଉଛି। ନିରୀହ ଖାଉଟିମାନଙ୍କ ଜୀବନ ସହ କିଛି କମ୍ପାନି ଖେଳୁଛନ୍ତି। ସେହି ଖାଦ୍ୟ ମଧ୍ୟରେ ରହିଛି ଶିଶୁ ଖାଦ୍ୟ, ଖାଇବା ତେଲ, ଖାଦ୍ୟପଦାର୍ଥ ଇତ୍ୟାଦି। ଆମେରିକା, କାନାଡ଼ା, ଥାଇଲାଣ୍ଡ, ନେଦରଲ୍ୟାଣ୍ଡସ, ୟୁଏଇ ଆଦି ରାଷ୍ଟ୍ରରୁ ଆମଦାନୀ କରାଯାଇଥିବା ଅନେକ ଖାଦ୍ୟ ପଦାର୍ଥରେ ଜିଏମ ଶସ୍ୟ ବ୍ୟବହୃତ ହୋଇଥିବା ଜଣାଯାଇଛି। ଅର୍ଥାତ ବେଆଇନ ଭାବେ ଭାରତୀୟ ଖାଦ୍ୟଶସ୍ୟ ବଜାରରେ ବଡ଼ ବଡ଼ କମ୍ପାନିଙ୍କ ପ୍ରାଧାନ୍ୟ ଜାରି ରହିଛି। ବେଆଇନ ବିହନ, ଖାଦ୍ୟ ପଦାର୍ଥ ଉପରେ ସାଧାରଣତଃ ଜେନେଟିକ ଇଞ୍ଜିନିୟରିଂ ମଞ୍ଜୁରୀ କମିଟିର ଭୂମିକା ଥାଏ। ଏହି ସଂସ୍ଥା ନୀରବ ରହୁଥିବାରୁ ଅନ୍ତଃରାଷ୍ଟ୍ରୀୟ କମ୍ପାନିଗୁଡ଼ିକ ଲାଭବାନ ହେଉଥିବା ବେଳେ ଭାରତ କ୍ଷତିର ସମ୍ମୁଖୀନ ହେଉଛି।

ଦେଶରେ ଜିଏମ ଶସ୍ୟକୁ ଅନୁମତି ଦିଆଯାଇନାହିଁ ବୋଲି ୨୦୧୭ ମେ ୨୪ରେ ସୁପ୍ରିମକୋର୍ଟରେ ଦର୍ଶାଇଥିଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଅଧୀନସ୍ଥ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ କର୍ତ୍ତୃପକ୍ଷ। ଏହା ସତ୍ତ୍ୱେ ଭାରତରେ କିପରି ବିପୁଳ ପରିମାଣର ଜିଏମ ଶସ୍ୟ ବ୍ୟବହୃତ ହେଉଛି ତାହା ଆଶ୍ଚର୍ଯ୍ୟ ସୃଷ୍ଟି କରୁଛି। ଜିଏମ ଶସ୍ୟ କ୍ଷେତ୍ରରେ ଏକ ଜାତୀୟ ନୀତି ନିର୍ଦ୍ଧାରଣ କରିବା ଲାଗି କେନ୍ଦ୍ର ସରକାରଙ୍କୁ ୨୦୨୪ ଜୁଲାଇ ୨୩ରେ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। ଏହା ସହ ଜିଏମ ଶସ୍ୟର ଗବେଷଣା, ଚାଷ, ବ୍ୟବସାୟ ଲାଗି ସ୍ୱତନ୍ତ୍ର ନୀତି ପ୍ରସ୍ତୁତି ଲାଗି କୋର୍ଟ ପରାମର୍ଶ ଦେଇଥିଲେ। ମାତ୍ର ଏଥିପ୍ରତି ବିଶେଷ ଧ୍ୟାନ ଦିଆଯାଇ ନଥିବାରୁ ଦେଶରେ ଏବେ ବ୍ୟାପକ ପରିମାଣର ଜିଏମ ବିହନରୁ ଚାଷ ହେବା ସହ ଅନେକ ପ୍ରକାର ଖାଦ୍ୟ ବଜାରରେ ପ୍ରଭାବ ବିସ୍ତାର କରିଛି।

ଜିଏମ ବିହନ ବା ଶସ୍ୟର ପ୍ରାଦୁର୍ଭାବ ରୋକିବା ଲାଗି ୨୦୨୪ ଅଗଷ୍ଟରେ ୧୮ଟି ରାଜ୍ୟର ଶତାଧିକ କୃଷକ ସଂଗଠନ କେନ୍ଦ୍ର ପରିବେଶ ମନ୍ତ୍ରାଳୟ ନିକଟକୁ ପତ୍ର ଲେଖିଥିଲେ। କେବଳ ପାବରେ ଜିଏମ୍ କପା ଚାଷ ପରିମାଣ ୪୬ ପ୍ରତିଶତ ହ୍ରାସ ହୋଇଥିବାରୁ ସଂଗଠନଗୁଡ଼ିକ ପକ୍ଷରୁ ଚିନ୍ତା ପ୍ରକଟ ହୋଇଥିଲା। ଏହାର କାରଣ ହେଉଛି ଜିଏମ କପା ବିହନ ଆବଶ୍ୟକ ଲାଭ ଦେଇପାରି ନଥିଲା ଏବଂ ଅମଳ ହ୍ରାସ ପାଇଥିଲା। ବହୁରାଷ୍ଟ୍ରୀୟ କମ୍ପାନି ବେୟର ଓ ମନସାଣ୍ଟୋ ପକ୍ଷରୁ ବିକ୍ରି କରାଯାଉଥିବା କପା ବିହନ ଚାଷୀମାନଙ୍କୁ ନାନା ପ୍ରକାର ଆର୍ଥିକ ସମସ୍ୟାରେ ପକାଇଥିଲା। ଏହି କାରଣରୁ କପା ଚାଷୀଙ୍କ ଆତ୍ମହତ୍ୟା ବୃଦ୍ଧି ପାଇଥିଲା। ଏପରିକି କପା ଚାଷୀଙ୍କ ଆତ୍ମହତ୍ୟା ନେଇ ଅଦାଲତରେ ସ୍ୱୀକାର କରିଥିଲେ କେନ୍ଦ୍ର ସରକାର। କୁହାଯାଏ-ମନସାଣ୍ଟୋର ଜିଏମ କପା ବିହନ ବ୍ୟବହାର କରି ଅନେକ ଚାଷୀ ଦେବାଳିଆ ହୋଇଯାଇଛନ୍ତି ଏବଂ ୨୦୧୨ ସୁଦ୍ଧା ପ୍ରାୟ ୨ ଲକ୍ଷ ୫୦ ହଜାର କପା ଚାଷୀ ଆତ୍ମହତ୍ୟା କରିଛନ୍ତି। ଏହି ସଂଖ୍ୟା ୩ ଲକ୍ଷ ହେବ ବୋଲି ଆକଳନ କରିଥିଲେ ବିଶିଷ୍ଟ ସ୍ତମ୍ଭକାର ବେଲେନ ଫର୍ଣ୍ଣାଣ୍ଡେଜ ଯାହାକୁ ସମର୍ଥନ କରିଥିଲେ ବିଶିଷ୍ଟ ପରିବେଶବିତ୍ ବନ୍ଦନା ଶିବା। ୨୦୧୮ରେ ମନସାଣ୍ଟୋକୁ ବେୟର ଗ୍ରୁପ କ୍ରୟ କରିବା ପରେ ଭାରତରେ ବର୍ତ୍ତମାନ ବେୟର କମ୍ପାନି ହିଁ ଜିଏମ ଶସ୍ୟର ବ୍ୟବସାୟ କରିଚାଲିଛି।

ଦେଶରେ ଦିନକୁ ଦିନ କୃଷିଭିତ୍ତିକ ଜମି ପରିମାଣ ହ୍ରାସ ପାଇବାରେ ଲାଗିଛି। ସହରୀକରଣ, ଶିଳ୍ପ, ଗୃହ ନିର୍ମାଣ, ଜନସଂଖ୍ୟା ବୃଦ୍ଧି ଆଦି କାରଣରୁ ଜମି ପରିମାଣ ଦ୍ରୁତଗତିରେ ହ୍ରାସ ପାଉଛି। ୧୯୭୦ ଦଶକ ବେଳକୁ ଦେଶରେ ହାରାହାରି ଜମି ପରିମାଣ ଥିଲା ୨.୨୮ ହେକ୍ଟର। ବର୍ତ୍ତମାନ ଏହି ପରିମାଣ ୧ ହେକ୍ଟରକୁ କମିଆସିଲାଣି। ୩୦ ପ୍ରତିଶତ ଜମି କୃଷି କାର୍ଯ୍ୟ ଲାଗି ଅଯୋଗ୍ୟ ବିବେଚିତ ହେଲାଣି। ଏପରି ଅବସ୍ଥାରେ ବିଟି ବିହନର ଚାଷ କୃଷି ଲାଗି ବଡ଼ ବିପର୍ଯ୍ୟୟ ଆଣିବାର ଆଶଙ୍କା ସୃଷ୍ଟି କରୁଛି। ●

ଭୁବନେଶ୍ୱର, ମୋ: ୯୪୩୭୧୬୪୭୬୪



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବନ୍ୟା ପରିସ୍ଥିତି ମୁକାବିଲାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ଭୁବନେଶ୍ୱର,୨୯।୭(ସମିସ): ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ, ବନ୍ୟା ଜଳରେ ଭାସିଯାଇ ୪ ଜଣଙ୍କ ମୃତ୍ୟୁ ହୋଇଥିବା ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ବନ୍ୟା ପରିଚାଳନାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟକ ବ୍ୟୋମକେଶ ରାୟ, ଗୌତମବୁଦ୍ଧ ଦାସ ଓ ସଞ୍ଜୀବ ମଲ୍ଲିକ ବନ୍ୟା ପରିଚାଳନା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଚରମ ବିଫଳତାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ବ୍ୟୋମକେଶ ରାୟ କହିଥିଲେ ଯେ ବର୍ଷା ଜନିତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଲୋକଙ୍କ ଅବସ୍ଥା ବେହାଲ ହୋଇଥିବା ବେଳେ ରାଜ୍ୟ ସରକାର ପ୍ରଭାବିତ ଲୋକଙ୍କୁ ସାମାନ୍ୟ ସୁବିଧା ପହଞ୍ଚାଇବାରେ ବିଫଳ ହୋଇଛନ୍ତି।

**ସରକାରଙ୍କ ପୂର୍ବ ପ୍ରସ୍ତୁତି ନ ଥିବାରୁ ୪ଟି ମୂଲ୍ୟବାନ ଜୀବନ ଚାଲିଗଲା**

**ନବୀନଙ୍କ ପ୍ରତ୍ୟେକ ଜୀବନ ମୂଲ୍ୟବାନ ନୀତି ବର୍ତ୍ତମାନର ସରକାରଙ୍କ ପାଇଁ ମୂଲ୍ୟହୀନ**

**ନବୀନଙ୍କ ଜିରୋ କାଜୁଆଲିଟି ନୀତି ଥିବାବେଳେ ବର୍ତ୍ତମାନର ସରକାର କାଜୁଆଲ ହୋଇଯାଇଛନ୍ତି**

ପାଣିପାଗ ବିଭାଗର ପୂର୍ବ ସୂଚନା ଥିଲେ ମଧ୍ୟ ସରକାରଙ୍କ କୌଣସି ପ୍ରସ୍ତୁତି ନଥିଲା, ଯେଉଁଥିପାଇଁ ୪ଟି ମୂଲ୍ୟବାନ ଜୀବନ ଯାଇଛି। ବନ୍ୟା ମୁକାବିଲା କରିବାରେ ବିଫଳ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ବ୍ୟୋମକେଶ ରାୟ କହିଥିଲେ। ନବୀନ ସରକାରଙ୍କ ସମୟରେ ବିପର୍ଯ୍ୟୟ ପରିଚାଳନା



ପାଇଁ ଓଡ଼ିଶା ସାରା ବିଶ୍ୱରେ ପ୍ରଶଂସିତ ହୋଇଥିଲା। ନବୀନଙ୍କ ସମୟରେ ପ୍ରତ୍ୟେକ ଜୀବନ ମୂଲ୍ୟବାନ ନୀତି ନିଷ୍ଠାର ସହ କାର୍ଯ୍ୟକାରୀ କରାଯାଉଥିବା ବେଳେ, ଏବେ ପ୍ରତ୍ୟେକ ଘଟଣାରେ ଜୀବନହାନୀ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। କଟକ ବଡ଼ ମେଡିକାଲରେ ସରକାରଙ୍କ ଅବହେଳା ଯୋଗୁଁ ଅଗ୍ନିକାଣ୍ଡ ଘଟି ୧୩ଟି ମୂଲ୍ୟବାନ ଜୀବନ ଯାଇଥିଲା । ସେହିପରି ରଥଯାତ୍ରାରେ ସରକାରଙ୍କ ଅବହେଳା ପାଇଁ ଚଳିତ ବର୍ଷ ୪ ଜଣଙ୍କ ମୃତ୍ୟୁ ହୋଇଛି। ବିଜେପି ସରକାର କ୍ଷମତାସୀନ ହେବା ପରଠାରୁ ପ୍ରତିବର୍ଷ ରଥଯାତ୍ରାରେ ମୂଲ୍ୟବାନ ଜୀବନ ଯାଉଛି। ଗୌତମବୁଦ୍ଧ ଦାସ କହିଥିଲେ ଯେ ବିପର୍ଯ୍ୟୟ ପରିଚାଳନା କଥା ଉଠିଲେ, ସମଗ୍ର ଦେଶ ଓ ବିଶ୍ୱ ଓଡ଼ିଶା ଆଡ଼କୁ ଅନାଏ। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଜିରୋ କାଜୁଆଲିଟି ନୀତି ସାରା ବିଶ୍ୱ ପାଇଁ ଉଦାହରଣ ହୋଇପାରିଥିଲା। ଜିରୋ କାଜୁଆଲିଟି ନୀତି ପରେ ବର୍ତ୍ତମାନର ସରକାର କାଜୁଆଲ ହୋଇଯାଇଛନ୍ତି, ଯାହାଫଳରେ ସାଧାରଣ ଲୋକଙ୍କ ମୃତ୍ୟୁ ଏକ ସାଧାରଣ ଘଟଣା ହୋଇଯାଇଛି। ବନ୍ୟା ନିୟନ୍ତ୍ରଣ କରିବା ଦୂରରେ ଥାଉ, ବର୍ଷା ଜଳକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି। ସରକାରଙ୍କ ଅପାରଗତା ଜଳ ଜଳ ହୋଇ ଦିଶୁଛି। ସଞ୍ଜୀବ ମଲ୍ଲିକ କହିଥିଲେ ଯେ ବନ୍ୟା ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ସର୍ବନିମ୍ନ ନିତ୍ୟ ଆବଶ୍ୟକୀୟ ଜିନିଷ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି। ଭଦ୍ରକ ନିର୍ବାଚନ ମଣ୍ଡଳୀର ଅଧିକାଂଶ ପଞ୍ଚାୟତ ଅଞ୍ଚଳ ଜଳମଗ୍ନ ହୋଇସାରିଥିବା ବେଳେ, ପ୍ରଭାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି। ବର୍ଷା ଲାଗି ରହିଥିବାରୁ ରାଜ୍ୟର ଅନ୍ୟ ଜିଲ୍ଲା ଗୁଡିକ ମଧ୍ୟ ବନ୍ୟା ଆଶଙ୍କାର ସମ୍ମୁଖୀନ ହୋଇଛନ୍ତି। ପରିସ୍ଥିତିରେ ସୁଧାର ନଆସିଲେ, ଲୋକଙ୍କ ସ୍ୱାର୍ଥ ହାସଲ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# +୨ ଇନ୍‌ଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଫଳ ପ୍ରକାଶିତ

ଭୁବନେଶ୍ୱର, ୨୯ ।୭(ସମିସ): ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ବର୍ଗରେ ସମୁଦାୟ ୪୫୨୫ ପିଲା ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରେ ୧୭୩୫ ଜଣ ଇନ୍‌ଷ୍ଟାଣ୍ଟ ଓ ୨୭୮୪ ଜଣ ଇମ୍ପ୍ରୁଭମେଣ୍ଟ ପରୀକ୍ଷାର୍ଥୀ ଅଛନ୍ତି। ଇନ୍‌ଷ୍ଟାଣ୍ଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୩୪ ଜଣ ପରୀକ୍ଷା ଦେଇଥିବାବେଳେ ମାତ୍ର ଜଣେ ପରୀକ୍ଷାରେ ଅନୁପସ୍ଥିତ ଥିଲା। ତନ୍ମଧ୍ୟରୁ ୧୪୦୩ ଜଣ ଅର୍ଥାତ୍ ୮୦.୯୧% କୃତକାର୍ଯ୍ୟ ହୋଇଛନ୍ତି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। କଳାରେ ସର୍ବାଧିକ ୧୦୮୩ ଜଣ ପରୀକ୍ଷା ଦେଇଥିବାବେଳେ ୯୩୯ ଜଣ (୮୬.୭୦%) ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଜ୍ଞାନରେ ୫୮୫ ଜଣଙ୍କ ମଧ୍ୟରୁ ୪୦୮ ଜଣ (୬୯.୭୪%), ବାଣିଜ୍ୟରେ ୪୯ ଜଣଙ୍କ ମଧ୍ୟରୁ ୪୦ ଜଣ (୮୧.୬୩%) ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୭ରୁ ୧୬ ଜଣ ପାସ୍ କରିଛନ୍ତି। ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଅଧିକ ସୂଚନା ଦେଇ କହିଛନ୍ତି ଯେ ପରୀକ୍ଷାର୍ଥୀମାନେ ଷଗ୍ଦଗ୍ଦକ୍ସଗ୍ଦ://ଵରଗ୍ଦଙ୍କଷଗ୍ଦଗ୍ଦ.କ୍ଟୟସଗ୍ଦଷବ.ଶକ୍ଟଖ.ସଭ ୱେବସାଇଟ୍‌ରେ ସେମାନଙ୍କ ପରୀକ୍ଷା ଫଳ ଜାଣିପାରିବେ। ରୋଲ୍ ନମ୍ବର ଓ ପଞ୍ଜୀକରଣ ନମ୍ବର ଦେଇ ମାର୍କସିଟ୍ ଡାଉନ୍‌ଲୋଡ୍ ମଧ୍ୟ କରିପାରିବେ। ପରୀକ୍ଷା ଫଳ ପ୍ରତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇ-ସ୍ପେସରେ ଉପଲବ୍ଧ ହୋଇଛି। ଡିଜିଲକର୍ ମାଧ୍ୟମରେ ମାର୍କସିଟ୍ ଏବଂ ସାର୍ଟିଫିକେଟ୍ ପରି ଡିଜିଟାଲ୍ ଏକାଡେମିକ୍ ଡକ୍ୟୁମେଣ୍ଟ ପ୍ରଦାନ କରାଯିବ। ପିଲାମାନେ ସେମାନଙ୍କ ଶିକ୍ଷାନୁଷ୍ଠାନରୁ ଅଗଷ୍ଟ ୧୫ ତାରିଖ ମଧ୍ୟରେ ସାର୍ଟିଫିକେଟ୍ ଏବଂ ମାର୍କସିଟ୍‌ର ହାର୍ଡ କପି ପାଇପାରିବେ ବୋଲି ଡ. ପରିଡ଼ା କହିଛନ୍ତି।

# ସମ୍ପାଦକଙ୍କୁ ବ୍ଲାକମେଲିଂ, ସାମ୍ବାଦିକ ଗିରଫ

ବାରିପଦା, ୨୯।୭ (ସମିସ): ଭୁବନେଶ୍ୱର ଏୟାରଫିଲ୍ଡ ଥାନା ପୁଲିସ ବୁଧବାର ବାରିପଦାରୁ ଜଣେ ସାମ୍ବାଦିକଙ୍କୁ ଗିରଫ କରିଥିବା ଜଣାପଡିଛି। ଗିରଫ ସାମ୍ବାଦିକ ଜଣଙ୍କ ହେଲେ ପ୍ରବୀର ବାରିକ। ସେ ଭୁବନେଶ୍ୱରରୁ ପ୍ରକାଶିତ ଓ ଓଡିଆ ଖବରକାଗଜର ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି ଅଟନ୍ତି। ଏକ ଓଡ଼ିଆ ସମ୍ବାଦପତ୍ରର ସମ୍ପାଦକ ତଥା ଏକ ଘରୋଇ ନର୍ସିଂ କଲେଜ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ସେଠୀ(ଭୁବନେଶ୍ୱର ରାଜେନ୍ଦ୍ର ବିହାର ଆପାର୍ଟମେଣ୍ଟର ବାସିନ୍ଦା)ଙ୍କୁ ଅଭିଯୁକ୍ତ ଜଣଙ୍କ ନିଜକୁ କ୍ରାଇମ୍ ବ୍ରାଞ୍ଚ ଅଧିକାରୀ ବୋଲି ପରିଚୟ ଦେଇ ତାଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଛି।



ଅଭିଯୋଗ ଅନୁସାରେ, କିଛି ଦିନ ପୂର୍ବରୁ ଅଭିଯୁକ୍ତଙ୍କ ସାମ୍ବାଦିକା ପତ୍ନୀ ପ୍ରତିମା ବାରିକଙ୍କ ସହ ମିଶି ମୋବାଇଲ୍ ନମ୍ବର ୭୯୭୮୯୪୬୮୯୧ ଓ ୯୦୭୮୮୦୨୯୩୧ରୁ ଯୋଗାଯୋଗ କରି ଏଆଇ ସମ୍ପାଦିତ ଫଟୋ ଓ ଭିଡିଓ ଦେଖାଇଥିଲେ। ଏଥିରେ ବିକାଶ ଚନ୍ଦ୍ର ସେଠୀଙ୍କୁ ଏକ ଯୁବତୀଙ୍କ ସହିତ ଦେଖାଯାଇଥିଲା। ସେମାନେ କହିଥିଲେ ଯେ ଏହି ଅଭିଯୋଗଯୋଗ୍ୟ ଫଟୋ ଓ ଭିଡିଓ ଅନଲାଇନ୍‌ରେ ପ୍ରଚାର କରାଯିବ ଏବଂ ତାଙ୍କ ବିରୁଦ୍ଧରେ ଅପରାଧିକ ମାମଲା ଦାଖଲ କରାଯିବ। ଏହା ରୋକିବା ପାଇଁ ସେମାନେ ୨ ଲକ୍ଷ ଟଙ୍କା ଦାବି କରିଥିଲେ। ବାରମ୍ବାର ଫୋନ୍ କରି ଧମକ ଦେଇ ତାଙ୍କ ସମ୍ମାନ ଓ ସୁନାମକୁ କ୍ଷତି ପହଞ୍ଚାଇବାର ଭୟ ଦେଖାଇଥିଲେ। ଏହି ଘଟଣା ୧୦ ଜୁଲାଇରୁ ୧୬ ଜୁଲାଇ ୨୦୨୬ ମଧ୍ୟରେ ଘଟିଥିବା ବେଳେ ୨୦ ଜୁଲାଇ ୨୦୨୬ରେ ଏଆରପୋର୍ଟ ଥାନାରେ କେଶ ନଂ ୦୩୩୦ ଦାଖଲ ହୋଇଛି। ଏଥିରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ୨୦୨୩ର ଧାରା ୨୯୬, ୩୫୧(୨), ୩୦୮(୨), ୩୧୯(୨), ୩(୫) ସହିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଆଇନ ଏବଂ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୭(ଏ) ଅନୁସାରେ ମାମଲା ପଞ୍ଜିକୃତ ହୋଇଛି। ଏଥିରେ ପ୍ରବୀରଙ୍କ ପତ୍ନୀ ମଧ୍ୟ ଅଭିଯୁକ୍ତ ଅଛନ୍ତି। ତେବେ ଏୟାରପୋର୍ଟ ପୁଲିସ ଚଢ଼ାଉ ପାଇଁ ଆସିଥିବା ବେଳେ ସାଥିରେ ମହିଳା ପୁଲିସ ନଥିବାରୁ ତାଙ୍କୁ ପରବର୍ତ୍ତୀ ସମୟରେ ଗିରଫ କରାଯିବ ବୋଲି ପୁଲିସ କହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଃ! କି ବଢ଼ି...

ମନ୍ତ୍ରୀ କହିଥିବା ବେଳେ ମେଡିକାଲ ଟିମ୍ ମୁତୟନ କରାଯାଇଥିବାବେଳେ ଆବଶ୍ୟକ ଔଷଧ ମହଜୁଦ ରଖାଯାଇଛି ଏବଂ ସାପ କାମୁଡ଼ାର ଚିକିତ୍ସା ପାଇଁ ଆଣ୍ଟି-ସ୍ନେକ୍ ଭେନମ୍ ଇଞ୍ଜେକ୍ସନ୍ ପ୍ରଭାବିତ ଅଞ୍ଚଳକୁ ପଠାଯାଇଛି। ଅନ୍ୟପଟେ ସମସ୍ତ ନଦୀବନ୍ଧ, ରିଲିଫ କେନ୍ଦ୍ର ଓ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ପାଟ୍ରୋଲିଂକୁ ବାଧ୍ୟତାମୂଳକ କରାଯାଇଛି। କ୍ଷତିଗ୍ରସ୍ତ ଘରଗୁଡ଼ିକର ଆକଳନ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ପ୍ରଭାବିତ ପରିବାରମାନଙ୍କୁ ସରକାରୀ ନିୟମାବଳୀ ଅନୁଯାୟୀ ସହାୟତା ପ୍ରଦାନ ପ୍ରକ୍ରିୟା ଜାରି ରହିଛି। ଜରୁରୀ ଉଦ୍ଧାର କାର୍ଯ୍ୟ ବେଳେ ବିଦ୍ୟୁତ୍ ସ୍ପର୍ଶରେ ଜଣେ ଅଗ୍ନିଶମ ସେବା କର୍ମଚାରୀଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ମନ୍ତ୍ରୀ ଓ ଉପସ୍ଥିତ ସମସ୍ତ ଅଧିକାରୀ ଗଭୀର ଶୋକ ପ୍ରକାଶ କରିଥିଲେ। ମୃତକଙ୍କ ପରିବାରକୁ ତୁରନ୍ତ ସମସ୍ତ ସରକାରୀ ସହାୟତା ଓ ପ୍ରାପ୍ୟ ସୁବିଧା ପ୍ରଦାନ କରିବାକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ସମ୍ପୃକ୍ତ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବିପର୍ଯ୍ୟୟ ମୁକାବିଲାକୁ ଆହୁରି ସୁଦୃଢ଼ କରିବା ପାଇଁ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଆଦି ୪ ଜିଲ୍ଲାରେ ୨୦ ଟି ଓଡ୍ରାଫ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ କରାଯାଇଛି। ଏହାସହିତ ସମ୍ବଲପୁରରେ ଆଗକୁ ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଗୋଟିଏ ଓଡ୍ରାଫ୍ ଟିମ୍ ନିୟୋଜିତ କାରଯାଇଛି। ଏହି ସ୍ଥିତିରେ ରାଜ୍ୟ ସରକାର ସମସ୍ତ ଜିଲ୍ଲା ପ୍ରଶାସନ ଏବଂ ସଂପୃକ୍ତ ବିଭାଗ ସହ ନିରନ୍ତର ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି।

### ବୈତରଣୀ ବନ୍ୟାରେ...

ବିପଦ ସଙ୍କେତ ତଳକୁ ଖସିଛି, ହେଲେ ଏବେ ବି ଆଖୁଆ ପଦାଠାରେ ଏହା ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ବୁଢ଼ାବଳଙ୍ଗ ମଧ୍ୟ ଏନ୍‌ଏଚ୍-୫ଠାରେ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ମଥାନୀଠାରେ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ମହାନଦୀ ନରାଜଠାରେ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ଉତ୍ତର ଓଡ଼ିଶାରେ ମୁଖ୍ୟତଃ ପୂର୍ଣ୍ଣିମା ଯୋଗୁଁ ସମୁଦ୍ରକୁ ପାଣି ନିଷ୍କାସିତ ହୋଇପାରୁ ନାହିଁ। ଫଳତଃ ଏବେ ବି ଶତାଧିକ ଗାଁ ଜଳଘେରରେ ରହିଛି। ବୈତରଣୀ ନଦୀରେ ବନ୍ୟା ଯୋଗୁଁ ଯାଜପୁରର ଦଶରଥପୁର, ଭଦ୍ରକର ଧାମନଗର ଓ ଚାନ୍ଦବାଲି ଅଞ୍ଚଳରେ ବନ୍ୟା ପାଣି ପଶିଛି ଓ ଏଠାରେ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଶାଳନ୍ଦୀ ନଦୀରେ ଇନ୍‌ଫ୍ଲୋ କମିଥିବାରୁ ଭଦ୍ରକର ବନ୍ୟା ସ୍ଥିତି ଆସନ୍ତାକାଲି ସୁଦ୍ଧା ସୁଧୁରିବ ବୋଲି ଆକଳନ କରାଯାଇଛି। ତେବେ ଆନନ୍ଦପୁର ଓ ଯାଜପୁରରେ ନଦୀବନ୍ଧରେ ଛୋଟ ଘାଇ ସୃଷ୍ଟି ହୋଇଥିବା ବେଳେ ପାଣି କମିବା ପରେ ତୁରନ୍ତ ମରାମତି କରାଯିବ ବୋଲି ଆକଳନ କରାଯାଉଛି।

ଅନ୍ୟପଟେ ଉତ୍ତର ଓଡ଼ିଶାରେ ବୈତରଣୀର ଦାଉ କମି ନ ଥିବା ବେଳେ ମହାନଦୀ ଏବେ ଚିନ୍ତା ବଢ଼ାଇବାରେ ଲାଗିଛି। ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ ସ୍ପଷ୍ଟ କରିଛନ୍ତି ଯେ, ଗୁରୁବାର ସନ୍ଧ୍ୟା ସୁଦ୍ଧା ମୁଣ୍ଡଳୀରେ ୮.୫ରୁ ୯ ଲକ୍ଷ କ୍ୟୁସେକ୍ ପାଣି ପହଞ୍ଚିପାରେ। ଏହାର ପ୍ରଭାବରେ ଦୟା ଓ ମହାନଦୀର ତଳିଆ ଅଞ୍ଚଳରେ ଛୋଟରୁ ମଧ୍ୟମ ଧରଣର ବନ୍ୟା ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ମୁଣ୍ଡଳୀରେ ଏବେ ୫ ଲକ୍ଷ ୮୭,୫୬୦ କ୍ୟୁସେକ ଜଳ ପ୍ରବାହିତ ହେଉଛି। ଧୀରେ ଧୀରେ ଜଳର ପରିମାଣ ବଢ଼ିବାରେ ଲାଗିଛି। ହୀରାକୁଦ ଜଳଭଣ୍ଡାରରେ ବର୍ତ୍ତମାନ ଜଳସ୍ତର ୬୧୭.୯୧ ଫୁଟ୍ ରହିଛି। ଦୁଇଟି ଗେଟ୍ ଦେଇ ସେଠାରୁ ପାଣି ନିଷ୍କାସନ ଚାଲିଥିଲେ ମଧ୍ୟ, ତେଲ୍ ନଦୀ ଅବବାହିକା ସମେତ ବଲାଙ୍ଗିର ଓ ଖଇରମାଳ ଅଞ୍ଚଳରେ ଅଧିକ ବର୍ଷା ହେବାରୁ ମହାନଦୀକୁ ବହୁ ପରିମାଣର ଜଳ ପ୍ରବେଶ କରୁଛି। ଫଳରେ ମୁଣ୍ଡଳୀରେ ବନ୍ୟା ଜଳ ପ୍ରବାହ ବଢ଼ିବା ସହ ପରଦିନ ଦୟା ଓ ମହାନଦୀର ତଳିଆ ଅଞ୍ଚଳରେ ବନ୍ୟାର ପ୍ରଭାବ ଦେଖାଯିବ ବୋଲି ଆଶଙ୍କା କରାଯାଉଛି। ମହାନଦୀରେ ବନ୍ୟା ଆସିବା ଯୋଗୁଁ ବିଶେଷ କରି ପୁରୀ ଜିଲ୍ଲାର ନିମାପଡ଼ା, କଣାସ, ଗୋପ ଓ ଅସ୍ତରଙ୍ଗ ଭଳି ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିବାର ସମ୍ଭାବନା ରହିଛି। ସେଥିପାଇଁ ସ୍ଥାନୀୟ ପ୍ରଶାସନକୁ ସତର୍କ ରହିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଜଳ ସମ୍ପଦ ବିଭାଗ ପରାମର୍ଶ ଦେଇଛି।

### ପ୍ରତ୍ୟେକ ଜୀବନ...

ପଦକ୍ଷେପରେ ଲୋକଙ୍କ ସହିତ ଛିଡ଼ା ହୋଇଛନ୍ତି। ପ୍ରଶାସନର ସୂଚନାକୁ ପାଳନ କରିବା ସହ ସୁରକ୍ଷିତ ରହିବାକୁ ପରାମର୍ଶ ଦେଇଛନ୍ତି। ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟା ପରିଚାଳନା, ସ୍ଥାନାନ୍ତରଣ ଓ ରିଲିଫ୍ କାର୍ଯ୍ୟକୁ ସ୍ୱୟଂ ତଦାରଖ କରିବା ପାଇଁ ୩ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି। ଜଳସ୍ତର ଓ ପରିସ୍ଥିତି ଉପରେ ସାକ୍ଷାତ ନଜର ରଖିବା ପାଇଁ ଏସଆରସି କାର୍ଯ୍ୟାଳୟ ଓ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷକୁ ୨୪ ଘଣ୍ଟା ଖୋଲା ରଖିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଳିଆ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ଓଡ୍ରାଫ, ଏନ୍‌ଡିଆର୍‌ଏଫ, ଅଗ୍ନିଶମ ଓ ପୁଲିସ ବାହିନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ସମସ୍ତ ଆଶ୍ରୟସ୍ଥଳୀରେ ବିଶୁଦ୍ଧ ପାନୀୟ ଜଳ, ରନ୍ଧାଖାଦ୍ୟ, ଜରୁରୀ ସ୍ୱାସ୍ଥ୍ୟସେବା, ସର୍ପାଘାତ ପ୍ରତିଷେଧକ ଔଷଧ ଏବଂ ଗୃହପାଳିତ ପଶୁଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଯୋଗାଇ ଦିଆଯାଉଛି। ଆଶ୍ରୟସ୍ଥଳୀକୁ ଆସୁଥିବା ନାଗରିକଙ୍କ ବାସଗୃହ ଓ ଧନସମ୍ପତ୍ତିର ସୁରକ୍ଷା ନିଶ୍ଚିତ କରିବା ପାଇଁ ପୁଲିସ ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ବାସଗୃହ ଓ ଚାଷଜମି ପାଇଁ ପ୍ରଭାବିତ ଜନସାଧାରଣଙ୍କୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

ରାଜ୍ୟରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ସହାୟତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଜଣ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏନେଇ ସେ ସାମାଜିକ ଗଣଣାଧମ ଏକ୍ସରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥିତି ଉପରେ ନିରନ୍ତର ନଜର ରଖିଛି। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସହ ଆଲୋଚନା କରି ପ୍ରଭାବିତ ଅଞ୍ଚଳରେ ପରିସ୍ଥିତି ପଚାରି ବୁଝିବା ସହ ସହାୟତା କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛି।

### ସରକାରୀ ବସ୍ ଡ୍ରାଇଭର...

ଆଣିଥିଲେ ବା ଆୟ କରିଥିଲେ, ସେ ନେଇ ତଦନ୍ତକାରୀ ଦଳ ଅଧିକ ପଚରାଉଚୁରା ଜାରି ରଖିଛନ୍ତି। ବେଆଇନ କାରବାର ଏବଂ କଳାଧନ ଠୁଳ ଅଭିଯୋଗରେ ପୁଲିସ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟାକୁ କଡ଼ାକଡ଼ି କରିଛି। ଏହି ଘଟଣାରେ ଅନ୍ୟ କୌଣସି ପ୍ରଭାବଶାଳୀ ବ୍ୟକ୍ତି କିମ୍ବା ବେଆଇନ ସଂସ୍ଥାର ହାତ ରହିଛି କି ନାହିଁ, ତାହା ଆଗାମୀ ତଦନ୍ତରୁ ସ୍ପଷ୍ଟ ହେବ।

### ଗୃହ ତତାଇଲେ...

କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଥିଲେ।

ଲୋକସଭାରେ ଆଗତ ପ୍ରଶ୍ନପତ୍ର ଲିକ୍ ବିଲ ଉପରେ ଆଲୋଚନା ବେଳେ ଆଜି ରାହୁଲ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଟାର୍ଗେଟ କରିବାରୁ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ରାହୁଲ ଅଭିଯୋଗ କରିଥିଲେ ଯେ ଗତ ଜୁଲାଇ ୨୦ ତାରିଖରେ ଛାତ୍ର ଆନ୍ଦୋଳନକାରୀଙ୍କୁ ଗୁଳି କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏପରି ବଳପ୍ରୟୋଗ ନିଷ୍ପତ୍ତି କେବଳ ସ୍ୱରାଷ୍ଟ୍ର ମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀଙ୍କ ଅନୁମୋଦନରେ ହିଁ ସମ୍ଭବ। ଏହି କାରଣ ପାଇଁ ଶାହ ଗୃହକୁ ଆସିବାକୁ ସାହସ ଜୁଟାଇ ପାରୁନାହାନ୍ତି ବୋଲି ସେ କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟର ଶାସକ ଦଳର ସାଂସଦମାନେ ତୀବ୍ର ପ୍ରତିବାଦ କରିବା ସହ ରାହୁଲଙ୍କଠାରୁ ପ୍ରମାଣ ଏବଂ କ୍ଷମାପ୍ରାର୍ଥନା ଦାବି କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ରାହୁଲଙ୍କ ଏହି ମନ୍ତବ୍ୟକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଗୃହର ମର୍ଯ୍ୟାଦା ହାନି ବୋଲି ଦର୍ଶାଇଥିଲେ। ରାହୁଲ ନିଜ ଅଭିଯୋଗର ଉପଯୁକ୍ତ ପ୍ରମାଣ ଦିଅନ୍ତୁ କିମ୍ବା ଗୃହରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି ଉଠିଥିଲା। ବାଚସ୍ପତି ଓମ୍ ବିର୍ଲା ମଧ୍ୟ ବିରୋଧୀ ଦଳ ନେତାଙ୍କୁ କୌଣସି ପ୍ରମାଣ ବିନା ଏପରି ଗୁରୁତର ଅଭିଯୋଗ ନ ଆଣିବାକୁ ଏବଂ ମୂଳ ବିଷୟବସ୍ତୁ ଉପରେ ଆଲୋଚନା ସୀମିତ ରଖିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ରାହୁଲଙ୍କ ଏହି ମନ୍ତବ୍ୟକୁ ଗୃହ ବିବରଣୀରୁ ବାଦ୍ ଦିଆଯାଇଥିଲା।

ସନ୍ଧ୍ୟା ବେଳେ କଂଗ୍ରେସ ଭବନରେ ସାମ୍ବାଦିକ ସମ୍ମିଳନୀ କରି ରାହୁଲ ଅଭିଯୋଗ କରିଥିଲେ ସେ ଆନ୍ଦୋଳନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଅମିତ ଶାହଙ୍କୁ ଦାୟୀ କରିବାରୁ ତାଙ୍କୁ ସଂସଦରେ କହିବାକୁ ଦିଆଯାଇନଥିଲା। ସେ କହିଥିଲେ ଯେ ଯଦି ସ୍ୱରାଷ୍ଟ୍ର ମନ୍ତ୍ରୀ ଏହି ଆଦେଶ ଦେଇଛନ୍ତି, ତେବେ ସେ ଦୋଷୀ। ଆଉ ଯଦି ସେ ଏ ବିଷୟରେ କିଛି ଜାଣିନଥିଲେ, ତେବେ ସେ ନିଜ ଦାୟିତ୍ୱ ତୁଲାଇବାରେ ଅକ୍ଷମ। ଏହି ସଂଘାତିକ ଅଭିଯୋଗକୁ ଶାସକ ଦଳ ଦୃଢ଼ ଭାବେ ଖଣ୍ଡନ କରିଛି। ତେବେ ସେ ଯାହା କହିଛନ୍ତି, ତାହା ଠିକ୍ ଏବଂ ସେ କ୍ଷମା ପ୍ରାର୍ଥନା କରିବେ ନାହିଁ ବୋଲି ରାହୁଲ ସ୍ପଷ୍ଟ କରିଛନ୍ତି। ସେ କହିଲେ ଯେ ପୁଲିସ ବର୍ବରତା ପାଇଁ ଶାହଙ୍କୁ ପ୍ରଧାମନ୍ତ୍ରୀ ବରଖାସ୍ତ କରିବା ଉଚିତ। ପୁଲିସର ଏଭଳି ବର୍ବରତାର ସୁପ୍ରିମ କୋର୍ଟ ତତ୍ତ୍ୱାବଧାନରେ ତଦନ୍ତ ମଧ୍ୟ ହେବା ଆବଶ୍ୟକ। ତେବେ ସେ କୌଣସି ପରିସ୍ଥିତିରେ ବିଜେପି-ଆରଏସଏସକୁ କ୍ଷମା ପ୍ରାର୍ଥନା କରିବେ ନାହିଁ ବୋଲି ରାହୁଲ କହିଥିଲେ। ଏହାସହିତ ସେ ଛାତ୍ରମାନଙ୍କୁ ତିନିଟି ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି ଯେ ଆହତ ଆନ୍ଦୋଳନକାରୀଙ୍କୁ ନ୍ୟାୟ ଦେବାରେ ସହାୟତା କରିବେ। ପେଲେଟ ଗନ୍ ମାଡ଼ କରିଥିବା ଦୋଷୀଙ୍କୁ ଦଣ୍ଡିତ କରାଇବେ ଏବଂ ସମଗ୍ର ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କୁ କାଠଗଡ଼ାରେ ଠିଆ କରାଇବେ।

### ହଙ୍ଗାମା ମଧ୍ୟରେ...

ଯନ୍ତରମନ୍ତରଠାରେ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଜୁଲାଇ ୨୦ ତାରିଖରେ ସଂସଦ ଅଭିମୁଖେ ପଦଯାତ୍ରା ସମୟରେ ପୋଲିସ ଓ ପ୍ରଦର୍ଶନକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଶନିବାର ଦିନ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସହ ସରକାର ଅନ୍ୟାନ୍ୟ ଦାବି ଗ୍ରହଣ କରିବା ପରେ ଦୀର୍ଘ ୩୬ ଦିନର ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।।ସେହିଭଳି ରାଜ୍ୟସଭାରେ ଆଜି ବନ୍ଦେମାତରମ ବିଲ୍ ମଧ୍ୟ ଗୃହୀତ ହୋଇଛି। ଜାତୀୟ ଗୀତ 'ବନ୍ଦେ ମାତରମ୍'କୁ ଅନାଦର କିମ୍ବା ଅପମାନିତ କରିବାକୁ ଏକ ଦଣ୍ଡନୀୟ ଅପରାଧ ଭାବେ ଘୋଷଣା କରିବା ପାଇଁ ରାଜ୍ୟସଭାରେ ଏହି ବିଲ୍ ପାରିତ ହୋଇଛି। ଜାତୀୟ ସମ୍ମାନ ଅବମାନନା ନିରୋଧ (ସଂଶୋଧନ) ବିଲ୍ ୨୦୨୬ ବାଚନିକ ଭୋଟ୍ ଦ୍ୱାରା ଗୃହୀତ ହୋଇଛି। ଏହି ବିଲ୍ ଜରିଆରେ 'ବନ୍ଦେ ମାତରମ୍'କୁ ଜାତୀୟସଙ୍ଗୀତ 'ଜନଗଣମନ' ଭଳି ସମାନ ଆଇନଗତ ସୁରକ୍ଷା ପ୍ରଦାନ କରାଯାଇଛି। ନୂତନ ନିୟମ ଅନୁଯାୟୀ, ଜାତୀୟ ପତାକା, ସମ୍ବିଧାନ, ଜାତୀୟ ସଙ୍ଗୀତ ଏବଂ 'ବନ୍ଦେ ମାତରମ୍' ପ୍ରତି କୌଣସି ଅନାଦର କଲେ ସର୍ବାଧିକ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡବିଧାନର ପ୍ରାବଧାନ ରହିଛି। 'ବନ୍ଦେ ମାତରମ୍' ରଚନାର ୧୫୦ତମ ଜୟନ୍ତୀ ପାଳନ ଅବସରରେ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

### ମନମୋହନଙ୍କୁ...

ଦିଆଯାଇଛି। ମନମୋହନ ସିଂହଙ୍କ ଦେହାନ୍ତ ହୋଇଥିଲେ ସୁଦ୍ଧା ତାଙ୍କ ସମ୍ମାନ ଓ ସ୍ୱଚ୍ଛ ଭାବମୂର୍ତ୍ତି ରକ୍ଷା ପାଇଁ କୋର୍ଟ ଏହି ଆବେଦନର ଶୁଣାଣି କରିଥିଲେ। ମନମୋହନ ସିଂହଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅଭିଷେକ ମନୁ ସିଂଘଭି ମାମଲା ପରିଚାଳନା କରିଥିଲେ। ହିଣ୍ଡାଲକୋ କମ୍ପାନୀକୁ କୋଇଲା ବ୍ଲକ ଆବଣ୍ଟନ କରିବା ଏକ ପ୍ରଶାସନିକ ନିଷ୍ପତ୍ତି ଥିଲା ଏବଂ ଏଥିରେ କୌଣସି ବେଆଇନ କାର୍ଯ୍ୟ ହୋଇ ନ ଥିଲା ବୋଲି ସିବଲ କୋର୍ଟରେ ଯୁକ୍ତି ରଖିଥିଲେ।

### ନଥିରେ ଯୋଜନା...

ମାତ୍ର ଏହି ବର୍ଗର ଲୋକମାନଙ୍କର ବିକାଶ ପାଇଁ କେନ୍ଦ୍ରରେ ତାଙ୍କରି ମନ୍ତ୍ରଣାଳୟ ଓଡ଼ିଶାକୁ ଅନୁଦାନ ଦେବାରେ କାର୍ପଣ୍ୟ କରିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମାତ୍ର ଏହି ଯୋଜନାରେ ଅନୁଦାନ ପ୍ରଦାନ ସମ୍ପର୍କରେ ଖୋଦ୍ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱୈତ ଉତ୍ତରକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଗୋଟିଏ ପ୍ରଶ୍ନର ଉତ୍ତରରେ ପିଏମ୍-ଜନମନ ଯୋଜନାରେ ଓଡ଼ିଶାକୁ ଆଦୌ ଅନୁଦାନ ମିଳି ନ ଥିବା ସୂଚନା ଦେଇଥିବାବେଳେ ସାଂସଦ ମାନସ ମଙ୍ଗରାଜଙ୍କ ଏକ ପ୍ରଶ୍ନରେ ରାଜ୍ୟକୁ ୨୦୨୫-୨୬ ବର୍ଷରେ ୧.୯ କୋଟି ଅନୁଦାନ ମଞ୍ଜୁର ହୋଇଥିବା ତଥ୍ୟ ରଖିଛନ୍ତି। ଏକ ପକ୍ଷରେ କେନ୍ଦ୍ରମନ୍ତ୍ରୀଙ୍କ ତଥ୍ୟ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିବା ସମୟରେ ୧୨୨ କୋଟି ଟଙ୍କାରୁ ୨ ବର୍ଷରେ ୧.୯ କୋଟି ଅନୁଦାନ ଯଦି ସତରେ ରାଜ୍ୟକୁ ମିଳିଥାଏ, ତାହା ମଧ୍ୟ ପୀଡ଼ାଦାୟକ ବୋଲି କୁହାଯାଉଛି । ରାଜ୍ୟରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଅନୁଦାନ, ଶିକ୍ଷା, ଜୀବିକା, ଭିତ୍ତିଭୂମି ଓ ସାମାଜିକ-ଆର୍ଥିକ ବିକାଶ ସଂକ୍ରାନ୍ତରେ ସାଂସଦ ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଓ୍ୱିକେ କହିଛନ୍ତି ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ପାଇଁ ଓଡ଼ିଶାକୁ ୭୨୭.୫୯ କୋଟି ମଞ୍ଜୁର ହୋଇଥିବାବେଳେ ପୋଷ୍ଟ ମାଟ୍ରିକ୍ ଛାତ୍ରବୃତ୍ତି ବାବଦରେ ୨୯୪ କୋଟି ମୁକ୍ତ କରାଯାଇଛି। ସମ୍ବିଧାନର ଅନୁଚ୍ଛେଦ ୨୭୫(୧) ଅନ୍ତର୍ଗତ ଆଦିବାସୀ ଅଞ୍ଚଳର ବିକାଶ ପାଇଁ ୧୦୯.୭୬ କୋଟି ପ୍ରଦାନ କରାଯାଇଛି। ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ୨୦୨୫-୨୬ରେ ୧୧.୩୯ କୋଟି ଅର୍ଥ ମଞ୍ଜୁର କରାଯାଇଛି। ପିଏମ୍ ଜନଜାତୀୟ ବିକାଶ ମିଶନ ପାଇଁ ୨୩.୭୪ କୋଟି, ଟ୍ରାଇବାଲ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ପାଇଁ ୩.୬୦ କୋଟି ସହାୟତା ଦିଆଯାଇଛି। କେତେକ ଯୋଜନାରେ ଅନୁଦାନଗୁଡ଼ିକର ବିନିଯୋଗ ପ୍ରମାଣପତ୍ର (ୟୁସି) ମିଳିଥିବାବେଳେ ଅନ୍ୟ କେତେକ ଯୋଜନାରେ ବିନିଯୋଗପତ୍ର ରାଜ୍ୟ ସରକାର ଦେଇ ନ ଥିବା ମନ୍ତ୍ରୀ ଶ୍ରୀ ଓ୍ୱିକେ କହିଛନ୍ତି।


**AFFIDAVIT**

By virtue of an affidavit sworn before 833, dated-04/07/26, I Smt Chhabita Ram Address: At-Patharchatia, Po-Bainchanuagaon, Ps-Rasgovindpur, Mayurbhanj, Odisha, Pin-757020, my son Adhar Card no:- 518544237741 declare that I have changed my Son's name from JHINA RAM (old name) to JEENA RAM (new name) Henceforth, she shall be known as JEENA RAM (new name) for all future purposes.

**ପୂର୍ବ ତଟ ରେଳପଥ**

PR-333/P/26-27 CRW

**ଦଲିଲ ହଜିଛି**

**AFFIDAVIT**

By virtue of an affidavit no.5813 before Notary Public, Sunabeda, dtd. 29.07.2026, I, Mohan Nayak, Vill- Luhaba, P.O. Subai, P.S. Nandapur, Dist. Koraput hereby declare that my Aadhaar Card contains incorrect entries. My name has been wrongly recorded as Mahan Nayak instead of Mohan Nayak, my father's name as Madhab Nayak instead of Balaram Nayak, and my date of birth as 11.06.2000 instead of 18.08.2000. All the above names refer to the same persons.

Mohan Nayak

**AFFIDAVIT**

I Ruksana Rajjak D/O Abdul Rajjak At.3rd Lane Shiridi Sai Nagar, Po/PS. Nabarangapur, Dist- Nabarangapur, Pin 764059 . Declare by this affidavit no 26516 dated 29/07/2026 that now onwards I shall be known as Ruksana Bano for all future purposes.

**OFFICE OF THE PRINCIPAL, SIDDHARTHA DEGREE COLLEGE, BINKA,**
DIST-SUBARNAPUR
EMAIL ID:-siddharthadegreecollegebinka@gmail.com

**QUOTATION CALL NOTICE**

No. 1476 Dt. 29-07-26

Sealed Quotations are invited from GST Registered Firms /Authorised dealers/ Distributors for supply of IT infrastructure items: (1) Desktop (i5-13th Generation)-05, (2) UPS (600VA)-05, (3) Multi Function Printer-01, (through speed post/Regd Post/Courier etc) on or before 07.08.2026. The undersigned reserves the right to cancel any quotation without assigning any reason thereof.
For detail specification please visit our official website (www.siddharthadegreecollegebinka.org)

Sd/- Principal
Siddhartha Degree College, Binka
Mob No.9537802575

GOVERNMENT OF ODISHA
**OFFICE OF THE ADDITIONAL CHIEF ENGINEER-CUM-ELECTRICAL INSPECTOR, KORAPUT**
AT: PUJARIPUT (OLD LIC BUILDING), DIST: KORAPUT, PIN-764020
E-MAIL: eikoraput-od@od.gov.in
No. 693 / Dated 27.07.2026

**CORRIGENDUM-EXTENSION OF TENDER SUBMISSION DATE**

In continuation to this office Tender Call Notice Letter No. 604 / Dated 06.07.2026, the undersigned is pleased to extend the deadline for submission of sealed quotation / tender documents for hiring of Electric Vehicle of the Additional Chief Engineer-Cum-Electrical Inspector, Koraput up to 14.08.2026 at 03:00 PM and shall be opened on the same day at 04.00 PM in presence of the bidders or their authorized representatives.
All other terms and conditions of the original quotation call notice Letter No. 604 / Dated 06.07.2026 shall remain unchanged.

Additional Chief Engineer
-Cum-Electrical Inspector, Koraput

OIPR-4001/4095/1/26-27/5083

**MUNICIPAL OFFICE: JEYPORE** 13001/1323/2627
Ph. No.06854-321098, Fax No.06854-230104, Email- jeyporem.hud@nic.in
Letter No. 3712/JM Date: 28.7.26

**Offline Tender Call Notice**

| | |
|---|---|
| TCN Documents available at | http://www.jeyporemunicipality.in http://koraput.odisha.gov.in |
| No of works. | 01 |
| Estimated cost/ EMD Cost/ Paper Cost | As per DTCN |
| Date & Time of Bidding | From 30.07.2026 at 11:00 Hours to 07.08.2026 Upto 16:00 Hours |
| Last date & time for receipt of bids through speed post | 11.08.2026 Upto 11:00 Hours |
| Documents shall be opened in presence of the Participate Bidders | 11.08.2026 at 12:00 Hours onwards |

OIPR -13001/13679/1/26-27/0021

Executive Officer
Jeypore Municipality

# ବାଲେଶ୍ୱର-ଗୋପାଳପୁର ରାସ୍ତାରେ ବନ୍ୟାଜଳ, ଯାତାୟାତ ଠପ୍

ବାଲେଶ୍ୱର, ୨୯।୭ (ସମିସ)



ଲଗାଣ ବର୍ଷା ପରେ ବାଲେଶ୍ୱର ଜିଲ୍ଲାରେ ବନ୍ୟା ପରିସ୍ଥିତି ଆହୁରି ସଙ୍ଗୀନ ହୋଇପଡ଼ିଛି। ଏହାର ଭୟାବହ ଚିତ୍ର ଦେଖିବାକୁ ମିଳିଛି ବାଲେଶ୍ୱର - ଗୋପାଳପୁର ପୂର୍ତ୍ତ ରାସ୍ତାର ଶ୍ରୀଜଙ୍ଗ କଣ୍ଟିଆଚିରା ନାଳ ଉପରେ। ଏହି ରାସ୍ତା ମଧ୍ୟରେ ଥିବା କଣ୍ଟିଆଚିରା ନାଳ ଉପରେ ନିର୍ମିତ ବ୍ରିଜ୍ ଓ ଏହାର ଉଭୟ ପାର୍ଶ୍ୱର ରାସ୍ତା ଉପରେ ପ୍ରବଳ ସ୍ରୋତରେ ବନ୍ୟାଜଳ ପ୍ରବାହିତ ହେଉଛି। ରାସ୍ତା ଅଛି କି ନାହିଁ ତାହା ମଧ୍ୟ ଜଣାପଡୁନାହିଁ। ଏପରି ସ୍ଥିତିରେ ଦୁଇଦିନ ଧରି ହଜାର ହଜାର ଲୋକ ନିଜ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି। କଣ୍ଟିଆଚିରା ନାଳ ଖନ୍ତାପଡ଼ା ଥାନା ଅଧୀନ ଅଞ୍ଚଳ ଓ ରେମୁଣା ବ୍ଲକ ସୀମାରେ ଥିବାରୁ ଏହି ରାସ୍ତା ଉପରେ ବହୁ ଗ୍ରାମର ଲୋକ ନିର୍ଭର କରନ୍ତି। ବଜାର, ସ୍କୁଲ, କଲେଜ, ହସ୍ପିଟାଲ ଏବଂ ଦୈନନ୍ଦିନ କାର୍ଯ୍ୟ ପାଇଁ ଏହି ରାସ୍ତା ହିଁ ପ୍ରମୁଖ ସଂଯୋଗ। କିନ୍ତୁ ବନ୍ୟାଜଳ ରାସ୍ତାକୁ କବଳିତ କରିଥିବାରୁ ପ୍ରତ୍ୟେକ ମୁହୂର୍ତ୍ତରେ ଦୁର୍ଘଟଣାର ଆଶଙ୍କା ବଢ଼ିଚାଲିଛି। ସବୁଠାରୁ ଚିନ୍ତାର ବିଷୟ ହେଉଛି, ବିପଦ ସ୍ପଷ୍ଟ ଥିବା ସତ୍ତ୍ୱେ ଉକ୍ତ ସ୍ଥାନରେ ନା କୌଣସି ବ୍ୟାରିକେଡ୍, ନା ସତର୍କ ସୂଚନା, ନା ପୁଲିସ କିମ୍ବା ପ୍ରଶାସନିକ କର୍ମଚାରୀଙ୍କ ମୁତୟନ ହୋଇନଥିବା ଦେଖିବାକୁ ମିଳିଛି। ଏହା ଫଳରେ ଦୁଇଚକିଆ ଯାନ, ସାଇକେଲ ଏବଂ ପାଦଚାରୀମାନେ ପ୍ରବଳ ସ୍ରୋତକୁ ଖାତିର ନକରି ବାଧ୍ୟ ହୋଇ ରାସ୍ତା ପାର ହେଉଛନ୍ତି। ଟିକିଏ ଅସାବଧାନତା ହେଲେ ବାଇକ୍ ସହ ଲୋକ ସ୍ରୋତରେ ଭାସିଯିବାର ଆଶଙ୍କା ରହିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ପ୍ରତିବର୍ଷ ବର୍ଷା ଦିନରେ ଏହି ସମସ୍ୟା ଦେଖାଦେଉଥିଲେ ମଧ୍ୟ ସ୍ଥାୟୀ ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଜଳସ୍ତର ବଢ଼ିଲେ ରାସ୍ତା ବନ୍ଦ କରିବା ଓ ବିକଳ୍ପ ବ୍ୟବସ୍ଥା କରିବା ପରିବର୍ତ୍ତେ ପ୍ରଶାସନ ନିରବ ଦର୍ଶକ ସାଜିଥିବା ଅଭିଯୋଗ ହେଉଛି। କୌଣସି ନିରୀହ ଲୋକଙ୍କ ଜୀବନ ଯିବା ପରେ ପ୍ରଶାସନର ନିଦ ଭାଙ୍ଗିବ କି ? ଅଘଟଣ ଘଟିଲେ ତାହାର ଦାୟିତ୍ୱ ନେବ କିଏ ? ବୋଲି ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ତୁରନ୍ତ ଉକ୍ତ ସ୍ଥାନରେ ଯାତାୟାତ ବନ୍ଦ କରି ବ୍ୟାରିକେଡ୍ ଲଗାଇବା, ପୋଲିସ ଓ ଅଗ୍ନିଶମ ବାହିନୀକୁ ମୁତୟନ କରିବା ସହ ବିକଳ୍ପ ରାସ୍ତାର ବ୍ୟବସ୍ଥା କରାଯାଉ ବୋଲି ବୁଦ୍ଧିଜୀବି ମାନେ ଦାବି କରିଛନ୍ତି।

## ଦହପଡ଼ା ଛକରୁ ବାଲେଶ୍ୱର ସହରକୁ ଯୋଗାଯୋଗ ବିଚ୍ଛିନ୍ନ

ବାଲେଶ୍ୱର, ୨୯ ।୭ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ଏବେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ସୃଷ୍ଟି ହୋଇଛି। ବୁଢ଼ାବଳଙ୍ଗ ନଦୀର ବିପଦ ସଙ୍କେତ



୮.୧୩ମିଟର ଥିବା ବେଳେ ଏବେ ୮.୬୬ମିଟରରେ ପାଣି ପ୍ରବାହିତ ହେଉଛି। ଏହାଫଳରେ ସଦର ବ୍ଲକ ସମେତ ରେମୁଣା ବ୍ଲକ ବିଶେଷ ଭାବେ ପ୍ରଭାବିତ ହୋଇଛି। ଏହି ବନ୍ୟା ଫଳରେ ଫୁଲାଡି ଛକରୁ ବାଲେଶ୍ୱରକୁ ଆସିବା ରାସ୍ତାର ଦହପଡ଼ା ଛକ ଠାରୁ ବାଲେଶ୍ୱରର ନୁଣିଆଯୋଡି ପୋଲ ପର୍ଯ୍ୟନ୍ତ ରାସ୍ତାରେ ୪ଫୁଟରୁ ଅଧିକ ପାଣି ପ୍ରବାହିତ ହେଉଛି। ଏହାଛଡା ପ୍ରଖର ସୁଅ ମଧ୍ୟ ରହିଛି। ଏହାରି ଫଳରେ ସମ୍ପୂର୍ଣ୍ଣ ଭାବେ ଯାତାୟତ ଠପ ହୋଇଯାଇଛି। ଅନ୍ୟପଟେ ଜାତୀୟ ରାଜପଥ ହୋଇ କୁରୁଡା ଦେଇ ବାଲେଶ୍ୱରକୁ ଆସିବାକୁ ହେଲେ ପ୍ରାୟ୧୫କିମି ଅଧିକ ରାସ୍ତା ଦେଇ ଯିବାକୁ ପଡୁଛି। ସେହିପରି ଦହପଡ଼ା ପଞ୍ଚାୟତର କଣ୍ଟାବଣିଆ ଗାଁ ଏବେ ପାଣି ଘେରରେ ରହିଥିବା ବେଳେ ପାଖାପାଖି ୩ଶହରୁ ଅଧିକ ଲୋକେ ଏବେ ଜଳବନ୍ଦୀରେ ରହିଛନ୍ତି। ହେଲେ ଗତକାଲି ଠାରୁ ପ୍ରଶାସନ ବର୍ତ୍ତମାନ ପର୍ଯ୍ୟନ୍ତ ସେଠାରେ ପହଁଚିନଥିବା ବେଳେ ଲୋକମାନଙ୍କୁ ରିଲିଫ ସାମଗ୍ରୀ ମଧ୍ୟ ପ୍ରଦାନ କରାଯାଇନାହିଁ। ଏହାଛଡା ଉକ୍ତ ଗାଁରେ ଥିବା ବହୁ ମାଟି ଘର ଭାଙ୍ଗିଯାଇଛି। ଫଳରେ କିଛି ଲୋକ ବାଧ୍ୟ ହୋଇ ରାସ୍ତା କଡରେ ରହିଛନ୍ତି ବୋଲି ଅଭିଯୋଗ କରିଛନ୍ତି।

## ବନ୍ୟାପାଣିରେ ଭାସିଯିବାବେଳେ ଯୁବକ ଉଦ୍ଧାର



ବାଲେଶ୍ୱର, ୨୯ ।୭ (ସମିସ): ବୁଢ଼ାବଳଙ୍ଗ ନଦୀର ବନ୍ୟାରେ ଆଜି ଏକ ଅଘଟଣ ଘଟିଛି। ବଇଁଚା ପଞ୍ଚାୟତ ଅର୍ନ୍ତଗତ ଘୋଡାପଦା ସିନ୍ଧିଆ ରାସ୍ତାରେ ପ୍ରଖର ସୁଅ ସାଙ୍ଗକୁ ରାସ୍ତାରେ ୪ଫୁଟରୁ ଅଧିକ ପାଣି ଚାଲୁଛି। ଏହାରି ଫଳରେ ତଳି ଅଞ୍ଚଳ ବାହ୍ୟଜବତରୁ ବିଚ୍ଛିନ୍ନ ହୋଇଯାଇଛି। ଏହି ସମୟରେ ରେମୁଣା ଅଞ୍ଚଳର ଜଗନ୍ନାଥ ଶାନ୍ତିବିଗ୍ରହ (୪୧)ନାମକ ଜଣେ ଯୁବକ ତାଙ୍କର ସ୍କୁଟିରେ ବଇଁଚା ଅଭିମୁଖେ ଯାଉଥିଲେ। ଘୋଡାପଦା ସିନ୍ଧିଆ ରାସ୍ତାରେ ପ୍ରଖର ସୁଅ ଥିବା ବେଳେ ସେ କୌଣସି ପ୍ରକାର ପାର ହୋଇ ଯିବାକୁ ଚେଷ୍ଟା କରୁଥିଲେ। ହେଲେ ପ୍ରଖର ସୁଅ ତାଙ୍କୁ ଭସେଇ ଦେଇଥିଲା। ନିକଟରେ ଏକ ଓଡ୍ରାଫ୍ଟ ଟିମ ରହିଥିଲା। ଯୁବକ ଜଣଙ୍କ ଜୀବନ୍ତ ଭାସିଯାଉଥିବା ଦେଖି ତୁରନ୍ତ ଓଡ୍ରାଫ୍ଟ ଟିମ ତାଙ୍କୁ ପାଣି ମଧ୍ୟରୁ ଉଦ୍ଧାର କରି ରାସ୍ତାକୁ ଆଣିଥିଲେ। ହେଲେ ତାଙ୍କର ଗୋଡ ଓ ବେକରେ ଗଭୀର ଆଘାତ ଲାଗିଥିଲା। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ଦଉଡି ସାହାଯ୍ୟରେ ତାଙ୍କ ଗାଡିଟିକୁ ମଧ୍ୟ ଉଦ୍ଧାର କରାଯାଇଥିଲା।

## ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା

ବାଲେଶ୍ୱର, ୨୯ ।୭ (ସମିସ): ବାଲେଶ୍ୱର ଗୋପାଳଗାଁ ଶିରିଡି ସାଇ ମନ୍ଦିରରେ ଗୁରୁ ପୂର୍ଣିମା ପାଳିତ ହୋଇ ଯାଇଛି। ସକାଳେ ସାଇ ବାବାଙ୍କର ପୂଜାଅର୍ଚ୍ଚନା ଆଳତି ପରେ ମନ୍ଦିର ପ୍ରାଙ୍ଗଣରୁ ବାବାଙ୍କର ଏକ ପାଲିଙ୍କି ଶୋଭା ଯାତ୍ରା ବାହାରିଥିଲା ଏହି ଶୋଭା ଯାତ୍ରା ମନ୍ଦିରରୁ ବାହାରି ପ୍ରଥମେ ଟାଉନ ହଲ ଛକ ଦେଇ ସୁଏଲପୁର ସ୍ଥିତ ଶିରିଡି ସାଇ ମନ୍ଦିରରେ ପୂଜା ଅର୍ଚନା ହୋଇଥିଲା ପରେ ହନୁମାନ ମନ୍ଦିର ରାସ୍ତାରେ ଯାଇ ସିନେମା ଛକ ପାଣିଟାଙ୍କି ଛକ କାଳୀମନ୍ଦିର ରାସ୍ତାରେ ପାଲିଙ୍କି ଯାତ୍ରା ଆସି ପୁଣି ମନ୍ଦିର ପାଖରେ ପହଞ୍ଚି ଥିଲା। ମନ୍ଦିରର ଟ୍ରଷ୍ଟି ନିରୋଧ କୁମାର ମହାନ୍ତି ଡାକ୍ତର ବିରଞ୍ଚି ନାରାୟଣ ମହାନ୍ତି ଶିରିଶ ଜେନା ପ୍ରଦୀପ ଦାସ ପ୍ରଶାନ୍ତ କୁମାର ମହାନିଙ୍କ ସମେତ ମନ୍ଦିର କମିଟିର ବହୁ ସଦସ୍ୟ ଉପସ୍ଥିତ ରହି ଏହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବନ୍ୟା ବିପନ୍ନଙ୍କୁ କ୍ଷତିପୂରଣ ପ୍ରଦାନ ଦାବି

ବାଲେଶ୍ୱର, ୨୯।୭ (ସମିସ): ଗତ ଦୁଇ ଦିନ ଧରି ଲଘୁଚାପ ଜନିତ ବର୍ଷା ବିପ୍ଳବ ଏବଂ ବୁଢାବଳଙ୍ଗ ନଦୀରେ ବନ୍ୟା ଫଳରେ ବାଲେଶ୍ୱର ଜିଲ୍ଲାରେ ବହୁ କ୍ଷୟକ୍ଷତି ହୋଇଛି। ବହୁ ଲୋକଙ୍କ ଘରେ ପାଣି ପଶି ଆସବାବ ପତ୍ର ନଷ୍ଟ ହେବା ସହିତ ବହୁ ମାଟି ଘର ଭୁଶୁଡ଼ି ପଡ଼ିଛି। ଯାହାଦ୍ୱାରା କି ବହୁ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁ ପରିବା ଚାଷ ନଷ୍ଟ ହେବା ସହିତ ଧାନ ଚାଷ ମଧ୍ୟ ନଷ୍ଟ ହୋଇଛି।ଉକ୍ତ ବର୍ଷା ପାଇଁ ପ୍ରଶାସନ ପକ୍ଷରୁ କୌଣସି ସୂଚନା ନାହିଁ କିମ୍ବା ପ୍ରଶାସନ ପକ୍ଷରୁ କୌଣସି କୌଣସି ସୁରକ୍ଷା ବ୍ୟବସ୍ଥା କିମ୍ବା ପଦକ୍ଷେପ ଗ୍ରହଣ ନ କରିବାରୁ ବହୁ ଭାବେ କ୍ଷତିର ସମ୍ମୁଖୀନ ହୋଇ ଛନ୍ତି। ବର୍ତ୍ତମାନ ସୁଦ୍ଧା କିଛି ଗ୍ରାମ ଜଳବନ୍ଦୀ ରେ ଅଛି। ସରକାର ଉକ୍ତ ପରିସ୍ଥିତି କୁ ଯଥା ଶୀଘ୍ର ତଦନ୍ତ କରି କ୍ଷୟକ୍ଷତି ର ଆକଳନ କରି କ୍ଷତି ପୂରଣ ଦେବା ପାଇଁ ସିପିଆଇ(ଏମ) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ସରକାରଙ୍କ ଠାରେ ଦୃଢ଼ ଦାବି କରିଛନ୍ତି।

## ନଳକୂପ କାମ ଅଧପନ୍ତରିଆ, ପ୍ରତିକାର ନାହିଁ

କାଳିପଦା, ୨୯।୭ (ସମିସ): ତିନି ମାସ ପରେ ବି ଏକ ନଳ କୂପ କାମ ଅଧାପନ୍ତରିଆ ହୋଇ ପଡ଼ି ରହିଛି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କି ଠିକାଦାର କାହାର କୌଣସି ଉତ୍ତର ନାହିଁ। ସୂଚନାରୁ ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବାଲିକୁଟୀ ପଞ୍ଚାୟତ ଅନ୍ତର୍ଗତ ବାଲିକୁଟୀ ଗ୍ରାମ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଇବା ପାଣି ପାଇଁ ତିନି ମାସ ତଳେ ଏକ ନଳକୂପ ଟ୍ୟୁବୱେଲ୍ ବୋରିଂ କରାଯାଇଥିଲା। ଏବେ ଟ୍ୟୁବୱେଲ୍ ଫିଟିଂ କାମ ସରିଥିଲେ ମଧ୍ୟ ପିଣ୍ଡି ନିର୍ମାଣ ଓ ପାଣି ନିଷ୍କାସନ ବ୍ୟବସ୍ଥା କରାଯାଇନାହିଁ।ଟ୍ୟୁବୱେଲ ପାଇଁ କେତେ ଟଙ୍କା ବ୍ୟୟ ବରାଦ ହୋଇଛି ତାହା ମଧ୍ୟ ଜାଣି ହେଉ ନାହିଁ। କୌଣସି ସୂଚନା ଫଳକ ମଧ୍ୟ ନାହିଁ। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ସଲା ସୁତୁରାରେ ଏହି କାମଟି କରାଯାଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନଳକୂପ ଟି ଅଦ୍ୟାବଧି କାର୍ଯ୍ୟକ୍ଷମ ନ ହେବାରୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସୁରକ୍ଷିତ ଭାବେ ପାଣି ବ୍ୟବହାର କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକେ ଓ ଅଭିଭାବକମାନେ କାମର ଏକ ତଦନ୍ତ ଦାବି କରିବା ସହିତ ଶୀଘ୍ର କାମ ସମ୍ପୂର୍ଣ୍ଣ କରି ଛାତ୍ରଛାତ୍ରୀଙ୍କ ପାଇଁ ପିଇବା ପାଣିର ସୁବିଧା ଉପଲବ୍ଧ କରାଇବାକୁ ମଧ୍ୟ ଦାବି କରିଛନ୍ତି।

## ନିମ୍ନମାନର ରାସ୍ତା ନିର୍ମାଣ ଅଭିଯୋଗ

ଜଳେଶ୍ୱର, ୨୯।୭ (ସମିସ): ୱାର୍ଡରେ ନିର୍ମାଣଧିନ ନୂତନ ରାସ୍ତା କାର୍ଯ୍ୟ ନିମ୍ନ ମାନର କରୁଥିବାର ଅଭିଯୋଗ ପରେ ମଧ୍ୟ ଶୁଣିବା ପରିବର୍ତ୍ତେ ଧମକ ଦେଉଛନ୍ତି ଠିକାଦାର। ଏଥିନେଇପୌରାଧକ୍ଷଙ୍କ ନିକଟରେ ଲିଖିତ ଆବେଦନ କରିଛନ୍ତି ୱାର୍ଡର କାଉନସିଲର। ଏହିପରି ଦୟନୀୟ ଘଟଣା ଦେଖିବାକୁ ମିଳିଛି ଜଳେଶ୍ୱର ପୌରପରିଷଦର ୧୦ନଂ ୱାର୍ଡ ଶାନ୍ତିଆ ଗ୍ରାମରେ। ସୂଚନାନୁଯାୟୀ ୧୦ନଂ ୱାର୍ଡ ଶାନ୍ତିଆ ଗ୍ରାମରେ ସୁମତୀ ରଣାଙ୍କ ଘର ଠାରୁ ଚୈତନ୍ୟ ସାହୁ ଘର ପର୍ଯ୍ୟନ୍ତ ଏକ କଂକ୍ରୀଟ ରାସ୍ତା ନିର୍ମାଣ ପାଇଁ ହରିଶ୍ଚନ୍ଦ୍ର ମହଲା ନାମକ ଠିକାଦାର କାର୍ଯ୍ୟାଦେଶ ପାଇ କାର୍ଯ୍ୟକରୁଛନ୍ତି। ମାତ୍ର ନିମ୍ନମାନର କାର୍ଯ୍ୟ କରୁଛନ୍ତି ବୋଲି କିଛି ଗ୍ରାମବାସୀ ଓ କାଉନସିଲରଙ୍କ ଅଭିଯୋଗ କରିବା ପରେ ମଧ୍ୟ ଠିକାଦାର ଶୁଣିବା ପରିବର୍ତ୍ତେ ଗାଳିଗୁଲଜ କରୁଥିବାର ଅଭିଯୋଗ ପୌରାଧକ୍ଷଙ୍କ ନିକଟରେ କରିଥିବାର ଜଣାଯାଇଛି। ଉକ୍ତ କାର୍ଯ୍ୟର ମାନ ତଦନ୍ତ କରିବା ସହିତ ନ୍ୟାୟ ପ୍ରଦାନ ପାଇଁ ୧୦ନଂ ୱାର୍ଡର କାଉନସିଲର କବିତା ଧଳ ଅଧକ୍ଷଙ୍କ ପାଖରେ ନିବେଦନ କରିଛନ୍ତି। ବର୍ତମାନ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ରାସ୍ତା କାର୍ଯ୍ୟର ମାନ କିପରି ତଦନ୍ତ ହେଉଛି ଦେଖିବାକୁ ଗ୍ରାମବାସୀ ଅପେକ୍ଷା କରିଛନ୍ତି।

## ହାଇଦରାବାଦରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ନୀଳଗିରି, ୨୯।୭ (ସମିସ): ଓଡିଆ ପୁଅ ହାଇଦରାବାଦରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ଡ୍ୟୁଟି ସାରି କ୍ୱାର୍ଟରକୁ ବାଇକ ଯୋଗେ ଫେରୁଥିବା ବେଳେ ଏକ ଅଜଣା କାର ଧକ୍କା ଦେବାରୁ ଯୁବକ ଙ୍କର ମୁଣ୍ଡରେ ମାଡ ହୋଇ ସଞ୍ଜ୍ଞାହୀନ ହୋଇ ଯାଇଥିଲେ। ପରେ ପ୍ରାୟ ଦେଢ଼ ମାସ ଚିକିତ୍ସା ହେଉଥିବା ବେଳେ ଗତକାଲି ତାଙ୍କର ମୃତ୍ୟୁ ଘଟିଛି। ନୀଳଗିରି ଏନ୍ଏସି ୭ ନମ୍ବର ୱାର୍ଡ଼ ବାଲିଗୋହିରି ଗ୍ରାମର ସ୍ୱର୍ଗତ ଅନନ୍ତ ମହାପାତ୍ରଙ୍କ ସାନ ପୁଅ ରାଜିଭ୍ ମହାପାତ୍ର (୩୫) ହାଇଦ୍ରାବାଦ ରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରିଆସୁଥିଲେ। ଗତ ଦେଢ଼ ମାସ ତଳେ କମ୍ପାନୀରୁ ଡ୍ୟୁଟି ସାରି କ୍ୱାର୍ଟରକୁ ବାଇକ ଯୋଗେ ଫେରୁଥିବା ବେଳେ ଏକ ଅଜଣା କାର ସାମ୍ନା ସାମ୍ନି ଧକ୍କା ଦେବାରୁ ଦୁର୍ଘଟଣା ଗ୍ରସ୍ତ ଜନୈକ ଯୁବକଙ୍କ ମୁଣ୍ଡରେ ମାଡ ହୋଇ ସଞ୍ଜ୍ଞାହୀନ ହୋଇ ଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ସେଠାରେ ଥିବା ସ୍ଥାନୀୟ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା। ଚିକିତ୍ସାର ୧୫ଦିନ ପରେ ତାଙ୍କ ବଡ ଭାଇ ସଞ୍ଜୀବ ମହାପାତ୍ର ତାଙ୍କୁ କଟକ ବଡ ମେଡିକାଲ ଆଇ.ସି.ୟୁ ରେ ଭର୍ତ୍ତି କରାଇ ଥିଲେ। ପ୍ରାୟ ଦେଢ଼ ମାସ ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ସକାଳ ୯ ଘଟିକା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଜଣେ ମେଳାପି, ମିଷ୍ଟଭାଷୀ ସ୍ୱଭାବର ଯୁବକ ଥିବାରୁ ତାଙ୍କର ମୃତ୍ୟୁରେ ନୀଳଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପାର୍ଥିବ ଶରୀର ରାତି ପ୍ରାୟ ୯ ଘଟିକା ସମୟରେ ଜନ୍ମ ମାଟିରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ବରିସାହି ସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ୫ ବର୍ଷର ଏକ ପୁତ୍ର ସନ୍ତାନ ଥିବା ଜଣାପଡ଼ିଛି।

## କାପାଶିଆ ପୂର୍ତ୍ତ ବିଭାଗ ସଡ଼କରେ ଗାଡ଼ିଆ

ଜଳେଶ୍ୱର, ୨୯।୭ (ସମିସ): ଜଳେଶ୍ୱର-ପଶ୍ଚିମବାର୍ଡ କପାଶିଆ ପୂର୍ତ୍ତ ବିଭାଗର ସଡ଼କରେ ବୃହତ୍ ଗାଡ଼ିଆ ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି। ଦୁଇ ବର୍ଷ ତଳେ କୋଟି କୋଟି ଟଙ୍କା ବ୍ୟୟରେ ନିମ୍ନମାନର ନିର୍ମାଣ ହୋଇଥିବା ସଡ଼କ ଏବେ ଦୁର୍ଘଟଣା କୁ ଆମନ୍ତ୍ରଣ କରୁଛି। ପ୍ରତିଦିନ ଉକ୍ତ ପ୍ରମୁଖ ସଡକରେ



ବାଲିଆପାଳ, ପଶ୍ଚିମବାର୍ଡ, ବାଇଗଣବାଡିଆ, ପାଇକସିଦା, ଖୁଲୁଡା, ବର୍ଡନା, ଗୋପୀ ମୋହନ ପୁର, ଆରୁହା ଇତ୍ୟାଦି ପଞ୍ଚାୟତର ଲକ୍ଷ ଲକ୍ଷ ଲୋକେ ଯାତାୟାତ କରିଥାଆନ୍ତି।ବର୍ଡନା ପଞ୍ଚାୟତ ଗାଜିଆଣି ଠାରେ ସମ୍ପୂର୍ଣ୍ଣ ସଡ଼କ ରେ ବୃହତ୍ ୫ ଫୁଟ ଗଭୀର ର ଏକ କୁତ୍ରିମ ଗାଡ଼ିଆ ସୃଷ୍ଟି ହୋଇଛି। ସେଥିରେ ବର୍ଷା ଦିନିଆ ପାଣି ଭର୍ତ୍ତି ହୋଇ ରହିଥିବା ରୁ ଆରୋହୀ ମାନେ ଖାଲ ରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ପ୍ରତିଦିନ ମୁଖ୍ୟମନ୍ତ୍ରୀ ଆମ ବସ, ଆମ୍ବୁଲାନ୍ସ, ପରିବା ଚାଷୀ, ଛାତ୍ର ଛାତ୍ରୀ, ସାଧାରଣ ଯାନ ଯାତାୟାତ କରୁଥିବା ବେଳେ ଛୋଟ ବଡ଼ ଦୁର୍ଘଟଣା ମାନ ଘଟି ଚାଲିଛି। ସମୂହ ସମସ୍ୟା ସମ୍ପର୍କରେ ପୂର୍ବତନ ସରପଞ୍ଚ ପଦ୍ମଲୋଚନ ବେହେରା ଗତ ଜନଶୁଣାଣିରେ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପର୍ଯ୍ୟନ୍ତ ମରାମତି ହୋଇନଥିବାରୁ ଆଗାମୀ ଦିନରେ ରାସ୍ତା ରୋକ ଓ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଘେରାଉ ହେବ ବୋଲି ସରପଞ୍ଚ ମଧୁମିତା ବେହେରା ଓ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ନିର୍ବାହୀ ଅଧିକାରିଣୀଙ୍କୁ ବିଦାୟ ସମ୍ବର୍ଦ୍ଧନା, ନୂତନ ଅଧିକାରୀଙ୍କୁ ସ୍ୱାଗତ



ଚନ୍ଦନେଶ୍ୱର, ୨୯।୭ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ଶ୍ରଦ୍ଧାପୁର ପଞ୍ଚାୟତର ନିର୍ବାହୀ ଅଧିକାରିଣୀ କାଜଲ ବାସ୍କେଙ୍କ ବଦଳି ଅବସରରେ ବୁଧବାର ପଞ୍ଚାୟତ ପକ୍ଷରୁ ଏକ ବିଦାୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ସେହିପରି ନବନିଯୁକ୍ତ ନିର୍ବାହୀ ଅଧିକାରୀ ବାବୁଲୁ ହାସଦାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଥିଲା। ପଞ୍ଚାୟତର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସଭାରେ ପୂର୍ବତନ ସମିତି ସଦସ୍ୟ ସୁଶାନ୍ତ କୁମାର ନାୟକ ପୌରୋହିତ୍ୟ କରିଥିଲେ। ବିଦାୟୀ ନିର୍ବାହୀ ଅଧିକାରିଣୀ ଶ୍ରୀମତୀ ବାସ୍କେଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମାରକ ଉପହାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ଭୋଗରାଇ ବିଡିଓ ପ୍ରଶାନ୍ତ କୁମାର ମହାରଣା, ଭୋଗରାଇର ପୂର୍ବତନ ସରପଞ୍ଚ ପଞ୍ଚାନନ କୁଣ୍ଡ ମତବ୍ୟକ୍ତ କରିଥିଲେ। ବ୍ଲକ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ, ସରପଞ୍ଚ ପ୍ରତ୍ୟାଶା ପାତ୍ର, ସମିତି ସଦସ୍ୟା ଦୁର୍ଗାମଣୀ ମଣ୍ଡଳ, ପୂର୍ବତନ ସମିତି ସଦସ୍ୟ ଲକ୍ଷ୍ମୀକାନ୍ତ ପାତ୍ର, ସମାଜସେବୀ ଯାମିନୀକାନ୍ତ ଗିରି, ଅଜିତ ପାତ୍ର, ଗୌରହରି ମଣ୍ଡଳ, ଅମୀୟ ପଟ୍ଟନାୟକ, କାଳୀଚରଣ ମହାନ୍ତି, ବିଶ୍ୱଜିତ ସ୍ୱାଇଁଙ୍କ ସମେତ ବହୁ ୱାର୍ଡ ସଭ୍ୟ ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶ୍ରୀମତୀ ବାସ୍କେଙ୍କ କାର୍ଯ୍ୟଦକ୍ଷତା ଓ ସେବାଭାବର ଉଚ୍ଚ ପ୍ରଶଂସା କରିଥିଲେ। ଶେଷରେ ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇ ମନ୍ଦିରରେ ରକ୍ତଦାନ ଶିବିର

ଜଳେଶ୍ୱର, ୨୯।୭ (ସମିସ): ପବିତ୍ର ଗୁରୁପୂର୍ଣ୍ଣିମା ଉପଲକ୍ଷେ ଜଳେଶ୍ୱର ଚନ୍ଦନା ସ୍ଥିତ ଶିରିଡି ସାଇ ମନ୍ଦିରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜକ ଶିରିଡି ସାଇ ଅର୍ଚ୍ଚନା



ଟ୍ରଷ୍ଟ ଓ ଜଳେଶ୍ୱର ରୋଟାରୀ କ୍ଲବ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜଳେଶ୍ୱର ପୌର କାର୍ଯ୍ୟନିବାହୀ ଅଧିକାରୀ ହେମନ୍ତ କୁମାର ସିଂ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସାଇ ମନ୍ଦିରର ସଭାପତି ତପନ ଜେନା, ସାଇ ମନ୍ଦିର କମିଟି ସମ୍ପାଦକ ଭାସ୍କର ରଞ୍ଜନ ସ୍ୱାଇଁ, ସହ ସମ୍ପାଦକ ସୁବ୍ରତ ରଣା, କୋଷାଧକ୍ଷ ବିକାଶ କୁମାର ଧର, ଉପଦେଷ୍ଟା ସୁବୀର କୁମାର ସେନାପତି, ସମୀର କର୍ମକାର, ସଦସ୍ୟ ଅଜିତ କୁମାର ମହାନ୍ତି, ଅଞ୍ଜନ କୁମାର ଦାସ, ଗୋପାଳ ଠକ୍କର, ବିବେକ ଜୈନ, ବିଶ୍ୱଜିତ ସାହୁ, ସତ୍ୟପ୍ରକାଶ ପାଲ, ସେହିପରି କ୍ଲବ ପକ୍ଷରୁ ରୋଟାରୀ ସଭାପତି ଡା. ଦୀପ୍ତିମୟୀ ମହାପାତ୍ର, ସମ୍ପାଦକ ଦୀପ୍ତି ରାଣୀ ନନ୍ଦୀ, ପୂର୍ବତନ ସଏଭାପତି ରାଜେଶ କୁମାର ଖଟୁଆ, ପ୍ରବୀର କୁମାର ପ୍ରଧାନ, ନନ୍ଦନ ଦତ, ସୂର୍ଯ୍ୟାନନ୍ଦ ପାଲ, ଶ୍ୟାମ ସୁନ୍ଦର ମିର୍ଦ୍ଧା, ରାଜ କିଶୋର ହୁଇ, ତାରାପଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଶୁଭମ ପ୍ରଧାନ, ଶୁଭମ ମିଶ୍ର, ରଞ୍ଜନ କୁମାର ହୁଇ, ରାକେଶ ବାରିକ, ତପନ ମହାନ୍ତି, ଅକ୍ଷୟ କୁମାର ଜେନା ଗୋପୀ ମିର୍ଦ୍ଧା ପ୍ରମୁଖ ଶିବିର ପରିଚାଳନା କରିଥିଲେ। ବାଲେଶ୍ୱର ରକ୍ତ ଭଣ୍ଡାର ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ମୋଟ ୧୦୮ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା



ବାଲିଆପାଳ, ୨୯।୭ (ସମିସ): ବାଲିଆପାଳ ବ୍ଲକ ନାଭଡା କାଳିପଦା ଥିବା ସରସ୍ୱତୀ ଶିଶୁ ମନ୍ଦିରରେ ୨୦୨୬ ବର୍ଷ ପାଇଁ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ପ୍ରକଳ୍ପ ୫୮, ଗଣିତ ଚାର୍ଟ -୨୬. ମୂର୍ତ୍ତି କଳା- ୧୧ ରେ ଛାତ୍ରଛାତ୍ରୀ ପ୍ରଦର୍ଶନ କରିଥିଲେ। ପଦ୍ମଲୋଚନ ଉଚ୍ଚ ବିଦ୍ୟାଳୟ ଜଗାଇର ବିଜ୍ଞାନ ଶିକ୍ଷୟିତ୍ରୀ ଗୀତାରାଣୀ ବିଶ୍ୱାଳ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମାନନୀୟ ମନୋରଞ୍ଜନ ରାଜ ବକ୍ତବ୍ୟ ରଖିଥିଲେ। ଶିଶୁ ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ପଣ୍ଡା ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ଗୁରୁଜୀ ଅଭିଜିତ ପ୍ରଧାନ ପରିଚାଳନା କରିଥିଲେ।

## ଭୋଟରଙ୍କୁ ଅନ୍ୟ ବୁଥ୍‌ରେ ସଂଯୋଗକୁ ବିରୋଧ

ଜଳେଶ୍ୱର, ୨୯।୭ (ସମିସ): ପୌରପାଳିକାର ୭ନଂ ୱାର୍ଡ ଶାସନବାର୍ଡରେ ୯୬ ଓ ୯୭ ନଂ ବୁଥ ରହିଥିବା ବେଳେ ଏବେ ଏସ୍ଆଇଆର୍ ରେ ତାହା ୧୧୫ ଓ ୧୧୭ ନଂ ବୁଥରେ ପରିଣତ ହୋଇଛି। ଏହି ୱାର୍ଡରେ ମୋଟ ୧୨୯୭ ଜଣ ଭୋଟର ରହିଥିବା ବେଳେ ୧୫୭ ଜଣ ଭୋଟରଙ୍କୁ ଅନ୍ୟ ବୁଥକୁ ସମ୍ପ୍ରସାରଣ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଥିବା ୯୬ନଂ ବୁଥ ଓ ବର୍ତ୍ତମାନର ୧୧୫ନଂ ବୁଥର ସଂଶୋଧନ କରାଯାଇ ବୁଥ ମଝିରୁ ୧୫୭ଜଣ ଭୋଟରଙ୍କୁ ନେଇ ନୂତନ ବୁଥ ନଂ ୧୧୬ରେ ଯୋଗ କରାଯାଇଛି। ଯାହା ଅଞ୍ଚଳବାସୀଙ୍କୁ ସମସ୍ୟା ସୃଷ୍ଟି କରିବ। ଏହି ୱାର୍ଡରେ ୨ଟି ସରକାରୀ ବିଦ୍ୟାଳୟ ଥିବା ବେଳେ ସେଠାରେ ଭୋଟଗ୍ରହଣ କରାନଯାଇ ଅନ୍ୟ ୱାର୍ଡର ଭୋଟରକେନ୍ଦ୍ରରେ ଭୋଟ ଗ୍ରହଣ କରାଯାଉଥିବାରୁ ଏହାକୁ ସଂଶୋଧନ କରିବାଲାଗି ନିର୍ବାହୀଯନ୍ତ୍ରୀ ତଥା ଏଇଆର୍ଓ ହେମନ୍ତ ସିଂଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ କାଉନ୍ସିଲର ମୀର ଆବାସ ଅଲ୍ଲି, ମହେଶ୍ୱର ବେହେରା, ସେକ୍ ଅମିନ୍, ଅମିୟ ଶାହା, ସେକ୍ ଜାମ୍‌ସେଦ୍, ଏସ୍‌କେ ଜବେିର ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

# ଟିପିଏନ୍‌ଓଡିଏଲ୍ ପକ୍ଷରୁ ନୈତିକତା ଦିବସ ପାଳିତ



ବାଲେଶ୍ୱର, ୨୯।୭ (ସମିସ)

ନୈତିକ ମୂଲ୍ୟବୋଧ ଏବଂ ଦାୟିତ୍ୱବାନ୍ କର୍ପୋରେଟ୍ ବ୍ୟବସ୍ଥା ପ୍ରତି ନିଜର ନିଷ୍ଠାପର ପ୍ରତିବଦ୍ଧତାକୁ ସୁଦୃଢକରି, ଟିପିନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍ଓଡିଏଲ୍) ଶ୍ରୀ ଜାହାଙ୍ଗୀର ରତନଜୀ ଦାଦାଭାଇ (ଜେ.ଆର୍.ଡି.) ଟାଟାଙ୍କ ୧୨୨ତମ ଜୟନ୍ତୀ ଅବସରରେ ନୈତିକତା ଦିବସ ପାଳନ କରିଛି। ଏହି ଅବସର ସଂସ୍ଥାର ସମସ୍ତ କାର୍ଯ୍ୟାବଳୀ ଓ ସେବାରେ ଟାଟା ଆଚରଣ ସଂହିତାର ଦୃଢ଼ ପାଳନ ଏବଂ ସଚ୍ଚୋଟତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ସର୍ବୋଚ୍ଚ ମାନ ବଜାୟ ରଖିବା ପାଇଁ ଏକ ସ୍ମାରକୀ ଭାବେ କାର୍ଯ୍ୟ କରିଥିଲା। ନୈତିକତା ଦିବସ କାର୍ଯ୍ୟକ୍ରମକୁ ଟିପିଏନ୍ଓଡିଏଲ୍‌ର ସିଇଓ ଦୁଷ୍ୟନ୍ତ କୁମାର ତ୍ୟାଗୀ, ବରିଷ୍ଠ ନେତୃତ୍ୱ ଟିମ୍ ଏବଂ କର୍ମଚାରୀମାନଙ୍କ ଉପସ୍ଥିତିରେ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ସମୟରେ, କର୍ମଚାରୀମାନେ ଜେ.ଆର୍.ଡି. ଟାଟାଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ନୈତିକତା ଶପଥ ପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଟାଟାର ମୂଲ୍ୟବୋଧ ସଚ୍ଚୋଟତା, ଦାୟିତ୍ୱବୋଧ, ଉତ୍କର୍ଷତା ଏବଂ ଏକତା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହି କାର୍ଯ୍ୟକ୍ରମ ଟିପିଏନ୍ଓଡିଏଲ୍‌ର ଏକ ନୈତିକ କାର୍ଯ୍ୟ ସଂସ୍କୃତି ଗଢ଼ିତୋଳିବା ଏବଂ ସମଗ୍ର ସଂସ୍ଥାରେ ଦାୟିତ୍ୱବାନ୍ ବ୍ୟବସାୟିକ ଆଚରଣକୁ ସୁଦୃଢ଼ କରିବାର ନିରନ୍ତର ପ୍ରଚେଷ୍ଟାକୁ ପ୍ରତିଫଳିତ କରିଥିଲା। ନିଜର ଅଭିଭାଷଣରେ, ଟିପିଏନ୍ଓଡିଏଲ୍‌ର ସିଇଓ, ଦୁଷ୍ୟନ୍ତ କୁମାର ତ୍ୟାଗୀ, ନୈତିକତା ବିଶ୍ୱାସର ଭିତ୍ତିଭୂମି ବୋଲି ପ୍ରକାଶ କରିବା ସହ ସଚ୍ଚୋଟତା, ନିରପେକ୍ଷତା ଏବଂ ସ୍ୱଚ୍ଛତା ସହିତ ବ୍ୟବସାୟ ପରିଚାଳନା କରିବା ପାଇଁ ସଂସ୍ଥାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ଶ୍ରୀ ଜେ.ଆର୍.ଡି. ଟାଟାଙ୍କ ଚିରନ୍ତନ ମୂଲ୍ୟବୋଧ ଟିପିଏନ୍ଓଡିଏଲ୍‌କୁ ଭରସାଯୋଗ୍ୟ ସେବା ଯୋଗାଇବାରେ ଏବଂ ସମସ୍ତ ଅଂଶୀଦାରମାନଙ୍କ ପାଇଁ ନିରନ୍ତର ମୂଲ୍ୟ ସୃଷ୍ଟି କରିବାରେ ପ୍ରେରଣା ଯୋଗାଉଛି। କର୍ମଚାରୀମାନେ ମିଳିତ ଭାବେ ନୈତିକତା ଶପଥ ଗ୍ରହଣ କରିବା, କାର୍ଯ୍ୟକ୍ଷେତ୍ରରେ ଟାଟା ଆଚରଣ ସଂହିତା ଏବଂ ନୈତିକ ନିୟମାବଳୀକୁ ବଜାୟ ରଖିବା ପାଇଁ ସଂକଳ୍ପ ଦୋହରାଇବା ସହ କାର୍ଯ୍ୟକ୍ରମର ଉଦ୍‌ଯାପନ ହୋଇଥିଲା। କାର୍ଯ୍ୟସ୍ଥଳର ସଂସ୍କୃତିରେ ନୈତିକତା ଓ ସଚ୍ଚୋଟତାକୁ ଅଧିକ ସୁଦୃଢ଼ କରିବା ପାଇଁ ଟିପିଏନ୍ଓଡିଏଲ୍ କର୍ମଚାରୀମାନଙ୍କ ନିମନ୍ତେ କେତେକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଯୋଜନା କରିଛି।

## ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ



ଜଳେଶ୍ୱର ବ୍ଲକ, ୨୯।୭ (ସମିସ): ଜଳେଶ୍ୱର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ବିଶ୍ୱ ହେପାଟାଇଟିସ୍ ଦିବସ ଆଜି ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତର ମୋହନ ଲାଲ ମହାନ୍ତି ପୌରୋହିତ୍ୟ କରିଥିଲେ।ଉକ୍ତ କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟ କର୍ମୀ ନିରୁପମା ମୁଖୀ, ମାଳତୀ ବେହେରା ଓ ସୁବର୍ଣ୍ଣ ରାଉତ ଏବଂ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ସିଦ୍ଧେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଖାଦ୍ୟ, ପାଣି ଓ ମାଦକ ଦ୍ରବ୍ୟ ସେବନ ଏହି ରୋଗ ହୋଇଥାଏ ବୋଲି ମତ ରଖିଥିଲେ। ସ୍ୱଚ୍ଛତା, ବିଶୁଦ୍ଧ ଖାଦ୍ୟ ଓ ପାନୀୟ ଜଳ ସହିତ ରକ୍ତ ସଂକ୍ରମଣ ପ୍ରତି ସଚେତନ ଏହି ରୋଗକୁ ରୋକା ଯାଇ ପାରିବ ବୋଲି ଡାକ୍ତର ମହାନ୍ତି ସେକ୍ଟର ଆଶା କର୍ମୀ ଓ ଉପସ୍ଥିତ ୪୩ ଜଣ ରୋଗୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରି ଏହି ଭଳି ମାରାନକ ରୋଗର ଲକ୍ଷଣ, ଚିକିତ୍ସା ଓ ପରୀକ୍ଷଣ ଉପରେ ଆଲୋକପାତ କରିଥିଲେ। ଶେଷରେ ସି. ଏଚ୍.ଓ ତନୁଶ୍ରୀ ମହାରଣା ନିଜର ଅଭିଜ୍ଞତା ବର୍ଣ୍ଣନା କରିବା ପରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଟିଙ୍ଗିରିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ

# ଶିକ୍ଷାଦାନ ବିପର୍ଯ୍ୟସ୍ତ; ଚିନ୍ତାରେ ଅଭିଭାବକ

ଶୁକ୍ଳି, ୨୯।୭(ସମିସ): ରରୁଆଁ ବ୍ଲକ ଟିଙ୍ଗିରିଆସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ନ ଥିବା ସହ ଆବଶ୍ୟକ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଗୁରୁତର ଭାବେ ପ୍ରଭାବିତ ହେଉଛି। ଏପରିକି ପିଟି-୧ ପରୀକ୍ଷାରେ ଓଡ଼ିଆ, ହିନ୍ଦୀ ଓ ସଂସ୍କୃତ ବିଷୟର ପରୀକ୍ଷା ମଧ୍ୟ ହୋଇପାରିଲାନାହିଁ। ଫଳରେ ଅଭିଭାବକ ନିଜ ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ବିଦ୍ୟାଳୟରେ ଦେଖାଦେଇଥିବା ସମସ୍ୟାର ସମାଧାନ କରାଯିବାକୁ ଦାବି ହେଉଛି।



ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଉଚ୍ଚମାନର ଶିକ୍ଷା ଯୋଗାଇବାର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ। ୨୦୧୬ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟକୁ ଇତିମଧ୍ୟରେ ପ୍ରାୟ ଏକ ଦଶନ୍ଧି ପୂରିଥିଲେ ମଧ୍ୟ ଶିକ୍ଷା ବ୍ୟବସ୍ଥା ଓ ଭିତ୍ତିଭୂମି କ୍ଷେତ୍ରରେ ରହିଥିବା ସମସ୍ୟା ଏବେ ବି ଦୂର ହୋଇପାରିନାହିଁ। ଏହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ବର୍ତ୍ତମାନ ବିଦ୍ୟାଳୟରେ ଓଡ଼ିଆ, ହିନ୍ଦୀ ଓ ସଂସ୍କୃତ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟର ଶିକ୍ଷକ/ଶିକ୍ଷୟିତ୍ରୀ ନ ଥିବାରୁ ପାଠପଢ଼ା ବ୍ୟାହତ ହେଉଛି। ଚଳିତ ଶିକ୍ଷାବର୍ଷର ପ୍ରଥମ ପର୍ଯ୍ୟାୟ ପରୀକ୍ଷା (ପିଟି-୧) ଶେଷ ହୋଇଯାଇଥିଲେ ମଧ୍ୟ ଏହି ବିଷୟରେ ପୁସ୍ତକର ପୃଷ୍ଠା ଓଲଟା ଯାଇନାହିଁ। ଜୁଲାଇ ସରିବାକୁ ବସିଲାଣି, ପାଠପଢ଼ା ଆରମ୍ଭ ହୋଇପାରିନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ପ୍ରଗତି ପ୍ରଭାବିତ ହେବା ସହ ଅଭିଭାବକ ସେମାନଙ୍କ ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି।

ଅନ୍ୟପକ୍ଷରେ ବିଦ୍ୟାଳୟର ବାଳକ ଛାତ୍ରାବାସ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ରରୁଆଁ ବ୍ଲକର ଦୁର୍ଗମ ଓ ଉପାନ୍ତ ଅଞ୍ଚଳର ଘାଗରବେଡ଼ା, ଫଗୁ ଆଦି ଗ୍ରାମରୁ ପ୍ରାୟ ୫୦ରୁ ୬୦ କିଲୋମିଟର ଦୂର ଅତିକ୍ରମ କରି ଛାତ୍ରଛାତ୍ରୀ ପ୍ରତିଦିନ ବିଦ୍ୟାଳୟକୁ ଯାତାୟାତ କରୁଛନ୍ତି। ଦୀର୍ଘ ଦୂରତା ଯାତାୟାତ ଯୋଗୁଁ ସେମାନଙ୍କ ସମୟ ନଷ୍ଟ ହେବା ସହ ଶାରୀରିକ କ୍ଳାନ୍ତି ଓ ପାଠପଢ଼ାରେ ଏହାର ନକାରାତ୍ମକ ପ୍ରଭାବ ପଡୁଥିବା ଅଭିଭାବକ କହିଛନ୍ତି। ବିଦ୍ୟାଳୟରେ ଆଧୁନିକ ଶିକ୍ଷାଦାନ, ଉନ୍ନତ ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷାର ସ୍ୱପ୍ନ ଦେଖାଇ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଇଥିଲେ ମଧ୍ୟ ଶିକ୍ଷକ ଅଭାବ ଯୋଗୁଁ ଏହାର ମୂଳ ଉଦ୍ଦେଶ୍ୟ ବାଧାପ୍ରାପ୍ତ ହେଉଛି। ପିଲାଙ୍କ ଭବିଷ୍ୟତ ସହ ଜଡ଼ିତ ଏଭଳି ଗୁରୁତର ସମସ୍ୟା ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଖାଲି ପଦବୀ ପୂରଣ କରିବା ସହ ପରୀକ୍ଷା ବ୍ୟବସ୍ଥାକୁ ସ୍ୱାଭାବିକ କରିବାକୁ ଅଭିଭାବକ ଦାବି କରିଛନ୍ତି। ଏହି ଘଟଣା ପ୍ରତି ମୟୂରଭଞ୍ଜ ଜିଲ୍ଲାପାଳ ଦୃଷ୍ଟି ଦେଇ ଟିଙ୍ଗିରିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷାଦାନ ଓ ପ୍ରଶାସନିକ ଅବ୍ୟବସ୍ଥାର ତୁରନ୍ତ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଘର କାନ୍ଥ ଭୁଶୁଡ଼ି ଜଣେ ଗୁରୁତର



ମହୁଲଡିହା,୨୯।୭(ସମିସ): ଲଘୁଚାପ ଓ ଅବପାତ ପ୍ରଭାବରେ ଠାକୁରମୁଣ୍ଡା ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି। ତରାମରା ଗ୍ରାମ ପଞ୍ଚାୟତର ହାଣ୍ଡିଫୁଟା ଛକ ନିକଟରେ ଏକ ଘର କାନ୍ଥ ଭୁଶୁଡ଼ି ଦୁକା ନାଏକ (୪୫)ଙ୍କ ୨ ଗୋଡ଼ ଭାଙ୍ଗି ଯାଇଛି। ପରିବାର ଲୋକେ କାନ୍ଥ ତଳୁ ଦୁକାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେ ସକାଳ ୬ ଟାରେ ରୋଷେଇ କରୁଥିବା ବେଳେ ଘରର କାନ୍ଥ ଭାଙ୍ଗି ଯାଇଥିଲା। ରାସ୍ତାରେ ଯାଉଥିବା ଲୋକେ ଏବଂ ଶୁକଦେବ ନାଏକ ଘର ଭିତରୁ ଦୁକାଙ୍କୁ ଉଦ୍ଧାର କରିଥିଲେ। ଦୁକାଙ୍କ ଅବସ୍ଥା ଗୁରୁତର ହେବାରୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁକାଙ୍କ ମା' ଜିରାମଣି ନାଏକ କାନ୍ଦି କାନ୍ଦି ଭଙ୍ଗାଘରୁ ସଞ୍ଚିତ ଭତ୍ତା ପଇସା ଏବଂ ଦରକାରୀ କାଗଜପତ୍ରକୁ ଖୋଜୁଥିବା ଦେଖିବାକୁ ମିଳିଥିଲା। କଣ୍ଟାମଲ୍ଲି ନଦୀ ଜଳସ୍ତର ବୃଦ୍ଧି ପାଇବାରୁ ଠାକୁରମୁଣ୍ଡା ଆନନ୍ଦପୁର ୫୩ ନଂ ରାଜ୍ୟ ରାଜପଥରେ ଅସ୍ଥାୟୀ ପୋଲର ମାଟି ଧୋଇ ହେବାରୁ ଯାତାୟାତ ବନ୍ଦ ରହିଛି। ଯାନବାହନ ଭଦୁବେଡା, ଜରକ ଏବଂ ଜାମୁନାଳିଆ ଦେଇ ରାଇଡିହା ରାଜପଥରେ ଯାତାୟତ କରୁଛି।

## ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ: ବର୍ତ୍ତିଲେ ଦମ୍ପତି



ବାରିପଦା, ୨୯।୭(ସମିସ): ଲଗାଣ ବର୍ଷା ଫଳରେ ଶିମିଳିପାଳ ପାଦଦେଶରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଶାମାଖୁଣ୍ଟା ବ୍ଲକ୍, ପାଇକବସା ପଞ୍ଚାୟତ, ବାହାଦୁରପୁର ଗ୍ରାମର ବିଷ୍ଣୁ ଚରଣ ମହାନ୍ତଙ୍କ ଘରର କାନ୍ଥ ଭୁଷୁଡି ଯାଇଛି। ବିଷ୍ଣୁଙ୍କ ସହିତ ତାଙ୍କ ପତ୍ନୀ ମମତା ଘରେ ଥିଲେ ହେଁ କାହାରି କିଛି ହୋଇନାହିଁ। ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଏହି ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଏମ୍‌ପିସି ସ୍ୱୟଂଶାସିତ କଲେଜ ଦର୍ଶନ ବିଭାଗର ଆଲୋଚନାଚକ୍ର



ବାରିପଦା, ୨୯।୭(ସମିସ): ଭାରତୀୟ ଦାର୍ଶନିକ ଦିବସ ପରିପ୍ରେକ୍ଷୀରେ ଏମ୍‌ପିସି ସ୍ୱୟଂଶାସିତ କଲେଜ ଦର୍ଶନ ଶାସ୍ତ୍ର ବିଭାଗ ତରଫରୁ ଏକ ଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କହିଛନ୍ତି ଯେ, ଜୀବନ ଏକ ଦର୍ଶନ। ଭାରତୀୟ ଦାର୍ଶନିକ ପରମ୍ପରାରେ ଅନେକ କୃତବିଦ୍ୟ ଦାର୍ଶନିକ ସେମାନଙ୍କ ଦୃଷ୍ଟିଭଙ୍ଗୀ ମାଧ୍ୟମରେ ସମାଜକୁ ସଂସ୍କାରିତ କରିଛନ୍ତି। ସେମାନେ ଆମର ଚିର ସ୍ମରଣୀୟ। ବିଷୟ ବିଶାରଦ ଭାବରେ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ ପଶ୍ଚିମବଙ୍ଗର ପ୍ରଫେସର ଝାଡେଶ୍ୱର ଘୋଷ ଓ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. କେ ଓମ୍ ନାରାୟଣ ରାଓ ଯୋଗ ଦେଇ ଭାରତୀୟ ଦର୍ଶନ ପରମ୍ପରା ଓ ବିଶିଷ୍ଟ ଦାର୍ଶନିକଙ୍କ ମତବାଦ ସମ୍ପର୍କରେ ବିଶଦ ବ୍ୟାଖ୍ୟା କରିଥିଲେ। ଦର୍ଶନ ବିଭାଗର ମୁଖ୍ୟ ଡ. ଦୀପକ କୁମାର ବେହେରା ସ୍ୱାଗତ ଭାଷଣ ରଖିବା ସହ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପକ ଡ. ଜୟଦେବ ସାହୁ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଆଲୋଚନାଚକ୍ର ଶେଷରେ ଛାତ୍ରଛାତ୍ରୀ ଓ ଆଲୋଚକଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ବିଭିନ୍ନ କଲେଜର ଦର୍ଶନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ। ପରିଶେଷରେ ଡ. ନରେନ୍ଦ୍ର ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦେଇ ସହଯୋଗ କରିଥିଲେ।

## ମହର୍ଷି ଇଣ୍ଟରନ୍ୟାସନାଲ ପବ୍ଲିକ୍ ସ୍କୁଲରେ ଗୁରୁ ପୂର୍ଣ୍ଣିମା

ବାରିପଦା, ୨୯।୭(ସମିସ): ସ୍ଥାନୀୟ ମହର୍ଷି ଇଣ୍ଟରନ୍ୟାସନାଲ ପବ୍ଲିକ୍ ସ୍କୁଲ ପରିସରରେ ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତାପସୀ ମଢୁଆଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଗୁରୁ ହେଉଛନ୍ତି ଜଣେ ବ୍ୟକ୍ତିର ଜୀବନର ପ୍ରକୃତ ପଥପ୍ରଦର୍ଶକ। ଗୁରୁଙ୍କ ଆଦର୍ଶ ଓ ମୂଲ୍ୟବୋଧକୁ ଅନୁସରଣ କରି ଛାତ୍ରଛାତ୍ରୀମାନେ ଜୀବନରେ ସଫଳତା ହାସଲ କରିପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ-ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ପତି, ସମ୍ବିତ ସାହୁ, ରଶ୍ମିତା ରାଉତ, ମାମାଲିଶା ଟୁଡୁ, ସନ୍ତୋଷିନୀ ବାରିକ, ନୈଶ୍ୱର୍ଗୀକା ଲେଙ୍କା, ମାନି ଦଳାଇ, ଦେବବ୍ରତ ସ୍ୱାଇଁ ଓ ଫୁଲମଣୀ ମାର୍ଣ୍ଡି ପ୍ରମୁଖ ଗୁରୁ-ଶିଷ୍ୟ ପରମ୍ପରାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ



ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷଣ, ଚିତ୍ରାଙ୍କନ, ସଙ୍ଗୀତ ଓ ଅନ୍ୟାନ୍ୟ ସୃଜନଶୀଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ସଫଳତାର ସହ ସମାପ୍ତ ହୋଇଥିଲା। ସ୍ମୃତିରଞ୍ଜନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ସରିନି ଆଡ଼ିବନ୍ଧ; ଘରେ ପଶିବ ବନ୍ୟାଜଳ



■ ବନ୍ଧ ଭାଙ୍ଗିବା ଭୟରେ ନଦୀକୂଳିଆ ଗ୍ରାମବାସୀ
■ ଠିକାଦାର ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ମୋରଡା,୨୯।୦୭(ସମିସ): ନଦୀକୂଳିଆ ଗ୍ରାମବାସୀଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାରଙ୍କ ପକ୍ଷରୁ ନଦୀ କୂଳବର୍ତ୍ତୀ ଗ୍ରାମରେ କଂକ୍ରିଟ୍ ଆଡିବନ୍ଧ ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ଏହାସହ କିଛି ନଦୀ କୂଳବର୍ତ୍ତୀ ଗ୍ରାମରେ ପୂର୍ବରୁ ମାଟି ଆଡିବନ୍ଧ ନିର୍ମାଣରେ ମଧ୍ୟ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ତେବେ ମୋରଡା ବ୍ଲକ୍ ଅନ୍ତର୍ଗତ ପାଞ୍ଚଗଛିଆ ଗ୍ରାମକୁ ସୁରକ୍ଷିତ ରଖିବା ପାଇଁ ପୂର୍ବରୁ ମାଟି ଆଡିବନ୍ଧ ରହିଛି। ବନ୍ୟା ଆଶଙ୍କାକୁ ଏଡାଇବା ପାଇଁ ସରକାରଙ୍କ ପକ୍ଷରୁ ମୟୂରଭଞ୍ଜ ଜଳସେଚନ ବିଭାଗ ତରଫରୁ ମାଟି ବନ୍ଧକୁ ସ୍ଥାୟୀ ସୁରକ୍ଷା ଦେବା ପାଇଁ ସ୍ଥାୟୀ କଂକ୍ରିଟ ଗାର୍ଡୱାଲ ନିର୍ମାଣ ପାଇଁ ବିଭାଗ ତରଫରୁ ଆନୁମାନିକ ୪୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଯାହାକି ବର୍ଷାଦିନ ପୂର୍ବରୁ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଠିକାଦାର ବିଶ୍ୱେଶ୍ୱର ବେହେରା ଅଧପନ୍ତରିଆ କାର୍ଯ୍ୟ କରି ରନିଙ୍ଗ ବିଲ୍ ନେଇ ଧରାଛୁଆଁ ଦେଉ ନାହାନ୍ତି। ବିଭାଗୀୟ ଅଧିକାରୀଙ୍କ ଫୋନ୍ ମଧ୍ୟ ରିସିଭ୍ କରୁ ନ ଥିବା କନିଷ୍ଠ ଯନ୍ତ୍ରୀ ମୁକେଶ କୁମାର ପ୍ରକାଶ କରିଛନ୍ତି। ବଡ କଥା ହେଉଛି, ପୂର୍ବରୁ ହୋଇଥିବା ମାଟି ଆଡିବନ୍ଧକୁ ଠିକାଦାର ମନ ଇଚ୍ଛା ତାଡି କାମକୁ ଅଧାରୁ ବନ୍ଦ କରି ଧରାଛୁଆଁ ଦେଉ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଲଗାଣ ବର୍ଷା ଯୋଗୁଁ ଧୀରେ ଧୀରେ ଆଡ଼ିବନ୍ଧରୁ ମାଟି ଖସିବାରେ ଲାଗିଲାଣି। ଘଟଣାସ୍ଥଳରେ ଯନ୍ତ୍ରୀ ମୁକେଶ କୁମାର ପହଞ୍ଚିବା ପରେ ସରପଞ୍ଚଙ୍କଠାରୁ ଆରମ୍ଭ କରି ଗ୍ରାମବାସୀ କନିଷ୍ଠ ଯନ୍ତ୍ରୀଙ୍କୁ ଘେରିଥିଲେ। ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ତୁରନ୍ତ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।


## ବଡ଼ସାହି ବ୍ଲକ କଂଗ୍ରେସ ଦଳର ବନ୍ୟାଞ୍ଚଳ ପରିଦର୍ଶନ

ମାଣତ୍ରୀ, ୨୯।୭(ସମିସ), ବଡ଼ସାହି ବ୍ଲକ ମାନଗୋବିନ୍ଦପୁର ପଞ୍ଚାୟତର ଜଡିଦା ଏବଂ ମାନଗୋବିନ୍ଦପୁର ସ୍କୁଲରେ ଆଶ୍ରୟ ନେଇଥିବା ବନ୍ୟା ପ୍ରପୀଡିତଙ୍କୁ ଭେଟି ସୁଖିଲା ଖାଦ୍ୟ ବଣ୍ଟନ ସହ ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ପ୍ରଶାସନ ସହ ଆଲୋଚନା କରିଛନ୍ତି ବଡ଼ସାହି ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ବି, ଏଲ୍, ଏ(୧) ପ୍ରକାଶ କର ମହାପାତ୍ର। ଏଥିରେ ବଡ଼ସାହି ବ୍ଲକ କଂଗ୍ରେସ କମିଟିର ସଭାପତି ଶଶାଙ୍କ ଶେଖର କର, ବଡ଼ସାହି ନିର୍ବାଚନ ମଣ୍ଡଳୀର ସଭାପତି ଦୀପ୍ତି ଭାନୁ ସେନାପତି, ମାନଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିରଞ୍ଚି ନାରାୟଣ ମହାପାତ୍ର, ପୂର୍ବତନ ସମିତି ସଭ୍ୟ ଗଣେଶ୍ୱର ମହାଳିକ, ନାରୀ ନେତ୍ରୀ ମିନାକ୍ଷୀ ପଣ୍ଡା ଉପସ୍ଥିତ ଥିଲେ।



## ଆହାରବନ୍ଧ ଗାଁ ରାସ୍ତା ଶୋଚନୀୟ; ପ୍ରଶାସନ ଅଚିନ୍ତାରେ

ରାଇରଙ୍ଗପୁର, ୨୯।୭(ସମିସ): ମୟୂରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକ ଆହାରବନ୍ଧ ପଞ୍ଚାୟତର ଏକ ବ୍ୟସ୍ତ ବହୁଳ ଗାଁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାବେଳେ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଏହି ଗାଁ ରାସ୍ତାଟି ଦୀର୍ଘଦିନ ହେବ ଅବହେଳିତ ଅବସ୍ଥାରେ ରହିଛି। ଏଠାକୁ ନା ଆସୁଛନ୍ତି ପ୍ରଶାସକ ନା ଆସୁଛନ୍ତି କୌଣସି ଅଧିକାରୀ। ଏହି ରାସ୍ତା କଡ଼ରେ ଏକ ଗ୍ୟାସ ଗୋଦାମ ଗୃହ ଥିବାରୁ ଏ ଅଞ୍ଚଳର ଶହ ଶହ ଲୋକ ଏଇ ରାସ୍ତାରେ ଚଳପ୍ରଚଳ କରୁଛନ୍ତି। ଦୁଃଖ ଏବଂ ପରିତାପର ବିଷୟ ଏହି ରାସ୍ତା ଦ୍ୱାରା ସରକାର ସିଜିଏସ୍‌ଟି ଏବଂ ଏସ୍‌ଜିଏସ୍‌ଟି ମାଧ୍ୟମରେ ଉଭୟ ଭାରତ ସରକାର ଏବଂ ରାଜ୍ୟ ସରକାର ରାଜସ୍ୱ ପାଉଥିଲେ ମଧ୍ୟ କାହିଁକି ଅବହେଳା କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ରାସ୍ତାଟି ରାଷ୍ଟ୍ରପତିଙ୍କ ଘର ପାହାଡ଼ପୁରକୁ ମଧ୍ୟ ସଂଯୋଗ ହୋଇଛି। ଏଣୁ ଆହାରବନ୍ଧ ଗ୍ରାମବାସୀ ତଥା ଏ ଅଞ୍ଚଳର ଗ୍ୟାସ ଉପଭୋକ୍ତା ତୁରନ୍ତ ଏହି ରାସ୍ତା କାର୍ଯ୍ୟ କରିବାକୁ ସରକାରଙ୍କୁ ନିବେଦନ କରିଛନ୍ତି। ଏହି ରାସ୍ତାଟିକୁ ପଞ୍ଚାୟତ ରାସ୍ତାରୁ ଆର୍‌ଡି ରାସ୍ତାକୁ ପରିବର୍ତ୍ତନ କରି ଏକ ଓସାରିଆ ରାସ୍ତା ନିର୍ମାଣ କଲେ ବାରମ୍ବାର ହେଉଥିବା ଦୁର୍ଘଟଣା ହ୍ରାସ ପାଆନ୍ତା ବୋଲି ଗ୍ରାମବାସୀ କହିଛନ୍ତି।



## କେଶନାରେ ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା: ସ୍ଥାୟୀ ପ୍ରତିକାର ଦାବି



ଖୁଣ୍ଟିଂ, ୨୯।୭ (ସମିସ): ଆଦିବାସୀ ଜନଜାତି ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକ୍‌ସ୍ଥ କେଶନା ଏକ ପ୍ରସିଦ୍ଧ ଶିଳ୍ପୀ ଗ୍ରାମ। ଗ୍ରାମଠାରୁ ମୁଖ୍ୟ ଛକ ଯାଏଁ ଲମ୍ବିଥିବା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ ଅଦ୍ୟାବଧି ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷା ଦିନରେ ଗ୍ରାମବାସୀ ନାନା ଅକଥନୀୟ ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଆସୁଛନ୍ତି। ଗତ କିଛିଦିନ ହେବ ଲଘୁଚାପ ଜନିତ ବର୍ଷା ଯୋଗୁଁ ରାସ୍ତା ଉପରେ ଫୁଟେରୁ ୨ ଫୁଟ୍ ଯାଏଁ ବର୍ଷା ପାଣି ପ୍ରବାହିତ ହେଉଛି ଓ କେତେକ ଘରେ ରାସ୍ତାର ଅଳିଆ ଆବର୍ଜନାମୟ ଦୂଷିତ ପାଣି ପ୍ରବେଶ କରିଥିବା ଦେଖିବାକୁ ମିଳିଛି। ରାସ୍ତାସାରା ଖାଲଖମା ସାଙ୍ଗକୁ ସେଥିରେ ପାଣି ଜମି ରହିଥିବାରୁ ସ୍କୁଲ୍, କଲେଜ ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ଜରୁରୀକାଳୀନ ଯାନବାହନ ଯାତାୟତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସଂପର୍କରେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକ୍ ପ୍ରଶାସନକୁ ଅଭିଯୋଗ କରିବାରେ ଦୀର୍ଘ ସମୟ ବିତିଯାଇ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରି ନାହିଁ। ତେଣୁ ଗ୍ରାମବାସୀ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସଜବାଜ ହେଲେଣି। ଏ ପରିପ୍ରେକ୍ଷୀରେ ପ୍ରଶାସନ ଗ୍ରାମବାସୀଙ୍କର ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଳ ନିଷ୍କାସନର ଏକ ସ୍ଥାୟୀ ଯୋଜନା କାର୍ଯ୍ୟକାରୀ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସମସ୍ୟାଘେରରେ ରାଇରଙ୍ଗପୁର ମୁଖ୍ୟ ବସ୍‌ଷ୍ଟାଣ୍ଡ

ରାଇରଙ୍ଗପୁର, ୨୯|୭,(ସମିସ) ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ମ୍ୟୁନିସିପାଲିଟି ଅଧିନସ୍ଥ ମୁଖ୍ୟ ବସ୍‌ଷ୍ଟାଣ୍ଡ ପରିସର ଖାଲଢିପ ଓ ଶୋଚନୀୟ ଅବସ୍ଥା ଯୋଗୁଁ ସ୍ଥାନୀୟ ଲୋକେ ଏବଂ ବସ୍ ଡ୍ରାଇଭର୍‌ମାନେ ଅଶାନ୍ତି ପ୍ରକଟ କରିଛନ୍ତି। ଉପଖଣ୍ଡର ବିଭିନ୍ନ ବ୍ଲକ୍‌ରୁ ଯାତ୍ରୀ ଆସି ଏଠାରୁ କଟକ, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର, କେଉଁଝର ଏବଂ ଦୂରଦୁରାନ୍ତକୁ ଯାତ୍ରା କରିଥାନ୍ତି। ଯାତ୍ରୀମାନେ ଏହି ବସ୍‌ଷ୍ଟାଣ୍ଡକୁ ସୁଦୂରପ୍ରସାରୀ କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢଦାବୀ ଜଣାଇଛନ୍ତି। ଏଠାରେ ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରି ମାର୍କେଟ୍ କମ୍ପ୍ଲେକ୍ସ ନିକଟରେ ବସୁଛନ୍ତି। ଏହି ସ୍ଥାନ ବସିବା ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ତେଣୁ ଏଠାରେ ଏକ ଯାତ୍ରୀ ପ୍ରତୀକ୍ଷାଳୟର ଆବଶ୍ୟକ ଥିବା କହିଛନ୍ତି। କେବଳ ସେତିକି ନୁହେଁ, ଏଲ. ସି. ଡି. ସୂଚନା ଫଳକଟି ମଧ୍ୟ ଦୀର୍ଘ ଦିନ ହେବ ବନ୍ଦ ହୋଇ ପଡ଼ିରହିଛି। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳବାସୀ ପ୍ରଶାସନ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସଂପର୍କରେ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରିଣୀଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରତିକ୍ରିୟା ଦେଇଥିଲେ ଯେ, ଏହା ଓଡିଶା ରାଜ୍ୟ ରାସ୍ତା ଓ ପରିବହନ କୋପରେସନ ଅଧୀନକୁ ହସ୍ତାନ୍ତର କରାଯାଇଛି। ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଏଠାରେ ଅଟଳ ବସଷ୍ଟାଣ୍ଡ ଯୋଜନାରେ କାର୍ଯ୍ୟକାରୀ ହେବାକୁ ଯାଉଛି। ଫଳସ୍ୱରୂପ ରାଇରଙ୍ଗପୁର ମୁଖ୍ୟ ବସ୍‌ଷ୍ଟାଣ୍ଡ ରୂପରେଖରେ ପରିବର୍ତ୍ତନ ଆସିବ। ପୁଣି ଆବଶ୍ୟକ ପରିମାଣରେ ଫଣ୍ଡ ନ ଥିବାରୁ ବସ୍‌ଷ୍ଟାଣ୍ଡ ପରିସରର ଖାଲଢିପକୁ ସ୍ୱଚ୍ଛ ସୁନ୍ଦର କରି ହେଉନାହିଁ। ଫଣ୍ଡ ଆସିଲେ ନିହାତି କାମ ହେବ ବୋଲି ସୂଚନା ଦେଇଛନ୍ତି। ସେ ଯାହା ହେଉ ନା କାହିଁକି, ରାଇରଙ୍ଗପୁର୍ ମୁଖ୍ୟ ବସ୍‌ଷ୍ଟାଣ୍ଡର ଅବସ୍ଥା ସୁଧାରିବା ନିମନ୍ତେ ସାଧାରଣରେ ଦୃଢଦାବୀ ହୋଇଛି।



ନୂଆ ରାସ୍ତା ଆଳରେ ପୁରୁଣାକୁ ଅବହେଳା

# ମରଣଯନ୍ତା ପାଲଟିଛି ବୈଶିଙ୍ଗା-ରୁପ୍‌ସା ରାସ୍ତା

ବେତନଟୀ, ୨୯।୭(ସମିସ): ବିକାଶ ନାମରେ ନୂଆ ପ୍ରକଳ୍ପର ଶିଳାନ୍ୟାସ ହେଉଛି। କୋଟି କୋଟି ଟଙ୍କାର ଟେଣ୍ଡର ହେଉଛି। ଅନ୍ୟପଟେ ଯେଉଁ ରାସ୍ତା ଉପରେ ପ୍ରତିଦିନ ହଜାର ହଜାର ଲୋକ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି, ସେହି ରାସ୍ତାର ଶୋଚନୀୟ ଅବସ୍ଥା ପ୍ରଶାସନର ଆଖିକୁ ଦେଖାଯାଉନି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ପୂର୍ତ୍ତ ବିଭାଗର ବୈଶିଙ୍ଗା-ରୁପ୍‌ସା (ଏମଡିଆର-୭୦) ରାସ୍ତା ଏବେ ଜନସାଧାରଣଙ୍କ ପାଇଁ ଗମନାଗମନର ମାଧ୍ୟମ ନୁହେଁ, ବରଂ ଏକ ମରଣଯନ୍ତା ପାଲଟିଯାଇଛି। ୩୦ ଦିନରେ ଏହି ରାସ୍ତାରେ ୩୦ରୁ ଅଧିକ ଦୁର୍ଘଟଣା ଘଟିଥିବା ଅଭିଯୋଗ ହେଉଛି।

### ୩୦ ଦିନରେ ୩୦ରୁ ଅଧିକ ଦୁର୍ଘଟଣା

ସୂଚନା ମୁତାବକ, ୨୦୨୩ରେ କୋଟି କୋଟି ଟଙ୍କା ବ୍ୟୟରେ ଏହି ରାସ୍ତାର ପ୍ରଶସ୍ତୀକରଣ କରାଯାଇଥିଲା। ତେବେ ନିର୍ମାଣ କାର୍ଯ୍ୟ ଶେଷ ହେବାର ମାତ୍ର କିଛି ଦିନ ମଧ୍ୟରେ ରାସ୍ତା ନଷ୍ଟ ହେବାକୁ ଲାଗିଥିଲା। ବାରମ୍ବାର ପ୍ୟାଚ୍ ପକାଇ ମରାମତି କରିବାକୁ ପଡ଼ିଥିଲା। ଏହା ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଓ ସ୍ଥାୟିତ୍ୱ ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚଳିତ ବର୍ଷ ବର୍ଷା ଆରମ୍ଭ ହେବା ପରଠାରୁ ବୈଶିଙ୍ଗାରୁ ପଣଶିଆ ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠି ଶତାଧିକ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷା ଜଳ ଜମି ରହିବା ଫଳରେ ବିଶେଷକରି ଦୁଇଚକିଆ ଓ ସାଇକଲ ଚାଳକ ଖାଲ ଅନୁମାନ କରି ନ ପାରି ନିୟମିତ ଦୁର୍ଘଟଣାର ଶିକାର ହେଉଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ସୂଚନା ଅନୁଯାୟୀ, ଗତ ୩୦ ଦିନ ମଧ୍ୟରେ ଏହି ରାସ୍ତାରେ ୩୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟିସାରିଛି। ଏଥିରେ ଅନେକ ଯାତ୍ରୀ ଗୁରୁତର ଆହତ ହୋଇଥିବାବେଳେ କେତେକ କ୍ଷେତ୍ରରେ ପ୍ରାଣହାନି ମଧ୍ୟ ଘଟିଛି। ଅନ୍ୟପକ୍ଷରେ ବୈଶିଙ୍ଗାରୁ ରୁପ୍‌ସା ପର୍ଯ୍ୟନ୍ତ ରାସ୍ତାର ବୈଶିଙ୍ଗା ସଂଲଗ୍ନ ଭାଗକୁ ୭ ମିଟରରୁ ୧୦ ମିଟର ପ୍ରଶସ୍ତ କରିବା ପାଇଁ ପ୍ରାୟ ୨୩ କୋଟି ଟଙ୍କାର ଏକ ନୂତନ ପ୍ରକଳ୍ପର ଶିଳାନ୍ୟାସ ହୋଇସାରିଛି। ନୂଆ ରାସ୍ତା ନିର୍ମାଣ କାମ ଆରମ୍ଭ ହେବା ପୂର୍ବରୁ ବର୍ତ୍ତମାନର ବିପଜ୍ଜନକ ରାସ୍ତାର ଜରୁରୀ ମରାମତି ପ୍ରତି ପୂର୍ତ୍ତ ବିଭାଗ ସମ୍ପୂର୍ଣ୍ଣ ଆଖିବୁଜି ଦେଇଛି। ଏହି ରାସ୍ତା ଦେଇ ପ୍ରତିଦିନ ଉଚ୍ଚ ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ଓ ବିଭିନ୍ନ ବିଭାଗର କର୍ମଚାରୀ ଯାତାୟାତ କରୁଥିଲେ ସୁଦ୍ଧା ରାସ୍ତାର ଏହି ଦୟନୀୟ ଅବସ୍ଥା ଦୂର କରିବା ପାଇଁ କୌଣସି ପଦକ୍ଷେପ ନିଆ ନ ଯିବା ସାଧାରଣରେ ତୀବ୍ର କ୍ଷୋଭ ସୃଷ୍ଟି କରିଛି। ସୁରକ୍ଷିତ ଯାତାୟାତକୁ ଦୃଷ୍ଟିରେ ରଖି ସ୍ଥାନୀୟ ବାସିନ୍ଦା କେତେକ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରିଛନ୍ତି। ନୂଆ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପର୍ଯ୍ୟନ୍ତ ଜରୁରୀ ଭିତ୍ତିରେ ରାସ୍ତାର ସମସ୍ତ ଖାଲଖମାକୁ ତୁରନ୍ତ ମରାମତି କରାଯାଉ। ଦୁର୍ଘଟଣାପ୍ରବଣ ସ୍ଥାନରେ ସତର୍କ ସୂଚନା ବୋର୍ଡ ଓ ବିପଦ ସଙ୍କେତ ଲଗାଯାଉ। ୨୦୨୩ରେ ହୋଇଥିବା ନିମ୍ନମାନର ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ବିକାଶ କେବଳ ଶିଳାନ୍ୟାସ ଓ ଟେଣ୍ଡର ପ୍ରକ୍ରିୟାରେ ସୀମିତ ନ ରହି ସାଧାରଣ ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉ। ବୈଶିଙ୍ଗା-ରୁପ୍‌ସା ରାସ୍ତାର ଅବସ୍ଥା ପ୍ରଶାସନିକ ସ୍ତରରେ ତୁରନ୍ତ ହସ୍ତକ୍ଷେପ ଦାବି କରୁଛି। ନୂଆ ରାସ୍ତା ନିର୍ମାଣ ପୂର୍ବରୁ ସାମ୍ପ୍ରତିକ ମରଣଯନ୍ତାରୁ ଜନସାଧାରଣଙ୍କୁ ମୁକ୍ତି ଦେବା ପାଇଁ ପ୍ରଶାସନ କେବେ ତତ୍ପରତା ପ୍ରକାଶ କରୁଛି, ତାହା ଏବେ ଦେଖିବାକୁ ବାକି ରହିଲା।



## ରାସ୍ତା ନୁହେଁ, କାଦୁଅର ସରୋବର

# ମରାମତି ନ ହେଲେ ବ୍ଲକ୍ କାର୍ଯ୍ୟାଳୟ ଘେରିବ 'ମାସା'

## କାଲାଝରୀ ଗ୍ରାମବାସୀଙ୍କ ଜୀବନ ଦୁର୍ବିସହ

ବିଶୋଇ, ୨୯।୭ (ସମିସ)



ବିଜାତଳା ବ୍ଲକ ଅନ୍ତର୍ଗତ ଲୁହାଶିଳା ପଞ୍ଚାୟତର କାଲାଝରୀ ଗ୍ରାମରେ ରାସ୍ତା ସମସ୍ୟା ଏବେ ଚରମ ସୀମାରେ ପହଞ୍ଚିଛି। ଗ୍ରାମର ମୁଖ୍ୟ ରାସ୍ତାଟି ସମ୍ପୂର୍ଣ୍ଣ କାଦୁଅରେ ବୁଡ଼ି ରହିଥିବାରୁ ଯାତାୟାତ ପୂରାପୂରି ଠପ୍ ହୋଇଯାଇଛି। ପ୍ରତିଦିନ ଯାତାୟାତ କରୁଥିବା ଗ୍ରାମବାସୀ ଏବେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ବର୍ଷାଦିନ ଆସିଲେ ଏହି ରାସ୍ତା ଦେଇ ଯିବାଆସିବା କରିବା ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ପହଞ୍ଚିବା କଷ୍ଟକର ହୋଇପଡୁଥିବାରୁ ଗର୍ଭବତୀ ମହିଳା ଓ ସଙ୍କଟାପନ୍ନ ରୋଗୀଙ୍କୁ ଖଟିଆରେ ବୋହି ନେବାକୁ ପଡୁଛି। ସ୍କୁଲ ଓ କଲେଜ ଯାଉଥିବା ପିଲା ଓ ବୃଦ୍ଧବୃଦ୍ଧା ଗୋଡ଼ ଖସି ପଡ଼ିବାର ଭୟ ଭିତରେ ଜୀବନକୁ ବାଜି ଲଗାଇ ଗାଁରୁ ବାହାରୁଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ଏହି ରାସ୍ତାର ଦୟନୀୟ ଅବସ୍ଥା ସମ୍ପର୍କରେ ସମ୍ପୃକ୍ତ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କୁ ବାରମ୍ବାର ଅବଗତ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ କରାଯାଇନାହିଁ। ବିକାଶ କ'ଣ କେବଳ କାଗଜକଲମରେ ସୀମିତ ବୋଲି ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରି ପ୍ରଶ୍ନ କରିଛନ୍ତି। ଗ୍ରାମର ଏହି ମୌଳିକ ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ, ଗ୍ରାମବାସୀଙ୍କୁ ସାଙ୍ଗରେ ନେଇ 'ମାସା' ସଂଗଠନ ପକ୍ଷରୁ ବିଜାତଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣତାନ୍ତ୍ରିକ ଉପାୟରେ ବିଶାଳ ଧାରଣା ଦିଆଯିବ। ପ୍ରଶାସନର ଅବହେଳା ଯୋଗୁଁ ଯଦି ଆଗାମୀ ଦିନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ, ତେବେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ହିଁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି।

## ● ବୈତରଣୀ ଜଳସ୍ତର ଖସୁଛି
## ନଦୀକୂଳିଆ ଗାଁ ଜଳବନ୍ଦୀ



ଆନନ୍ଦପୁର, ୨୯।୭ (ସମିସ): ବୈତରଣୀ ନଦୀର ବନ୍ୟାଜଳ ଆନନ୍ଦପୁରରେ ବିପଦ ସଂକେତ ତଳକୁ ବୁଧବାର ଖସି ଆସିଛି। ଆଜି ସକାଳୁ ଜଳସ୍ତର କ୍ରମଶଃ ଖସିଯାଇ ରାତି ୮ଟା ସୁଦ୍ଧା ୩୭.୭୫୦ମିଟରରେ ପ୍ରବାହିତ ହେଉଥିଲା। ଫଳରେ ଆସନ୍ନ ବିପଦ ଟଳିଯାଇଛି; ହେଲେ ନଦୀକୁଳିଆ ଗାଁଗୁଡିକ ପାଣିଘେରରେ ଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢିଯାଇଛି। ଆନନ୍ଦପୁର ବ୍ୟାରେଜ ୨୭ ଓ ରେମାଳ ଡ୍ୟାମ ୨ଟି ଗେଟ ଖୋଲିଥିବାରୁ ନଦୀରେ ଜଳପତ୍ତନ କ୍ରମଶଃ ବୃଦ୍ଧି ପାଇଥିଲା। ଆନନ୍ଦପୁରରେ ୩୮.୩୬୦ମିଟର ବିପଦ ସଂକେତ ଥିବା ବେଳେ ପରେ ୪୦.୪୬୦ ମିଟରରେ ପ୍ରବାହିତ ହୋଇ ବିପଦ ସୃଷ୍ଟି କରିଥିଲା।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର


ବାଲିବନ୍ଧ, ୨୯।୭ (ସମିସ): ବାଲିବନ୍ଧ ଫରେଷ୍ଟ ସେକ୍ସନ ଲକ୍ଷ୍ମୀପଶି ବିଟ ଅର୍ଶଲା ପଞ୍ଚାୟତର ଦୁର୍ଗାପୁରର ଅଲେଖ ନାଏକ (୪୦) ଭାଲୁ ଆକ୍ରମଣରେ ଗୁରୁତର ହୋଇଥିବା ଜଣାପଡ଼ିଛି। ବୁଧବାର ଭୋର ସମୟରେ ଛତୁ ଗୋଟାଇବାକୁ ଘର ସମ୍ମୁଖ ଜଙ୍ଗଲକୁ ଯାଇଥିଲା ବେଳେ ଅଲେଖ ଭାଲୁ ସହିତ ମୁହାଁମୁହିଁ ହୋଇ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କ ଦୁଇ ଗୋଡ଼ ଫାଙ୍କ ଭିତରେ ଭାଲୁ ପଶି ଯିବାରୁ ଅଲେଖ ତଳେ ପଡିଯାଇଥିଲେ। ଭାଲୁ ଜଙ୍ଘକୁ ରାମ୍ପୁଡି ଦେଇ ଚାଲି ଯାଇଥିଲା। ପରିବାର ଲୋକେ ଅଲେଖଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ୨ ମୃତ

ହାଟଡ଼ିହୀ,୨୯।୭(ସମିସ): ହାଟଡ଼ିହୀ ବ୍ଲକ୍ ବଞ୍ଚୋ ପଞ୍ଚାୟତ ସିଙ୍ଗଡୋଭ ଗ୍ରାମ ନିକଟସ୍ଥ ବୈତରଣୀ ନଦୀବନ୍ଧ ରାସ୍ତାରେ ଆଜି ସନ୍ଧ୍ୟାରେ ଘଟିଥିବା ଏକ ଭୟଙ୍କର ବାଇକ୍ ଦୁର୍ଘଟଣାରେ ଜଣେ ମହିଳା ଓ ଜଣେ ପୁରୁଷଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ନାମ ଗୁଲା ବେହେରା ବୋଲି ଜଣାପଡ଼ିଛି। ମୃତ ପୁରୁଷଙ୍କ ନାମ ହେଉଛି ଜ୍ଞାନରଞ୍ଜନ ସାହୁ। ସେ ଘସିପୁରା ଥାନା କନେଷ୍ଟବଳ ଭାବେ କାର୍ଯ୍ୟ କରୁଥିଲା ବେଳେ ତାଙ୍କ ଘର ଆନନ୍ଦପୁର ଥାନା ତଥା ହାଟଡିହି ବ୍ଲକ୍ ଯଶୋବନ୍ତପୁର ଗାଁରେ ବୋଲି ସୂଚନା ମିଳିଛି। ଘଟଣା ପରେ ସ୍ଥାନୀୟ ଲୋକେ ଓ ପୁଲିସ୍ ପହଞ୍ଚି ଉଭୟଙ୍କ ମୃତଦେହକୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି। ଦୁର୍ଘଟଣାର କାରଣକୁ ନେଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



## ହାତୀପଲ ଭାଙ୍ଗିଲେ ୮ ଘର



ଡୁରୁମୁଙ୍ଗା, ୨୯।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ହାତୀପଲଙ୍କ ଉପଦ୍ରବ ଜାରି ରହିଥିବା ବେଳେ ବିଳମ୍ବିତ ରାତିରେ ହାତୀପଲ ପାଟଣା ଓ ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳରେ ୮ଟି ଘର ଭାଙ୍ଗି ଦେଇଛନ୍ତି। ଏକ ଗୋଠଛଡ଼ା ଦନ୍ତା ଭରାଣ୍ଡିଆ, ଗୋବରାବେଡା, ବୃନ୍ଦାବନପୁର, ଖମୁଆଁ ଗ୍ରାମରେ ଆତଙ୍କ ଖେଳାଇ ବୁଦ୍ଧଦେବ ମୁଣ୍ଡା, ରଞ୍ଜେଇ ନାଏକ, ଚନ୍ଦ୍ରିକା ନାଏକ ଏବଂ ବସନ୍ତ ବାରିକଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଦେଇଛି। ସେହିପରି ଖିରେଇଟାଙ୍ଗିରୀ ସେକ୍ସନରେ ୪ଟି ଘର ଭାଙ୍ଗିଦେଇଛନ୍ତି। ବନବିଭାଗ ପକ୍ଷରୁ ହାତୀପଲଙ୍କ ଗତିବିଧି ଉପରେ ନଜର ରଖାଯିବା ସହ କ୍ଷତିଗ୍ରସ୍ତଙ୍କୁ ତ୍ରିପ, ଚୁଲା ସହ ୧୦ କେଜି ଲେଖାଏଁ ଚାଉଳ ପ୍ରଦାନ କରାଯାଇଛି।

## ଉଦଳାରେ ଗୁରୁ ପୂଜନ ଉତ୍ସବ

ଉଦଳା,୨୯।୭(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡରେ ୧୧ତମ ଗୁରୁ ପୂଜନ ଉତ୍ସବ ଆଞ୍ଚଳିକ ଗୁରୁ ପୂଜନ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାବ୍ଦୀର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଶ୍ରୀମା ଶିକ୍ଷା ନିକେତନର ଛାତ୍ରୀମାନେ ସମସ୍ତ ଗୁରୁଜୀଙ୍କୁ ବନ୍ଦାପନା କରି ଚନ୍ଦନ, ପୁଷ୍ପ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥିମାନେ କାର୍ଯ୍ୟକ୍ରମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପ, ଧୂପ ଓ ଦୀପ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଗୋଲକ ବିହାରୀ ନାଏକଙ୍କ ଫଟୋଚିତ୍ରରେ ପୁଷ୍ପ, ଧୂପ ଓ ଦୀପ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ କମିଟିର ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ବାଛିନି ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ତଥା ସଂଯୋଜକ ଅମିୟ କୁମାର ବଳ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। କମିଟିର ସଭାପତି ବସନ୍ତ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପ୍ରାରମ୍ଭରେ ନିକଟରେ ମୃତ୍ୟୁବରଣ କରିଥିବା ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କର ସଦ୍‌ଗତି କାମନା ସହିତ ୨ମିନିଟ ନିରବ ପ୍ରାର୍ଥନା କରିଥିଲେ। ମୁଖ୍ୟ ଅତିଥି ଦିଲ୍ଲୀପ କୁମାର ଦୀକ୍ଷିତ, ମୁଖ୍ୟ ବକ୍ତା ନଗରପାଳିକା ପ୍ରମିଳା ପଣ୍ଡା, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ଉପ ନଗରପାଳିକା ଲିଲି ଭୋଳ, ଆଞ୍ଚଳିକ ଗୁରୁ ପୂଜନ କମିଟି ପରିକଳ୍ପନା କରିଥିବା ସ୍ୱର୍ଗତ ଗୋଲକ ବିହାରୀ ନାଏକଙ୍କ ସହଧର୍ମିଣୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଅତିଥିଗଣ ଗୁରୁ-ଶିଷ୍ୟର ପରମ୍ପରା ଉପରେ ବହୁ ଉଚ୍ଚକୋଟୀର ବକ୍ତବ୍ୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସାହିତ୍ୟିକ ଲକ୍ଷ୍ମୀଧର ପୋଥାଳ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଶ୍ୟାମସୁନ୍ଦର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଭୋଳାନାଥ ବକ୍ତବ୍ୟ ରଖିଥିଲେ।



## ମୃତ ଅଗ୍ନି ଯୋଦ୍ଧାଙ୍କୁ ଗାର୍ଡ ଅଫ୍ ଅନର୍



ତେଲକୋଇ, ୨୯।୭ (ସମିସ): କାର୍ଯ୍ୟରତ ସମୟରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ବରଣ କରିଥିବା କେନ୍ଦୁଝର ଅଗ୍ନିଶମ ବାହିନୀର କର୍ମଚାରୀ ଚନ୍ଦନ ପଟ୍ଟନାୟକଙ୍କ ପାର୍ଥିବ ଶରୀରକୁ ତେଲକୋଇ ଅଗ୍ନିଶମ ବିଭାଗ ପକ୍ଷରୁ ଶେଷ ସମ୍ମାନ ଜ୍ଞାପନ କରାଯାଇଛି। ଅଗ୍ନିଯୋଦ୍ଧା ଶ୍ରୀ ପଟ୍ଟନାୟକଙ୍କ ମୃତ ଶରୀର ପୈତୃକ ଘର ଅନୁଗୋଳ ଅଭିମୁଖେ ଯାଉଥିବା ବେଳେ ତେଲକୋଇ ଅଗ୍ନିଶମ କାର୍ଯ୍ୟାଳୟରେ ଅଟକାଇ ଶେଷ ଦର୍ଶନ କରାଯିବା ସହ ଗାର୍ଡ ଅଫ ଅନରରେ ଶେଷ ସମ୍ମାନ ଜଣାଯାଇଛି। ଏଥିରେ ତେଲକୋଇ ଅଗ୍ନିଶମ ବାହିନୀର ଅଧିକାରୀ ସମେତ ସମସ୍ତ କର୍ମଚାରୀ ଉପସ୍ଥିତି ରହିଥିଲେ।

## ଗଛ ପଡ଼ି ବସ୍ ଚୂର୍‌ମାର



ତେଲକୋଇ, ୨୯।୭(ସମିସ): ତେଲକୋଇ ବ୍ଲକ ଚନ୍ଦ୍ରଶେଖରପୁରରେ ଏକ ଘରୋଇ ବସ ଛିଡ଼ା ହୋଇଥିବା ବେଳେ ବିଳମ୍ବିତ ରାତିରେ ଏକ ଆମ୍ବ ଗଛ ପଡ଼ିଯିବାରୁ ବସ୍‌ଟି ଭାଙ୍ଗିରୁଜି ଯାଇଛି। ଏଥିରେ କୌଣସି କର୍ମଚାରୀଙ୍କ କ୍ଷତି ହୋଇନାହିଁ। ଶ୍ରୀକାନ୍ତ ନାମକ ଘରୋଇ ବସ୍ ଗୋଡାରୁ ରାଉରକେଲା ଯାଉଥିବା ବେଳେ ଅପରାହ୍ନରେ ରାଉରକେଲାରୁ ଆସି ତେଲକୋଇ ପୂର୍ବରୁ ଚନ୍ଦ୍ରଶେଖରପୁର ଗ୍ରାମରେ ଛିଡ଼ାହୋଇଥିଲା। ଲଗାଣ ବର୍ଷା ଓ ପବନ ହେତୁ ଗାଡ଼ି ପାଖରେ ଥିବା ଏକ ବିରାଟ ଆମ୍ବ ଗଛ ଭୂଇଁରୁ ଉପୁଡ଼ି ଯାଇ ବସ୍ ଉପରେ ସଂପୂର୍ଣ୍ଣ ପଡ଼ିଯାଇଥିଲା।

## ନଳଗଜା ଉପେନ୍ଦ୍ରନାଥ କଲେଜ ପ୍ରାଧ୍ୟାପିକାଙ୍କୁ ବିଦାୟ ସମ୍ବର୍ଦ୍ଧନା




ରାସଗୋବିନ୍ଦପୁର,୨୯।୭(ସମିସ): ମୟୂରଭଞ୍ଜ ଜିଲ୍ଲା ନଳଗଜାସ୍ଥିତ ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଅଞ୍ଜଳି ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷକ, ଛାତ୍ରଛାତ୍ରୀ, ପ୍ରାକ୍ତନ ଛାତ୍ରଛାତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ତାଙ୍କର ଦୀର୍ଘଦିନର ଶିକ୍ଷାଦାନ ଓ ଅବଦାନକୁ ସ୍ମରଣ କରିଥିଲେ। ଉପେନ୍ଦ୍ରନାଥ ମହାବିଦ୍ୟାଳୟ ନଳଗଜା ମୟୂରଭଞ୍ଜର ଏକ ପ୍ରମୁଖ ଉଚ୍ଚଶିକ୍ଷା ଅନୁଷ୍ଠାନ।ଶିକ୍ଷା ବିଭାଗର ଅଧ୍ୟାପକଙ୍କ ପୌରାହିତ୍ୟରେ ଆୟୋଜିତ ସଭାରେ ପ୍ରାକ୍ତନ ଅଧ୍ୟାପକ କିଶୋରାମ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଞ୍ଜଳି ମହାନ୍ତିଙ୍କ ଶିକ୍ଷା କ୍ଷେତ୍ରରେ ଅବଦାନର ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଅବନୀକାନ୍ତ ଗିରି ଏବଂ ଜୀବବିଜ୍ଞାନ ବିଭାଗର ମୁଖ୍ୟ ଡ. ସାଧନା ରାଉତ ଉପସ୍ଥିତ ରହି ତାଙ୍କ କର୍ମନିଷ୍ଠା, ଶୃଙ୍ଖଳା ଓ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ଆନ୍ତରିକତା ବିଷୟରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଶିକ୍ଷା ବିଭାଗର ଟପ୍ପର ଭବଶଙ୍କର ସାହୁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟର ପ୍ରିନ୍ସିପାଲ ଡ଼. ପ୍ରବୀର ପଟ୍ଟନାୟକଙ୍କ ସହ ବହୁ ପ୍ରାକ୍ତନ ଛାତ୍ରଛାତ୍ରୀ ଯୋଗଦେଇ ଅଞ୍ଜଳି ମହାନ୍ତିଙ୍କ ଗୁଣଗାନ କରିବା ସହ ଉପଢୌକନ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ତନୁଜା ମିଶ୍ର, ସୀମାରାଣୀ ଭଞ୍ଜ, ଶିକ୍ଷକ ବ୍ରଜମୋହନ ସାହୁ, ଗୋକୁଳ ସାହୁ, ମଳୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ସୂର୍ଯ୍ୟପ୍ରଭା ଗିରିଙ୍କ ଗୁରୁବନ୍ଦନା ସଙ୍ଗୀତରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଶେଷରେ ଭାବପ୍ରବଣ ପରିବେଶ ମଧ୍ୟରେ ଅଞ୍ଜଳି ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ ସମସ୍ତେ ତାଙ୍କ ସୁସ୍ଥ, ସୁଖମୟ ଓ ଦୀର୍ଘାୟୁ ଜୀବନ କାମନା କରିଥିଲେ।

## ବୁଡ଼ିଗଲା ଅସ୍ଥାୟୀ ପୋଲ; ଧୋଇଗଲା ରାସ୍ତା

ଉଦଳା,୨୯।୭(ସମିସ): ଲଗାଣ ବର୍ଷାରେ ଅସ୍ଥାୟୀ ପୋଲ ବୁଡ଼ିଯାଇଥିବାବେଳେ ରାସ୍ତା ଧୋଇଯାଇଛି। ଲଗାଣ ବର୍ଷା କାରଣରୁ ଦେଓ ନଦୀ ଫୁଲିବା ଦ୍ୱାରା ଏଭଳି ସମସ୍ୟା ଦେଖାଦେଇଛି। ଦେଓ ନଦୀ ଫୁଲିବା ଫଳରେ ଉଦଳା-ବାଲେଶ୍ୱର ରାସ୍ତାର କଇଁସାରିଠାରେ ଥିବା ଅସ୍ଥାୟୀ ପୋଲ ଉପରେ ୬ ଫୁଟରୁ ଅଧିକ ପାଣି ପ୍ରବାହିତ ହୋଇଛି। ଏଥିସହିତ ସମ୍ପୂର୍ଣ୍ଣ ବୁଡ଼ିଯାଇଛି ଅସ୍ଥାୟୀ ପୋଲ ଆଉ ପୋଲର ଉଭୟ ପାର୍ଶ୍ୱର ରାସ୍ତା ଧୋଇ ହୋଇଯାଇଛି। ଯାହା ଫଳରେ ଉଦଳା - ବାଲେଶ୍ୱର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏହା ସହିତ ଉଦଳା ଏବଂ ଗୋପବନ୍ଧୁ ନଗର ବ୍ଲକ୍‌ର ପ୍ରାୟ ୮ ପଞ୍ଚାୟତ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଧୀରେ ଧୀରେ ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ପୋଲ ବୁଡ଼ିବା ଆଉ ରାସ୍ତା ଧୋଇବା ଫଳରେ ଏହି ରାସ୍ତାରେ ଯାତାୟାତ ବନ୍ଦ ହୋଇଛି। ଅତ୍ୟନ୍ତ ଜରୁରୀ କାମ ପଡ଼ିଲେ ଲୋକେ ୨୫ କିଲୋମିଟର ବୁଲି ଅନ୍ୟ ରାସ୍ତାରେ ଯାଉଛନ୍ତି।



## ମହୁଲିମଦ ଓ ପୋଚ ସହ ବାଇକ୍ ଜବତ: ୩ ଗିରଫ

ହାଟଡ଼ିହୀ,୨୯।୭(ସମିସ): ଅବକାରୀ ଉପଅଧୀକ୍ଷକ ଦିବ୍ୟରଞ୍ଜନ ଦିପଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଓ ହାଟଡିହୀ ଷ୍ଟାଫଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ସୁଆପୁର, ଚଉମୁହି, ଗୋହିରା ଓ ଘଷିପୁରା ଥାନାଞ୍ଚଳରେ ଚଢ଼ଉ କରି ୩୦୨ ଲିଟର ଦେଶୀ ମହୁଲିମଦ ଓ ୩୨୦୦ ଲିଟର ମହୁଲ ପୋଚ ଜବତ କରିଛନ୍ତି। ଏଥିରେ ଏକ ବାଇକ୍ ଜବତ କରାଯାଇଛି। ଜବତ ଦେଶୀ ମହୁଲିମଦ ଓ ମହୁଲ ପୋଚ ଓ ବାଇକର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଉକ୍ତ ଚଢ଼ଉରେ ହାଟଡିହୀ ଉପନିରୀକ୍ଷକ ରାକେଶ ଖୁଣ୍ଟିଆ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ପ୍ରମୁଖ ସାମିଲ ଥିଲେ। ଏନେଇ ଆନନ୍ଦପୁର ଅବକାରୀ ରେଞ୍ଜ ପକ୍ଷରୁ ୪ଟି ମାମଲା ରୁଜୁ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି।

## ଟ୍ରେଞ୍ଚରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଡୁରୁମୁଙ୍ଗା, ୨୯।୭(ସମିସ): ପାଟଣା ଥାନା ବଡ଼ବିଲ ଗ୍ରାମର ପ୍ରଧାନସାହିର ଅବିବାହିତ ମହିଳା ଦ୍ରୌପଦୀ ମହାନ୍ତ (୪୭)ଙ୍କ ମୃତଦେହ ବୁଧବାର ଜଙ୍ଗଲ ନିକଟ ଏକ ଟ୍ରେଞ୍ଚରୁ ଉଦ୍ଧାର ହୋଇଛି। ସେ ତିନିଦିନ ପୂର୍ବରୁ ନିଖୋଜ ଥିଲେ। ବୁଧବାର ବଡ଼ବିଲ ଗାଁ ନିକଟ ଜଙ୍ଗଲରୁ ଟ୍ରେଞ୍ଚ ଖାଲ ଭିତରେ ମୃତଦେହ ଦେଖି ଗ୍ରାମବାସୀ ପୁଲିସ ଖବର ଦେଇଥିଲେ। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବନ ବିଭାଗ ଖୋଳିଥିବା ଟ୍ରେଞ୍ଚ ଖାଲରେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିବା ଜୀବନ ହରାଇଥିବା ଜଣାପଡ଼ିଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବୁଡ଼ିଛି ନଈକୂଳିଆ ଚାଷୀଙ୍କ ଘର, ଜମି



ଆନନ୍ଦପୁର, ୨୯।୭ (ସମିସ): ଆନନ୍ଦପୁର ରିଙ୍ଗବନ୍ଧ ଭାଙ୍ଗି ବନ୍ୟା ଜଳ ପଶିଆସିବାରୁ ନଈକୂଳ ଚାଷ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ଜଳରେ ଆଳିଆ ସାହିର ଅନନ୍ତ ସିଂହ ଅଚ୍ୟୁତ ସିଂହ ନାରାୟଣ ରାଜ କୃପାସିନ୍ଧୁ ରାମ ମାଳି ସାହିର କାଳିଆ ରଣା କୃପାସିନ୍ଧୁ ରଣା ଜୟରାମ ଦାସ ରାଜପୁତ ସାହିର ବିଶ୍ୱରାମ ବୁଦ୍ଧିଆ ରାମ ମୁଟୁ ରାମ ପହଲା ରାମ ଟେହେରୁ ରାମ ଓ ଅମୀୟ ପଣ୍ଡାଙ୍କ ପନିପରିବା ଫସଲ ବୁଡିରହିଛି। ବ୍ୟାଙ୍କରୁ ଋଣ କରି ଚାଷ କରିଥିବା ଚାଷୀମାନେ ହତାଶ ହୋଇପଡିଛନ୍ତି। ବିଳମ୍ବିତ ରାତିରେ ବନ୍ୟା ଜଳ ପଶିଆସିବାରୁ ଲୋକେ ଘର ଚାଳ ଉପରକୁ ଚଢିଯାଇଥିଲେ ପରେ ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରିଛି। ବନ୍ୟା ଜଳ ନିଷ୍କାସନ କରିବା ଦିଗରେ ବିହିତ ପଦକ୍ଷେପ ନେବାକୁ କଂଗ୍ରେସ ନେତା ଜୟଦେବ ଜେନା କେନ୍ଦୁଝର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି।

## ନଦପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବଜ୍ରପାତ ବଳିଦାନ ଦିବସ

## ବଜ୍ରପାତରେ ଲୋଟିପଡ଼ିଥିଲେ ୧୦ ନିରୀହ ଶିଶୁ

ବେତନଟୀ,୨୯।୭(ସମିସ)



କାଳର କୃଷ୍ଣପଟ୍ଟରେ ଯେତେବେଳେ ପ୍ରକୃତିର ତାଣ୍ଡବଲୀଳା କରାଳ ରୂପ ଧାରଣ କରେ, ସେତେବେଳେ ସୃଷ୍ଟି ହୁଏ ଅଭୁଲା ଅଶ୍ରୁର ଇତିହାସ। ଆଜି ଥିଲା ସେମିତି ଏକ ଦିନ। ଯେଉଁଦିନ ବଜ୍ରପାତରେ ଅକାଳରେ ଲୋଟିପଡ଼ିଥିଲା ୧୦ ନିରୀହ ଶିଶୁଙ୍କ ଶରୀର। ଏହି ଦିନକୁ ମନେ ପକାଇ ନଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ୪୧ତମ ସ୍ମୃତି-ତର୍ପଣ ଓ ସ୍ମାରକୀ ସଭା। ଜୁଲାଇ ୨୯ ତାରିଖର ସେହି ଦିନକୁ ମନେପକାଇ ଶୋକାକୁଳ ହୋଇଉଠିଥିଲା ବିଦ୍ୟାଳୟ ପ୍ରାଙ୍ଗଣ। ଶ୍ରଦ୍ଧାଞ୍ଜଳି ସଭାର ପ୍ରାରମ୍ଭରେ ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ ଆଶ୍ରୁଳ ତର୍ପଣ ଅର୍ପଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ରଙ୍କ ସଭାପତିତ୍ୱରେ ଏହି ଭାବଗମ୍ଭୀର ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଦାୟିତ୍ୱକୁ ଅତ୍ୟନ୍ତ ସୁଚାରୁ ଓ ଶୃଙ୍ଖଳିତ ଭାବେ ସମ୍ପାଦନ କରିଥିଲେ ସୁରେଶ କୁମାର ବେହେରା ଓ ନିତ୍ୟାନନ୍ଦ ସାହୁ।

ଏହି ସ୍ମୃତି ସଭାରେ ମୟୂରଭଞ୍ଜ ଓଷ୍ଟାର ସମ୍ପାଦକ କିଶୋର ଆଚାର୍ଯ୍ୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) ଅପର୍ଣ୍ଣା ସାହୁ, ଅବସରପ୍ରାପ୍ତ ଅଧିକାରୀ ରମାକାନ୍ତ ମହାନ୍ତି, ସମାଜସେବୀ ତଥା ପ୍ରାକ୍ତନ ଶିକ୍ଷକ ବିଷ୍ଣୁଚରଣ ସାହୁ, ଭୀମଚରଣ ପାତ୍ର, ନଦପୁର ସିଆର୍‌ସିସି ଗଙ୍ଗାଧର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସରୋଜିନୀ ମହାନ୍ତ, ଓଷ୍ଟା ବ୍ଲକ୍ ସଭାପତି ଶିଶିର ନାୟକ, ସମାଜସେବୀ ପ୍ରକାଶ ଚନ୍ଦ୍ର ମହାପାତ୍ର ଏବଂ ଏସ୍‌ଏମ୍‌ସି ଉପ-ସଭାନେତ୍ରୀ ରଶ୍ମିତା କରଣ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାକୁସୁମ ଅର୍ପଣ କରିଥିଲେ। ଅତିଥିଗଣ ନିଜ ନିଜ ବକ୍ତବ୍ୟରେ କହିଥିଲେ ଯେ, "କାଳର କରାଳ ଗ୍ରାସରେ ସେଦିନ ଝଡ଼ିପଡ଼ିଥିବା ୧୦ଟି କଳିକା ଆଜି ବି ଆମ ହୃଦୟରେ ଅମର। ସେମାନଙ୍କ ବିଚ୍ଛେଦର ବେଦନା ଆଜି ବି ବିଦ୍ୟାଳୟର ପ୍ରତିଟି କୋଣରେ ଗୁଞ୍ଜରିତ ହୁଏ।' ସେମାନଙ୍କ ସ୍ମୃତିକୁ ଜୀବନ୍ତ ରଖିବା ସହ ବଜ୍ରପାତ ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଏହି ସଭାର ମୂଳ ଲକ୍ଷ୍ୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଭାର ଶେଷ ପର୍ଯ୍ୟାୟରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଶ୍ରୁଳ ନୟନ ଓ ନିରବ ପ୍ରାର୍ଥନା ମଧ୍ୟରେ ଏହି ସ୍ମୃତି ସଭା ଉଦ୍‌ଯାପିତ ହୋଇଥିଲା।

## ନିଖୋଜ ଉର୍ମିଳାଙ୍କ ପରିବାରକୁ ଭେଟିଲେ ବିଧାୟକ

ଆନନ୍ଦପୁର, ୨୯।୭ (ସମିସ): କେନ୍ଦୁଝର ଜିଲ୍ଲାର ରେମାଳ ନଦୀରେ ଭାସିଯାଇ ନିଖୋଜ ଥିବା କେଶଦୁରାପାଳ ଗ୍ରାମର ଉର୍ମିଳାଙ୍କ ପିତା କୁଳମଣି ପାତ୍ରଙ୍କ ପରିବାର ବର୍ଗଙ୍କୁ ସାକ୍ଷାତ କରି ସମବେଦନା ଜଣାଇଛନ୍ତି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର। କୁଳମଣିଙ୍କ ଝିଅ ଉର୍ମିଳା ପାତ୍ର (୨୪) ରେମାଳ ନଦୀର କେଶଦୁରାପାଳ ପାତ୍ରସାହି ଘାଟରେ ଗାଧେଇବା ପାଇଁ ଯାଇ ବୁଡି ଯାଇ ଭାସି ଯାଇଥିଲେ। ଖୋଜାଖୋଜି ପରେ ବି ଉର୍ମିଳାଙ୍କ ବର୍ତ୍ତମାନ ସୁଦ୍ଧା ପତ୍ତା ମିଳିପାରି ନାହିଁ। କୌଣସି ଓଡ୍ରାଫ ଟିମ ପହଞ୍ଚି ନାହାନ୍ତି। ଅନ୍ୟପକ୍ଷରେ ଉର୍ମିଳାଙ୍କ ବାପା ଓ ପରିବାର ଲୋକେ ସହାୟତା ପାଇଁ ସରକାରଙ୍କୁ ଗୁହାରି କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୮୮୨- ସ୍ୱାଧୀନତା ସଂଗ୍ରାମୀ ସତ୍ୟେନ୍ଦ୍ର ନାଥ ବୋଷଙ୍କ ଜନ୍ମ।
- ୧୮୮୬- ଦେଶର ପ୍ରଥମ ମହିଳା ଡାକ୍ତର ତଥା ପ୍ରଥମ ବିଧାୟିକା ଡଃ ଏସ୍. ମୁଥୁଲକ୍ଷ୍ମୀ ରେଡ୍ଡୀଙ୍କ ଜନ୍ମ।
- ୧୯୦୯- ରାଇଟ୍ ବ୍ରଦର୍ସ ସେନା ପାଇଁ ପ୍ରଥମ ବିମାନ ତିଆରି କଲେ।
- ୧୯୬୬- ଇଂଲଣ୍ଡ ପ୍ରଥମ ଥର ପାଇଁ ଫୁଟବଲ୍ ବିଶ୍ୱକପ୍ ଜିତିଲା।
- ୨୦୧୨- ଆନ୍ଧ୍ରପ୍ରଦେଶର ଏକ ରେଳଗାଡ଼ିରେ ନିଆଁ ଲାଗିବା ଯୋଗୁଁ ୩୨ ଜଣଙ୍କର ମୃତ୍ୟୁ, ୨୭ ଜଣ ଆହତ।



## ବଢ଼ୁଛି ଗଣେଶଙ୍କ ମୂର୍ତ୍ତିର ଆକାର

କାଣିପକମ୍ ବିନାୟକ ମନ୍ଦିର ଆନ୍ଧ୍ରପ୍ରଦେଶର ଚିତ୍ତୂର ଜିଲ୍ଲାରେ ଅବସ୍ଥିତ ଏକ ପ୍ରସିଦ୍ଧ ମନ୍ଦିର। ଏହି ମନ୍ଦିର ନିଜର ଚମତ୍କାରିତା ଏବଂ ସ୍ୱୟଂଭୂ ମୂର୍ତ୍ତି ପାଇଁ ସାରା ଦେଶରେ ପରିଚିତ। ଏଠାରେ ପୂଜା ପାଉଥିବା ଭଗବାନ ଗଣେଶଙ୍କ ମୂର୍ତ୍ତି ମାନବ ନିର୍ମିତ ନୁହେଁ, ଏହା କୂଅ ଭିତରୁ ସ୍ୱୟଂ ପ୍ରକଟ ହୋଇଥିଲା ବୋଲି କୁହାଯାଏ। ଭକ୍ତମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି ଯେ, ବିନାୟକଙ୍କ ମୂର୍ତ୍ତିର ଆକାର ଦିନକୁ ଦିନ ବୃଦ୍ଧି ପାଉଛି। କୁହାଯାଏ ଯେ, କିଛି ଦଶନ୍ଧି ପୂର୍ବେ ଭଗବାନଙ୍କ ପାଇଁ ତିଆରି ହୋଇଥିବା ରୂପା କବଚ ଏବେ ତାଙ୍କ ଶରୀରରେ ଫିଟ୍ ହେଉନାହିଁ। ଏପରିକି ଚାରିପାର୍ଶ୍ୱରୁ ଭଗବାନ ଗଣେଶଙ୍କ ମୂର୍ତ୍ତିର ଆକାର ବଢ଼ୁଥିବାରୁ ପୋଷାକ ମଧ୍ୟ ଛୋଟ ହେଉଛି। ଏଣୁ ଏବେ ଗଣେଶଙ୍କ ପାଇଁ ବଡ଼ ଗହଣା ଓ କବଚ ତିଆରି କରାଯାଉଛି। ସେହିପରି ମନ୍ଦିର ଇତିହାସ ବି ଖୁବ୍ ରୋଚକପୂର୍ଣ୍ଣ। ଏହି ମୂର୍ତ୍ତି କୌଣସି ମୂର୍ତ୍ତିକାରଙ୍କ ଦ୍ୱାରା ଖୋଦିତ ହୋଇ ନାହିଁ, ବରଂ ଏହା ଆପେ ଆପେ ଭୂମିରୁ ବାହାରିଛି। କୁହାଯାଏ, ବହୁ ବର୍ଷ ତଳେ ଏହି ଅଞ୍ଚଳର ଲୋକେ ଏକ କୂଅ ଖନନ କରୁଥିଲେ। ଖନନ ସମୟରେ ଅଚାନକ କୂଅ ଭିତରୁ ରକ୍ତ ବାହାରିଲା। ଏହା ଭିତରକୁ ଲୋକେ ଦେଖିବାରୁ ଭଗବାନ ଗଣେଶଙ୍କ ସୁନ୍ଦର ମୂର୍ତ୍ତି ଦେଖିବାକୁ ପାଇଲେ। ଏହାପରେ ଲୋକେ ଏହାକୁ ଠାକୁରଙ୍କ ଚମତ୍କାରିତା ବୋଲି ଭାବିଲେ ଏବଂ କୂଅ ଉପରେ ଏହି ଭବ୍ୟ ମନ୍ଦିର ସୃଷ୍ଟି ହେଲା। ତେବେ ମୂର୍ତ୍ତିର ଆକାର ବଢ଼ିବା ଖବର ଯେବେ ପ୍ରସାରିତ ହେଲା, ବୈଜ୍ଞାନିକମାନେ ବି ଏହାର ପରୀକ୍ଷା କରିବାକୁ ପହଞ୍ଚିଲେ। ଗବେଷକ ପଥରକୁ ପରୀକ୍ଷା କରିବା ସତ୍ତ୍ୱେ ବି ସେମାନଙ୍କୁ ଏନେଇ କୌଣସି ଠୋସ୍ ପ୍ରମାଣ ମିଳିପାରିଲା ନାହିଁ। ଦେଶର କୋଣ ଅନୁକୋଣରୁ ଏହି ଚମତ୍କାରିତା ଦେଖିବା ପାଇଁ ଲୋକେ ଏଠାରେ ପହଞ୍ଚିଥାନ୍ତି। ତିରୁପତି ଯିବା ପୂର୍ବରୁ ଭକ୍ତମାନେ ଏହି ବିନାୟକ ମନ୍ଦିର ପରିଦର୍ଶନ କରି ଭଗବାନ ଗଣେଶଙ୍କ ଦର୍ଶନ ଲାଭ କରନ୍ତି। ବିଶ୍ୱାସ ରହିଛି, ଏଠାକୁ ଆସୁଥିବା ଭକ୍ତଙ୍କ ସମସ୍ତ ଦୁଃଖ ଦୂର ହୁଏ। ଏଠାରେ ଗଣେଶ ଚତୁର୍ଥୀରୁ ୨୦ ଦିନ ଧରି ବ୍ରହ୍ମୋତ୍ସବ ପାଳନ କରାଯାଏ। କିମ୍ବଦନ୍ତୀ କୁହେ, ବ୍ରହ୍ମା ଥରେ ପୃଥିବୀକୁ ଆସିଥିଲେ ଏବଂ ସେହିଦିନଠାରୁ ଏହି ମନ୍ଦିରରେ ୨୦ ଦିନିଆ ବ୍ରହ୍ମୋତ୍ସବ ପାଳନ କରାଯାଏ।

## ସୁରକ୍ଷା ଓ ସାହସର ପ୍ରତୀକ 'ବାଡ଼ି-ଚଲା'



ଫିଲ୍ମ ହେଉ କିମ୍ବା ସର୍କସ୍ ଷ୍ଟଣ୍ଟ ଦେଖାଇବା ଉଦ୍ଦେଶ୍ୟରେ ଲୋକେ ଲମ୍ବା ବାଡ଼ିରେ ଚାଲିଥାନ୍ତି। ହେଲେ ଇଥୋପିଆର ଓମୋ ଉପତ୍ୟକାରେ ବାସ କରୁଥିବା ବାନ୍ନା ଜନଜାତିର ଲୋକେ (ବିଶେଷକରି ଯୁବକ ଓ ପିଲାମାନେ) ନିତିଦିନ ବାଡ଼ି ସାହାଯ୍ୟରେ ଚାଲିଥାନ୍ତି। ତେବେ ଲମ୍ବା କାଠ ବା ବାଡ଼ିରେ ସନ୍ତୁଳନ ବଜାୟ ରଖିବା ଆଦୌ ସହଜ ନୁହେଁ। ଏଥିପାଇଁ ଶାରୀରିକ ଶକ୍ତି, ଉତ୍ତମ ସନ୍ତୁଳନ ଏବଂ ନିରନ୍ତର ଅଭ୍ୟାସ ଦରକାର। ଏଥିପାଇଁ ବାନ୍ନା ଜନଜାତିର ପିଲାମାନେ ଅତି ଛୋଟ ବୟସରୁ ତାଲିମ ନେଇଥାନ୍ତି। କିଛି ବର୍ଷର ପରିଶ୍ରମ ପରେ ସେମାନେ ଏହି କଳାରେ ସମ୍ପୂର୍ଣ୍ଣ ପାରଙ୍ଗମ ହୋଇଯାଆନ୍ତି। ବାନ୍ନା ଜନଜାତିର ଲୋକଙ୍କ ପାଇଁ ଏହି ବାଡ଼ି କେବଳ ଏକ ଖେଳ ବା ପରମ୍ପରା ନୁହେଁ, ବରଂ ଜୀବନ ବଞ୍ଚାଇବା ଏବଂ ନିଜର ଜୀବିକା ରକ୍ଷା କରିବାର ଏକ ବଡ଼ ମାଧ୍ୟମ। ଏହି ଜନଜାତିର ଶିଶୁମାନଙ୍କୁ ମାତ୍ର ୩ ରୁ ୫ ବର୍ଷ ବୟସରୁ ବାଡ଼ି ଉପରେ ଶ ର । ର ର ଭାରସାମ୍ୟ ରଖିବା ଶିଖାଯାଏ। ପ୍ରଥମେ ସେମାନେ ଛୋଟ ବାଡ଼ିରୁ ଆରମ୍ଭ କରନ୍ତି ଏବଂ ବୟସ ବଢ଼ିବା ସହିତ ବାଡ଼ିର ଉଚ୍ଚତା ମଧ୍ୟ ବଢ଼ିଥାଏ। ସେମାନେ ଧୀରେଧୀରେ ଏଥିରେ ଏତେ ପାରଙ୍ଗମ ହୋଇଯାନ୍ତି ଯେ, ବାଡ଼ି ସାହାଯ୍ୟରେ ସହଜରେ ଦୌଡ଼ିପାରନ୍ତି, ଡେଇଁପାରନ୍ତି ଏବଂ ଶିକାର ମଧ୍ୟ କରିପାରନ୍ତି। ଏହି ବାଡ଼ିଗୁଡ଼ିକୁ ଶକ୍ତ କାଠରେ ହାତରେ ତିଆରି କରାଯାଏ। ଏହାର ଉଚ୍ଚତା ସାଧାରଣତଃ ୧ ମିଟରରୁ ନେଇ ୩ ମିଟର ପର୍ଯ୍ୟନ୍ତ ହୋଇଥାଏ। ଗଛର ଦୁଇଟି ଡାଳ କାଟି, ସେଥିରେ ପାଦ ରଖିବା ପାଇଁ ଥାକ ତିଆରି କରାଯାଇଥାଏ। ଓମୋ ଉପତ୍ୟକାରେ ବହୁତ ଲମ୍ବା ଏବଂ ଘଞ୍ଚ ଘାସ ଥାଏ। ଭୂମିରେ ଠିଆ ହେଲେ ଦୂର ଜିନିଷ ଦେଖାଯାଏ ନାହିଁ। ୮-୧୦ ଫୁଟ ଉଚ୍ଚ ବାଡ଼ି ଉପରେ ଠିଆ ହେବା ଦ୍ୱାରା ସେମାନଙ୍କୁ ଏକ ପ୍ରାକୃତିକ ୱାଚ୍ ଟାୱାର ମିଳିଯାଏ, ଯେଉଁଠାରୁ ସେମାନେ ମାଇଲ୍ ମାଇଲ୍ ଦୂର ପର୍ଯ୍ୟନ୍ତ ସହଜରେ ନଜର ରଖିପାରନ୍ତି। ଏହାବାଦ୍ ଉଚ୍ଚରେ ରହିବା ଦ୍ୱାରା ବାଘ, ସିଂହମାନଙ୍କର ଗତିବିଧି ଦୂରରୁ ଜଣାପଡ଼ିଯାଏ, ଯାହାଦ୍ୱାରା ନିଜକୁ ଏବଂ ନିଜ ଗୋରୁଗାଈଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ସମୟ ସେମାନଙ୍କୁ ମିଳିଯାଏ। ବେଳେବେଳେ ଘଞ୍ଚ ଜଙ୍ଗଲ କିମ୍ବା ଉଚ୍ଚା ଘାସ ଭିତରେ କିଛି ଗାଈ କିମ୍ବା ଛେଳି ଦଳରୁ ଅଲଗା ହୋଇ ହଜିଯାନ୍ତି। ଉଚ୍ଚରେ ଠିଆ ହୋଇ ସେମାନଙ୍କୁ ଖୋଜିବା ଏବଂ ସେମାନଙ୍କ ଉପରେ ନଜର ରଖିବା ବହୁତ ସହଜ ହୋଇଥାଏ। ବାନ୍ନା ସମାଜରେ ଏହି କଳାକୁ ଯୁବାବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଭାବେ ଦେଖାଯାଏ। ଯେଉଁ ଯୁବକମାନେ ଉଚ୍ଚା ବାଡ଼ି ଉପରେ ସବୁଠାରୁ ସୁନ୍ଦର ଭାବେ ଏବଂ ଅଧିକ ସମୟ ନିଜର ଭାରସାମ୍ୟ ରକ୍ଷା କରି ଚାଲିପାରନ୍ତି, ସେମାନଙ୍କୁ ସମାଜରେ ଅଧିକ ସାହସୀ ଓ ଦାୟିତ୍ୱବାନ ମନାଯାଏ।



## 'ଚୌହାନ୍'ରେ ବିକ୍ରାନ୍ତ

ବଲିଉଡ୍ ଅଭିନେତା ବିକ୍ରାନ୍ତ ମେସି ଏବେ ତାଙ୍କର ୱେବ୍ ସିରିଜ୍ 'ମୁସାଫିର କାଫେ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହା ନିକଟରେ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଛି। ଏହି ରୋମାଣ୍ଟିକ୍ ସିରିଜ୍‌କୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ଇତିମଧ୍ୟରେ, ବିକ୍ରାନ୍ତଙ୍କର ଚଳିତ ବର୍ଷର ସବୁଠାରୁ ବଡ଼ ଆକ୍ସନ୍ ଫିଲ୍ମରେ ଏଣ୍ଟ୍ରି ହୋଇଥିବା ନେଇ ଖବର ଆସିଛି। ଅଜୟ ଦେବଗନଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଚୌହାନ'ରେ ବିକ୍ରାନ୍ତଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ବିକ୍ରାନ୍ତଙ୍କ ଭୂମିକା ଫିଲ୍ମରେ ଏକ ବଡ଼ ଟ୍ୱିଷ୍ଟ ଆଣିବ ବୋଲି କୁହାଯାଉଛି। ବିକ୍ରାନ୍ତ ଏଥିରେ ଖଳନାୟକ ଭାବେ ଦେଖାଯିବେ ବୋଲି ଜଣାପଡ଼ିଛି। ଏଥିରେ ଅଜୟଙ୍କୁ ସେ ମୁକାବିଲା କରୁଥିବାର ଦେଖାଯିବେ। ବିକ୍ରାନ୍ତଙ୍କୁ ଏହାର କାହାଣୀ ଭଲ ଲାଗିବା ସହ ସେ ତୁରନ୍ତ ଏଥିରେ କାମ କରିବା ପାଇଁ ରାଜି ହୋଇ ଯାଇଥିବା ଜଣାପଡ଼ିଛି। 'ଚୌହାନ'ର ସୁଟିଂ ଚଳିତବର୍ଷ ଶେଷ ଆଡ଼କୁ ଆରମ୍ଭ ହେବ। ଏହାକୁ ଆସନ୍ତାବର୍ଷ ଅକ୍ଟୋବରରେ ରିଲିଜ୍ କରାଯିବ। ଏବେ ଏହାର ପ୍ରିପ୍ରଡକ୍ସନ୍ କାମ ଜୋରସୋରରେ ଚାଲିଛି। ନୀରବ ଯାଦବ ଏହାର ଏହାର ନିର୍ଦ୍ଦେଶନା ଦେଉଛନ୍ତି। ଏହା ଆସନ୍ତା ବର୍ଷ ୧ ଅକ୍ଟୋବରରେ ରିଲିଜ୍ ହେବ। ଏହାର ପ୍ରଯୋଜନା ଦାୟିତ୍ୱରେ 'ଜିଓ ଷ୍ଟୁଡିଓ' ଓ 'କଲର୍ ୟେଲୋ ପ୍ରଡକ୍ସନ୍' ରହିଛି।

# ସୁଶ୍ରୀ



## ବର୍ଷାଦିନେ ରେନ୍‌କୋଟ୍ ଷ୍ଟାଇଲିଙ୍ଗ୍ ଟିପ୍ସ

ବର୍ଷାରୁ ସୁରକ୍ଷା ପାଇଁ ମହିଳାମାନେ ଛତା ଏବଂ ରେନ୍‌କୋଟ୍ ବ୍ୟବହାର କରିଥାନ୍ତି। ଅନେକେ ବର୍ଷାରେ ରେନ୍‌କୋଟ୍ ପିନ୍ଧିଲେ ଷ୍ଟାଇଲ୍ ବିଗିଡ଼ିଯାଏ ବୋଲି ଭାବନ୍ତି। ହେଲେ କିଛି ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ଉପଯୋଗ କରି ଏହାକୁ ପିନ୍ଧିପାରିବେ। ଏହା ବୋରିଙ୍ଗ୍ ରେନ୍‌କୋଟ୍‌କୁ ଆକର୍ଷଣୀୟ କରିଥାଏ।

**ଟ୍ରାନ୍ସପ୍ୟାରେଣ୍ଟ**

ସାଲୱାର୍ ସୁଟ୍ କିମ୍ବା କୁର୍ତ୍ତୀ ଜିନ୍ସ ପିନ୍ଧି ଅଫିସ୍ ଯାଉଥିଲେ ଏହା ସହ ମ୍ୟାଚିଙ୍ଗ୍ କରି ରଙ୍ଗିନ୍ ଟ୍ରାନ୍ସପ୍ୟାରେଣ୍ଟ ରେନ୍‌କୋଟ୍ ପିନ୍ଧିପାରିବେ। ଏହା ସୁନ୍ଦର ଏବଂ ଆକର୍ଷଣୀୟ ଦିଶିଥାଏ। ଏହା ଡ୍ରେସ୍‌ର ଷ୍ଟାଇଲ୍‌କୁ ଅଧିକ ହାଇଲାଇଟ୍ କରିଥାଏ। ସେହିପରି ବର୍ଷା କମ୍ ଥିଲେ ଏହି ଚେନ୍ ଖୋଲି ସ୍ରଗ୍ ଭଳି ମଧ୍ୟ ଷ୍ଟାଇଲ କରିପାରିବେ।

**ଓଭର୍‌ସାଇଜ୍ ରେନ୍‌କୋଟ୍**

ଟ୍ରେଣ୍ଡ ଅନୁଯାୟୀ ଅଧିକାଂଶ ମହିଳା ଢିଲା ପୋଷାକ ପିନ୍ଧିବାକୁ ପସନ୍ଦ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏବେ ଓରସାଇଜ୍ ରେନ୍‌କୋଟ୍ ମଧ୍ୟ ଲୋକପ୍ରିୟ ରହିଛି। ବର୍ଷାଦିନେ କୁଲ୍ ଷ୍ଟ୍ରିଟ୍ ଲୁକ୍ ଚାହୁଁଥିଲେ ଏହା ପିନ୍ଧିପାରିବେ।

## ହଜିଯାଉଥିବା ସ୍ୱାଦ

### ପୋଇ ଚିଙ୍ଗୁଡ଼ି ବରା



**ଆବଶ୍ୟକ ସାମଗ୍ରୀ**

ଚିଙ୍ଗୁଡ଼ି – ୨୫୦ ଗ୍ରାମ୍, ପୋଇପତ୍ର– ଅଳ୍ପ, ବେସନ – ଅଧା କପ୍, କଟା ପିଆଜ – ଅଧା କପ୍, କଞ୍ଚାଲଙ୍କା– ଗୋଟିଏ, ଜିରା - ଅଧା ଚାମଚ, ଅଦା– ଖଣ୍ଡେ, ଧନିଆ ପତ୍ର – ଅଳ୍ପ, ହଳଦୀ ଗୁଣ୍ଡ - ଅଧା ଚାମଚ, ଲଙ୍କା ଗୁଣ୍ଡ - ଅଧା ଚାମଚ, ଲୁଣ- ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି**

ପ୍ରଥମେ ଚିଙ୍ଗୁଡ଼ିକୁ ଧୋଇ ଲୁଣ ହଳଦୀ ଦେଇ ରଖନ୍ତୁ। ଏହାପରେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦେଇ ଚିଙ୍ଗୁଡ଼ି ପିଆଜ, ଧନିଆ, ଲଙ୍କା ଦେଇ ଭଲରେ ଭାଜି ପ୍ଲେଟ୍‌କୁ କାଢ଼ନ୍ତୁ। ଏହାପରେ ଏକ ପାତ୍ରରେ ବେସନ, ଲଙ୍କା ଗୁଣ୍ଡ, ହଳଦୀଗୁଣ୍ଡ ଦେଇ ପତଳା ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ପୋଇପତ୍ରକୁ ଧୋଇ ମଝିରେ ଭଜା ଚିଙ୍ଗୁଡ଼ି ଦେଇ ଉପରେ ଆଉ ଏକ ପତ୍ର ରଖି ବେସନରେ ବୁଡ଼ାନ୍ତୁ। ଏହାକୁ ପ୍ୟାନରେ ଅଳ୍ପ ତେଲ ଦେଇ ଗୋଟି ଗୋଟି କରି ଭାଜନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ପୋଇ ଚିଙ୍ଗୁଡ଼ି ବରା'।

## କେଶ ପାଇଁ ଗ୍ରୀନ୍ -ଟି

ସାଧାରଣତଃ ଗ୍ରୀନ୍ ଟି ଓଜନ ହ୍ରାସ କରିବା ସହ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । କେବଳ ଶରୀର ନୁହେଁ, ଏହା କେଶ ପାଇଁ ମଧ୍ୟ ଉପକାରୀ ହୋଇଥାଏ। ଏଥିରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଏବଂପୋଷକ ତତ୍ତ୍ୱ ଥାଏ। ଯାହା କେଶ ଏବଂ ସ୍କାଲପ ପାଇଁ ଗୁଣକାରୀ ହୋଇଥାଏ।

**କେଶ ହେବ ମଜବୁତ୍**

ଧୂଳି, ପ୍ରଦୂଷଣ ଏବଂ ଷ୍ଟାଇଲିଙ୍ଗ୍ ଯୋଗୁ କେଶ ଶୁଷ୍କ ଏବଂ ଦୁର୍ବଳ ହୋଇଯାଏ। ତେଣୁ କେଶ ସଫା କରି ଗ୍ରୀନ୍‌ଟି ଲଗାଇ ଧୋଇଲେ ଏହା ଗୁଣକାରୀ ହୋଇଥାଏ। ଏଥିପାଇଁ ଗୋଧୋଇବା ପୂର୍ବରୁ ଗରମପାଣିରେ ଗ୍ରୀନ୍‌ଟି ଫୁଟାନ୍ତୁ। କେଶକୁ ସାମ୍ପୁକରି ଏହାକୁ ଲଗେଇ ହାଲୁକା ହାତରେ ମସାଜ୍ କରି ଧୋଇ ଦିଅନ୍ତୁ।

**ରୂପି ସମସ୍ୟା ଦୂର**

ଏହା କେଶରେ ଥିବା ଅତିରିକ୍ତ ତେଲ, ଧୂଳି ,ମଳିକୁ ଦୂର କରିବାରେ ସହାୟକ ହୋଇଥାଏ। ସପ୍ତାହରେ ଥରେ ଗ୍ରୀନ୍ ଟି, ମହୁ ଏବଂ ଦହି ହେୟାର୍ ପ୍ୟାକ୍ ଲଗାଇପାରିବେ। ଏଥିପାଇଁ ଦୁଇ ବଡ଼ ଚାମଚ ଦହି, ଏକ ଚାମଚ ମହୁ, ଏବଂ ଏକ ଚାମଚ ଗ୍ରୀନ୍‌ଟି ମିଶାଇ ପେଷ୍ଟ ବନାନ୍ତୁ। ଏହାକୁ ଲଗାଇ ଏକ ଘଣ୍ଟା ରଖି ସଫା କରି ଦିଅନ୍ତୁ।





## ଆତ୍ମନିର୍ଭର କରିଛି ଝୋଟ

ଆତ୍ମନିର୍ଭର ଭାରତ ଅଭିଯାନ ଅନୁଯାୟୀ, ମହିଳାମାନେ ଏବେ ଖାଲିରେ ନ ବସି ଅର୍ଥ ଉପାର୍ଜନକୁ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ହସ୍ତଶିଳ୍ପ, କୁଟୀର ଶିଳ୍ପ ଭଳି ବ୍ୟବସାୟ କରି ରୋଜଗାରକ୍ଷମ ହୋଇପାରୁଛନ୍ତି। ଏହି କ୍ରମରେ ଝାଡ଼ଖଣ୍ଡ କୋଡରମା ଜିଲ୍ଲାର ମହିଳାମାନେ ଝୋଟ ହସ୍ତଶିଳ୍ପରୁ ଭଳିକି ଭଳି ଘର ସଜ୍ଜା ଉପକରଣ, ବ୍ୟାଗ୍, ଫାଇଲ୍ କଭର୍ ସମେତ ମୋବାଇଲ୍ ଷ୍ଟାଣ୍ଡ ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇଛନ୍ତି। ଏହାଦ୍ୱାରା ସେମାନେ ପରିବେଶ ସଚେତନତା ବାର୍ତ୍ତା ଦେଉଛନ୍ତି।

**ଝୋଟ ହସ୍ତଶିଳ୍ପର ବିଶେଷତା-**

ବିଶେଷତା ଅନୁଯାୟୀ ଝୋଟ ପରିବେଶ ଅନୁକୂଳ ହେବା ସହ ଦୀର୍ଘସ୍ଥାୟୀ ହୋଇଥାଏ। ଏହା ପରିବେଶକୁ କୌଣସି କ୍ଷତି ପହଞ୍ଚାଏ ନାହିଁ। ଏଥିରେ ତିଆରି ସାମଗ୍ରୀ ମଜ୍‌ବୁତ ହୋଇଥିବାବେଳେ ଦୀର୍ଘଦିନ ବ୍ୟବହାର ପାଇଁ ସୁବିଧାଯୋଗ୍ୟ ହୋଇଥାଏ। ତେଣୁ ମହିଳାମାନେ ଝୋଟରୁ ଭଳିକି ଭଳି ବ୍ୟାଗ୍, ଘରସଜ୍ଜା ଉପକରଣ, ଡାଏରୀ କଭର୍, ଲାପଟପ୍ ବ୍ୟାଗ୍ ଆଦି ପ୍ରସ୍ତୁତ କରିଥାନ୍ତି। ଏହା ପ୍ଲାଷ୍ଟିକ୍‌ର ଏକ ଭଲ ବିକଳ୍ପ ଭାବେ ଜଣାଯାଏ।

**ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଗୁରୁତ୍ୱ -**

ପାଖାପାଖି ୨୦ ଜଣ ମହିଳା ଏକ ଗୋଷ୍ଠୀ ଗଠନ କରି ଏକତ୍ର ହୋଇ ଏହିସବୁ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ମହିଳା ନିର୍ମିତ ଏହି ଜିନିଷକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି। ସେହିପରି ଏହି କାର୍ଯ୍ୟ କରି ମହିଳାମାନେ ରୋଜଗାରକ୍ଷମ ହେବା ସହ ପରିବାରର ଦାୟିତ୍ୱ ବହନ କରିଛନ୍ତି। ପରିଶ୍ରମ, ନିଷ୍ଠା ବଳରେ ମହିଳାମାନେ ସ୍ୱାବଲମ୍ବୀ ହୋଇଛନ୍ତି। ଏପରି କରି ପ୍ଲାଷ୍ଟିକ୍ ମୁକ୍ତ ଭାରତ ଗଠନ ସଂକଳ୍ପ ବଜାୟ ରଖିଛନ୍ତି।

**ଘରେ ବସି ରୋଜଗାର-**

ଗୋଷ୍ଠୀ ମହିଳାଙ୍କ କହିବାନୁଯାୟୀ ଏହି ବ୍ୟବସାୟ ଦ୍ୱାରା ସେମାନେ ଘରେ ରହି ମଧ୍ୟ ଭଲ ରୋଜଗାର କରୁଛନ୍ତି। ଦିନଯାକର କାମ ସାରିବା ପରେ ଦିନକୁ ଚାରି ପାଞ୍ଚ ଘଣ୍ଟା ମହିଳାମାନେ ଏକତ୍ର ହୋଇଥାନ୍ତି। ମେସିନ ଏବଂ ହାତ ସାହାଯ୍ୟରେ ଜିନିଷମାନ ପ୍ରସ୍ତୁତ କରିଥାନ୍ତି। ଗୋଟିଏ ଫାଇଲ୍ ପ୍ରସ୍ତୁତ କରିବା ପାଇଁ ମହିଳାଙ୍କୁ ଏକ ଘଣ୍ଟା ସମୟ ଲାଗିଥାଏ। ଏଥିପାଇଁ ଭଲ ପାରିଶ୍ରମିକ ମଧ୍ୟ ମିଳିଥାଏ। ତେବେ ଏହି ଝୋଟ ଉତ୍ପାଦ ମହିଳାଙ୍କୁ ଆର୍ଥିକ ସଶକ୍ତ କରିପାରିଛି।

## ଉଜ୍ଜ୍ୱଳ ତ୍ୱଚା ପାଇଁ ଘରୋଇ ଉପଚାର



ମହିଳାମାନେ ଉଜ୍ଜ୍ୱଳ ତ୍ୱଚା ପାଇଁ ବିଭିନ୍ନ ଉପାୟ ଆପଣାଇଥାନ୍ତି। ସେହିପରି ତ୍ୱଚାକୁ କୋମଳ ଏବଂ ନରମ ରଖିବାକୁ ଚାହୁଁଥିଲେ, ତ୍ୱଚା ଅନୁସାରେ ଘର ତିଆରି ଫେସ୍‌ପ୍ୟାକ୍ ଲଗାଇପାରିବେ। ଏହାଦ୍ୱାରା ତ୍ୱଚାରେ ଚମକ ଆସିଥାଏ।

**ନିମ୍ବ**


କେଶ ଭଳି ନିମ୍ବ ତ୍ୱଚା ପାଇଁ ମଧ୍ୟ ଗୁଣକରୀ ହୋଇଥାଏ। ଏହା ଦାଗ, ବ୍ରଣ ସମେତ ଓପନ୍ ପୋର୍ସ ସମସ୍ୟା ଦୂର କରିଥାଏ। ତେଣୁ ପୋଡ଼ାଦାଗ, ବ୍ରଣ ଥିଲେ, ନିମ୍ବ ଫେସ୍‌ପ୍ୟାକ୍ ଲଗାଇପାରିବେ। ଏଥିପାଇଁ ଏକ ପାତ୍ରରେ ବଡ଼ଚାମଚ ନିମ୍ବ ପାଉଡର୍, ଏକ ଚାମଚ ମୁଲତାନୀ ମାଟି ଏବଂ ଏକ ଚାମଚ ଦହିରେ ଗୋଲାପ ଜଳ ମିଶାଇ ମିକ୍ସ କରନ୍ତୁ। ଏହାକୁ ମୁହଁରେ ଲଗାଇ କିଛି ସମୟ ପରେ ଧୋଇ ଦିଅନ୍ତୁ। ସମ୍ବେଦନଶୀଳ ତ୍ୱଚା, ବ୍ରଣ ଥିବା ମହିଳାମାନେ ମଧ୍ୟ ଏହା ଲଗାଇପାରିବେ।

**ବେସନ –ହଳଦୀ**

କର୍ମଜୀବୀମହିଳାଙ୍କ ତ୍ୱଚା ଅଧିକ ଶୁଷ୍କ ଏବଂ ଟାନିଙ୍ଗ୍ ପଡ଼ିଯାଏ। ଏଥିପାଇଁ ବେସନ ହଳଦୀ ଖୁବ୍ ଭଲ ହୋଇଥାଏ। ଏକ ଚାମଚ ବେସନ, ଅଧା ଚାମଚ ମହୁରେ ଚୁଟ୍‌କୀ ହଳଦୀ ମିଶାଇ ଲଗାନ୍ତୁ। ଏହା ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ।

ଏସୀୟ କ୍ରୀଡ଼ା

# ଭାରତୀୟ ଦଳରେ ଅମିତ୍ ଓ ଶିଳାନନ୍ଦ




ନୂଆଦିଲ୍ଲୀ, ୨୯ ।୭ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ାର ହକି ପ୍ରତିଯୋଗିତା ଲାଗି ବୁଧବାର ଭାରତୀୟ ପୁରୁଷ ଦଳ ଘୋଷଣା କରାଯାଇଛି । ଷ୍ଟାର ଡିଫେଣ୍ଡର ତଥା ଡ୍ରାଗ-ଫ୍ଲିକର ହରମନପ୍ରୀତ୍ ସିଂହ ଅଧିନାୟକ ପଦ ବଜାୟ ରଖିଛନ୍ତି । ସେହିଭଳି ଘୋଷିତ ୨୦ ଜଣିଆ ଦଳରେ ଓଡ଼ିଶାରୁ ୨ଜଣ ଖେଳାଳି ସ୍ଥାନ ପାଇଛନ୍ତି । ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ ରୋହିଦାସ ଓ ଅଗ୍ରଭାଗ ଖେଳାଳି ଶିଳାନନ୍ଦ ଲାକ୍ରା । ଅମିତ ଓ ଶିଳାନନ୍ଦ ମଧ୍ୟ ନିକଟରେ ବିଶ୍ୱକପ୍ ଲାଗି ଘୋଷିତ ଭାରତୀୟ ଦଳରେ ସୁଯୋଗ ପାଇଥିଲେ । ଉଲ୍ଲେଖଯୋଗ୍ୟ, ଏସୀୟ କ୍ରୀଡ଼ାର ୨୦ତମ ସଂସ୍କରଣ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଜାପାନର ଆଇଚି-ନାଗୋୟାରେ ଅନୁଷ୍ଠିତ ହେବ । ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ପୁରୁଷ ହକି ଦଳ ଏସୀୟ କ୍ରୀଡ଼ାରେ ପୁଲ୍-ଏ'ରେ ସ୍ଥାନ ପାଇଛି । ଏହି ପୁଲ୍‌ରେ ଆୟୋଜକ ଜାପାନ, କୋରିଆ, ବାଂଲାଦେଶ, ଶ୍ରୀଲଙ୍କା ଓ ଇଣ୍ଡୋନେସିଆ ମଧ୍ୟ ରହିଛି । ଭାରତ ସେପ୍ଟେମ୍ବର ୨୦ ତାରିଖରେ ଇଣ୍ଡୋନେସିଆ ସହ ଖେଳି ଅଭିଯାନ ଆରମ୍ଭ କରିବ ।

# ଆର୍ଚରେକରଙ୍କୁ ମନେ ପକାଇଲେ ସଚିନ



ମୁମ୍ବଇ, ୨୯ ।୭ (ଏଜେନ୍ସି): ପୂର୍ବତନ କିମ୍ବଦନ୍ତୀ କ୍ରିକେଟର୍ ସଚିନ ତେନ୍ଦୁଲକର ବୁଧବାର ପବିତ୍ର 'ଗୁରୁ ପୂର୍ଣ୍ଣିମା' ଅବସରରେ ତାଙ୍କ ପ୍ରଶିକ୍ଷକ ରମାକାନ୍ତ ଆର୍ଚରେକରଙ୍କୁ ମନେ ପକାଇଛନ୍ତି । ମୁମ୍ବଇର ଶିବାଜୀ ପାର୍କରେ ଆର୍ଚରେକରଙ୍କ ସ୍ମାରକୀର କିଛି ଫଟୋ ସେୟାର କରି ସଚିନ ଭାବପ୍ରବଣ ହୋଇଛନ୍ତି । ଏହି ଅବସରରେ ସଚିନ କହିଥିଲେ ଯେ ଆଜି ଏଠାରେ ଠିଆ ହୋଇ ମୁଁ କିଛି ଅନୁଭବ କରୁଛି । କେତେ ବର୍ଷ ବିତିଗଲାଣି, କିଛି ଫରକ ପଡୁନି । କିନ୍ତୁ ମୁଁ ସବୁବେଳେ ଅନୁଭବ କରେ ଯେ ତାଙ୍କୁ (ରମାକାନ୍ତ) ଗୋଟିଏ ଧନ୍ୟବାଦ କହିବା ବାକି ରହିଗଲା । ମୋ ଉପରେ ବିଶ୍ୱାସ କରିବା, ମୋତେ ମାର୍ଗଦର୍ଶନ କରିବା ଏବଂ ଆଜି ମୋତେ ସଫଳ ବ୍ୟକ୍ତି ଭାବେ ଗଢ଼ି ତୋଳିଥିବାରୁ ଆପଣଙ୍କୁ ଧନ୍ୟବାଦ । ଶୁଭ ଗୁରୁ ପୂର୍ଣ୍ଣିମା, ଆର୍ଚରେକର ସାର୍' ବୋଲି ସଚିନ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି । ପ୍ରକାଶଯୋଗ୍ୟ, ପ୍ରଶିକ୍ଷକ ରମାକାନ୍ତଙ୍କୁ କ୍ରିକେଟର ଦ୍ରୋଣାଚାର୍ଯ୍ୟ ଭାବରେ ବିବେଚନା କରାଯାଏ । ସେ ସଚିନ ଓ ବିନୋଦ କାମ୍ବଲିଙ୍କ ପରି କିମ୍ବଦନ୍ତୀ ବ୍ୟାଟସମ୍ୟାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ।

# କେକେଆର୍‌ରେ ଯୋଗଦେଲେ ର୍ୟାନ୍

କୋଲକାତା, ୨୯ ।୭ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ସହାୟକ କୋଚ୍ ପଦରୁ ଇସ୍ତଫା ଦେବାର ଦିନକ ପରେ ର୍ୟାନ୍ ଟେନ୍ ଡୋଶ୍ଚେଟ ଆଇପିଏଲ୍ ଦଳ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ସହ ଯୋଡ଼ି ହୋଇଛନ୍ତି । ୪୬ ବର୍ଷୀୟ ର୍ୟାନ୍ କେକେଆର୍ ଦଳର କ୍ରିକେଟ୍ ରଣନୀତି ମୁଖ୍ୟ ଭାବେ ନିଯୁକ୍ତ ହୋଇଛନ୍ତି । ଏହି ଭୂମିକାରେ ସେ ଫ୍ରାଞ୍ଚାଇଜ୍‌ର ବିଶ୍ୱସ୍ତରୀୟ ଦଳଗୁଡ଼ିକରେ କ୍ରିକେଟ୍ ରଣନୀତି ତଦାରଖ କରିବେ । ଯେଉଁଥିରେ ସେ କେକେଆର ନେଟୱାର୍କରେ କ୍ରିକେଟ୍ ରଣନୀତି, ପ୍ରତିଭା ଚିହ୍ନଟ, ଖେଳାଳି ନିଯୁକ୍ତି, ସ୍କ୍ୱାଡ୍ ଯୋଜନା ଏବଂ ପ୍ରଦର୍ଶନ ମୂଲ୍ୟାଙ୍କନର ତଦାରଖ କରିବେ । ଏହାବାଦ୍ ର୍ୟାନ୍ କାରିବିୟାନ୍ ପ୍ରିମିଅର ଲିଗ୍‌ରେ ତ୍ରିନବାଗୋ ନାଇଟ୍ ରାଇଡର୍ସ, ଆଇଏଲ ଟି-୨୦ରେ ଆବୁ ଧାବି ନାଇଟ୍ ରାଇଡର୍ସ ଏବଂ ମେଜର ଲିଗ୍ କ୍ରିକେଟ୍‌ରେ ଲସ୍ ଆଞ୍ଜେଲସ୍ ନାଇଟ୍ ରାଇଡର୍ସ ପାଇଁ ସହାୟକ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିବେ । ର୍ୟାନ୍‌ଙ୍କୁ ନାଇଟ୍ ରାଇଡର୍ସ ପରିବାରକୁ ପୁନର୍ବାର ସ୍ୱାଗତ କରି ଆମେ ଆନନ୍ଦିତ ବୋଲି ନାଇଟ୍ ରାଇଡର୍ସ ସ୍ପୋର୍ଟ୍ସ ସିଇଓ ଭେଙ୍କି ମାଇସୁର କହିଛନ୍ତି ।

FOR RENT
Warehouse/Shed Available for Rent. A 9,000 sq. ft. shed built on a 20,000 sq.ft. plot is available for rent on the Panikoili National Highway. Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:
8249526803

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
[A unit of Nandighosha Network Pvt. Ltd.]
Plot No.: 90 & 91, Bhagabanpur I/E, Bhubaneswar

ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଫାଇନାଲରେ ତାଜିନ୍ଦର, ସମରଦୀପ୍; ସେମିରେ ଅନିମେଶ

ଗ୍ଲାସଗୋ, ୨୯ ।୭ (ଏଜେନ୍ସି)


ଅନିମେଶ କୁଜୁର

ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆଥ୍ଲେଟିକ୍ସରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି । ଦୁଇଥରର ଏସିଆନ୍ ଚାମ୍ପିଅନ ତାଜିନ୍ଦର ପାଲ୍ ସିଂହ ପୁରୁଷ ସଟ୍ ପୁଟ୍ ଫାଇନାଲରେ ପ୍ରବେଶ କରିଛନ୍ତି । ତାଜିନ୍ଦର ତାଙ୍କ ଦ୍ୱିତୀୟ ପ୍ରୟାସରେ ୨୦ ମିଟର ମାର୍କ ଅତିକ୍ରମ କରିଥିଲେ । ୨୦.୧୪ ମିଟର ସଟ୍ ପୁଟ୍ ଫିଙ୍ଗି ତାଜିନ୍ଦର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । ଯୋଗ୍ୟତା ପର୍ଯ୍ୟାୟରେ ସେ ନ୍ୟୁଜିଲାଣ୍ଡର ଟମ୍ ୱାଲ୍ସ (୨୧.୦୩ ମିଟର)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ । ସେହିଭଳି ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ସଟ୍ ପୁଟର୍ ସମରଦୀପ୍ ଗିଲ୍ ମଧ୍ୟ ଫାଇନାଲରେ ପହଞ୍ଚିଛନ୍ତି । ସମରଦୀପ୍ ୧୯.୯୫ ମିଟର ଦୂରତା ହାସଲ କରିଥିଲେ । ତେବେ ସେ ୨୦ ମିଟର ମାର୍କ ହାସଲ କରିପାରି ନ ଥିବାରୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ । ଶ୍ରେଷ୍ଠ-୧୨ରେ ରହି ସମରଦୀପ୍ ଫାଇନାଲ ଟିକଟ୍ ଅର୍ଜନ କରିଥିଲେ । ଗୁରୁବାର ରାତିରେ ଫାଇନାଲ ରାଉଣ୍ଡ ଖେଳାଯିବାର କାର୍ଯ୍ୟସୂଚୀ ରହିଛି ।


ତାଜିନ୍ଦର ପାଲ୍ ସିଂହ

ଅପରପକ୍ଷରେ ପୁରୁଷ ୨୦୦ ମିଟର ରେସରେ ତାରକା ଧାବକ ଅନିମେଶ କୁଜୁର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । ବୁଧବାର ହିଟ୍-୪ରେ ଦୌଡ଼ିଥିବା ଅନିମେଶ ୨୦.୪୬ ସେକେଣ୍ଡରେ ରେସ୍ ଫିନିଶ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଓଭରଅଲ୍ ଯୋଗ୍ୟତା ପର୍ଯ୍ୟାୟରେ ସେ ୭ମ ସ୍ଥାନରେ ରହି ସେମିଫାଇନାଲରେ ପହଞ୍ଚିଛନ୍ତି । ଚଳିତ ସିଜନରେ ୨୦୦ ମିଟରରେ ଅନିମେଶଙ୍କ ଏହା ଶ୍ରେଷ୍ଠ ଟାଇମିଂ ଥିଲା । ଗୁରୁବାର ସେମିଫାଇନାଲ ଅନୁଷ୍ଠିତ ହେବ । ଅନିମେଶ ସେମିଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନଠାରୁ ବହୁ ଦୂରରେ ରହିଯାଇଥିଲେ । ଚଳିତ ବର୍ଷ ଫେଡେରେସନ କପ୍‌ରେ ଅନିମେଶ ୨୦.୩୨ ସେକେଣ୍ଡ ସହ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ ।

## ବକ୍ସିଂରେ ୫ ପଦକ ପକ୍କା

ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୭ମ ଦିବସରେ ଭାରତୀୟ ବକ୍ସରମାନେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରି ୫ଟି ପଦକ ପକ୍କା କରିଛନ୍ତି । ପୁରୁଷ ବିଭାଗରେ ସଚିନ ସିୱା, ଅଙ୍କୁଶ ପଙ୍ଘାଲ ଓ ନରେନ୍ଦର ବେରୱାଲ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ ସହ ପୋଡିୟମ ଫିନିଶ କରିବା ନିଶ୍ଚିତ ହୋଇଛି । ସେହିଭଳି ମହିଳା ବିଭାଗରରେ ସାକ୍ଷୀ ଚୌଧୁରୀ ଓ ଅରୁନ୍ଧତୀ ଚୌଧରୀ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ପୁରୁଷ ୬୦ କିଗ୍ରା ବିଭାଗରେ ସଚିନ ୫-୦ରେ ବୋତ୍ସ୍ୱାନାର ମୋରେମିଙ୍କୁ, ପୁରୁଷ ୮୦ କିଗ୍ରା ବିଭାଗରେ ଅଙ୍କୁଶ ୫-୦ରେ ଆଫ୍ରିକୀୟ ରାଷ୍ଟ୍ର ସିଚେଲ୍ସର ଜାଡେ ମିକୋକଙ୍କୁ ଏବଂ ନରେନ୍ଦର ୯୦ କିଗ୍ରାରୁ ଉର୍ଦ୍ଧ୍ୱ ବର୍ଗରେ ସମାଓର ମାଇକେଲ ସେକୋଙ୍କୁ କ୍ୱାର୍ଟର ଫାଇନାଲରେ ମାତ୍ ଦେଇଥିଲେ ।

## ଆଜି ଟ୍ରାକକୁ ଓହ୍ଲାଇବେ ନୀରଜ

ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଗୁରୁବାର ଗ୍ଲାସଗୋରେ ଟ୍ରାକ୍‌କୁ ଓହ୍ଲାଇବେ । ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟ ଅପରାହ୍ଣ ୨ଟା ୫୫ ମିନିଟରୁ ଆରମ୍ଭ ହେବ । ଏହି ଇଭେଣ୍ଟରେ ନୀରଜଙ୍କ ସହ ଅନ୍ୟ ଦୁଇ ଭାରତୀୟ ରୋହିତ ଯାଦବ ଓ ଯଶବୀର ସିଂହ ମଧ୍ୟ ରହିଛନ୍ତି । ୨୦୧୮ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନୀରଜ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ତେବେ ୨୦୨୨ ବର୍ମିଂହାମ ସଂସ୍କରଣରେ ନୀରଜ ଅଂଶଗ୍ରହଣ କରି ନ ଥିଲେ । ନୀରଜଙ୍କ ସହ ପାକିସ୍ତାନର ଅର୍ଶଦ ନଦୀମଙ୍କ ମଧ୍ୟରେ ସ୍ୱର୍ଣ୍ଣ ପାଇଁ ଜୋରଦାର ଲଢ଼େଇ ହେବ । ସେହିଭଳି ରାତି ୧୧ଟା ୩୫ ମିନିଟରେ ଅନିମେଶଙ୍କ ୨୦୦ ମିଟର ସେମିଫାଇନାଲ ଅନୁଷ୍ଠିତ ହେବ ।



## ଗୁଲ୍‌ବୀରଙ୍କୁ ଐତିହାସିକ ରୌପ୍ୟ

ପୁରୁଷ ୧୦୦୦୦ ମିଟର ରେସରେ ଭାରତର ଗୁଲ୍‌ବୀର ସିଂ ଐତିହାସିକ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ଗତକାଲି ରାତିରେ ଅନୁଷ୍ଠିତ ଏହି ଇଭେଣ୍ଟରେ ଗୁଲ୍‌ବୀର ଶେଷ ୯୦୦ ମିଟରରେ ଅବିଶ୍ୱସନୀୟ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନରେ ଫିନିଶ କରିଥିଲେ । ଏହି ଦୂରତାକୁ ସେ ୨୭ ମିନିଟ ୪୯.୭୮ ସେକେଣ୍ଡରେ ଫିନିଶ କରିଥିଲେ । ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ପୁରୁଷ ୧୦୦୦୦ ମିଟର ରେସରେ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ପୁରୁଷ ଧାବକ ହୋଇଛନ୍ତି । ଏଥିରେ ଅଷ୍ଟ୍ରେଲିଆର କେ ରବିନସନ (୨୭ ମିନିଟ ୪୮.୦୩ ସେକେଣ୍ଡ) ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ ।

ଆଇସିସି ଟି-୨୦ ବ୍ୟାଟିଂ ର୍ୟାଙ୍କିଙ୍ଗ୍

# ୯୦୦ ରେଟିଂ ପାଇବାରେ ଇଶାନ ୪ର୍ଥ ଭାରତୀୟ



ଦୁବାଇ, ୨୯ ।୭ (ଏଜେନ୍ସି): ଭାରତୀୟ ୱିକେଟ୍‌କିପର ବ୍ୟାଟର ଇଶାନ କିଶାନ ଏକ ସ୍ୱତନ୍ତ୍ର କ୍ଲବରେ ସାମିଲ ହୋଇଛନ୍ତି । ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟି-୨୦ ର୍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଇଶାନ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି । ତେବେ ତାଙ୍କ ରେଟିଂ ପଏଣ୍ଟ ୯୦୦ ଅତିକ୍ରମ କରି ୯୧୦ରେ ପହଞ୍ଚିଛି । ଫଳରେ ଟି-୨୦ରେ ୯୦୦ କିମ୍ବା ଏହାଠାରୁ ଅଧିକ ରେଟିଂ ହାସଲ କରିବାରେ ଇଶାନ ୪ର୍ଥ ଭାରତୀୟ ବ୍ୟାଟର୍ ହୋଇଛନ୍ତି । ତାଙ୍କ ପୂର୍ବରୁ ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ ଓ ଅଭିଷେକ ଶର୍ମା ଏହି ସ୍ୱତନ୍ତ୍ର କ୍ଲବରେ ସ୍ଥାନ ପାଇସାରିଛନ୍ତି । ଇଶାନ ଚଳିତ ବର୍ଷ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଭାରତ ପାଇଁ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ହୋଇଛନ୍ତି । ସେ ମୋଟ୍ ୨୮ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩୬.୫୧ ହାରରେ ୯୮୬ ରନ କରିଛନ୍ତି । ଯେଉଁଥିରେ ଦୁଇଟି ଶତକ ଓ ୬ଟି ଅର୍ଦ୍ଧଶତକ ସାମିଲ ରହିଛି ।

## ୨୩୦ଟି ସ୍ଥାନ ଉଠିଲେ ସୂର୍ଯ୍ୟବଂଶୀ

ଅପରପକ୍ଷରେ ଜିମ୍ବାୱେ ବିପକ୍ଷ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ପ୍ରଥମଥର ଲାଗି ବୁଧବାର ଆଇସିସି ଟି-୨୦ ର୍ୟାଙ୍କିଙ୍ଗରେ ସ୍ଥାନ ପାଇଛନ୍ତି । ସେ ଏକାଥରକେ ୨୩୦ଟି ପାହାଚ ଲମ୍ଫ ପ୍ରଦାନ କରି କ୍ୟାରିୟର ଶ୍ରେଷ୍ଠ ୪୮ତମ ସ୍ଥାନ ଲାଭ କରିଛନ୍ତି । ୧୫ ବର୍ଷୀୟ ସୂର୍ଯ୍ୟବଂଶୀ ଜିମ୍ବାୱେ ବିପକ୍ଷ ସିରିଜରେ ୩ଟି ମ୍ୟାଚ୍‌ରେ ମୋଟ୍ ୧୫୧ ରନ ସଂଗ୍ରହ କରି ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

# ବ୍ରାଜିଲରେ ନେମାର ଯୁଗର ଅନ୍ତ



ସାଓ ପାଓଲୋ, ୨୯ ।୭ (ଏଜେନ୍ସି): ବ୍ରାଜିଲ ଫୁଟବଲରେ ନେମାର ଯୁଗର ଅନ୍ତ ଘଟିଛି । ଦୀର୍ଘ ୧୬ ବର୍ଷ ଧରି ବ୍ରାଜିଲ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଥିବା ମହାନ ଫୁଟବଲର୍ ନେମାର ତାଙ୍କ ଅବସରକୁ ନିଶ୍ଚିତ କରିଛନ୍ତି । ସଦ୍ୟ ସମାପ୍ତ ଫିଫା ବିଶ୍ୱକପରେ ବ୍ରାଜିଲ ରାଉଣ୍ଡ ଅଫ୍ ୧୬ରେ ୨-୧ ଗୋଲରେ ନରୱେ ନିକଟରୁ ହାରି ବିଦାୟ ନେଇଥିଲା । ଏହାପରେ ନେମାରଙ୍କ ଅବସରକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା ।

ଏହାର କିଛିଦିନ ପରେ ବୁଧବାର ୩୪ ବର୍ଷୀୟ ଫରୱାର୍ଡ ନେମାର କହିଥିଲେ ଯେ ତାଙ୍କର ଅନ୍ତର୍ଜାତୀୟ କ୍ୟାରିଅର ଏବେ ଶେଷ ହୋଇଯାଇଛି । ସାମ୍ବାଦିକଙ୍କ ସହ ଆଲୋଚନା ସମୟରେ ନେମାର କହିଛନ୍ତି ଯେ ଜାତୀୟ ଦଳ (ବ୍ରାଜିଲ୍) ସହିତ ମୋର ଯାତ୍ରା ଶେଷ ହୋଇଛି । ମୁଁ ବ୍ରାଜିଲ ପାଇଁ ଇତିହାସ ସୃଷ୍ଟି କରିଛି । ମୁଁ ବହୁତ ଖୁସି ଥିଲି ଯେ ଫୁଟବଲ ପାଇଁ ମୋର ସବୁକିଛି ଦେଇଛି । ସବୁବେଳେ ହଳଦିଆ ଜର୍ସି ପାଇଁ ଲଢ଼ିଥିଲି, କିନ୍ତୁ ମୁଁ ଆଉ ଖେଳିବାକୁ ଚାହୁଁନାହିଁ ବୋଲି ନେମାର କହିଛନ୍ତି । ଉଲ୍ଲେଖଯୋଗ୍ୟ, ନେମାରଙ୍କୁ ବ୍ରାଜିଲର ସର୍ବକାଳୀନ ଶ୍ରେଷ୍ଠ ଫୁଟବଲର୍ ଭାବେ ବିବେଚନା କରାଯାଏ । ଅଗଷ୍ଟ ୧୦ ତାରିଖ ୨୦୧୦ ମସିହାରେ ଆମେରିକା ବିପକ୍ଷରେ ଖେଳି ନେମାର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ । ୧୬ ବର୍ଷର କ୍ୟାରିୟରରେ ସେ ବ୍ରାଜିଲ ପାଇଁ ୧୩୦ଟି ମ୍ୟାଚ୍ ଖେଳି ୮୦ଟି ଗୋଲ୍ ଓ ୫୮ଟି ଆସିଷ୍ଟ କରିଛନ୍ତି । ବ୍ରାଜିଲ ପାଇଁ ସେ ସର୍ବକାଳୀନ ସର୍ବାଧିକ ଗୋଲ୍‌ସ୍କୋରର ରହିଛନ୍ତି । ୭୭ ଗୋଲ୍ ସହ କିମ୍ବଦନ୍ତୀ ଖେଳାଳି ପେଲେ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ନେମାର ତାଙ୍କ କ୍ୟାରିୟରରେ ୪ଟି ଫିଫା ବିଶ୍ୱକପ୍ ଖେଳିଥିଲେ ମଧ୍ୟ ବ୍ରାଜିଲ ଥରେ ହେଲେ ଫାଇନାଲରେ ଫାଇନାଲରେ ପ୍ରବେଶ କରିପାରି ନ ଥିଲା । ୨୦୧୬ ରିଓ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ଜିତିବା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା । କ୍ଲବ୍‌ସ୍ତରରେ, ନେମାର ବର୍ତ୍ତମାନ ବ୍ରାଜିଲ୍ ସାଣ୍ଟୋସ୍ ପାଇଁ ଖେଳୁଛନ୍ତି । ସେ କ୍ଲବ୍ ପାଇଁ ୩୮ ମ୍ୟାଚ୍‌ରେ ୧୭ ଗୋଲ୍ କରିଛନ୍ତି । ରିପୋର୍ଟ ଅନୁଯାୟୀ, ନେମାର ଏହି କ୍ଲବ୍‌ରୁ ପ୍ରତି ମାସରେ ୭ ଲକ୍ଷ ୫୦ ହଜାର ଡଲାର ପାଆନ୍ତି ।

# ପ୍ରି-କ୍ୱାର୍ଟରରେ ଓଡ଼ିଶାର ତନ୍‌ଭୀ



ଭୁବନେଶ୍ୱର, ୨୯।୭ (ସମିସ): ଟାଇଟଲ ଆଶାୟୀ ତଥା ଟପ୍ ସିଡ୍ ଓଡ଼ିଶାର ତନ୍‌ଭୀ ପତ୍ରୀ ଏଠାରେ ଚାଲିଥିବା ଜାତୀୟ ଜୁନିଅର ର୍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ତାଙ୍କ ସହ ମିଶ୍ରିତ ଯୁଗଳ ଯୋଡି ଦିବ୍ୟମ କେଜରିୱାଲ ଓ ସ୍ୱିଟିପ୍ରିୟା ପ୍ରଧାନ ମଧ୍ୟ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି । କିନ୍ତୁ ବାଳକ ଏକକରେ ଭାଗନେଇଥିବା ଦିବ୍ୟମ କେଜରିୱାଲ ପ୍ରଥମ ରାଉଣ୍ଡ ଜିତିବା ପରେ ଦ୍ୱିତୀୟ ରାଉଣ୍ଡରେ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି । ବାଳକ ବିଭାଗ ଏକକର ଟପ୍ ସିଡ୍ ମେନ୍ ଡ୍ର ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏଥିରେ ଉଭୟ ବାଳକ ଓ ବାଳିକା ଏକକରେ ୩୨ଜଣ ଲେଖାଏଁ, ଯୁଗଳରେ ୧୬ଟି ଲେଖାଏଁ ଯୋଡି ଓ ମିଶ୍ରିତ ଯୁଗଳରେ ୧୬ ଯୋଡା ଖେଳାଳି ଅଂଶଗ୍ରହଣ କରୁଛନ୍ତି ।

ନନ୍ଦିଘୋଷ
NANDIGHOSHA TV
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.
POSITION OPEN
1 COPY EDITOR
Educational Qualification:
Master's Degree / P.G. Diploma in Journalism
Experience:
Minimum 3 years of experience in Digital Media
Key Requirement:
• Basic understanding of Digital platform.
2 MULTIMEDIA PRODUCER
Educational Qualification:
Master's Degree / P.G. Diploma in Journalism
Experience:
Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.
HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.
Contact No. 9437016499 HR Dept.

# ରାଜ୍ୟ ବରିଷ୍ଠ ଚେସ୍ ଜିତିଲେ ଫକିର



ଭୁବନେଶ୍ୱର,୨୯।୭ (ସମିସ): ରାୟଗଡ଼ା ତଥା କିସ୍‌ର ଛାତ୍ର ଫକିର ମାଝୀ ଏଠାରେ ଚାଲିଥିବା ୬୬ତମ ରାଜ୍ୟ ବରିଷ୍ଠ ଫିଡ଼େ ରେଟିଂ ଚେସ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ଅଲଓଡ଼ିଶା ରାଜ୍ୟ ଚେସ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି । ୯ ରାଉଣ୍ଡ ବିଶିଷ୍ଟ ଏହି ଚାମ୍ପିଅନସିପ୍‌ରେ ଫକିର ଏକାକୀ ସର୍ବାଧିକ ୮ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ । ତାଙ୍କ ପଛକୁ ୩ଜଣ ଖେଳାଳି ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ । ସେମାନେ ହେଲେ ବାଲେଶ୍ୱରର ସିଦ୍ଧେଶ କାମିଲା, ପୁରୀର ଆୟୁଷ୍ମାନ ମହାନ୍ତି ଓ ଖୋର୍ଦ୍ଧାର ସ୍ୱପ୍ନିଳ ପ୍ରିୟଦର୍ଶୀ ଯଥାକ୍ରମେ ଦ୍ୱିତୀୟରୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ୪ଜଣ ଖେଳାଳି ଜାତୀୟ ବରିଷ୍ଠ ଚେସ୍‌ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ । ଖେଳ ଶେଷରେ ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଇଣ୍ଡିଆନ୍ ଚାମ୍ବର ଅଫ କମର୍ସର ସଭାପତି ରାଜୀବଶେଖର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଚାମ୍ପିଅନ ଫକିରଙ୍କୁ ଟ୍ରଫି ସହ ୨୦,୦୦୦ ଟଙ୍କା, ରନର୍ସ ଅପ୍ ସିଦ୍ଧେଶଙ୍କୁ ଟ୍ରଫି ସହ ୧୫,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS